

ଆୟରଙ୍କୁ ମିଳିଲାନି ସ୍ଥାନ
▸ପୃଷ୍ଠା ୧୨ ଦେଖନ୍ତୁ...


RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

# ସକାଳ
THE SAKALA
PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

VOLUME- 43 ◆ISSUE-56 ◆WEDNESDAY ◆20 AUGUST 2025 ◆PAGE-12 ◆₹ 6.00 | SAMBALPUR | ◆ବର୍ଷ-୪୩ ◆ସଂଖ୍ୟା-୫୬ ◆ବୁଧବାର ◆୨୦ ଅଗଷ୍ଟ ୨୦୨୫ ◆ପୃଷ୍ଠା-୧୨ ◆ଟ.୬.୦୦


# ରେଳଯାତ୍ରୀ ଦେବେ ଲଗେଜ୍ ଚାର୍ଜ

## ଓଜନ ଅନୁଯାୟୀ ଆଦାୟ ହେବ ଭଡ଼ା



■ ନୂଆଦିଲ୍ଲୀ, ୧୯।୮ (ଏଜେନ୍ସି): ବିମାନଯାତ୍ରୀଙ୍କ ପରି ଏଣିକି ରେଳ ଯାତ୍ରୀ ବି ଦେବେ ବ୍ୟାଗେଜ୍ ଓ ଲଗେଜ୍ ଚାର୍ଜ। ଯାତ୍ରା ସମୟରେ ସାଥୀରେ ନେଉଥିବା ସାମଗ୍ରୀ, ବ୍ୟାଗ୍ ଓ ଲଗେଜ୍ ଓଜନ ଅନୁସାରେ ଯାତ୍ରୀଙ୍କୁ ଫି' ଦେବାକୁ ପଡ଼ିବ। ଉତ୍ତରପ୍ରଦେଶର ପ୍ରୟାଗରାଜ ଓ ଲକ୍ଷ୍ନୌ ଷ୍ଟେସନରୁ ଏହା କାର୍ଯ୍ୟକାରୀ ହେବ; ପରବର୍ତ୍ତୀ ସମୟରେ ଏହା ସାରା ଦେଶରେ ପ୍ରଚଳନ କରାଯିବ। ରେଳଯାତ୍ରୀଙ୍କ ପାଇଁ ଏହି ନିୟମ କଠୋର

### ପ୍ଲାଟଫର୍ମରେ ଯାଞ୍ଚ ହେବ ବ୍ୟାଗ୍‌ର ଆକାର ଓ ଓଜନ

### ବିମାନବନ୍ଦର ପରି ଯାତ୍ରୀଙ୍କୁ ଦିଆଯିବ ବୋର୍ଡିଂ ପାସ୍

ଭାବରେ ଅନୁପାଳନ କରାଯିବାକୁ ରେଳ ମନ୍ତ୍ରଣାଳୟ ନିଷ୍ପତ୍ତି ନେଇଛି।

ଟ୍ରେନ୍ ଯାତ୍ରା ସମୟରେ ଯାତ୍ରୀଙ୍କ ଲଗେଜ୍‌ର ଓଜନ ଓ ଆକାର ସମ୍ପର୍କରେ ପୂର୍ବରୁ ନିୟମ ଥିଲେ ହେଁ ଏହାକୁ ଅନୁପାଳନ କରାଯାଉ ନାହିଁ। ମାତ୍ର ଏବେ ରେଳ ବିଭାଗ ଏହି ନିୟମକୁ କଠୋର ଭାବରେ କାର୍ଯ୍ୟକାରୀ କରିବାକୁ ପ୍ରସ୍ତୁତି ଚଳାଇଛି। ନୂଆ ନିୟମ ଅନୁସାରେ ରେଳ ଷ୍ଟେସନଗୁଡ଼ିକରେ ଯାତ୍ରୀମାନଙ୍କୁ ଇଲେକ୍‌ଟ୍ରୋନିକ୍ ଓଜନ ମେସିନରେ ସେମାନଙ୍କର ଲଗେଜ୍ ଓଜନ କରିବାକୁ ପଡିବ। ଯଦି ଲଗେଜ୍ ନିର୍ଦ୍ଧାରିତ ସୀମାଠାରୁ ଅଧିକ ହୁଏ କିମ୍ବା ▸ପୃଷ୍ଠା-୭

### ଉପରାଷ୍ଟ୍ରପତି ନିର୍ବାଚନ

# ବି ସୁଦର୍ଶନ ବିରୋଧୀ ମେଣ୍ଟ ପ୍ରାର୍ଥୀ



## ଅଡୁଆରେ ଫସିଲା ତାମିଲନାଡୁ ଏବଂ ଆନ୍ଧ୍ର ରାଜନୀତି

■ ନୂଆଦିଲ୍ଲୀ, ୧୯।୮ (ଏଜେନ୍ସି): ଆସନ୍ତା ସେପ୍ଟେମ୍ବର ୯ ତାରିଖରେ ହେବାକୁ ଯାଉଥିବା ଉପରାଷ୍ଟ୍ରପତି ନିର୍ବାଚନରେ ସୁପ୍ରିମକୋର୍ଟର ପୂର୍ବତନ ବିଚାରପତି ବି. ସୁଦର୍ଶନ ରେଡ୍ଡୀଙ୍କୁ ପ୍ରାର୍ଥୀ କରିବାକୁ ଘୋଷଣା କରିଛି ବିରୋଧୀ ଦଳ ଇଣ୍ଡିଆ ବ୍ଲକ୍। ତାଙ୍କର ମୁକାବିଲା ଶାସକ ଏନ୍‌ଡିଏର ପ୍ରାର୍ଥୀ ସି.ପି. ରାଧାକ୍ରିଷ୍ଣନଙ୍କ ସହିତ ହେବ। ରାଧାକ୍ରିଷ୍ଣନଙ୍କ ଘର ତାମିଲନାଡୁ ହୋଇଥିବା ବେଳେ ରେଡ୍ଡୀଙ୍କ ଘର ହେଉଛି ଆନ୍ଧ୍ର ପ୍ରଦେଶରେ। ଏହି ଦୁଇ ପ୍ରାର୍ଥୀଙ୍କ ନାମ ଘୋଷଣା ତାମିଲନାଡୁ ଏବଂ ଆନ୍ଧ୍ର ପ୍ରଦେଶରେ ଉଭୟ ଶାସକ ଓ ବିରୋଧୀ ଦଳଙ୍କୁ ଅଡୁଆରେ ପକାଇପାରେ ବୋଲି କୁହାଯାଉଛି।

ଆଜି ଇଣ୍ଡିଆ ବ୍ଲକର ବୈଠକ ପରେ କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖଡ଼ଗେ ଉପରାଷ୍ଟ୍ରପତି ନିର୍ବାଚନ ଲାଗି ସୁଦର୍ଶନ ରେଡ୍ଡୀଙ୍କ ନାମ ଘୋଷଣା କରିଥିଲେ। ସେ କହିଥିଲେ ଯେ ଦେଶର ଦ୍ୱିତୀୟ ସର୍ବୋଚ୍ଚ ପଦବୀ ଲାଗି ଏହା ହେବ ଆଦର୍ଶଗତ ଲଢେଇ। ଆଜି ସନ୍ଧ୍ୟାରେ ଶ୍ରୀ ରେଡ୍ଡୀ ଦିଲ୍ଲୀରେ ପହଞ୍ଚିବା ପରେ ଆସନ୍ତାକାଲି ଇଣ୍ଡିଆ ବ୍ଲକ୍ ନେତାମାନଙ୍କର ବୈଠକ ହେବ। ଆସନ୍ତା ୨୧ ତାରିଖରେ ରେଡ୍ଡୀ ମନୋନୟନପତ୍ର ଦାଖଲ କରିବେ। ଶ୍ରୀ ଖଡ଼ଗେ କହିଲେ ଯେ ଗଣତନ୍ତ୍ର ଓ ସମ୍ବିଧାନ ବିପଦରେ ପଡ଼ିଲେ ▸ପୃଷ୍ଠା-୭

**ଭୋଟ ଅସଙ୍ଗତି**

# ସିଇସିଙ୍କୁ ଭେଟିଲା ବିଜେଡି

■ ଭୁବନେଶ୍ୱର, ୧୯।୮ (ସମିସ): ଭୋଟ ଅସଙ୍ଗତି ପ୍ରସଙ୍ଗରେ ପୁଣିଥରେ ଦେଶର ମୁଖ୍ୟ ନିର୍ବାଚନ କମିଶନଙ୍କ ନିକଟରେ ଫେରାଦ ହୋଇଛି ବିଜେଡ଼ି। ମଙ୍ଗଳବାର ବିଜେଡିର ଏକ ପ୍ରତିନିଧି ଦଳ ସିଇସିଙ୍କୁ ଭେଟି ବିଭିନ୍ନ ପ୍ରସଙ୍ଗ ଉତ୍‌ଥାପନ କରିଛନ୍ତି। ପ୍ରାୟ ୨ ଘଣ୍ଟା ଧରି ଚାଲିଥିବା ଏହି ସାକ୍ଷାତ ଆଲୋଚନାରେ ବିଜେଡି ନେତାମାନେ ଗତ ସାଧାରଣ ନିର୍ବାଚନରେ ଘଟିଥିବା ଅସଂଗତି ସମ୍ପର୍କରେ ସିଇସିଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ଦଳ ପକ୍ଷରୁ ଉଠାଯାଇଥିବା ପ୍ରଶ୍ନଗୁଡ଼ିକର ଉତ୍ତର ପ୍ରଦାନରେ ନିର୍ବାଚନ

### ଫର୍ମ-୧୭ସି ପ୍ରଦାନ ପ୍ରସଙ୍ଗରେ ଅସନ୍ତୋଷ ପ୍ରକାଶ

### ବିହାର ପରି ଏସ୍‌ଆଇଆର୍ ହେଲେ ତୀବ୍ର ବିରୋଧ

### ଫର୍ମ ୧୭ ସି ପ୍ରଦାନ ଆବଶ୍ୟକ ଥିଲା: ସିଇସି

ଅଧିକାରୀମାନଙ୍କ ଅବହେଳା, ଫର୍ମ ୧୭ ସି ପ୍ରଦାନ ନ କରିବା ପ୍ରସଙ୍ଗ ମଧ୍ୟ ବିଜେଡି ଏହି ଅବସରରେ ଉଠାଇଛି। ନିର୍ବାଚନ ଅଧିକାରୀ ଓ ନିର୍ବାଚନ କମିଶନଙ୍କ ଏପରି ମନୋଭାବ ଗଣତନ୍ତ୍ର ପାଇଁ ଅହିତକର ବୋଲି ଉଲ୍ଲେଖ କରି ବିଜେଡି ଉଦ୍‌ବେଗ ପ୍ରକାଶ କରିଛି। ଅନ୍ୟପକ୍ଷରେ ବିଜେଡି ପକ୍ଷରୁ ଆବେଦନ କରାଯାଇଥବା ଫର୍ମ ୧୭ ସି ଏଯାଏ ମିଳି ନ ଥିବା ପ୍ରସଙ୍ଗରେ ଆଶ୍ଚର୍ଯ୍ୟପ୍ରକାଶ କରିଛନ୍ତି ▸ପୃଷ୍ଠା-୭


# ରାମେଶ୍ୱର-ଟାଙ୍ଗୀ ୬ ଥାକିଆ ରାସ୍ତାକୁ ମଞ୍ଜୁରୀ

## ୧୧୧ କିମି ପାଇଁ ବ୍ୟୟହେବ ୮୩୦୮ କୋଟି

■ ଭୁବନେଶ୍ୱର, ୧୯।୮ (ସମିସ): ଦୀର୍ଘ ଦେଢ଼ ଦଶନ୍ଧି ପରେ ରାଜଧାନୀ ଭୁବନେଶ୍ୱର ଓ କଟକ ବର୍ହିଭାଗରେ ରିଙ୍ଗରୋଡ଼ ନିର୍ମାଣ ଦାବିକୁ ଗ୍ରହଣ କରିଛନ୍ତି କେନ୍ଦ୍ର ସରକାର। ଆର୍ଥିକ ବ୍ୟାପାର ସଂକ୍ରାନ୍ତୀୟ କେନ୍ଦ୍ର କ୍ୟାବିନେଟ୍ କମିଟି ବୈଠକରେ ଆଜି ୬ ଲେନ୍ ବିଶିଷ୍ଟ କ୍ୟାପିଟାଲ୍ ରିଜିୟନ୍ ରିଂ ରୋଡ(ଭୁବନେଶ୍ୱର ବାଇପାସ୍)କୁ ମଞ୍ଜୁର ମିଳିଛି। ୧୧୧ କିଲୋମିଟର ଏହି ରଙ୍ଗ ରୋଡ୍ ରାସ୍ତା ପାଇଁ ୮୩୦୭.୭୪ କୋଟି ଟଙ୍କା ବ୍ୟୟ ଅଟକଳ ହୋଇଛି। ଏହି ରିଙ୍ଗ ରୋଡ ହାଇବ୍ରିଡ୍ ଆନୁଇଟି ମୋଡ୍ ବା ଏଚଏଏମ ମାଧ୍ୟମରେ ନିର୍ମାଣ କରାଯିବ। ଏନଏଚ-୫୫,

### ମୋଦୀ ଓ ଗଡ଼କରୀଙ୍କୁ ଧନ୍ୟବାଦ ଦେଲେ ମୋହନ

ଏନଏଚ-୫୭, ଏନଏଚ୍-୬୫୫ ଓ ଗୋଟିଏ ରାଜ୍ୟ ରାଜପଥ ଏସଏଚ୍-୬୫କୁ ▸ପୃଷ୍ଠା-୭



ପ୍ରସ୍ତାବିତ ଭୁବନେଶ୍ୱର ବାଇପାସ୍‌ର ନକ୍ସା








ସକାଳ THE SAKALA
www.sakalaepaper.com

# ମୂଷଳଧାରା ବର୍ଷା: ଭାସୁଛି ମୁମ୍ବାଇ

## ଲୋକାଲ ଟ୍ରେନ ସେବା ବାତିଲ, ୨୫୦ରୁ ଅଧିକ ବିମାନ ବିଳମ୍ବିତ

ମୁମ୍ବାଇ, ୧୯।୮ (ଏଜେନ୍ସି): ଦେଶର ବିଭିନ୍ନ ରାଜ୍ୟରେ ମୂଷଳ ଧାରାରେ ବର୍ଷା ହେଉଛି। ଏହା ଜଳ ପ୍ରଳୟ ସୃଷ୍ଟି କରିଛି। ଫଳରେ ରାଜଧାନୀ ବୁଡୁଛି, ସହର ଭାସୁଛି। ଏହା ଜନଜୀବନକୁ ଅସ୍ତବ୍ୟସ୍ତ କରିଦେଇଛି। ଆର୍ଥିକ ରାଜଧାନୀ ମୁମ୍ବାଇ ଏହି ବର୍ଷାରେ ସର୍ବାଧିକ ପ୍ରଭାବିତ ହୋଇଛି। ସ୍ଥିତି ସଙ୍ଗୀନ ହୋଇଯାଇଛି। ରବିବାର ରାତିରୁ ଜାରି ବର୍ଷା ଥମିବାର ନା ଧରୁନି। ଏହାର ପ୍ରଭାବରେ ଅନେକ ସ୍ଥାନରେ ଅଣ୍ଟେ ଉଚ୍ଚା ପାଣି ଜମି ରହିଛି। ରାସ୍ତା ନଦୀର ଭ୍ରମ ସୃଷ୍ଟି କରୁଛି। ଅନେକ ଘରେ ପାଣି ପଶି ଯାଇଛି। ଦୋକାନବଜାର ଏବଂ ଟ୍ରେନ ଲାଇନ ବୁଡି ରହିଛି। ଏଥିଯୋଗୁଁ ଲୋକାଲ ଟ୍ରେନ ଚଳାଚଳ ବନ୍ଦ ରହିଛି। ୨୫୦ରୁ ଅଧିକ ବିମାନ ଉଡ଼ାଣ ମଧ୍ୟ ବିଳମ୍ବିତ ହୋଇଛି। ଅନେକ ସ୍ଥାନରେ ଗାଡ଼ିମୋଟର ଭାସୁଥିବା ଦେଖାଯାଉଛି। ଲୋକେ ନାହିଁ ନ ଥିବା ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ପ୍ରକୃତି ଏବଂ ମାନବିକ ଅବରୋଧ ଲାଗି ସୃଷ୍ଟି ହୋଇଥିବା ଏହି ସ୍ଥିତି ଆଗରେ ଲୋକେ କିଂ କର୍ତ୍ତବ୍ୟ ବିମୂଢ଼ ହୋଇ ଯାଇଛନ୍ତି। ଆଜି ମହାରାଷ୍ଟ୍ରର ଅନେକ ଜିଲ୍ଲାରେ ମଧ୍ୟ ପ୍ରବଳ ବର୍ଷା ହୋଇଛି। ବର୍ଷା ଜନିତ ଦୁର୍ଘଟଣାରେ ୮ ଜଣଙ୍କ ଜୀବନ ଗଲାଣି। ୪୮ ଘଣ୍ଟା ମଧ୍ୟରେ ପ୍ରବଳ ବର୍ଷା ନେଇ ମୁମ୍ବାଇ, ଥାନେ, ରାୟଗଡ଼, ରତ୍ନାଗିରୀ ଏବଂ ସିନ୍ଧୁଦୁର୍ଗ ଜିଲ୍ଲାକୁ ରେଡ୍ ଆଲର୍ଟ ଜାରି କରାଯାଇଛି। ୪୪୨ ଯାତ୍ରୀଙ୍କୁ ନେଇ ଯାଉଥିବା ଏକ ମନୋରେଲ ପ୍ରବଳ ବର୍ଷା ଯୋଗୁଁ ଅଟକି ରହିଛି। ଏହା ପ୍ରାୟ ୩ ଘଣ୍ଟା ଅଟକି ରହିବା ପରେ ସମସ୍ତ ଯାତ୍ରୀଙ୍କୁ ଉଦ୍ଧାର କରାଯାଇଛି। ପ୍ରବଳ ଭିଡ଼ ଯୋଗୁଁ ବିଦ୍ୟୁତ ଯୋଗାଣ ଜନିତ ସମସ୍ୟା ସୃଷ୍ଟି ହୋଇଥିଲା ବୋଲି ଅଧିକାରୀ କହିଛନ୍ତି।

ମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡ଼ନାଭୀସ କହିଛନ୍ତି ଯେ ବାଦଲ ଫଟା ବର୍ଷା ଯୋଗୁଁ ନାନ୍ଦେଡରେ ୮ ଜଣଙ୍କ ମୃତ୍ୟୁ ହୋଇଛି।

### ନାନ୍ଦେଡରେ ବାଦଲ ଫଟା ବର୍ଷା; ୮ ଜଣଙ୍କ ମୃତ୍ୟୁ

### ବଢୁଛି ଯମୁନା, ଦିଲ୍ଲୀ ପ୍ରତି ବିପଦ

ପ୍ରାୟ ୫୦୦ ଜଣଙ୍କୁ ଉଦ୍ଧାର କରାଯାଇଛି। ମୁମ୍ବଇରେ ପ୍ରାୟ ୩୦୦ ମିମି ବର୍ଷା ହୋଇଛି। ସକାଳେ ମିଠି ନଦୀର ଜଳସ୍ତର ୩.୯ ମିଟର ବଢ଼ିଥିଲା। ଏଥିଯୋଗୁ କ୍ରାନ୍ତି ନଗର ଅଞ୍ଚଳରୁ ୩୫୦ରୁ ଅଧିକ ଲୋକଙ୍କୁ ଉଦ୍ଧାର କରାଯାଇଥିଲା। ସହରରେ ଆଜି ବି ସ୍କୁଲ-କଲେଜ, ସରକାରୀ କାର୍ଯ୍ୟାଳୟ ବନ୍ଦ ରହିଛି। ପାଣି ଭର୍ତ୍ତି ହୋଇଥିବା ଯୋଗୁଁ ଅନ୍ଧେରୀ ସବ୍‌ୱେ ବନ୍ଦ ରହିଛି।



ଅନେକ ଅଣ୍ଡର ବ୍ରିଜରେ ୪ ଫୁଟର ପାଣି ଜମି ରହିଛି। ହାର୍ବର ଲାଇନର ଟ୍ରାକ ପାଣିରେ ବୁଡ଼ି ରହିଛି। ଅନ୍ୟପକ୍ଷରେ ଯମୁନା ନଦୀର ଜଳସ୍ତର ବୃଦ୍ଧି ଯୋଗୁଁ ଦିଲ୍ଲୀବାସୀ ହନ୍ତସନ୍ତ ହେଉଛନ୍ତି। ନଦୀ ଫୁଲିବାରୁ ତଳିଆ ଅଞ୍ଚଳରେ ବନ୍ୟା ସ୍ଥିତି ସୃଷ୍ଟି ହୋଇଛି। ଯମୁନା ପାଣି ବଜାର ଅଞ୍ଚଳରେ ପ୍ରବେଶ କରିଛି। ତେଣୁ ଦିଲ୍ଲୀ ପ୍ରତି ବିପଦ ସୃଷ୍ଟି ହୋଇଛି। ଅନ୍ୟପଟେ ହିମାଚଳ ପ୍ରଦେଶ କୁଲୁରେ ସୋମବାର ରାତି ୧ଟାରେ ବାଦଲ ଫଟା ବର୍ଷା ହୋଇଛି। ପ୍ରଖର ସ୍ରୋତରେ ୩ଟି ଦୋକାନ ଭାସି ଯାଇଛି। ଭୂତନାଥ ପାସ ଏଥିରେ କ୍ଷତିଗ୍ରସ୍ତ ହୋଇଛି। ଏଠାରେ ଥିବା ପୋଲ ମଧ୍ୟ ଭାସିଯାଇଛି। ରିପୋର୍ଟ ଅନୁଯାୟୀ ମଣିପୁର, ଉତ୍ତରାଖଣ୍ଡ, ମହାରାଷ୍ଟ୍ର, ଛତିଶଗଡ଼, ଆନ୍ଧ୍ରପ୍ରଦେଶ, ତେଲଙ୍ଗାନା, କର୍ଣ୍ଣାଟକ, ଗୋଆରେ ଅଧିକ ବର୍ଷା ହୋଇଛି। ସେହିପରି ଉତ୍ତର ପ୍ରଦେଶର ନୋଏଡ଼ା-ଗ୍ରେଟର ନୋଏଡ଼ାରେ ଭୀଷଣ ବର୍ଷା ଲାଗି ରହିଛି।

# ବଦଳିବନି ତାମିଲନାଡୁ ରାୟ



ନୂଆଦିଲ୍ଲୀ, ୧୯।୮ (ଏଜେନ୍ସି): ରାଜ୍ୟ ବିଧାନସଭା ଦ୍ୱାରା ପାରିତ ବିଲକୁ ମଞ୍ଜୁରୀ ପ୍ରଦାନ କରିବା ନିମନ୍ତେ ରାଷ୍ଟ୍ରପତି ଓ ରାଜ୍ୟପାଳଙ୍କ ଲାଗି ସମୟସୀମା ଧାର୍ଯ୍ୟ କରି ଗତ ଏପ୍ରିଲ ୧୨ ତାରିଖରେ ସୁପ୍ରିମକୋର୍ଟ ଦେଇଥିବା ରାୟରେ କୌଣସି ପରିବର୍ତ୍ତନ କରାଯିବ ନାହିଁ। ଏସଂପର୍କରେ ରାଷ୍ଟ୍ରପତି ଲୋଡ଼ିଥିବା ମତାମତ ଉପରେ ଅଦାଲତ ତାଙ୍କର କେବଳ ମତ ଦେବେ। ପ୍ରଧାନ ବିଚାରପତି ଜଷ୍ଟିସ ବି.ଆର. ଗଭାଇଙ୍କ ଅଧ୍ୟକ୍ଷତାରେ ଗଠିତ ସମ୍ବିଧାନ ବେଞ୍ଚ ଆଜି ଏହା କହିଛନ୍ତି। ଏପ୍ରିଲ ୧୨ ତାରିଖରେ ସୁପ୍ରିମ କୋର୍ଟ ଯେଉଁ ରାୟ ଦେଇଥିଲେ ତାହା ଆଇନ ଦୃଷ୍ଟିରୁ ଠିକ୍ କି ନୁହେଁ, ସେସଂପର୍କରେ ରାଷ୍ଟ୍ରପତି ।।ଦ୍ରୌପଦୀ ମୁର୍ମୁ ସର୍ବୋଚ୍ଚ ଅଦାଲତଙ୍କର ମତାମତ (ପ୍ରେସିଡେନସିଆଲ ରେଫେରେନ୍ସ) ଲୋଡ଼ିଛନ୍ତି। ପ୍ରଧାନ ବିଚାରପତିଙ୍କ ଅଧ୍ୟକ୍ଷତାରେ ଗଠିତ ୫ ଜଣିଆ ସମ୍ବିଧାନ ବେଞ୍ଚ ଏହି ମାମଲାର ଶୁଣାଣି ଆରମ୍ଭ କରିଛନ୍ତି। ଏହି ବେଞ୍ଚରେ ଜଷ୍ଟିସ ବିକ୍ରମ ନାଥ, ଜଷ୍ଟିସ ପିଏସ୍ ନରସିଂହା, ଜଷ୍ଟିସ ସୂର୍ଯ୍ୟକାନ୍ତ ଏବଂ ଜଷ୍ଟିସ ଏ. ଚନ୍ଦୁରକର ମଧ୍ୟ ଅଛନ୍ତି।

ଆଜି ଶୁଣାଣି ବେଳେ ପ୍ରେସିଡେନସିଆଲ ରେଫେରେନ୍ସକୁ ବିରୋଧ କରିଥିଲେ ତାମିଲନାଡୁ ଏବଂ କେରଳର ପ୍ରତିନିଧିତ୍ୱ କରୁଥିବା ଓକିଲ। ସେମାନେ ଯୁକ୍ତି କରିଥିଲେ ଯେ ଏପ୍ରିଲ ୧୨ ତାରିଖ ରାୟକୁ ବଦଳାଇବା ଉଦ୍ଦେଶ୍ୟରେ ରାଷ୍ଟ୍ରପତି ମତାମତ ଲୋଡ଼ିଛନ୍ତି। ଏହାର ଉତ୍ତର ଦେବାକୁ ଯାଇ ପ୍ରଧାନ ବିଚାରପତି ଜଷ୍ଟିସ ଗଭାଇ କହିଲେ ଯେ ରାଷ୍ଟ୍ରପତି କେବଳ ମତାମତ ଲୋଡ଼ିଛନ୍ତି, ଏପ୍ରିଲ ୧୨ ରାୟକୁ ଚାଲେଞ୍ଜ କରି ନାହାନ୍ତି।

### ରାଷ୍ଟ୍ରପତି କେବଳ ମତାମତ ଲୋଡ଼ିଛନ୍ତି

ତେଣୁ ସୁପ୍ରିମ କୋର୍ଟ କେବଳ ତାଙ୍କର ମତାମତ ଦେବେ। ସେହି ରାୟକୁ ରଦ୍ଦ କରିବେ ନାହିଁ ବୋଲି ସେ ସ୍ପଷ୍ଟ କରିଥିଲେ। ଏହାସହିତ ସେ କହିଥିଲେ ଯେ ତାମିଲନାଡୁ ରାଜ୍ୟପାଳ ଆରଏନ୍ ରବି ବନାମ ଡିଏମ୍‌କେ ମାମଲାରେ କୋର୍ଟ ତାଙ୍କର ରାୟ ଶୁଣାଇଛନ୍ତି। ରାଜ୍ୟପାଳ ବିଧାନସଭାରେ ପାରିତ ୧୦ଟି ବିଲକୁ ଅନୁମୋଦନ ନଦେଇ ତାହା ଉପରେ ଦୀର୍ଘ ଦିନ ଧରି ବସି ରହିଥିଲେ। ରାଜ୍ୟପାଳ ରବିଙ୍କ ଏଭଳି ଆଚରଣ ବେଆଇନ ଓ ଏକତରଫା ଥିଲା। ସେ ଫେରାଇଲା ପରେ ବିଲ୍ ଦ୍ୱିତୀୟ ଥର ତାଙ୍କ ପାଖକୁ ଆସିଥିଲା ଏବଂ ଏହାକୁ ।।ସେ ଅନୁମୋଦନ ପ୍ରଦାନ କରିବା ଉଚିତ ଥିଲା ବୋଲି କୋର୍ଟ କହିଥିଲେ। ଜଷ୍ଟିସ ସୂର୍ଯ୍ୟକାନ୍ତ କହିଲେ ଯେ ସମ୍ବିଧାନର ଧାରା ୧୪୩ ଅନୁଯାୟୀ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ସୁପ୍ରିମ କୋର୍ଟଙ୍କ ମତାମତ ଲୋଡ଼ିପାରିବେ ରାଷ୍ଟ୍ରପତି। ତେଣୁ ସେହି ଅନୁସାରେ କୋର୍ଟ ତାଙ୍କର ମତାମତ ଦେବେ, କିନ୍ତୁ ରାୟକୁ ରଦ୍ଦ କରିପାରିବେ ନାହିଁ।

ଅନ୍ୟପକ୍ଷରେ ତାମିଲନାଡୁ ଏବଂ କେରଳ ସରକାରଙ୍କ ପକ୍ଷରୁ ଅଭିଷେକ ସିଂହଭି ଏବଂ କେକେ ବେଣୁଗୋପାଲ ଯୁକ୍ତି କରିଥିଲେ ଯେ ପ୍ରେସିଡେନସିଆଲ ରେଫେରେନ୍ସରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଯେଉଁ ୧୪ଟି ପ୍ରଶ୍ନ ଉତ୍‌ଥାପନ କରିଛନ୍ତି , ତାହାର ଉତ୍ତର ଏପ୍ରିଲ ୧୨ ତାରିଖ ରାୟରେ ଉଲ୍ଲେଖ ରହିଛି। ତେଣୁ ଯେଉଁ ମାମଲା ଉପରେ ରାୟ ଦିଆଯାଇଛି, ତାହାର ସମୀକ୍ଷା କରିବା ଲାଗି ମତାମତ ନେବା ଆଳରେ ରାଷ୍ଟ୍ରପତି ସମ୍ବିଧାନର ଧାରା ୧୪୩ର ଆଶ୍ରୟ ନେଇପାରିବେ ନାହିଁ। ବେଣୁଗୋପାଳ କହିଥିଲେ ଯେ ରିଭ୍ୟୁ ପିଟିସନ ଦାଖଲ କରିବା ପରିବର୍ତ୍ତେ ସୁପ୍ରିମ କୋର୍ଟର ଏହି ରାୟକୁ ଲାଇନଚ୍ୟୁତ କରିବା ଲାଗି ଭାରତ ସରକାର ଉଦ୍ୟମ କରୁଛନ୍ତି। ତାଙ୍କୁ ସମର୍ଥନ ଜଣାଇ ସିଂହଭି କହିଥିଲେ ଯେ ରିଭ୍ୟୁ ବା ରାୟର ପୁନର୍ବିଚାର ଲାଗି ଧାରା ୧୪୩ର ପ୍ରୟୋଗ କରାଯାଇ ପାରିବ ନାହିଁ।

# ଶେଷରେ ବିହାର ଏସ୍‌ଆଇଆର୍‌ରେ ଯୋଡ଼ିହେଲା ଆଧାର

ପାଟନା, ୧୯।୮: ସୁପ୍ରିମ କୋର୍ଟଙ୍କ ନିର୍ଦ୍ଦେଶ କ୍ରମେ ବିହାର ଭୋଟର ତାଲିକା ସଂଶୋଧନ ପ୍ରକ୍ରିୟା (ଏସ୍‌ଆଇଆର୍)ରେ ଆଧାର କାର୍ଡକୁ ସାମିଲ କରାଯାଇଛି। ବିହାର ମୁଖ୍ୟ ନିର୍ବାଚନ ଅଧିକାରୀ ବିନୋଦ ସିଂହ ଆଜି ଏହି ସୂଚନା ଦେଇଛନ୍ତି। ସେ କହିଛନ୍ତି ଯେ ଭୋଟର ତାଲିକା ସଂଶୋଧନରେ ଯେଉଁମାନଙ୍କ ନାମ କଟିଛି, ସେମାନେ ଆଧାର କାର୍ଡ ଦେଖାଇ ତାଲିକାରେ ନିଜ ନାମ ସାମିଲ କରିପାରିବେ। ଯେଉଁ ୬୫ ଲକ୍ଷ ଭୋଟରଙ୍କ ନାମ କଟିଛି, ସେମାନଙ୍କର ତାଲିକା ବ୍ଲକ ଅଫିସ, ପଞ୍ଚାୟତ ଅଫିସ, ପୌର କାର୍ଯ୍ୟାଳୟ ଓ ବିଭିନ୍ନ ବୁଥମାନଙ୍କରେ ଲଗାଯାଇଛି। ଏହି ତାଲିକା ଦେଖି ଭୋଟରମାନେ ଆବଶ୍ୟକ ସଂଶୋଧନ କରିପାରିବେ। ସୂଚନାଯୋଗ୍ୟ ଯେ ଭୋଟର ତାଲିକା ସଂଶୋଧନ ବେଳେ ନିର୍ବାଚନ କମିସନ ପକ୍ଷରୁ ଯେଉଁ ପ୍ରମାଣପତ୍ର ମଗାଯାଇଥିଲା, ସେଥିରେ ଆଧାର କାର୍ଡ ନଥିଲା। ଏହାକୁ ନେଇ ବଡ଼ ଧରଣର ବିବାଦ ଦେଖାଦେବାରୁ ସୁପ୍ରିମକୋର୍ଟଙ୍କ ହସ୍ତକ୍ଷେପ ପରେ ଆଧାର କାର୍ଡକୁ ସାମିଲ କରାଯାଇଛି।

# ମୋଦୀଙ୍କୁ ଭେଟିଲେ ଚୀନ୍ ବିଦେଶମନ୍ତ୍ରୀ

ନୂଆଦିଲ୍ଲୀ, ୧୯।୮ (ଏଜେନ୍ସି): ଚୀନ୍ ବିଦେଶମନ୍ତ୍ରୀ ୱାଙ୍ଗ ୟି ମଙ୍ଗଳବାର ଦିଲ୍ଲୀରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏବଂ ଏନଏସଏ ଅଜିତ ଡୋଭାଲଙ୍କୁ ସାକ୍ଷାତ କରିଛନ୍ତି। ମୋଦୀ ଏହାର ଫଟୋ ସେୟାର କରିଛନ୍ତି। ଗତ ବର୍ଷ କାଜାନରେ ରାଷ୍ଟ୍ରପତି ଜିନପିଙ୍ଗଙ୍କୁ ଭେଟିବା ପରଠାରୁ ଭାରତ-ଚୀନ୍ ସମ୍ବନ୍ଧରେ ଅଗ୍ରଗତି ଘଟିଛି। ଚୀନ୍‌ରେ ହେବାକୁ ଥିବା ଏସ୍‌ସିଓ ବୈଠକରେ ଜିନପିଙ୍ଗଙ୍କୁ ଭେଟିବା ପାଇଁ ଅପେକ୍ଷା କରିଛି ବୋଲି ମୋଦୀ କହିଛନ୍ତି। ଏହା ପୂର୍ବରୁ ଡୋଭାଲଙ୍କ ସହ ୱାଙ୍ଗ ସୀମା ବିବାଦ ପ୍ରସଙ୍ଗରେ ଆଲୋଚନା କରିଥିଲେ। ଗତ କିଛି ବର୍ଷ ହେଲା ଯେଉଁ ସମସ୍ୟା ସୃଷ୍ଟି ହୋଇଥିଲା ତାହା ଉଭୟ ଦେଶବାସୀଙ୍କ ସ୍ୱାର୍ଥରେ ନ ଥିଲା ବୋଲି ୱାଙ୍ଗ କହିଥିଲେ। ସେ ଗତ ବର୍ଷର ମୋଦୀ-ଜିନପିଙ୍ଗ ସାକ୍ଷାତ ବିଷୟରେ ମଧ୍ୟ ଉଲ୍ଲେଖ କରିଥିଲେ। ଏହି ଆଲୋଚନା ଦ୍ୱିପାକ୍ଷିକ ସମ୍ପର୍କକୁ ନୂଆ ଦିଗ ଦେବ ଏବଂ ସୀମା ବିବାଦର ସମାଧାନ ଲାଗି ନୂଆ ଉତ୍ସାହ ପ୍ରଦାନ କରିବ ବୋଲି କହିଥିଲେ। ସେହିପରି ଗତ ଆଲୋଚନା ପରି ଏହା ମଧ୍ୟ ସଫଳ ହେବ ବୋଲି ଡୋଭାଲ ତାଙ୍କୁ ଭରସା ଦେଇଥିଲେ।



# ବିଶ୍ୱର ସବୁଠୁ ବଡ଼ ରକେଟ୍ ନିର୍ମାଣ କରୁଛି ଇସ୍ରୋ

ହାଇଦରାବାଦ, ୧୯।୮ (ଏଜେନ୍ସି): ଭାରତୀୟ ମହାକାଶ ଗବେଷଣା ସଂସ୍ଥା (ଇସ୍ରୋ) ବିଶ୍ୱର ସବୁଠାରୁ ବଡ଼ ରକେଟ୍ ନିର୍ମାଣ କରୁଛି। ଏହି ରକେଟ୍‌ର ଉଚ୍ଚତା ୪୦ ମହଲା କୋଠା ସହ ସମାନ ହେବ। ଏହା ୭୫ ହଜାର କେଜି ତଥା ୭୫ ଟନ୍ ପର୍ଯ୍ୟନ୍ତ ପେଲୋଡ ନେଇ ମହାକାଶ ଯାଇପାରିବ। ଏହା ଭାରତୀୟ ମହାକାଶ କାର୍ଯ୍ୟକ୍ରମର ସବୁଠାରୁ ବଡ଼ ଏବଂ ଶକ୍ତିଶାଳୀ ପ୍ରକଳ୍ପ। ଏହାର ନିର୍ମାଣ ଦ୍ୱାରା ଭାରତର ଉପଗ୍ରହ ଉତ୍‌କ୍ଷେପଣ କ୍ଷମତା ଅଧିକ ବୃଦ୍ଧି ପାଇବ। ଭାରତର ମହାକାଶ ଜ୍ଞାନକୌଶଳ ମଜବୁତ ହେବା ସହିତ ଅନ୍ତର୍ଜାତୀୟସ୍ତରରେ ଦେଶର ପ୍ରଭାବ ବଢ଼ିବ ବୋଲି ଇସ୍ରୋ ମୁଖ୍ୟ ଭି ନାରାୟଣନ କହିଛନ୍ତି। ହାଇଦରାବାଦ ସ୍ଥିତ ଉସମାନିଆ ୟୁନିଭର୍ସିଟିର ଦୀକ୍ଷାନ୍ତ ସମାରୋହରେ ସାମିଲ ହୋଇ ସେ ଏହି ସୂଚନା ଦେଇଛନ୍ତି। ଇସ୍ରୋ ମୁଖ୍ୟ କହିଛନ୍ତି ଯେ ଚଳିତ ବର୍ଷ ଆମେରିକାର ୬,୫୦୦ କେଜିର ସଞ୍ଚାର ଉପଗ୍ରହ ଉତ୍‌କ୍ଷେପଣ, ଏନ୍‌୧ ରକେଟ୍, ନାଭିଗେସନ ୱିଥ୍ ଇଣ୍ଡିଆନ କନଷ୍ଟେଲେସନ (ନାଭିକ) ଉପଗ୍ରହ ଏବଂ ନୌସେନାର ଜିସାଟ-୭ଆର ଉପଗ୍ରହ ଉତ୍‌କ୍ଷେପଣ କରିବାକୁ ଯାଉଛି। ସେହିପରି ପ୍ରଧାନମନ୍ତ୍ରୀଙ୍କ ପରାମର୍ଶରେ ଭାରତ ଶୀଘ୍ର ୪୦-୫୦ ମହାକାଶ ଯାତ୍ରୀଙ୍କ ଟିମ୍ ପ୍ରସ୍ତୁତ କରିବ। ଏମାନେ ଭବିଷ୍ୟତ ଅଭିଯାନର ନେତୃତ୍ୱ ନେବେ। ୨୦୩୫ ସୁଦ୍ଧା ଭାରତ ୫୨ ଟନ୍ ଓଜନର ମହାକାଶ ଷ୍ଟେସନ ନିର୍ମାଣ କରିବ। ଏହି କାର୍ଯ୍ୟକ୍ରମରେ ଇସ୍ରୋ ମୁଖ୍ୟଙ୍କୁ ତେଲଙ୍ଗାନା ରାଜ୍ୟପାଳ ବିଷ୍ଣୁଦେବ ବର୍ମା 'ଡକ୍ଟରେଟ ଅଫ୍ ସାଇନ୍ସ' ଉପାଧି ପ୍ରଦାନ କରିଥିଲେ।

# ହେବନି ଅସ୍ତ୍ରବିରତି; ଏବେ ତ୍ରିପାକ୍ଷିକ ବୈଠକ

ୱାଶିଂଟନ, ୧୯।୮ (ଏଜେନ୍ସି): ରୁଷ୍-ୟୁକ୍ରେନ ଯୁଦ୍ଧ ବନ୍ଦ ପାଇଁ ଆମେରିକାର ହ୍ୱାଇଟ ହାଉସରେ ଉଚ୍ଚସ୍ତରୀୟ ବୈଠକ ହୋଇଛି। ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଓଭାଲ ଅଫିସରେ ନିଜ ୟୁକ୍ରେନ ସମକକ୍ଷ ଭୋଲ୍‌ଡାମିର ଜେଲେନ୍ସ୍କିଙ୍କ ଏବଂ ୟୁରୋପୀୟ ନେତାଙ୍କ ସହ ଶାନ୍ତି ପ୍ରତିଷ୍ଠା ପାଇଁ ଆଲୋଚନା କରିଛନ୍ତି। ତେବେ ଏହି ବୈଠକରେ ରୁଷ-ୟୁକ୍ରେନ ମଧ୍ୟରେ ଅସ୍ତ୍ରବିରତି ନେଇ କୌଣସି ସହମତି ପ୍ରକାଶ ପାଇନାହିଁ। ଏତେ ଶୀଘ୍ର ଅସ୍ତ୍ରବିରତି କରିବା ସମ୍ଭବ ନୁହେଁ ବୋଲି ଟ୍ରମ୍ପ କହିଛନ୍ତି। ମାତ୍ର ଏହି ବୈଠକରେ ୟୁକ୍ରେନକୁ ସୁରକ୍ଷା ଗ୍ୟାରେଣ୍ଟି ଦେବା ନେଇ ଚର୍ଚ୍ଚା ହୋଇଛି। ଜେଲେନ୍ସ୍କି ନାଟୋର ଧାରା-୫ ପରି ସୁରକ୍ଷା ଚାହୁଁଥିବାବେଳେ ଆମେରିକା ଏବଂ ୟୁରୋପୀୟ ଦେଶ ମିଶି ୟୁକ୍ରେନକୁ ସୁରକ୍ଷା ଦେବେ ବୋଲି ଟ୍ରମ୍ପ କହିଛନ୍ତି। ଏହି ବୈଠକକୁ ମଝିରେ ଅଟକାଇ ଟ୍ରମ୍ପ



### ଜେଲେନ୍ସ୍କି-ଟ୍ରମ୍ପ ଶାନ୍ତି ଆଲୋଚନା

### ଆମେରିକାଠୁ ୮ ଲକ୍ଷ କୋଟିର ଅସ୍ତ୍ରଶସ୍ତ୍ର କିଣିବ ଆମେରିକା

### ଜେଲେନ୍ସ୍କିଙ୍କ ସହ ଆଲୋଚନା ପାଇଁ ପୁଟିନ ରାଜି

ରୁଷ୍ ରାଷ୍ଟ୍ରପତି ଭ୍ଲାଦିମିର ପୁଟିନଙ୍କ ସହ ୪୦ ମିନିଟ ପର୍ଯ୍ୟନ୍ତ ଆଲୋଚନା କରିଥିଲେ। ଏଥିରେ ରୁଷ୍ ଏବଂ ୟୁକ୍ରେନ ପ୍ରତିନିଧିଙ୍କ ମଧ୍ୟରେ ପ୍ରତ୍ୟକ୍ଷ ଆଲୋଚନାକୁ ସେ ସମର୍ଥନ ଦେଇଥିଲେ। ୧୫ ଦିନ ଭିତରେ ଜେଲେନ୍ସ୍କିଙ୍କୁ ଭେଟିବା ପାଇଁ ପୁଟିନ ରାଜି ହୋଇଥିଲେ ବୋଲି ବୈଠକରେ ଉପସ୍ଥିତ ଥିବା ଜର୍ମାନୀ ଚାନସେଲର ଫ୍ରେଡରିକ ମର୍ଜ କହିଥିଲେ। ସେହିପରି ତ୍ରିପାକ୍ଷିକ ଆଲୋଚନା ପାଇଁ ମଧ୍ୟ ପୁଟିନ ସହମତି ପ୍ରକାଶ କରିଥିଲେ। ବୈଠକ ପରର ସାମ୍ବାଦିକ ସମ୍ମିଳନୀରେ ଜେଲେନ୍ସ୍କି କହିଥିଲେ ଯେ ୟୁକ୍ରେନ ସୁରକ୍ଷା ଗ୍ୟାରେଣ୍ଟି ବଦଳରେ ୟୁରୋପ ଅର୍ଥରେ ୯୦ ବିଲିୟନ ଡଲାର ଅର୍ଥାତ ୮ ଲକ୍ଷ କୋଟି ଟଙ୍କାରେ ଆମେରିକାଠାରୁ ଅସ୍ତ୍ରଶସ୍ତ୍ର କିଣାଯିବ। ୟୁକ୍ରେନରେ ଡ୍ରୋନ ନିର୍ମାଣ ପାଇଁ ମଧ୍ୟ ଆମେରିକା ପ୍ରତିଶ୍ରୁତି ଦେଇଛି। ଆମେରିକା ସହଯୋଗୀଙ୍କ ସହ ୫୦ ବିଲିୟନ ଡଲାରର ଡ୍ରୋନ ଚୁକ୍ତି ହେବ ବୋଲି ମଧ୍ୟ କୁହାଯାଇଛି। ଆସନ୍ତା ସପ୍ତାହରେ ଏହି ଚୁକ୍ତି ଚୂଡ଼ାନ୍ତ ହୋଇପାରେ। ଆମେରିକା ସେନା ମୁତୟନ ଉପରେ ବିଚାର କରାଯିବ ବୋଲି ମଧ୍ୟ ଟ୍ରମ୍ପ କହିଛନ୍ତି। ୟୁରୋପୀୟ ନେତାଙ୍କ ସହ ସେୟାର କରାଯାଇଥିବା ଏକ ଚିଠିରେ ସ୍ୱଳ୍ପ କାଳ ନୁହେଁ, ବରଂ ଦୀର୍ଘ ଦିନ ପର୍ଯ୍ୟନ୍ତ ଶାନ୍ତି ପ୍ରତିଷ୍ଠା ପାଇଁ ସୁରକ୍ଷା ବ୍ୟବସ୍ଥା କରାଯିବ ବୋଲି କୁହାଯାଇଛି। ଫ୍ରାନ୍ସ ଏବଂ ବ୍ରିଟେନ ପରି ୟୁରୋପୀୟ ରାଷ୍ଟ୍ରଗୁଡିକ ମଧ୍ୟ ୟୁକ୍ରେନକୁ ସୁରକ୍ଷା ଦେବା ପାଇଁ ରାଜି ହୋଇଛନ୍ତି। ୟୁକ୍ରେନ ସେନାର ପନର୍ଗଠନ, ବାୟୁସୀମା ଏବଂ କୃଷ୍ଣ ସାଗରରେ ଟ୍ରାଫିକରେ ସହାୟତା କରିବାକୁ ପ୍ରତିଶ୍ରୁତି ଦେଇଛନ୍ତି। ୟୁକ୍ରେନରେ ସୈନିକ ମୁତୟନ କରିବା ପାଇଁ ମଧ୍ୟ ବିଚାର କରାଯାଉଛି ବୋଲି ଫ୍ରାନ୍ସ ରାଷ୍ଟ୍ରପତି ଇମାନୁଏଲ ମାକ୍ରନ କହିଛନ୍ତି।


ଜେଲେନ୍ସ୍କିଙ୍କ ସହ ବୈଠକ ସମୟରେ ଫଳାଫଳ ଯାହା ବି ହେଉ ନା କାହିଁକି ୟୁକ୍ରେନକୁ ଆମେରିକା ସହାୟତା କରିବା ଜାରି ରଖିବ ବୋଲି ଟ୍ରମ୍ପ ସ୍ପଷ୍ଟ କରିଥିଲେ।



# ମିସ୍ ୟୁନିଭର୍ସ ଇଣ୍ଡିଆ ହେଲେ ମନିକା ବିଶ୍ୱକର୍ମା

ଜୟପୁର, ୧୯।୮ (ଏଜେନ୍ସି): ଦେଶର ୪୭ ପ୍ରତିଯୋଗୀଙ୍କୁ ପଛରେ ପକାଇ ମିସ୍ ୟୁନିଭର୍ସ ଇଣ୍ଡିଆ-୨୦୨୫ ମୁକୁଟ ଜିତିଛନ୍ତି ରାଜସ୍ଥାନର ମନିକା ବିଶ୍ୱକର୍ମା। ଗତ ବର୍ଷର ବିଜୟିନୀ ରେଆ ସିଂଘା ତାଙ୍କୁ ବିଜୟୀ ମୁକୁଟ ପିନ୍ଧାଇଛନ୍ତି। ଏଥିସହିତ ମଣିକା ବ୍ରହ୍ମାଣ୍ଡ ସୁନ୍ଦରୀ ପ୍ରତିଯୋଗିତାରେ ଭାରତ ପକ୍ଷରୁ ପ୍ରତିନିଧିତ୍ୱ କରିବାକୁ ଯୋଗ୍ୟ ହୋଇଛନ୍ତି। ଏହି ପ୍ରତିଯୋଗିତା ଆସନ୍ତା ନଭେମ୍ବର ୨୧ରେ ଥାଇଲାଣ୍ଡରେ ଅନୁଷ୍ଠିତ ହେବ। ସୂଚନା ଅନୁଯାୟୀ ରାଜସ୍ଥାନ ଜୟପୁରର ଜି ଷ୍ଟୁଡିଓରେ ସୋମବାର ଅନୁଷ୍ଠିତ ମିସ୍ ୟୁନିଭର୍ସ ଇଣ୍ଡିଆ ପ୍ରତିଯୋଗିତାରେ ୪୮ ଫାଇନାଲିଷ୍ଟଙ୍କ ମଧ୍ୟରେ ମୁକାବିଲା ହୋଇଥିଲା। ଏଥିରେ ଉତ୍ତର ପ୍ରଦେଶର ତାନ୍ୟା ଶର୍ମା ପ୍ରଥମ ରନର-ଅପ୍, ହରିୟାଣାର ମେହକ ଧିଙ୍ଗରା ଦ୍ୱିତୀୟ ଏବଂ ଅମିଶୀ କୌଶିକ ତୃତୀୟ ରନର-ଅପ୍ ହୋଇଥିଲେ। ଶ୍ରୀଗଙ୍ଗାନଗରର ମନିକା (୨୨) ଏବେ ଦିଲ୍ଲୀରେ ରହୁଛନ୍ତି। ସେ ରାଜନୀତି ବିଜ୍ଞାନ ଏବଂ ଅର୍ଥନୀତିର ଶେଷ ବର୍ଷ ଛାତ୍ରୀ। ଗତ ବର୍ଷ ସେ 'ମିସ୍ ୟୁନିଭର୍ସ ରାଜସ୍ଥାନ' ପ୍ରତିଯୋଗିତା ଜିତି ଜାତୀୟସ୍ତରରେ ଭାଗ ନେବାକୁ ଯୋଗ୍ୟ ବିବେଚିତ ହୋଇଥିଲେ।

# ଅଭିନେତା ଅଚ୍ୟୁତ ପୋଟଦାରଙ୍କ ପରଲୋକ



ମୁମ୍ବାଇ, ୧୯।୮ (ଏଜେନ୍ସି): ଅଭେନତା ଅଚ୍ୟୁତ ପୋଟଦାରଙ୍କ ପରଲୋକ ହୋଇଛି। ସେ ୯୧ ବର୍ଷ ବୟସରେ ସୋମବାର ଶେଷ ନିଃଶ୍ୱାସ ତ୍ୟାଗ କରିଥିଲେ। ମଙ୍ଗଳବାର ତାଙ୍କର ଅନ୍ତିମ ସଂସ୍କାର କରାଯାଇଛି। ପୋଟଦାରଙ୍କ ମୃତ୍ୟୁର ପ୍ରକୃତ କାରଣ ଏ ପର୍ଯ୍ୟନ୍ତ ଜଣାପଡି ନାହିଁ। ତେବେ ବୟସାଧିକ କାରଣରୁ ସେ ପ୍ରାଣ ହରାଇଥିବା କୁହାଯାଉଛି। ୧୯୩୪ ଅଗଷ୍ଟ ୨୨ ରେ ମଧ୍ୟପ୍ରଦେଶ ଜବଲପୁରରେ ଜନ୍ମିତ ଅଚ୍ୟୁତ ୪୪ ବର୍ଷର ଅଭିନୟ କ୍ୟାରିୟର ମଧ୍ୟରେ ୧୨୫ ରୁ ଅଧିକ ହିନ୍ଦୀ ଏବଂ ମରାଠୀ ଚଳଚ୍ଚିତ୍ର, ୯୫ ଟି ଟିଭି ଶୋ, ୨୬ଟି ନାଟକ, ୪୫ରୁ ଅଧିକ ବିଜ୍ଞାପନରେ ଅଭିନୟ କରିଥିଲେ। ଥ୍ରି ଇଡିଅଟ୍ସ, ରଙ୍ଗିଲା, ଲଗେ ରହୋ ମୁନ୍ନା ଭାଇ, ଭୂତନାଥ, ଦବଙ୍ଗ-୨ ଭଳି ସୁପରହିଟ ଚଳଚ୍ଚିତ୍ରରେ ଅଭିନୟ କରିଥିଲେ। ଥ୍ରି ଇଡିଅଟ୍ସର ତାଙ୍କ ସଂଳାପ 'କହନା କ୍ୟା ଚାହତେ ହୋ' ସାମାଜିକ ଗଣମାଧ୍ୟମରେ ଛାଇ ଯାଇଥିଲା।

# ଦୁର୍ଗନ୍ଧ ପାଇଁ ହାଇକୋର୍ଟ ବନ୍ଦ

ତିରୁଅନନ୍ତପୁରମ, ୧୯।୮ (ଏଜେନ୍ସି): କେରଳ ହାଇକୋର୍ଟରେ ଅଜବ ସ୍ଥିତି ସୃଷ୍ଟି ହୋଇଛି। ମଙ୍ଗଳବାର ସକାଳେ ଦୁର୍ଗନ୍ଧ ପାଇଁ ହାଇକୋର୍ଟଙ୍କ କାର୍ଯ୍ୟକୁ ବନ୍ଦ କରିଦିଆଯାଇଛି। କୋର୍ଟର ଫଲ୍ସ ସିଲିଂରେ ପଶି ଯାଇଥିବା ଜଙ୍ଗଲୀ ବିଲେଇ (ସିଭେଟ)ର ପରିସ୍ରା ପାଇଁ ଏହି ଦୁର୍ଗନ୍ଧ ହେଉଥିଲା। ଏହା ଏତେ ଅସହ୍ୟ ଥିଲା ଯେ ମୁଖ୍ୟ ବିଚାରପତି ନିତିନ ଜମଦାର ଏବଂ ଜଷ୍ଟିସ ବସନ୍ତ ବାଲାଜୀଙ୍କ ଡିଭିଜନ ବେଞ୍ଚ ସବୁ ମାମଲାର ଶୁଣାଣିକୁ ସ୍ଥଗିତ କରିଦେଇଥିଲେ। ସକାଳେ କୋର୍ଟ କାର୍ଯ୍ୟ କେବଳ ୨୦ ମିନିଟ ପାଇଁ ଚାଲିଥିଲା। ପରେ ଏହି ପ୍ରକୋଷ୍ଠକୁ ବନ୍ଦ କରିଦିଆଯାଇଥିଲା। ସରକାରୀ ଓକିଲଙ୍କ ସୂଚନା ଅନୁଯାୟୀ ଗତ କିଛି ଦିନ ହେଲା ଦୁର୍ଗନ୍ଧ ହେଉଥିଲା। ମଙ୍ଗଳବାର ଏହା ଅସହ୍ୟ ହୋଇଥିଲା। ପରେ ଅଦାଲତରେ ଜାଲ ବିଛା ଯାଇଥିଲା। ସେଥିରେ ଜଙ୍ଗଲୀ ବିଲେଇ ଫସିଥିଲା।

# ଶିକ୍ଷୟିତ୍ରୀ ମନୀଷାଙ୍କ ମୃତ୍ୟୁକୁ ନେଇ ହରିୟାଣାରେ ହଙ୍ଗାମା

ଭିୱାନୀ, ୧୯।୮ (ଏଜେନ୍ସି): ଶିକ୍ଷୟିତ୍ରୀ ମନୀଷା (୧୯)ଙ୍କ ମୃତ୍ୟୁକୁ ନେଇ ହରିୟାଣାରେ ବଡ଼ ବିବାଦ ସୃଷ୍ଟି ହୋଇଛି। ଭିୱାନୀର ଢାଣି ଲକ୍ଷ୍ମଣ ଗ୍ରାମର ମନୀଷା ନିଖୋଜ ହେବା ପରେ ମୃତଦେହ ମିଳିବା ଏବଂ ଏବେ ଅନ୍ତିମ ସଂସ୍କାରକୁ ନେଇ ସଂଘର୍ଷ ନବମ ଦିନରେ ପହଞ୍ଚିଛି। ଏହି ମାମଲାରେ ପୁଲିସ ସନ୍ଦେହଘେରରେ ରହିଛି। ବାରମ୍ବାର ପୁଲିସ ମନ୍ତବ୍ୟ ବଦଳାଉଥିବାରୁ ମାମଲାର ମୋଡ଼ ବଦଳୁଛି। ପରିବାର ସଦସ୍ୟ ଏହାକୁ ହତ୍ୟା କହୁଥିବାବେଳେ ପୁଲିସ ଆତ୍ମହତ୍ୟା ଦର୍ଶାଉଛି। ଗତ ୧୧ ତାରିଖରେ ନର୍ସିଂ କଲେଜରେ ନାମ ଲେଖାଇବାକୁ ଯାଇଥିବା ମନୀଷା ନିଖୋଜ ହୋଇଯାଇଥିଲେ। ଏତଲା ସତ୍ତ୍ୱେ ଲୋହାରୁ ପୁଲିସ ମାମଲାକୁ ଗୁରୁତର ଦେଇ ନ ଥିଲା। ୧୩ ତାରିଖରେ ସିଙ୍ଘାନୀ ଗ୍ରାମର କ୍ଷେତରୁ ମନୀଷାଙ୍କ ମୃତଦେହ ମିଳିଥିଲା। ତେବେ ମୃତଦେହ ନେବାକୁ ପରିବାର ଲୋକେ ମନା କରି ଦେଇଥିଲେ। ବ୍ୟବଚ୍ଛେଦ ରିପୋର୍ଟରେ ମନୀଷାଙ୍କ ବେକରେ କଟାଦାଗ ଥିବା ଜଣାପଡ଼ିଥିଲା। ଘରଲୋକଙ୍କ ଦାବିରେ ରୋହତକ ପିଜିଆଇରେ ପୁଣି ବ୍ୟବଚ୍ଛେଦ କରାଯାଇଥିଲା। ୧୮ରେ ପୁଲିସକୁ ସୁଇସାଇଡ ନୋଟ ମିଳିଥିଲା। ଜାଣିଶୁଣି ହତ୍ୟାକୁ ଆତ୍ମହତ୍ୟା ରୂପ ଦେବାକୁ ପ୍ରୟାସ କରାଯାଉଥିବା ଦାବି କରାଯାଇଥିଲା।

## ଗୋଧି ମାଂସ ଖାଇ ବନ୍ଧାହେଲେ ୟୁଟ୍ୟୁବର୍

ଠାକୁରମୁଣ୍ଡା/ମହୁଲଡିହା, ୧୯।୮ (ସମିସ): ଗୋଧିକୁ ମାରି ରାନ୍ଧି ଖାଇବା ଓ ଏହାର ଭିଡିଓ ସାମାଜିକ ଗଣମାଧ୍ୟମରେ ଛାଡ଼ିବା ଜଣେ ୟୁଟ୍ୟୁବର୍‌ଙ୍କୁ ମହଙ୍ଗା ପଡ଼ିଛି। ବନବିଭାଗ ତାଙ୍କୁ ଗିରଫ କରିଛି। ସେ ହେଲେ, ରୁପା ନାଏକ। ଏପରି ଘଟଣା ଘଟିଛି କରଞ୍ଜିଆ ବନଖଣ୍ଡ ଅଧୀନ ଠାକୁରମୁଣ୍ଡା ରେଞ୍ଜ ଅନ୍ତର୍ଗତ ଚମ୍ପାଝର ଫରେଷ୍ଟ ବିଟ୍ ଅସନବଣୀ ଗ୍ରାମରେ। ରୁପା ଆଦିବାସୀଙ୍କ ଖାଦ୍ୟପେୟ ଉପରେ ଭିଡିଓ କରି ସାମାଜିକ ଗଣମାଧ୍ୟମରେ ସେୟାର୍ କରନ୍ତି। ଗତ ରାକ୍ଷୀପୂର୍ଣ୍ଣିମା ଦିନ ସେ ତାଙ୍କ ଶଶୁର ଘରୁ ଫେରିବା ବେଳେ ରାସ୍ତାକଡ଼ରେ ଏକ ଗୋଧି ମରି ପଡ଼ିଥିବା ଦେଖି ତାକୁ ଘରକୁ ଆଣିଥିଲେ। ପରେ ତାକୁ କାଟି ରୋଷେଇ କରି ଖାଇବାର ଭିଡିଓ ସାମାଜିକ ଗଣମାଧ୍ୟମରେ ଛାଡ଼ିଥିଲେ। ଏହା ପ୍ରଘଟ ହେବା ପରେ ଘଟଣାକୁ ଗୁରୁତ୍ୱର ସହ ନେଇ ବନବିଭାଗ ଯାଞ୍ଚ କରିଥିଲା। ଭିଡିଓରେ ସତ୍ୟତା ଥିବା ଜଣାପଡ଼ିବା ପରେ ବନବିଭାଗ ତାଙ୍କୁ ଗିରଫ କରିଛି। ପଚରାଉଚରା ବେଳେ ସେ ସତ ମାନିଛନ୍ତି। ଏପରିକି, ଗୋଧି ଖାଇଲେ ଅସୁବିଧା କ'ଣ ବୋଲି ଯୁକ୍ତି ବାଢ଼ିଛନ୍ତି।



ଏନେଇ କରଞ୍ଜିଆ ବନଖଣ୍ଡ ଅଧିକାରୀ ବୈଦନାଥ ମାଝୀ କହିଛନ୍ତି, ଗୋଧି ବିଲୁପ୍ତ ପ୍ରଜାତିର ଏକ ସରୀସୃପ। ଏହା ସୁରକ୍ଷା ଓ ସଂରକ୍ଷଣ ନିହାତି ଜରୁରୀ। ଏପରିସ୍ଥଳେ ଗୋଧି ମାରି କାଟି ଖାଇବା ଧର୍ତ୍ତବ୍ୟ ଅପରାଧ। କେହି ବି ବନ୍ୟପ୍ରାଣୀଙ୍କୁ ଶିକାର କରିପାରିବେ ନାହିଁ। ଏଥିପାଇଁ ସରକାରଙ୍କ କଡ଼ାକଡ଼ି ନିୟମ ରହିଛି। ଠାକୁରମୁଣ୍ଡା ବନବିଭାଗ ଏକ ମାମଲା ରୁଜୁକରି ଅଧିକ ତଦନ୍ତ କରୁଛି ବୋଲି ଠାକୁରମୁଣ୍ଡା ରେଞ୍ଜର ଉମାକାନ୍ତ ବେହେରା ସୂଚନା ଦେଇଛନ୍ତି।

# ରାଜ୍ୟରୁ ୪ ହଜାର ଏଡସ୍ ସଂକ୍ରମିତ ନିଖୋଜ

## ୧୭ରୁ ୩୫ ବର୍ଷ ବୟସ ବର୍ଗଙ୍କ ସଂଗୃହୀତ ନମୂନାରୁ ୪୧% ଏଚ୍ଆଇଭି ସଂକ୍ରମିତ

ଭୁବନେଶ୍ୱର, ୧୯।୮ (ସମିସ): 'ଗେଟିଙ୍ଗ ଟୁ ଜିରୋ, ନୋ ଏଡସ୍ ନୋ ଏଡସ୍, ନୋ ୟୋର୍ ଷ୍ଟାଟସ୍' ଏଭଳି ଶ୍ରୁତିମଧୁର ସ୍ଲୋଗାନ୍‌କୁ ନେଇ ଭୟାବହ ଏଚ୍ଆଇଭି ଏଡସ୍ ସଂକ୍ରମଣ ସଂର୍ପକରେ ଜନସଚେତନତା ସୃଷ୍ଟି କରାଯାଉଛି। ସଂକ୍ରମିତଙ୍କ ସଂଖ୍ୟା ହ୍ରାସ କରିବା ଦିଗରେ ସରକାର ବଡ଼ ପଦକ୍ଷେପ ନେଉଛନ୍ତି। ମାତ୍ର ତୃଣମୂଳସ୍ତରରେ ସଚେତନ ବାର୍ତ୍ତା ପହଞ୍ଚିପାରୁନି। ଫଳରେ ପ୍ରତିବର୍ଷ ନୂଆ ସଂକ୍ରମିତଙ୍କ ସଂଖ୍ୟା ବୃଦ୍ଧି ପାଇବାରେ ଲାଗିଛି। ବିଶେଷକରି ନୂଆପିଢ଼ିଙ୍କ କ୍ଷେତ୍ରରେ ସଂକ୍ରମଣ ବୃଦ୍ଧି ପାଉଥିବା ଜଣାପଡ଼ିଛି। ସବୁଠାରୁ ଉଦ୍‌ବେଗଜନକ ବିଷୟ ହେଉଛି, ବର୍ତ୍ତମାନ ଯେତିକି ଏଡସ୍ ରୋଗୀ ଚିହ୍ନଟ ହୋଇଛନ୍ତି, ତାଙ୍କ ଭିତରୁ ପାଖାପାଖି ୪ ହଜାର ସଂକ୍ରମିତଙ୍କ ପତ୍ତା ମିଳୁନି। ତେଣୁ ସଂକ୍ରମଣ ବୃଦ୍ଧି ହେବା ନେଇ ଆଶଙ୍କା ପ୍ରକାଶ ପାଉଛି।

ଓଡ଼ିଶା ରାଜ୍ୟ ଏଡସ୍ ନିୟନ୍ତ୍ରଣ ସୋସାଇଟିର ରିପୋର୍ଟ ଅନୁସାରେ, ପୁରୁଷ ସହ ପୁରୁଷଙ୍କ ଅପ୍ରାକୃତିକ ଯୌନ ସମ୍ପର୍କ ଯୋଗୁଁ ଏଚଆଇଭି ସଂକ୍ରମିତଙ୍କ ସଂଖ୍ୟା ବଢ଼ିବାରେ ଲାଗିଛି। ଯେଉଁଥିରୁ ପାଖାପାଖି ଅଧା ହେଉଛନ୍ତି ଯୁବଗୋଷ୍ଠୀ। ରାଜ୍ୟ ସରକାର ୨୦୩୦ ସୁଦ୍ଧା ଏଡସ୍‌ମୁକ୍ତ ଓଡ଼ିଶା ଗଠନ କରିବା ପାଇଁ ଚାହୁଁଥିବା ବେଳେ ବାସ୍ତବରେ ସଂକ୍ରମଣ କମିବାର ନାଁ ଧରୁନି। ବର୍ତ୍ତମାନର ସଂକ୍ରମଣ ଟ୍ରେଣ୍ଡ ଦେଖିଲେ, ଯୁବଗୋଷ୍ଠୀ ଅଧିକ ମାତ୍ରାରେ ଆକ୍ରାନ୍ତ ହେଉଛନ୍ତି। କାରଣ ଯୁବ ଗୋଷ୍ଠୀ ଏବେ ମାତ୍ରାଧିକ ସମଲିଙ୍ଗୀ ଅପ୍ରାକୃତିକ ଯୌନ ସମ୍ପର୍କରେ ଲିପ୍ତ ରହୁଛନ୍ତି। ବିଶେଷକରି ୧୭ରୁ ୩୫ବର୍ଷ ବୟସରେ ୪୧ ପ୍ରତିଶତ ଯୁବଗୋଷ୍ଠୀ ଏଚଆଇଭି ପଜିଟିଭ ଥିବା ଓଡ଼ିଶା ରାଜ୍ୟ ଏଡସ୍ ନିୟନ୍ତ୍ରଣ ସୋସାଇଟିରୁ ମିଳିଥିବା ତଥ୍ୟରୁ ଜଣାପଡ଼ିଛି।

ଶିକ୍ଷାନୁଷ୍ଠାନଗୁଡ଼ିକରେ ଏପରି ଅପ୍ରାକୃତିକ ଯୌନ ସମ୍ପର୍କ ମାମଲା ବଢୁଛି। ଗତ ଜୁଲାଇ ସୁଦ୍ଧା ୬୫ ହଜାର ୨୧୪ ଏଚଆଇଭି ପଜିଟିଭ ଚିହ୍ନଟ ହୋଇଛନ୍ତି। ୧୭ରୁ ୩୫ ବର୍ଷ ବୟସ ଭିତରେ ପାଖାପାଖି ୨୭ହଜାର ୭୩୭ ସଂକ୍ରମିତ ବ୍ୟକ୍ତି ରହିଥିବା ଜଣାପଡ଼ିଛି। ଶିକ୍ଷାନୁଷ୍ଠାନ ହଷ୍ଟେଲ୍‌ରେ ଏପରି ଅପ୍ରାକୃତିକ ଯୌନ ସମ୍ପର୍କ ରଖିବାର ସମ୍ଭାବନା କମ ରହୁଥିବାରୁ ଅଧିକାଂଶ ପିଲାମାନେ ଘରୋଇ ମେସ୍ ବା ରୁମ୍ ଭଡ଼ା ନେଇ ରହୁଛନ୍ତି। ଯୁବବର୍ଗଙ୍କ ମଧ୍ୟରେ ଅପ୍ରାକୃତିକ ଯୌନସମ୍ପର୍କ ଏଚଆଇଭିକୁ ଆମନ୍ତ୍ରଣ କରୁଛି। ଯେଉଁମାନଙ୍କ ଭିତରେ ପ୍ରତିଷେଧକ ଶକ୍ତି କମ୍ ରହିଥାଏ, ସେମାନେ ଏଡସ୍ ଆଡ଼କୁ ଠେଲି ହୋଇ କଲବଲରେ ଜୀବନ ହାରନ୍ତି। ଏବେ ସୁଦ୍ଧା ଏଭଳି ୧୩ ହଜାର ୧୭୭ ଏଚଆଇଭି ପଜିଟିଭଙ୍କ ମୃତ୍ୟୁ ହୋଇଥିବା ସରକାରୀ ରିପୋର୍ଟରୁ ଜଣାପଡ଼ିଛି।

ବିପଦ ଏତିକିରେ ସରିନି; ପଞ୍ଜିକୃତ ୬୫ ହଜାର ୨୧୪ ଏଚଆଇଭି ପଜିଟିଭଙ୍କ ଭିତରୁ ୩, ୯୯୮ ସଂକ୍ରମିତଙ୍କ ପତ୍ତା ମିଳୁନି। ଏମାନଙ୍କ ଭିତରୁ ଅନେକ ରାଜ୍ୟ ବାହାରକୁ ଚାଲି ଯାଇଛନ୍ତି। କିଛି ଲୋକ ବାହାର ରାଜ୍ୟରୁ ଆସି ଓଡ଼ିଶାରେ ଟେଷ୍ଟିଂ କରିଛନ୍ତି। ଏପରିକି କିଛି ଲୋକ ସାମାଜିକ ବାସନ୍ଦ ଭୟରେ ନିଜ ଭୁଲ ପରିଚୟ ଦେଇଥିବା କଥା ଯାଞ୍ଚ ପରେ ଜଣାପଡ଼ିଛି। ଏହି ନିଖୋଜ ଏଚଆଇଭି ପିଜିଟିଭ ସଂକ୍ରମିତଙ୍କ ସହ ଅଜାଣତରେ ଯଦି କେହି ଶାରୀରିକ ସଂପର୍କ ରଖନ୍ତି ପରିସ୍ଥିତି ସଙ୍ଗୀନ ହୋଇଯିବା ନେଇ ବିଶେଷଜ୍ଞମାନେ ଆକଳନ କରୁଛନ୍ତି। ଏଚଆଇଭି ଏଡସ୍‌ର କୌଣସି ଚିକତ୍ସା ନାହିଁ। ହେଲେ, ଏଚ୍ଆଇଭି ପିଜିଟିଭ ଜଣାପଡ଼ିବା ମାତ୍ରେ ସଂକ୍ରମିତଙ୍କୁ ଆଣ୍ଟି ରେଟ୍ରୋଭାଇରାଲ ଥେରାପି ଏଆରଟି ଦେବା କଥା। ତେବେ ୬୫ହଜାର ୨୧୪ ସଂକ୍ରମିତଙ୍କ ମଧ୍ୟରୁ ୫୫ ହଜାର ୧୪୨ ଜଣ ଏଆରଟି ପଞ୍ଜୀକରଣ କରିଛନ୍ତି। ବାକି ୧୦ ହଜାର ୧୨୯ ଏଆରଟି ପଞ୍ଜୀକରଣ କରି ନଥିବାରୁ ଚିନ୍ତା ଆହୁରି ବଢ଼ିଛି। ତେଣୁ ସେହି ବ୍ୟକ୍ତିମାନେ ସଂକ୍ରମଣ ବଢ଼ାଉଥିବା ନେଇ ଅନୁମାନ କରାଯାଉଛି। ଏବେ ସେମାନଙ୍କ ଚିହ୍ନଟ କରି ପ୍ରତିଶେଧକ ଦେବା ଏକପ୍ରକାର ଚ୍ୟାଲେଞ୍ଜିଂ ପରିସ୍ଥିତି ସୃଷ୍ଟି କରିଛି।

## ପଛକୁ ପଛ ଆସୁଛି ଲଘୁଚାପ

ଭୁବନେଶ୍ୱର,୧୯।୮ (ସମିସ): ପଛକୁ ପଛ ଆସୁଛି ଲଘୁଚାପ। ଉତ୍ତର ବଙ୍ଗୋପସାଗରରେ ଏହି ଲଘୁଚାପ ସୃଷ୍ଟି ହେବାକୁ ଥିବାରୁ ସାରା ରାଜ୍ୟରେ ବର୍ଷା ନେଇ ଆକଳନ କରାଯାଉଛି। ସମ୍ଭାବ୍ୟ ଲଘୁଚାପଟି ଆସନ୍ତା ୨୪ ତାରିଖ ବେଳକୁ ଉତ୍ତର ପଶ୍ଚିମ ବଙ୍ଗୋପସାଗରରେ ସୃଷ୍ଟି ହୋଇପାରେ। ପରବର୍ତ୍ତୀ ସମୟରେ ଏହି ଲଘୁଚାପ ଅଧିକ ଘନୀଭୂତ ହେବା ସହ ସାରା ରାଜ୍ୟରେ ବର୍ଷା କରାଇପାରେ। ମୁଖ୍ୟତଃ ରାଜ୍ୟରେ ୨୩-୨୫ ତାରିଖ ପର୍ଯ୍ୟନ୍ତ ରାଜ୍ୟରେ ପ୍ରବଳରୁ ଅତି ପ୍ରବଳ ବର୍ଷା ଆଶଙ୍କା ରହିଛି। ଆଇଏମ୍‌ଡି ମହାନିର୍ଦ୍ଦେଶକ ଡଃ ମୃତ୍ୟୁଞ୍ଜୟ ମହାପାତ୍ର କହିଛନ୍ତି ଯେ ୨୪ ତାରିଖରେ ଗୋଟିଏ ଲଘୁଚାପ ସୃଷ୍ଟି ହେବ। ଏହାଦ୍ୱାରା ରାଜ୍ୟରେ ପ୍ରବଳ ବର୍ଷା ହେବ। ୨୭-୨୮ ବେଳକୁ ପୁଣି ଗୋଟିଏ ଲଘୁଚାପ ସମ୍ଭାବନା ରହିଛି। ତେଣୁ ପ୍ରାୟ ଅଗଷ୍ଟ ଶେଷ ପର୍ଯ୍ୟନ୍ତ ସମ୍ପୂର୍ଣ୍ଣ କେନ୍ଦ୍ରୀୟ ଭାରତରେ ମୌସୁମୀ ସକ୍ରିୟ ସହ ଭଲ ବର୍ଷା ଆକଳନ କରାଯାଉଥିବା ଡଃ ମହାପାତ୍ର କହିଛନ୍ତି।

ଅନ୍ୟପଟେ ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ଅବପାତ ଦକ୍ଷିଣ ଆଭ୍ୟନ୍ତରୀଣ ଓଡ଼ିଶା ଦେଇ ଆଗକୁ ବଢୁଛି। ଆସନ୍ତା ୧୨ ଘଣ୍ଟା ମଧ୍ୟରେ ଏହା ଉତ୍ତର ପଶ୍ଚିମ ଦିଗରେ ଗତି କରି ଛତିଶଗଡ଼କୁ ଅଗ୍ରସର ହେବ ଓ ଦୁର୍ବଳ ହେବ। ଏହି ଅବପାତ ପ୍ରଭାବରେ ମଙ୍ଗଳବାର ରାଜ୍ୟର ବିଭିନ୍ନ ସ୍ଥାନରେ ପ୍ରବଳ ବର୍ଷା ରେକର୍ଡ କରାଯାଇଛି। ବୁଧବାର ବର୍ଷାର ପ୍ରଭାବ କମିଲେ ମଧ୍ୟ କିଛି କିଛି ସ୍ଥାନରେ ବର୍ଷା ନେଇ ପାଣିପାଗ କେନ୍ଦ୍ର ଆକଳନ କରିଛି।

ଅନ୍ୟପଟେ ଅବପାତ ଯୋଗୁଁ ସମୁଦ୍ର ଉପକୂଳ ଅଂଚଳରେ ୪୦ ରୁ ୬୦ କିମି ପବନ ବହୁଛି। ଏଥିପାଇଁ ସମୁଦ୍ର ଅଶାନ୍ତ ରହିଛି। ତେଣୁ ଆସନ୍ତା୨୦ ତାରିଖ ଯାଏ ମତ୍ସ୍ୟଜୀବୀଙ୍କୁ ସମୁଦ୍ରକୁ ଯିବାକୁ ବାରଣ କରାଯାଇଛି। ମୌସୁମୀ ଋତୁ ଅର୍ଥାତ୍ ଜୁନ ୧ରୁ ଆଜି ପର୍ଯ୍ୟନ୍ତ ରାଜ୍ୟରେ ୭୨୬ ମିମି ବର୍ଷା ରେକର୍ଡ ହୋଇଛି। ସ୍ୱାଭାବିକ ବର୍ଷା ୭୭୨.୮ ମିମି ବର୍ଷା ତୁଳନାରେ ଏବେବି ୬ ପ୍ରତିଶତ କମ ବର୍ଷା ରେକର୍ଡ ହୋଇଛି। ୨୦ ଜିଲ୍ଲାରେ ସ୍ୱାଭାବିକ ବର୍ଷା,୨ ଜିଲ୍ଲାରେ ସ୍ୱାଭାବିକ ଠାରୁ ଅଧିକ ବର୍ଷା ଏବଂ ୮ ଜିଲ୍ଲାରେ ନିଅଣ୍ଟିଆ ବର୍ଷା ରେକର୍ଡ କରାଯାଇଛି। ଗତ ୨୪ ଘଂଟାରେ ଅଧିକାଂଶ ସ୍ଥାନରେ ହାଲୁକାରୁ ମଧ୍ୟମ ବର୍ଷା ସହ ୯ଟି ସ୍ଥାନରେ ପ୍ରବଳ ଗୋଟିଏ ସ୍ଥାନରେ ଅତି ପ୍ରବଳ ବର୍ଷା ରେକଡ଼ ହୋଇଥିବା ବେଳେ ସର୍ବାଧିକ ବର୍ଷା କୋରାପୁଟ କୋଟପାଡ଼ରେ ୧୩୩ ମିମି ରେକର୍ଡ କରାଯାଇଛି।

## ବଜ୍ରପାତ ନେଲା ୨ ଜୀବନ

ଝାରସୁଗୁଡ଼ା/କୋଲାବିରା,୧୯।୮ (ସମିସ): ଝାରସୁଗୁଡ଼ା ଜିଲ୍ଲା କୋଲାବିରା ଥାନା ପରମାଣପୁର ପଞ୍ଚାୟତ ଅଧୀନ କାଲିବାହାଲ ଗ୍ରାମରେ ମଙ୍ଗଳବାର ଅପରାହ୍ଣ ପ୍ରାୟ ୩ଟାରେ ବଜ୍ରପାତ ଘଟି ୨ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତକଦ୍ୱୟ ହେଲେ, ଗ୍ରାମର ବୀର କିସାନ(୪୫) ଓ ଶଙ୍କର ମାଝୀଙ୍କ ସାନ ପୁଅ ଦୁଃଖବନ୍ଧୁ ମାଝୀ(୨୦)। ବୀର ଓ ଦୁଃଖବନ୍ଧୁ ଆଜି ଜମିରେ କୀଟନାଶକ ପକାଇବାକୁ ଯାଇଥିବା ବେଳେ ଏହି ଅଘଟଣ ଘଟିଥିଲା। ଏହି ସମୟରେ ବର୍ଷା ପବନ ମାଡ଼ି ଆସିବା ସହ



ଘନଘନ ବଜ୍ରପାତ ହୋଇଥିଲା। ବର୍ଷାରୁ ରକ୍ଷା ପାଇବା ପାଇଁ ଉଭୟ ପାଖରେ ଥିବା ଏକ ମହୁଲ ଗଛ ତଳେ ଆଶ୍ରୟ ନେଇଥିଲେ। ସେଠାରେ ଏକ ବଜ୍ରପାତ ହେବାରୁ ଉଭୟ ଟଳି ପଡ଼ିଥିଲେ। ଗ୍ରାମବାସୀ ଦୁହିଁଙ୍କୁ ଉଦ୍ଧାର କରି ଡାକ୍ତରଖାନା ନେଇଥିଲେ ହେଁ ସେଠାରେ ଡାକ୍ତର ମୃତ ଘୋଷଣା କରିଥିଲେ। କୋଲାବିରା ପୁଲିସ ଏନେଇ ଏକ ଅପମୃତ୍ୟୁ ମାମଲା ରୁଜୁ କରିବା ସହ ଶବଦ୍ୱୟକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ଏହି ଖବର ପ୍ରଘଟ ହେବା ପରେ ସ୍ଥାନୀୟ ଅଞ୍ଚଳରେ ଗଭୀର ଶୋକ ପ୍ରକାଶ ପାଇଛି।

## ଗର୍ଜିଲା ପୁଲିସ୍ ବନ୍ଧୁକ
## ଦୁର୍ଦ୍ଧାନ୍ତ ସମଦକୁ ଏନ୍‌କାଉଣ୍ଟର୍

ସମ୍ବଲପୁର,୧୯।୮ (ସମିସ): ଦୀର୍ଘ ଦିନ ପରେ ପୁଣି ଗର୍ଜିଛି ସମ୍ବଲପୁର ପୁଲିସ୍‌ର ବନ୍ଧୁକ। ସର୍ବସାଧାରଣରେ ମାରପିଟ୍‌ଠାରୁ ଆରମ୍ଭ କରି ମରଣାନ୍ତକ ଆକ୍ରମଣ, ହତ୍ୟା, ଗୁଳିକାଣ୍ଡ, ଦୁଷ୍କର୍ମ ଭଳି ୧୫ରୁ ଉର୍ଦ୍ଧ୍ୱ ସଂଗିନ୍ ମାମଲାରେ ସଂଶ୍ଳିଷ୍ଟ ଥିବା ଦୁର୍ଦ୍ଧାନ୍ତ ଅପରାଧୀ ମହମ୍ମଦ ସମଦକୁ ଆଜି ଧନୁପାଲି ପୁଲିସ୍ ଏନ୍‌କାଉଣ୍ଟର୍ କରିଛି। ମୋତିଝରଣ ଅଞ୍ଚଳରେ ଜଣେ ଯୁବକଙ୍କୁ ହତ୍ୟା କରିବା ପରଠାରୁ ସେ ଫେରାର୍ ଥିଲା। ତାର ବାମ ଗୋଡ଼ରେ ଗୁଳି ବାଜିଛି। ସମଦ ପାଖରୁ ପୁଲିସ୍ ଗୋଟିଏ ୭.୬ମିମି ଦେଶୀ ପିସ୍ତଲ, ଗୋଟିଏ ୭.୬ମିମି ଗୁଳି, ୩ଟି ଖାଲି କ୍ୟାଟ୍ରିଜ୍, ଗୋଟିଏ ଆପାଚେ ଆର୍ଟି ବାଇକ୍ ଓ ଗୋଟିଏ ମୋବାଇଲ ଜବତ କରିଛି। ପୁଲିସ୍ ତାକୁ ଚିକିତ୍ସା ଲାଗି ଭିମସାରରେ ଭର୍ତ୍ତି କରାଇଛି। ଆଜି ଏକ ସାମ୍ବାଦିକ ସମ୍ମିଳନୀରେ ଅତିରିକ୍ତ ଏସ୍‌ପି ଶ୍ରୀମନ୍ତ ବାରିକ ଏହି ସୂଚନା ଦେଇଛନ୍ତି। ତେବେ ଉକ୍ତ ହତ୍ୟାକାଣ୍ଡରେ ସମ୍ପୃକ୍ତ ସାମଦଙ୍କ ଭାଇ ମହମ୍ମଦ ୱାସିମ ଫେରାର ଅଛି। ପୁଲିସ ବିଭିନ୍ନ ସ୍ଥାନରେ ଚଢ଼ଉ କରି ତନାଘନା ଜାରି ରଖିଛି।

ପୁଲିସ୍ ସୂଚନାନୁଯାୟୀ, ଧନୁପାଲି ଥାନା ଅନ୍ତର୍ଗତ ମୋତିଝରଣର ଅଭିଯୁକ୍ତ ମହମ୍ମଦ ସମଦ ଓ ତାର ଭାଇ ମହମ୍ମଦ ୱାସିମ ସୋମବାର ରାତି ପ୍ରାୟ ୧୦ଟାରେ



ମୋତିଝରଣର ଅସଫାକ ଖାନଙ୍କୁ ଧାରୁଆ ଅସ୍ତ୍ରରେ ଆକ୍ରମଣ କରି ହତ୍ୟା କରିବା ପରେ ଫେରାର ହୋଇଯାଇଥିଲେ। ଧନୁପାଲି ପୁଲିସ ଘଟଣାସ୍ଥଳରେ ପହଞ୍ଚି ଅସଫାକ୍‌ଙ୍କୁ ଉଦ୍ଧାର କରି ସଦର ଡାକ୍ତରଖାନାକୁ ନେଇଥିଲେ। ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ। ମୃତକଙ୍କ ଭାଇ ଜାବିଜ ଖାନଙ୍କ ଅଭିଯୋଗ ଆଧାରରେ ଧନୁପାଲି ଥାନା ପୁଲିସ କେସ ନଂ. ୨୮୦ ତା.୧୮.୦୮.୨୦୨୫ ଦଫା ୧୦୩(୧), ୩(୫) ବିଏନ୍‌ଏସ୍‌ରେ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା।

ଅଭିଯୁକ୍ତଙ୍କୁ ଧରିବା ପାଇଁ ପୁଲିସ ଏକ ସ୍ୱତନ୍ତ୍ର ଦଳ ଗଠନ କରିଥିଲା। ସମ୍ବଲପୁର ସହରର ସମସ୍ତ ରାସ୍ତାରେ ନାକା କରି ବିଭିନ୍ନ ସ୍ଥାନରେ ଯାଞ୍ଚ ଚାଲିଥିଲା। ଗୁଇନ୍ଦା ସୂଚନା ଆଧାରରେ ମଙ୍ଗଳବାର ୧୯ତାରିଖ ଭୋର୍ ସମୟରେ ଖଣ୍ଡୁଆଳ ଗ୍ରାମ ନିକଟରେ ଅଭିଯୁକ୍ତ ସାମଦ ଲୁଚିଥିବା ଜଣାପଡ଼ିଥିଲା। ପୁଲିସ ତାକୁ ଆତ୍ମସମର୍ପଣ ପାଇଁ କହିବାରୁ ସେ ପୁଲିସ ଉପରକୁ ଦୁଇ ରାଉଣ୍ଡ ଗୁଳିଚାଳନା କରିଥିଲା। ପରେ ପୁଲିସର ଗୋଟିଏ ରାଉଣ୍ଡ ପାଲଟା ଗୁଳିଚାଳନାରେ ସମଦ ଆହତ ହୋଇଥିଲା। ସାମଦ ନାମରେ ଧନୁପାଲି ଥାନା ପୁଲିସ କେସ ନଂ. ୨୮୧ ତା.୧୯.୦୮.୨୦୨୫ ଦଫା ୧୩୨, ୨୨୪, ୧୦୯(୧) ବିଏନ୍‌ଏସ୍, ୨୫(୧)(ବି)(ଏ)/୨୭ ଆର୍ମସ ଆକ୍ଟରେ ଆଉ ମାମଲା ରୁଜୁ କରିଛି।

## ୪ ଜୋନ୍‌ରେ ମହିଳା ସମାବେଶ କରିବ କଂଗ୍ରେସ

ଭୁବନେଶ୍ୱର,୧୯।୮ (ସମିସ): ଭାରତୀୟ ଜାତୀୟ କଂଗ୍ରେସର ଓଡ଼ିଶା ପ୍ରଭାରୀ ଅଜୟ କୁମାର ଲାଲ୍ଲୁ ଚାରିଦିନିଆ ଓଡିଶା ଗସ୍ତରେ ଆସି ଦଳର ଏକାଧିକ ସାଙ୍ଗଠନିକ ବୈଠକରେ ସ୍ଥିତି ସମୀକ୍ଷା କରିଛନ୍ତି। ଏହି ବୈଠକଗୁଡ଼ିକରେ କଂଗ୍ରେସର ଆଗାମୀ କାର୍ଯ୍ୟକ୍ରମ ନେଇ ଅନେକ ନିଷ୍ପତ୍ତି ନିଆଯାଇଛି। ଏଥିରେ ମୁଖ୍ୟତଃ ବିଧାୟକ ଓ ସାଂସଦ ପ୍ରାର୍ଥୀମାନେ ନିଜ ଅଞ୍ଚଳରେ ମାସକୁ ଅନ୍ୟୁନ ୨୦ ଦିନ ରହି ତୃଣମୂଳ ସ୍ତରରେ ସଂଗଠନକୁ ସୁଦୃଢ଼ କରିବା ସହ ଭୋଟ ଜାଲିଆତି ସମ୍ପର୍କରେ ସଚେତନ କରିବାକୁ ନିଷ୍ପତ୍ତି ହୋଇଛି। ଏହାସହିତ ପିସିସି ପଦାଧିକାରୀମାନେ ବିଭିନ୍ନ ଜିଲ୍ଲା ଗସ୍ତ କରି ବ୍ଲକସ୍ତରୀୟ ଏବଂ ବୁଥସ୍ତରୀୟ କମିଟି ଗଠନ କରିବା ସହ ଭୋଟ ଚୋରି ପ୍ରସଙ୍ଗକୁ ଘରେଘରେ ପହଞ୍ଚାଇବା ନେଇ ନକ୍ସା ପ୍ରଦାନ କରାଯାଇଛି। ସେବା ଦଳ ବୈଠକରେ ରାଜ୍ୟ ଓ ବ୍ଲକ ସ୍ତରୀୟ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ କରାଇ ପ୍ରତି ବ୍ଲକରୁ ଅତି କମ୍‌ରେ

### ଏବେଠୁ ଜିଲ୍ଲା ପରିଷଦ ପ୍ରାର୍ଥୀ ଖୋଜିବ ଦଳ

୧୦ ଜଣଙ୍କୁ କଂଗ୍ରେସ କାର୍ଯ୍ୟରେ ନିୟୋଜିତ କରାଇବାକୁ ନିଷ୍ପତ୍ତି ହୋଇଛି। ସେହିପରି ସମସ୍ତ କଂଗ୍ରେସ ପଦାଧିକାରୀଙ୍କୁ ମଧ୍ୟ ପ୍ରଶିକ୍ଷଣ ଦିଆଯିବା ପାଇଁ ନିଷ୍ପତ୍ତି ଗ୍ରହଣ କରାଯାଇଛି। ମହିଳା କଂଗ୍ରେସ ବୈଠକରେ ରାଜ୍ୟରେ ବୃଦ୍ଧି ପାଉଥିବା ନିର୍ଯାତନାକୁ କିପରି ରୋକାଯାଇ ପାରିବ, ସେ ନେଇ ବିଶେଷ କାର୍ଯ୍ୟକ୍ରମ ପ୍ରସ୍ତୁତ କରାଯିବାକୁ ନିଷ୍ପତ୍ତି ହୋଇଛି। ରାଜ୍ୟରେ ଚାରୋଟି ଜୋନ କରାଯିବ ଓ ମହିଳାଙ୍କୁ ପ୍ରତ୍ୟେକ ଜୋନରେ ଦାୟିତ୍ୱ ପ୍ରଦାନ କରାଯାଇ ମହିଳା ଜିଲ୍ଲା ସଭାପତି ଚୟନ କରାଯିବ। ଜିଲ୍ଲା ସଭାପତି ଚୟନ ପରେ ଚାରୋଟି ଜୋନରେ ବିଶାଳ ମହିଳା ସମାବେଶ କରାଯିବା ପାଇଁ ନିଷ୍ପତ୍ତି ହୋଇଛି। ରାଜୀବ ଗାନ୍ଧୀ ପଞ୍ଚାୟତିରାଜ ସଂଗଠନ ବୈଠକରେ ଆସନ୍ତା ପଞ୍ଚାୟତ ନିର୍ବାଚନ ପୂର୍ବରୁ ସମସ୍ତ ବ୍ଲକ, ମଣ୍ଡଳ ଓ ପଞ୍ଚାୟତ କମିଟି ଗଠନ ପାଇଁ ଏଆଇସିସି ପ୍ରଭାରୀ ନିର୍ଦ୍ଦେଶ ଦେବା ସହିତ ଜିଲ୍ଲା ପରିଷଦ ପ୍ରାର୍ଥୀ ଖୋଜିବା ପ୍ରକ୍ରିୟା ଏବେଠୁ ଆରମ୍ଭ କରିବା ପାଇଁ କହିଛନ୍ତି।

## ଲାଞ୍ଚୁଆ ପୂର୍ବତନ ସହକାରୀ ଯନ୍ତ୍ରୀଙ୍କୁ ୩ ବର୍ଷ ଜେଲ୍

ବାଲେଶ୍ୱର,୧୯।୮ (ସମିସ): ଏକ ଲାଞ୍ଚ ମାମଲାରେ ବାଲେଶ୍ୱର ଉଠା ଜଳସେଚନ କାର୍ଯ୍ୟାଳୟର ପୂର୍ବତନ ସହକାରୀ ଯନ୍ତ୍ରୀ (ଏଷ୍ଟିମେଟର) କୁମୁଦ ଚନ୍ଦ୍ର ପ୍ରଧାନଙ୍କୁ ୩ ବର୍ଷ ଜେଲ୍‌ଦଣ୍ଡ ହୋଇଛି। ଏହାଛଡ଼ା ତାଙ୍କୁ ୫୦ହଜାର ଟଙ୍କା ଜରିମାନା ଆଦେଶ କରାଯାଇଛି। ଜରିମାନା ଟଙ୍କା ଅନାଦେୟ ହେଲେ, ଅଧିକ ୬ମାସ ଜେଲ ଦଣ୍ଡ ଭୋଗିବାକୁ ପଡ଼ିବ ବୋଲି ସ୍ୱତନ୍ତ୍ର ଭିଜିଲାନ୍ସ ଜଜ୍ ଲଳିତ କୁମାର ଦାଶ ରାୟରେ ଉଲ୍ଲେଖ କରିଛନ୍ତି।

୨୦୧୬ ମସିହାରେ ଶ୍ରୀ ପ୍ରଧାନ ବାଲେଶ୍ୱର ସଦର ବ୍ଲକ ଅର୍ନ୍ତଗତ ହିଞ୍ଜିଳା ଗ୍ରାମରେ ସେଲୋ କ୍ଲୋଷ୍ଟର ପ୍ରୋଜେକ୍ଟ କାର୍ଯ୍ୟରେ ଚୁକ୍ତିପତ୍ର ପ୍ରୋସେସିଙ୍ଗ କରିବା ପାଇଁ ଟେଣ୍ଡର୍ ନେଇଥିବା ଠିକାଦାର କାର୍ତ୍ତିକ ଚନ୍ଦ୍ର ପୃଷ୍ଟିଙ୍କଠାରୁ ନଗଦ ୧୦ ହଜାର ଟଙ୍କା ଦାବି କରି ୨୦୧୬ ଅକ୍ଟୋବର ୪ରେ ନେଇଥିଲେ। ସେହି ସମୟରେ ଭିଜିଲାନସ ବିଭାଗ ତାଙ୍କୁ ମାଡ଼ି ବସିଥିଲା। ତାଙ୍କଠାରୁ ଉକ୍ତ ଲାଞ୍ଚ ଟଙ୍କା ଜବତ କରାଯିବା ସହ ଭିଜିଲାନସ କେସ ନମ୍ବର ୫୭/୧୬ନମ୍ବରରେ ଏକ ମାମଲା ରୁଜୁ କରି ତାଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ତଦନ୍ତକାରୀ ଅଧିକାରୀ ମାନସୀ ଜେନା ତଦନ୍ତ ପରେ କୋର୍ଟରେ ଚାର୍ଜସିଟ ମଧ୍ୟ ଦାଖଲ କରିଥିଲେ। ଏହି ମାମଲାଟି ସ୍ୱତନ୍ତ୍ର ଭିଜିଲାନ୍ସ କୋର୍ଟରେ ବିଚାରଧୀନ ରହିଥିଲା।


## ବଦଳିଲା ପଦବୀ ନାମ
## ଫରେଷ୍ଟଗାର୍ଡ ଏଣିକି ଆସିଷ୍ଟାଣ୍ଟ ଫରେଷ୍ଟର୍

ଭୁବନେଶ୍ୱର, ୧୯।୮(ସମିସ): ରାଜ୍ୟରେ ଏଣିକି ଫରେଷ୍ଟ ଗାର୍ଡ (ବନରକ୍ଷୀ) ପଦବୀ ଆସିଷ୍ଟାଣ୍ଟ ଫରେଷ୍ଟର୍ (ସହକାରୀ ବନପାଳ) ପଦବୀ ଭାବେ ବିବେଚନା କରାଯିବ। ଫରେଷ୍ଟଗାର୍ଡମାନେ ବନ ବିଭାଗ ଦ୍ୱାରା ଏକାଧିକ କାର୍ଯ୍ୟରେ ନିୟୋଜିତ ରହୁଥିବା ବେଳେ ବହୁ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ନିର୍ବାହ କରୁଛନ୍ତି। ତେଣୁ ସେମାନଙ୍କ ପଦବୀକୁ ଫରେଷ୍ଟଗାର୍ଡ ବଦଳରେ ଆସିଷ୍ଟାଣ୍ଟ ଫରେଷ୍ଟର୍ ଭାବେ ନାମିତ କରାଯାଇଛି। ମଙ୍ଗଳବାର ଏନେଇ ପିସିସିଏଫ୍‌ଙ୍କ କାର୍ଯ୍ୟାଳୟରୁ ଏକ ବିଧିବଦ୍ଧ ବିଜ୍ଞପ୍ତି ପ୍ରକାଶ ପାଇଛି।

ପ୍ରକାଶିତ ବିଜ୍ଞପ୍ତିରେ ଦର୍ଶାଯାଇଛି ଯେ ଓଡ଼ିଶା ଅଣଗେଜେଟେଡ୍ ବନସେବା ସଂଘ ପକ୍ଷରୁ ବନରକ୍ଷୀଙ୍କୁ ସହାୟକ ବନପାଳ ଭାବେ ପୁନଃନାମିତ କରିବା ସମ୍ପର୍କରେ ଦାବିପତ୍ର ପ୍ରଦାନ କରାଯାଇଥିଲା। ସଂଘ ନିଜ ଦାବିରେ ଦର୍ଶାଇଥିଲା ଯେ ବନ ବିଭାଗର ବନରକ୍ଷୀମାନେ ସେମାନଙ୍କ ଅଧିକାର କ୍ଷେତ୍ର ମଧ୍ୟରେ ଜଙ୍ଗଲ ଏବଂ ବନାଗ୍ନି ସୁରକ୍ଷା, ବନ୍ୟ ଜୀବ ପରିଚାଳନା, ବିଭିନ୍ନ ପ୍ରକଳ୍ପ କାର୍ଯ୍ୟ ଯଥା ଜାଇକା, କାମ୍ପା, ଏଫ୍‌ଡିଏ, ଏନ୍‌ଆରଜିଏ ଭଳି କାର୍ଯ୍ୟ କରୁଛନ୍ତି। ଏହାସହ ବିଭାଗୀୟ କାର୍ଯ୍ୟ ସମ୍ପାଦନ ସାଙ୍ଗକୁ ଜନସମ୍ପର୍କ, ସ୍ଥାନୀୟ ଜନଜାତି ଏବଂ ବନବାସୀଙ୍କ ସହିତ ଜଡ଼ିତ ରହୁଛନ୍ତି। ଏହାସହ ଭିଏସ୍‌ଏସ୍ ଓ ଇଡିସିମାନଙ୍କ ସହ ଜଡ଼ିତ ହୋଇ ଜଙ୍ଗଲ ଏବଂ ବନ୍ୟପ୍ରାଣୀଙ୍କ ସୁରକ୍ଷା ଦିଗରେ ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ନିର୍ବାହ କରୁଛନ୍ତି। ବନ୍ୟଜନ୍ତୁଙ୍କ ଜୀବନହାନିକୁ ରୋକିବାରେ ସାଧାରଣ ଲୋକଙ୍କୁ ସାମିଲ କରିବାରେ ମଧ୍ୟ ସେମାନେ ପ୍ରମୁଖ ଭୂମିକା ଗ୍ରହଣ କରନ୍ତି ଓ ଜନସଚେତନତା ସୃଷ୍ଟି କରୁଛନ୍ତି। ଉପରୋକ୍ତ କାର୍ଯ୍ୟ ସମ୍ପାଦନ ଦୃଷ୍ଟିରୁ ସେମାନଙ୍କୁ ଆସିଷ୍ଟାଣ୍ଟ ଫରେଷ୍ଟର୍ ଭାବେ ବିବେଚନା କରିବାକୁ ଦାବି କରାଯାଇଥିଲା। ଏନେଇ ସଂଘ ପକ୍ଷରୁ ଗତ ୩୦ ଜୁନ୍‌ରେ ରାଜ୍ୟ ସରକାରଙ୍କ ନିକଟରେ ଦାବିପତ୍ର ମଧ୍ୟ ଦାଖଲ କରିଥିଲେ। ରାଜ୍ୟ ସରକାର ସେମାନଙ୍କ ଦାବିକୁ ଗ୍ରହଣ କରି ଏହା ପୂରଣ କରିଥିବାରୁ ସଂଘ ପକ୍ଷରୁ ରାଜ୍ୟ ସରକାରଙ୍କୁ କୃତଜ୍ଞତା ଜଣାଯାଇଛି।

## କୁମ୍ଭୀର ମୁହଁରୁ ଛଡ଼ାଇ ଆଣିଲେ ଜୀବନ

ରାଜକନିକା, ୧୯।୮ (ସମିସ): କୁମ୍ଭୀର ମୁହଁରୁ ପୁଅର ଜୀବନ ଛଡ଼ାଇ ଆଣିଲେ ବାପା। କେନ୍ଦ୍ରାପଡ଼ା ଜିଲ୍ଲା ରାଜକନିକା ବ୍ଲକ ଜୟନଗର ପଞ୍ଚାୟତ ଖୁଣ୍ଟା ଗ୍ରାମରେ ଆଜି ଏପରି ଏକ ଘଟଣା ଘଟିଛି। ଗ୍ରାମର ରତ୍ନାକର ମଲିକ ଆଜି ନିଜ ଜୀବନକୁ ବାଜି ଲଗାଇ କୁମ୍ଭୀର ସହ ସଂଗ୍ରାମ କରି ପୁଅକୁ ବଞ୍ଚାଇଛନ୍ତି। ପୁଅ ରାକେଶ



ମଲ୍ଲିକ (୧୩)କୁ ଗୁରୁତର ଅବସ୍ଥାରେ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। କୁମ୍ଭୀର ଆକ୍ରମଣରେ ରାକେଶର ବାମ ଜଙ୍ଘ ଓ ଆଣ୍ଠୁତଳ ପେଣ୍ଡାରେ ଗଭୀର କ୍ଷତ ହୋଇଛି।

ସୂଚନାନୁଯାୟୀ, ରାକେଶ ଅଷ୍ଟମ ଶ୍ରେଣୀରେ ପାଠ ପଢ଼େ। ଆଜି ଦିନ ପ୍ରାୟ ସାଢ଼େ ୨ଟା ବେଳେ ସେ ବିଲରେ କାମ କରୁଥିବା ରତ୍ନାକରଙ୍କ ପାଇଁ ଖାଇବା ନେଇ ଯାଇଥିଲା। ବାପା ଖାଇ ସାରିବା ପରେ ରାକେଶ କେଟିଲ୍ ଧୋଇବାକୁ ବ୍ରାହ୍ମଣୀ ନଦୀ ସଂଲଗ୍ନ ଖୁଣ୍ଟା ଘୋରକୁ ଯାଇଥିଲା। ସେଠାରେ କେଟିଲ୍ ଧୋଇବା ବେଳ ହଠାତ୍ ଏକ କୁମ୍ଭୀର ଉପରକୁ ଉଠିଆସି ରାକେଶର ବାମପଟ ଜଙ୍ଘକୁ ଧରି ଘୋଷାଡ଼ି ନେଇଥିଲା। ରାକେଶ ଜୀବନ ବିକଳରେ ପାଖରେ ଥିବା ବେଣାବୁଦାକୁ ଜୋର୍‌ରେ ଜାବୁଡ଼ି ଧରିବା ସହ ବାପାଙ୍କୁ ଡାକ ପକାଇଥିଲା। ଚିତ୍କାର ଶୁଣି ରତ୍ନାକର ସଙ୍ଗେ ସଙ୍ଗେ ଦୌଡ଼ି ଆସିଥିଲେ। ନିଜ ଜୀବନକୁ ଖାତିର୍ ନ କରି ସେ ପାଣି ଭିତରେ ପଶି କୁମ୍ଭୀର ସହ ଲଢ଼େଇ କରି ପୁଅର ଜୀବନ ବଞ୍ଚାଇଥିଲେ। କୁମ୍ଭୀର କାମୁଡ଼ାରେ ରାକେଶର୍କ ବାମ ଜଙ୍ଘ ଓ ଆଣ୍ଠୁତଳ ପେଣ୍ଡାରେ ଗଭୀର କ୍ଷତ ହୋଇଛି। ଗୁରୁତର ରାକେଶକୁ ଗାଁ ଲୋକେ ତୁରନ୍ତ ରାଜକନିକା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଇଥିଲେ। ସେଠାରେ ଡାକ୍ତର ପ୍ରାଥମିକ ଚିକିତ୍ସା କରିବା ପରେ ଅଧିକ ଚିକିତ୍ସା ପାଇଁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରିଥିବା ଜଣାଯାଇଛି।

## ଗାଈ ଜଗୁଆଳିଙ୍କୁ ଟାଣିନେଲା କୁମ୍ଭୀର

କେନ୍ଦ୍ରାପଡ଼ା,୧୯।୮ (ସମିସ): ଗାଈ ଜଗୁଆଳିଙ୍କୁ ଘୋଷାଡ଼ିନେଲା କୁମ୍ଭୀର। କେନ୍ଦ୍ରାପଡ଼ା ଜିଲ୍ଲା ଆଳି ଥାନା ଅନ୍ତର୍ଗତ ମାଣିକପାଟଣା ପଞ୍ଚାୟତରେ ଆଜି ଏପରି ଏକ ଘଟଣା ଘଟିଛି। ମୃତକ ହେଲେ, ମାଣିକପାଟଣା ପଞ୍ଚାୟତ ମାଣିକପାଟଣା ଗ୍ରାମର ପଞ୍ଚାନନ ଦାସ (୬୦)। ଅଗ୍ନିଶମବାହିନୀ ବୋଟ୍ ସାହାଯ୍ୟରେ ୩ଘଣ୍ଟା



ଧରି ଖୋଜାଖୋଜି କରିବା ପରେ ତାଙ୍କ କ୍ଷତବିକ୍ଷତ ମୃତଦେହକୁ ନଦୀରୁ ଉଦ୍ଧାର କରିଛି।

### ନଦୀରୁ ମୃତଦେହ ଉଦ୍ଧାର

ସୂଚନା ମୁତାବକ, ପଞ୍ଚାନନ ଆଜି ବ୍ରାହ୍ମଣୀ ନଦୀର ନଗଡ଼ଘାଟ ନିକଟ ପଠାକୁ ଗାଈ ଚରାଇବାକୁ ଯାଇଥିଲେ। ଗାଈ ଚରାଇବା ପରେ ସେ ଗାଧୋଇବାକୁ ନଦୀ ଭିତରକୁ ପଶିଥିଲେ। ଏହି ସମୟରେ ଏକ କୁମ୍ଭୀର ତାଙ୍କୁ ଘୋଷାଡ଼ି ନେଇଥିଲା। ଏପଟେ, ଦୀର୍ଘ ସମୟ ଧରି ନ ଫେରିବାରୁ ସାଥୀ ଗାଈ ଚରାଳିଙ୍କ ସନ୍ଦେହ ହୋଇଥିଲା। ନଦୀପଠାରେ ପଞ୍ଚାନନଙ୍କ ପନ୍ଧା ଲୁଗା ଥୁଆ ହୋଇଥିବା ଦେଖିବାକୁ ପାଇଥିଲେ। ଗ୍ରାମବାସୀ ନଦୀରେ ଖୋଜାଖୋଜି କରିବା ସହ ଅଗ୍ନିଶମ ବାହିନୀକୁ ଖବର ଦେଇଥିଲେ। ଅଗ୍ନିଶମ ବାହିନୀ କର୍ମଚାରୀ ପହଞ୍ଚି ବୋଟ ସାହାଯ୍ୟରେ ୩ଘଣ୍ଟା ଧରି ଖୋଜାଖୋଜି କରିବା ପରେ ମୃତଦେହ ଉଦ୍ଧାର କରିଥିଲେ। ଏ ଖବର ପ୍ରଚାରିତ ହେବା ପରେ ଅଞ୍ଚଳରେ ଭୟର ବାତାବରଣ ଖେଳିଯାଇଛି।

## ମହିଳାଙ୍କୁ ଗଳାକାଟି ହତ୍ୟା ଓ ଝିଅକୁ ଆକ୍ରମଣ ଘଟଣା
# କର୍ଣ୍ଣାଟକରୁ ଧରାହେଲା ଅଭିଯୁକ୍ତ ପ୍ରେମିକ ଶାନ୍ତନୁ



ବ୍ରହ୍ମପୁର, ୧୯।୮ (ସମିସ): ଶ୍ରୀମାନଗର ଦ୍ୱିତୀୟଲାଇନ୍ ନିବାସୀ ଗାୟତ୍ରୀ ସ୍ୱାଇଁ ହତ୍ୟା ମାମଲାରେ ନିମଖଣ୍ଡି ପୁଲିସ୍ ଆଜି ଅଭିଯୁକ୍ତ ଶାନ୍ତନୁ ପାତ୍ର(୨୯)କୁ କର୍ଣ୍ଣାଟକ କଲବର୍ଗି ଜିଲ୍ଲା ୱାଡ଼ି ରେଳଷ୍ଟେସନ୍‌ରୁ ଗିରଫ କରିଛି। ଶାନ୍ତନୁର ଘର ବାଲେଶ୍ୱର ଖନ୍ତାପଡ଼ା ଅଞ୍ଚଳରେ। ସେ ନକଲି ଆଧାରକାର୍ଡ ଜରିଆରେ ବ୍ରହ୍ମପୁରରେ ସୁନୀଲ ସ୍ୱାଇଁ ନାମରେ ରହି ପରିବା ବ୍ୟବସାୟ କରୁଥିଲା। ଶାନ୍ତନୁ ବିବାହିତ ଓ ପତ୍ନୀଙ୍କ ସହ ଝଗଡ଼ା ପରେ ସେ ଅଲଗା ରହୁଥିଲେ। ୨୦୧୯ରେ ଶାନ୍ତନୁ ନିଜ ସମ୍ପର୍କୀୟ ଦୁଇ ଭଉଣୀଙ୍କୁ ହୋଇଥିବା ଗଣଦୁଷ୍କର୍ମ ଘଟଣାରେ ସମ୍ପୃକ୍ତ ଥିଲା। ଏନେଇ ଖନ୍ତାପଡ଼ା ଥାନାରେ ଅଭିଯୋଗ ପରେ ସେ ଫେରାର୍ ହୋଇଯାଇଥିଲା। କିଛି ଦିନ ମୁମ୍ବାଇରେ ଲୁଚି ରହିବା ପରେ ବ୍ରହ୍ମପୁର ଆସି ପରିବା ବିକିଥିଲା। ଗାୟତ୍ରୀଙ୍କ ସହ ସୁନୀଲର କିଭଳି ପରିଚୟ ହୋଇଥିଲା ଏବଂ କାହିଁକି ସେ ତାଙ୍କୁ ହତ୍ୟା କଲା, ସେ ସଂପର୍କରେ ବ୍ରହ୍ମପୁର ଏସ୍‌ପି ଡାକ୍ତର ସର୍ବଣା ବିବେକ ଏମ୍ ଆଜି ଏକ ସାମ୍ବାଦିକ ସମ୍ମିଳନୀରେ ବିସ୍ତୃତ ସୂଚନା ଦେଇଛନ୍ତି। ଅପରପକ୍ଷେ, ଆସନ୍ତାକାଲି ପୁଲିସ୍ ତାକୁ ସାଥୀରେ ନେଇ କ୍ରାଇମ୍ ସିନ୍ ରିକ୍ରିଏସନ୍ କରାଇବ ବୋଲି ଜଣାଯାଇଛି।

ପୁଲିସ୍ ସୂଚନାନୁସାରେ, ସୁନୀଲ ସ୍ୱାଇଁ ନାଁରେ ଶାନ୍ତନୁ ଫେସବୁକ୍ ଏକ ଆକାଉଣ୍ଟ ଖୋଲିଥିଲା। ସେଥିରେ ଗାୟତ୍ରୀଙ୍କ ସହ ପରିଚୟ ହୋଇଥିଲା। ପରେ କଥାବାର୍ତ୍ତାରୁ ଦୁହିଁଙ୍କ ମଧ୍ୟରେ ପ୍ରେମସଂପର୍କ ଗଢ଼ି ଉଠିଥିଲା। ସେତେବେଳେ ସୁନୀଲ ମୁମ୍ବାଇରେ ଏବଂ ଗାୟତ୍ରୀ ସପରିବାରେ କୋରାପୁଟରେ ରହୁଥିଲେ। ଧୀରେଧୀରେ ଦୁହିଁଙ୍କ ମଧ୍ୟରେ ସଂପର୍କ ଘନିଷ୍ଠ ହେବାରୁ ଉଭୟ କୌଣସି ସ୍ଥାନରେ ସାକ୍ଷାତ କରିବାକୁ ନିଷ୍ପତ୍ତି ନେଇଥିଲେ। ପରେ ଗାୟତ୍ରୀ ନିଜ ଶାଶୂଘର ବ୍ରହ୍ମପୁରସ୍ଥିତ ଗେଟ୍‌ବଜାର ରଘୁପତି ନଗରକୁ ଚାଲି ଆସିଥିଲେ। କିନ୍ତୁ ଶାଶୂଘର ଲୋକଙ୍କ ସହ ଝଗଡ଼ା ହେବାରୁ ଗାୟତ୍ରୀ ବ୍ରହ୍ମପୁରର ରାମଲିଙ୍ଗେଶ୍ୱର ପାର୍କ ନିକଟରେ ଏକ ଭଡ଼ାଘରେ ରହୁଥିଲେ। ସ୍ୱାମୀ ସାଧୁ କାମରେ ଭୁବନେଶ୍ୱର ଚାଲିଗଲା ପରେ ଗାୟତ୍ରୀ ସୁନୀଲକୁ ଭେଟିବାକୁ ବ୍ରହ୍ମପୁର ଡାକୁଥିଲେ। ୨୦୨୩ରେ ଗାୟତ୍ରୀ ବଡ଼ବଜାର ଥାନା ଓମ୍ ନଗରରେ ଅଭିଯୁକ୍ତ ସୁନୀଲର ଏକ ନକଲି ଆଧାରକାର୍ଡ କରି ତିଆରି କରାଇ ଦେଇଥିଲେ। ପରେ ସୁନୀଲ ସାଙ୍ଗରେ ଗାୟତ୍ରୀଙ୍କୁ ନେଇ ମୁମ୍ବାଇ ଫେରାର୍ ହୋଇଯାଇଥିଲା। ଏନେଇ ବଡ଼ବଜାର ଥାନାରେ ଏକ ମାମଲା ରୁଜୁ ହୋଇଥିଲା। କିନ୍ତୁ ୧୦ ଦିନ ପରେ ଗାୟତ୍ରୀ ଘରକୁ

■ ବାଲେଶ୍ୱର ଗଣଦୁଷ୍କର୍ମ ମାମଲାରେ ଫେରାର୍ ଥିଲା
■ ପରିଚୟ ଲୁଚାଇ ବ୍ରହ୍ମପୁରରେ ପରିବା ବିକୁଥିଲା

ଫେରି ଆସିଥିଲେ। ତଥାପି ଗାୟତ୍ରୀ ଓ ଶାନ୍ତନୁଙ୍କ ମଧ୍ୟରେ ସମ୍ପର୍କ ରହିଥିଲା। ରାମଲିଙ୍ଗେଶ୍ୱର ପାର୍କ ନିକଟରେ ରହୁଥିବା ଭଡ଼ାଘର ସ୍ଥାନଟି ଜନଗହଳିପୂର୍ଣ୍ଣ ହୋଇଥିବାରୁ ଗାୟତ୍ରୀଙ୍କ ସହ ଶାନ୍ତନୁ ଭଲ ଭାବେ ମିଶି ପାରୁନଥିଲା। ତେଣୁ ଗାୟତ୍ରୀ ନିମଖଣ୍ଡି ଥାନା ଅନ୍ତର୍ଗତ ଶ୍ରୀମାନଗର ଦ୍ୱିତୀୟ ଲାଇନ୍‌ରେ ଆଉ ଏକ ଭଡ଼ାଘରକୁ ଆସିଥିଲେ। ସେପଟେ ଲୋଚାପଡ଼ା ଧୋବାନାଳ ନିକଟରେ ସୁନୀଲ ଘରଭଡ଼ା ନେଇ ରହୁଥିଲା। ଏପରିକି, ଗାୟତ୍ରୀଙ୍କଠାରୁ ୨୫ହଜାର ଟଙ୍କା ନେଇ ସୁନୀଲ ଲୋଚାପଡ଼ାରେ ଏକ ପରିବା ଦୋକାନ ଆରମ୍ଭ କରିଥିଲା। ତେବେ କିଛି ଦିନ ପରେ କୌଣସି କାରଣରୁ ଉଭୟଙ୍କ ମଧ୍ୟରେ ମନୋମାଳିନ୍ୟ ଘଟିବାରୁ ଗାୟତ୍ରୀ ଆଉ ସୁନୀଲର ଫୋନ୍ କଲ୍ ଉଠାଇନଥିଲେ। ରାକ୍ଷୀ ପୂର୍ଣ୍ଣିମା ସମୟରେ ଗାୟତ୍ରୀ ତାଙ୍କ ଝିଅ ସହିତ ହିଞ୍ଜିଳିକାଟୁ ନିଜ ଭାଇଙ୍କ ଗାଁକୁ ଯାଇଥିଲେ। ଏହି ସମୟରେ ସୁନୀଲ ଫୋନ କରିଥିଲେ ହେଁ ଗାୟତ୍ରୀ ଉତ୍ତର ଦେଇନଥିଲେ। ଧୀରେଧୀରେ ସେ ସୁନୀଲଠାରୁ ଦୂରେଇ ଯିବା ଓ ହାତରେ ରାକ୍ଷୀ ବାନ୍ଧି ଭାଇ କରିବାକୁ କହିବା ପରେ ଶାନ୍ତନୁ ତାଙ୍କୁ ହତ୍ୟା କରିବାକୁ ଯୋଜନା କରିଥିଲା।

ଗତ ୧୦ ତାରିଖ ରାତିରେ ଗାୟତ୍ରୀଙ୍କ ଭଡ଼ା ଘରକୁ ସୁନୀଲ ଯାଇ ଝଗଡ଼ା କରିଥିଲା। ପରେ ତାଙ୍କୁ ଛୁରି ଭୁସି ହତ୍ୟା କରିଥିଲା। ଗାୟତ୍ରୀଙ୍କ ଝିଅ ଏହା ଦେଖି ଦେବାରୁ ତାକୁ ମଧ୍ୟ ସୁନୀଲ ଛୁରିରେ ଆକ୍ରମଣ କରିଥିଲା। ଘଟଣା ପରେ ରାତି ପ୍ରାୟ ୧୨ଟାରେ ସେ ଗାୟତ୍ରୀଙ୍କ ଘରୁ ବାହାରି ନିଜ ଭଡ଼ା ଘରକୁ ଯାଇଥିବା ପୁଲିସ ସିସିଟିଭି ଫୁଟେଜରୁ ସ୍ପଷ୍ଟ କରିଥିଲା। ସେଠାରୁ ବ୍ରହ୍ମପୁର ଷ୍ଟେସନ ଦେଇ ସୁନୀଲ କର୍ଣ୍ଣାଟକ ଫେରାର ହୋଇଯାଇଥିଲା। ପୁଲିସ ଅଭିଯୁକ୍ତକୁ କର୍ଣ୍ଣାଟକସ୍ଥିତ କୋର୍ଟରେ ହାଜର କରି ଟ୍ରାଞ୍ଜିଟ ରିମାଣ୍ଡରେ ଆଣି ବ୍ରହ୍ମପୁର କୋର୍ଟରେ ହାଜର କରିଛି। ଏଠାରେ ପୁଲିସ ଅଭିଯୁକ୍ତକୁ ୩ ଦିନ ରିମାଣ୍ଡରେ ନେଇ ଆହୁରି ଅଧିକ ତଥ୍ୟ ହାସଲ କରିବ ବୋଲି ଆଶା ରଖିଛି। ଅଭିଯୁକ୍ତକୁ ଧରିବାକୁ ନିମଖଣ୍ଡି ଥାନା ଅଧିକାରୀ କୃଷ୍ଣ ଶାହାଙ୍କ ନେତୃତ୍ୱରେ ଏସ୍‌ଆଇ ଜ୍ଞାନ ବେହେରା ଓ ଅନ୍ୟ ଥାନା କର୍ମଚାରୀମାନେ ମୁମ୍ବାଇ, ଆନ୍ଧ୍ର ଓ କର୍ଣ୍ଣାଟକ ଯାଇଥିବା ଏସ୍‌ପି ସୂଚନା ଦେଇଛନ୍ତି।

ସକାଳ THE SAKALA



www.sakalaepaper.com

## କୃଷି ବିଶ୍ୱବିଦ୍ୟାଳୟ ପ୍ରସଙ୍ଗରେ ତେଜିଲା ରାଜନୀତି

# ମୁଖ୍ୟମନ୍ତ୍ରୀଙ୍କୁ ଚିଠି ଲେଖି ଅସନ୍ତୋଷ ଜାହିରକଲେ କଳିକେଶ




ବଲାଙ୍ଗିର,୧୯।୮ (ସମିସ): କେବିକେ ଅଞ୍ଚଳରେ ରାଜ୍ୟର ଦ୍ୱିତୀୟ କୃଷି ବିଶ୍ୱବିଦ୍ୟାଳୟ ସ୍ଥାପନ କରିବାକୁ ତତକାଳୀନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସରକାର ଘୋଷଣା କରିଥିଲେ। ଗତ ୧୦ବର୍ଷ ହେଲା ଏ ନେଇ ବଲାଙ୍ଗିରରେ ଏହା ସ୍ଥାପନ କରାଯିବାକୁ ଦାବି ହୋଇ ଆସୁଛି; କିନ୍ତୁ ଏ ପର୍ଯ୍ୟନ୍ତ କୃଷିବିଶ୍ୱବିଦ୍ୟାଳୟ ସ୍ଥାପନ ନେଇ ରାଜ୍ୟ ସରକାର କୌଣସି ପଦକ୍ଷେପ ନେଇ ନାହାନ୍ତି। ବିଭିନ୍ନ ସମୟରେ ବଲାଙ୍ଗିରରେ ଏନେଇ ଜନ ଆନ୍ଦୋଳନ ହୋଇଛି; କିନ୍ତୁ ସରକାର ନୀରବ ରହିଛନ୍ତି। ସେପଟେ ସମ୍ବଲପୁରରେ କେନ୍ଦ୍ରୀୟ କୃଷି ବିଶ୍ୱବିଦ୍ୟାଳୟ ସ୍ଥାପନ ନେଇ ଭୁବନେଶ୍ୱର ଲୋକସେବା ଭବନରେ ଏକ ବୈଠକ କରାଯାଇଥିବା ନେଇ ଉପମୁଖ୍ୟମନ୍ତ୍ରୀ ତଥା ରାଜ୍ୟ କୃଷି କୃଷକ ଓ ଶକ୍ତିମନ୍ତ୍ରୀ କନକବର୍ଦ୍ଧନ ସିଂଦେଓ ଟ୍ୱିଟ୍ କରିବା ପରେ ବଲାଙ୍ଗିରରେ ଏହାକୁ ନେଇ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ବଲାଙ୍ଗିର ବିଧାୟକ କଳିକେଶ ନାରାୟଣ ସିଂଦେଓ ପ୍ରତିକ୍ରିୟା ପ୍ରକାଶ କରି ରାଜ୍ୟ ସରକାରଙ୍କ ଆଭିମୁଖ୍ୟକୁ ପ୍ରତିବାଦ କରି ମୁଖ୍ୟମନ୍ତ୍ରୀ ମୋହନଚରଣ ମାଝୀଙ୍କୁ ଏକ ଚିଠି ଲେଖିଛନ୍ତି। କଳିକେଶ ଚିଠିରେ ଉଲ୍ଲେଖ କରିଛନ୍ତି ଯେ, ବଲାଙ୍ଗିରରେ ଦୀର୍ଘବର୍ଷ ହେଲା କୃଷି ବିଶ୍ୱବିଦ୍ୟାଳୟ ସ୍ଥାପନ ପାଇଁ ଦାବି ହେଉଛି; କିନ୍ତୁ ଏହାକୁ ଅଣଦେଖା କରାଯାଇ କେବିକେ ଅଞ୍ଚଳ ବଦଳରେ ସମ୍ବଲପୁରରେ କେନ୍ଦ୍ରୀୟ କୃଷି ବିଶ୍ୱବିଦ୍ୟାଳୟ ସ୍ଥାପନ ପାଇଁ ପ୍ରସ୍ତାବ କରାଯାଉଛି। ଏହା ବଲାଙ୍ଗିର ଲୋକଙ୍କ ଭାବନାକୁ ଆଘାତ ଦେଇଛି। ମରୁଡି, ଦାଦନପ୍ରବଣ ତଥା କୃଷିଉପରେ ନିର୍ଭର କରୁଥିବା ବଲାଙ୍ଗିର ଜିଲ୍ଲାରେ କୃଷି ବିଶ୍ୱବିଦ୍ୟାଳୟ ସ୍ଥାପନ ହେଲେ ଗବେଷଣାର ଅନେକ ସମ୍ଭାବନା ରହିଛି। ଏହା ଏହି ଅଞ୍ଚଳରେ ଅନେକ ସମସ୍ୟାର ସାମାଧାନ କରିପାରିବ। କୃଷି ଗବେଷଣା ପାଇଁ ଏଠାରେ ଉପଯୁକ୍ତ ଭିତ୍ତିଭୂମି ଥିବା ବେଳେ ରାଜ୍ୟସରକାରଙ୍କ ଆନ୍ତରିକତାର ଅଭାବରୁ ତାହା ହୋଇପାରୁନି। ବଲାଙ୍ଗିରର ଦାବିକୁ ଅଣଦେଖା କରାଯାଇଥିବାରୁ ଏଥିରେ କଳିକେଶ ଗଭୀର ଭାବରେ ଉଦ୍‌ବେଗ ପ୍ରକାଶ କରି ମୁଖ୍ୟମନ୍ତ୍ରୀ ତୁରନ୍ତ ଏନେଇ ପଦକ୍ଷେପ ନେଇ କେନ୍ଦ୍ରସରକାରଙ୍କ ସହ କଥା ହୋଇ ବଲାଙ୍ଗିରରେ ହିଁ କୃଷି ବିଶ୍ୱବିଦ୍ୟାଳୟ କରିବାକୁ ପ୍ରସ୍ତାବ ପଠାଇବାକୁ ଚିଠି ଲେଖିଛନ୍ତି। ଉପମୁଖ୍ୟମନ୍ତ୍ରୀ ତଥା କୃଷିମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓଙ୍କୁ ମଧ୍ୟ ଏହି ଚିଠିର ନକଲ ପଠାଇଛନ୍ତି।

# ପଶ୍ଚିମ ଓଡ଼ିଶାରେ କେନ୍ଦ୍ରୀୟ କୃଷି ବିଶ୍ୱବିଦ୍ୟାଳୟ ସ୍ଥାପନ ଗୌରବର ବିଷୟ



ବଲାଙ୍ଗିର,୧୯।୮ (ସମିସ): ବଲାଙ୍ଗିର ଜିଲ୍ଲାରେ କୃଷି ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା କରିବା ପାଇଁ ଦୀର୍ଘ ବର୍ଷ ହେଲା ଦାବି ହୋଇ ଆସୁଛି। ଏମିତିରେ କେନ୍ଦ୍ରୀୟ କୃଷି ବିଶ୍ୱବିଦ୍ୟାଳୟ ସମ୍ବଲପୁରରେ ପ୍ରତିଷ୍ଠା ହେବାକୁ ଥିବା ବେଳେ ସରକାରଙ୍କ ଏହିଭଳି ନିଷ୍ପତ୍ତିକୁ ନେଇ ଜିଲ୍ଲାରେ ପ୍ରତିକ୍ରତୟା ପ୍ରକାଶ ପାଇଥିଲା। ପୂର୍ବରୁ ପାଟଣାଗଡ ବିଧାୟକ ତଥା ରାଜ୍ୟ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ନିଜେ କୃଷି ବିଶ୍ୱବିଦ୍ୟାଳୟ ପାଇଁ ରାଜ୍ୟ ସରକାରଙ୍କ ପାଖରେ ଦାବି ରଖିଆସୁଥିବା ବେଳେ ବର୍ତ୍ତମାନର ସ୍ୱାସ୍ଥ୍ୟମନ୍ତ୍ରୀ ମୁକେଶ ମହାଲିଙ୍ଗ ମଧ୍ୟ ପୂର୍ବରୁ ଏହି ଦାବିକୁ ଦୋହାରାଇ ଆସୁଥିଲେ; କିନ୍ତୁ ରାଜ୍ୟରେ ବିଜେପି ସରକାର ଗଠନ ହେବା ପରେ ଏଦିଗରେ କୌଣସି ପଦକ୍ଷେପ କିମ୍ବା ଆଲୋଚନା କରାଯାଉ ନ ଥିବା ବେଳେ ସମ୍ବଲପୁରରେ କେନ୍ଦ୍ରୀୟ କୃଷି ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା ରୂପରେଖ ପ୍ରସ୍ତୁତ ହୋଇଛି। ଯାହାକୁ ଏବେ ଜିଲ୍ଲାରେ ବିରୋଧୀ ନେତା ପ୍ରସଙ୍ଗ କରି ସରକାରୀ ଦଳର ବିଧାୟକମାନଙ୍କୁ ପ୍ରଶ୍ନ କରିବା ଆରମ୍ଭ କରିଛନ୍ତି। ତେବେ ଏହାକୁ ନେଇ ଜିଲ୍ଲା ବିଜେପି ପକ୍ଷରୁ ମଙ୍ଗଳବାର ଏକ ସାମ୍ବାଦିକ ସମ୍ମିଳନୀର ଆୟୋଜନ କରାଯାଇଥିଲା। ଏଥିରେ ଜିଲ୍ଲା ସଭାପତି ଶ୍ରୀବସ୍ତ ବେହେରା ପଶ୍ଚିମ ଓଡିଶାରେ କେନ୍ଦ୍ରୀୟ କୃଷି ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା ହେବା ଗୌରବର ବିଷୟ ଓ ସ୍ୱାଗତ ଯୋଗ୍ୟ ପଦକ୍ଷେପ ବୋଲି କହିଥିଲେ। ତେବେ ଏହା କେନ୍ଦ୍ର ସରକାରଙ୍କ ନିଷ୍ପତ୍ତି ଆଗକୁ ବଲାଙ୍ଗିରରେ ମଧ୍ୟ କିଭଳି କୃଷି ମହାବିଦ୍ୟାଳୟ ସ୍ଥାପନ କରାଯାଇପାରିବ ସେ ନେଇ ଉପମୁଖ୍ୟମନ୍ତ୍ରୀ ପ୍ରୟାସ ଚଳା।ଇଥିବା ବେଳେ ଜିଲ୍ଲା ବିଜେପି ପକ୍ଷରୁ ମଧ୍ୟ ଉଦ୍ୟମ କରାଯିବ ବୋଲି ସେ କହିଥିଲେ। ଏହା ସହ ଜିଲ୍ଲାର ବିକାଶ ପାଇଁ ଯାହାକିଛି ଆବଶ୍ୟକତା ରହିଛି ସେଥିପାଇଁ ଜିଲ୍ଲା ବିଜେପି ପ୍ରୟାସ କରିବ ବୋଲି ଗୋପାଳଜୀ ପାଣିଗ୍ରାହୀ କହିଥିଲେ। ଏହି ସାମ୍ବାଦିକ ସମ୍ମିଳନୀରେ ଦୀନେଶ ଶର୍ମା, ରଞ୍ଜିତା ପାଣିଗ୍ରାହୀ ଓ ଅମରଜୀତ ପଟେଲ ପ୍ରମୁଖ ଉପସ୍ଥିତ ରହିଥିଲେ।

# ବଲାଙ୍ଗିରର ଦାବି ସମ୍ବଲପୁରକୁ ଟେକିଦେବା ଦୁର୍ଭାଗ୍ୟଜନକ



ବଲାଙ୍ଗିର,୧୯।୮ (ସମିସ): ଉପ-ମୁଖ୍ୟମନ୍ତ୍ରୀ ତଥା କୃଷିମନ୍ତ୍ରୀ ସମ୍ବଲପୁରରେ ଦ୍ୱିତୀୟ କୃଷି ବିଶ୍ୱ ବିଦ୍ୟାଳୟ ସ୍ଥାପନ ହେବା ଏକ ଯୋଜନା କରାଯାଉଥିବା ନେଇ ସାମାଜିକ ଗଣମାଧ୍ୟମ 'ଏକ୍ସ'ରେ ପୋଷ୍ଟ କରିଛନ୍ତି। ଏହାକୁ ନେଇ ପୂର୍ବତନ ମନ୍ତ୍ରୀ ତଥା ବଲାଙ୍ଗିର ପୂର୍ବତନ ବିଧାୟକ ନରସିଂହ ମିଶ୍ର ଏକ ପ୍ରେସ ବିବୃତ୍ତି ମାଧ୍ୟମରେ ନିଜସ୍ୱ ପ୍ରତିକ୍ରିୟା ରଖିଛନ୍ତି। ସେ କହିଛନ୍ତି ଯେ ବଲାଙ୍ଗିରର ଦୀର୍ଘ ଦିନର ଦାବିକୁ ବିଜେପି ସରକାର ସମ୍ବଲପୁର ହାତକୁ ଟେକି ଦେଉଥିବା ଦୁର୍ଭାଗ୍ୟଜନକ ଓ ନିନ୍ଦନୀୟ। ବିଜେପି ସରକାର ବିରୋଧୀରେ ଥିଲା ବେଳେ ଭିନ୍ନ ଭୂମିକା ଗ୍ରହଣ କରୁଛି। ସରକାରକୁ ଆସିଲେ ଭିନ୍ନ ମୁଖା ପ୍ରଦର୍ଶନ କରୁଛି। ୨୦୧୪ ମସିହାରେ ତତ୍‌କାଳୀନ ରାଜ୍ୟପାଳ ବିଧାନସଭାକୁ ସମ୍ବୋଧନ କଲାବେଳେ କେବିକେ ଅଞ୍ଚଳରେ ଦ୍ୱିତୀୟ କୃଷି ବିଶ୍ୱ ବିଦ୍ୟାଳୟ ସ୍ଥାପନ କରାଯିବା ନେଇ ଘୋଷଣା କରିଥିଲେ। ଯାହା ତତ୍‌କାଳୀନ ସରକାରଙ୍କ ପ୍ରସ୍ତାବ ବୋଲି ଗ୍ରହଣ କରାଯାଏ। ସେ ସମୟରେ ତତ୍‌କାଳୀନ ବିଜେପି ବିଧାୟକମାନେ ଏହାକୁ ବିରୋଧ କରିବା ପରିବର୍ତ୍ତେ ଏହାକୁ ସମର୍ଥନ ଜଣାଇଥିଲେ। ତା ଛଡା ତତ୍‌କାଳୀନ କୃଷି ମନ୍ତ୍ରୀଙ୍କ ସମ୍ବଲପୁରରେ ହୋଇଥିବା ଏକ ସଭାରେ କୃଷି ବିଶ୍ୱ ବିଦ୍ୟାଳୟ ବଲାଙ୍ଗିରରେ ସ୍ଥାପନ କରିବା ପାଇଁ ପ୍ରସ୍ତାବ ଦେଇଥିଲି; ଯାହାକୁ କୃଷି ମନ୍ତ୍ରୀ ସ୍ୱୀକାର କରିବା ସହ ପ୍ରସ୍ତାବକୁ ବିଧାନସଭାରେ ଉପସ୍ଥାପନ ପାଇଁ ପରାମର୍ଶ ଦେଇଥିଲେ। ଏହା ପରେ ମୁଁ ବାରମ୍ବାର ବିଧାନସଭାରେ ବଲାଙ୍ଗିରରେ କୃଷି ବିଶ୍ୱ ବିଦ୍ୟାଳୟ ସ୍ଥାପନ ପାଇଁ ଦାବି ରଖିଥିଲି। ତେବେ ପୂର୍ବରୁ କେବିକେରେ କୃଷି ବିଶ୍ୱ ବିଦ୍ୟାଳୟ ସ୍ଥାପନ ହେବାକୁ ସମର୍ଥନ ଜଣାଇଥିବା ବିଜେପି ଏହାକୁ ସମ୍ବଲପୁରକୁ ଟାଣି ନେଇ ନିଜର ଦୋମୁହାଁ ଚେହେରା ସର୍ବସମ୍ମୁଖରେ ରଖିଛି। ବଲାଙ୍ଗିରରେ କୃଷି ବିଶ୍ୱ ବିଦ୍ୟାଳୟ ସ୍ଥାପନ ପାଇଁ ଆମର ଦୃଢ ଦାବି ଜାରି ରହିଛି। ବଲାଙ୍ଗିରରେ ବିଶ୍ୱ ବିଦ୍ୟାଳୟ ସ୍ଥାପନ ପାଇଁ ଯଥେଷ୍ଟ ସୁବିଧା ମଧ୍ୟ ରହିଛି। ଯଦି ଏହି ପ୍ରକଳ୍ପକୁ ବଲାଙ୍ଗିରରୁ ଅନ୍ୟତ୍ର ସ୍ଥାନାନ୍ତରିତ କରାଯାଏ ତେବେ ଲୋକେ ଏହାର ଜୋରଦାର ବିରୋଧ କରିବେ ବୋଲି ଶ୍ରୀ ମିଶ୍ର ଚେତାଇ ଦେଇଛନ୍ତି।

## ଚାଷ ପାଇଁ ଚିନ୍ତାରେ ଚାଷୀ

# ବର୍ଷା ଅଭାବରୁ ଜମି ଫାଟି ଆଁ କଲାଣି

ବଲାଙ୍ଗିର,୧୯।୮ (ସମିସ)



● କାମକୁ ଆସୁନି ବିକଳ୍ପ ଜଳସେଚନ ବ୍ୟବସ୍ଥା

● ଜୁନ, ଜୁଲାଇ ଓ ଅଗଷ୍ଟରେ ସ୍ୱାଭାବିକଠାରୁ କମ୍ ବର୍ଷା

ବଲାଙ୍ଗିର ଜିଲ୍ଲାରେ ଚାଷୀଙ୍କୁ ମରୁଡି ଭୟ ଘାରିଲାଣି। ସ୍ୱଳ୍ପ ବୃଷ୍ଟିପାତ ଯୋଗୁଁ ଚାଷ ଜମିରେ ପାଣି ମାଡିପାରିନାହିଁ। ନଦୀଗୁଡିକ ଶୁଖିବାକୁ ବସିଥିବା ବେଳେ ଆଉ ବର୍ଷାର ମଧ୍ୟ ସମ୍ଭାବନା ନାହିଁ। ଆଷାଢ, ଶ୍ରାବଣରେ ଯେଉଁ ପରିମାଣର ବର୍ଷା ହେବା କଥା ତାହା ହୋଇ ନ ଥିବା ବେଳେ ଆଗକୁ ଚଳିତ ଖରିଫରେ ଭଲ ଧାନ ଚାଷ ହେବା ନେଇ ଏବେ ପ୍ରଶ୍ନ ଉଠିଛି। ଶ୍ରାବଣ ବର୍ଷାରେ ଚାଷୀମାନେ ରୁଆ ବେଉଷଣ କାମ ଆରମ୍ଭ କରିଥିଲେ; କିନ୍ତୁ ଏବେ ବର୍ଷାଭାବ ଯୋଗୁଁ ଜମି ଫାଟି ଆଁ କରିଛି। ଜମିରେ ପଡିଥିବା ପଲହା ତକ ବି ନଷ୍ଟ ହେବାକୁ ବସିଛି। ଆଗକୁ ନୂଆଖାଇ ଥିବା ବେଳେ ଖୁସି ମନାଇବା ବଦଳରେ ଏବେ ଚାଷୀ ମୁଣ୍ଡରେ ହାତ ମାରି ବସିଛି। ତେବେ ଆଗକୁ ବର୍ଷା ନ ହେଲେ ଚଳିତ ବର୍ଷ ପୁଣି ବଲାଙ୍ଗିର ଜିଲ୍ଲା ଏକ ବଡ ଧରଣର ମରୁଡିର ସାମ୍ନା କରିବ ବୋଲି ଆକଳନ କରାଯାଇଛି।

ବଲାଙ୍ଗିର ଜିଲ୍ଲାରେ ଖରିଫ ସମୟରେ ମୁଖ୍ୟତଃ ଧାନଚାଷ କରାଯାଇଥାଏ। ଯଦିଓ ଅଧିକ ପରିମାଣର ଧାନ ଚାଷ କରାଯାଇଥାଏ; କିନ୍ତୁ ତାହା ଜୁଆ ଖେଳ ସହ ସମାନ ହୋଇଥାଏ। କେଉଁବର୍ଷ ଅଧିକ ବର୍ଷା ଯୋଗୁ ଚାଷୀ କ୍ଷତିଗ୍ରସ୍ତ ହୋଇଥାଏ ତ ପୁଣି କେଉଁ ବର୍ଷ ବର୍ଷାଭାବ ଯୋଗୁଁ ଫସଲ ନଷ୍ଟ ହୋଇ ବଲାଙ୍ଗିର ଜିଲ୍ଲାର ଚାଷୀ ମରୁଡିର ସାମ୍ନା କରିଥାନ୍ତି। ଆବଶ୍ୟକ ପରିମାଣର ଜଳସେଚନ ବ୍ୟବସ୍ଥା ନ ଥିବାରୁ ବିଶେଷ କରି ଖରିଫ ଧାନ ଚାଷ ବର୍ଷା ଉପରେ ହିଁ ଚାଷୀ ନିର୍ଭର କରିଥାଏ। ଗତ ଖରିଫରେ ବଲାଙ୍ଗିର ଜିଲ୍ଲାରେ ଆଶାତୀତ ଧାନ ଅମଳ ହୋଇଥିଲା; କିନ୍ତୁ ଚଳିତ ବର୍ଷ ଚାଷୀ ମରୁଡିର ସାମ୍ନା କରିବାକୁ ପ୍ରସ୍ତୁତ ହେଉଥିବା ଦେଖିବାକୁ ମିଳିଛି। ଆଶାନୁରୂପ ବର୍ଷାଭାବ ଯୋଗୁଁ ବଲାଙ୍ଗିର ଜିଲ୍ଲାରେ ଜମି ଫାଟି ଆଁ କରିବାକୁ ବସିଲାଣି।

ଜିଲ୍ଲାରେ ଖରିଫ ସମୟରେ ପ୍ରାୟ ୧ ଲକ୍ଷ ୮୦ ହଜାର ହେକ୍ଟର ଜମିରେ ଧାନ ଚାଷ କରାଯାଇଥାଏ। ସମୁଦାୟ ୩ ଲକ୍ଷ ୪୫ ହଜାର ୪୭୫ ହେକ୍ଟର ଚାଷ ଉପଯୋଗୀ ଜମି ରହିଛି। ତେବେ ଜଳସେଚନ ଅଭାବ ଯୋଗୁଁ ମାତ୍ର ଲକ୍ଷେ ୮୦ ହେକ୍ଟର ଜମିରେ ଧାନଚାଷ କରାଯାଇଥାଏ। ବିଭାଗୀୟ ତଥ୍ୟ ଅନୁସାରେ ଜିଲ୍ଲାରେ ବୃହତ୍ତ, ମଧ୍ୟମ, କ୍ଷୁଦ୍ର ଜଳସେଚନ, ବୃହତ୍ତ ଓ କ୍ଷଦ୍ର ଉଠା ଜଳସେଚନ, ନଦୀ ଉଠା ଜଳସେଚନ, ଡଗ୍‌ୱେଲ୍ ଜରିଆରେ ମାତ୍ର ୧ ଲକ୍ଷ ୨ହଜାର ୧୭୧ ହେକ୍ଟର ଜମିରେ ଜଳସେଚନ କରାଯାଉଥିବା ସୂଚନା ରହିଛି। କିନ୍ତୁ ବାସ୍ତବିକ ଚିତ୍ର ଭିନ୍ନ ରହିଛି। ଅନେକ ଡଗୱେଲ, ଉଠାଜଳସେଚନ, କ୍ଷୁଦ୍ର ଜଳସେଚନ ପ୍ରକଳ୍ପ ଠିକ୍ ଭାବେ ଚାଷୀଙ୍କ କାମରେ ଆସୁ ନ ଥିବା ପୂର୍ବରୁ ଅଭିଯୋଗ ହୋଇଆସୁଛି। କେଉଁଠି ବିଦ୍ୟୁତ୍ ସମସ୍ୟା ରହିଛି ତ କେଉଁଠି ପୁନରୁଦ୍ଧାରର ଆବଶ୍ୟକତା ରହିଛି। ଏହାଫଳରେ ବଲାଙ୍ଗିର ଜିଲ୍ଲାରେ ଖରିଫ ସମୟରେ ଧାନଚାଷର ଭାଗ୍ୟ ବର୍ଷା ହିଁ ନିର୍ଭର କରିଥାଏ। ତେବେ ଚଳିତ ବର୍ଷ ଜିଲ୍ଲାକୁ ବର୍ଷା ଧୋକା ଦେଇଥିବା ବେଳେ ଆଗକୁ ଭଲ ଧାନ ଫସଲ ହେବା ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

ବଲାଙ୍ଗିର ଜିଲ୍ଲା ପାଇଁ ଜୁନ୍ ମାସରେ ୧୮୩.୨ ମିମି ସ୍ୱାଭାବିକ ବର୍ଷା ହୋଇଥିବା ବେଳେ ମାତ୍ର ୧୫୭.୩୯ ମିମି ବର୍ଷା ରେକର୍ଡ କରାଯାଇଥିଲା। ସେହିପରି ଜୁଲାଇ ମାସର ବର୍ଷା ଚାଷ କାମ ପାଇଁ ବେଶଖ ସହାୟକ ହୋଇଥାଏ। ଏହି ମାସରେ ସ୍ୱାଭାବିକ ବର୍ଷା ପରିମାଣ ୩୬୨.୧ ମିମି ହୋଇଥିବା ବେଳେ ୩୧୧.୧୮ ମିମି ବର୍ଷା ରେକର୍ଡ କରାଯାଇଛି। ଅଗଷ୍ଟରେ ସ୍ୱାଭାବିକ ବର୍ଷା ପରିମାଣ ୩୬୨ ମିମି ହୋଇଥିବା ବେଳେ ୨୦ ଦିନରେ ମାତ୍ର ୧୬.୩୭ ମିମି ବର୍ଷା ରେକର୍ଡ କରାଯାଇଛି। ତେବେ ଏହିଠାରୁ ହିଁ ଅନୁମାନ କରାଯାଇପାରେ ଜିଲ୍ଲାରେ ବର୍ଷାର ସ୍ଥିତି ଓ ଆଗାମୀ ଦିନରେ ଧାନଚାଷର ପରିସ୍ଥିତି। ଗୋଟିଏ ପଟେ ବର୍ଷାଭାବ ଯୋଗୁଁ ମି ଫାଟି ଆଁ କରିବାକୁ ବସିଥିବା ବେଳେ ଫସଲ ବଞ୍ଚାଇବା ପାଇଁ ବିକଳ୍ପ ବ୍ୟବସ୍ଥା ମଧ୍ୟ ନାହିଁ। ଜିଲ୍ଲା ଦେଇ ଯାଇଥିବା ନଦୀ ପ୍ରାୟତଃ ଶୁଖିବାକୁ ବସିଛି। ଫଳରେ ନଦୀରୁ ହେଉଥିବା ଜଳସେଚନ ବ୍ୟବସ୍ଥାଗୁଡିକ ମଧ୍ୟ ଫେଲ୍ ମାରିଛି। ଏମିତିରେ ଜିଲ୍ଲାରେ ଆଗକୁ ମରୁଡି ପରିସ୍ଥିତିରେ ଦେଖାଦେବାର ଯଥେଷ୍ଟ ସମ୍ଭାବନା ପ୍ରକାଶ ପାଇଛି। ଏହିଭଳି ସ୍ଥିତିକୁ ଦୃଷ୍ଟିରେ ରଖି ସରକାର ବିକଳ୍ପ ବ୍ୟବସ୍ଥା କରିବା ଦିଗରେ ପଦକ୍ଷେପ ଗ୍ରହଣ କରିବାକୁ ଦାବି ହୋଇଛି।

## ଗୋମାଂସ ବିକ୍ରି ସନ୍ଦେହରେ ରାସ୍ତାରୋକ

ବଲାଙ୍ଗିର,୧୯।୮ (ସମିସ): ବଲାଙ୍ଗିର ପ୍ୟାଲସ ଲାଇନ୍‌ରେ ଥିବା ରାଧାକୃଷ୍ଣ ମନ୍ଦିର ସମ୍ମୁଖରେ ଏକ ବାଛୁରୀର ମୁଣ୍ଡ, ଗୋଡ ଓ ଚମଡା ପଡିଥିବା ଦେଖିବାକୁ ମିଳିଥିଲା। ଉକ୍ତ ସ୍ଥାନରେ ଥିବା ଏକ ଫାଷ୍ଟଫୁଡ ଦୋକାନକୁ ଲାଗି ଏହା ପଡିଥିବା ବେଳେ ଏହାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଅସନ୍ତୋଷ ପ୍ରକାଶ ପାଇଥିଲା। ଏନେଇ ଖବର ପାଇବା ପରେ ଗୋ-ପ୍ରେମୀ ଓ ହିନ୍ଦୁ ସଂଗଠନର କର୍ମକର୍ତ୍ତା ଘଟଣାସ୍ଥଳରେ ରୁଣ୍ଡ ହୋଇଥିଲେ। ଏହି ଅଞ୍ଚଳରେ ଗୋ-ମାଂସ ବିକ୍ରି ହେଉଥିବା ସନ୍ଦେହ କରିବା ସହ ଦୃଢ କାର୍ଯ୍ୟାନୁଷ୍ଠାନ ଦାବିରେ ରାସ୍ତା ଅବରୋଧ କରିଥିଲେ।

## ନୂଆଁଖାଇ ପାଇଁ ୩ ଦିନ ସରକାରୀ ଛୁଟି ଘୋଷଣା ଦାବି

ବଲାଙ୍ଗିର,୧୯।୮ (ସମିସ): ବଲାଙ୍ଗିର ଜିଲ୍ଲାର ସମସ୍ତ ସାମାଜିକ ଅନୁଷ୍ଠାନଗୁଡ଼ିକ ନୂଆଁଖାଇ ଛୁଟି ୩ ଦିନ କରିବା ପାଇଁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ବଲାଙ୍ଗିର ଜିଲ୍ଲାପାଳଙ୍କ ଜରିଆରେ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ପଶ୍ଚିମ ଓଡିଶାର ଗଣପର୍ବ ନୂଆଁଖାଇକୁ ଆଖି ଆଗରେ ରଖି ୩ ଦିନ ଛୁଟି ପ୍ରଦାନ କରିବା ଲାଗି ଦାବିପତ୍ରରେ ଦର୍ଶା ଯାଇଛି। ବିଭିନ୍ନ ଅଞ୍ଚଳରେ ବସବାସ କରୁଥିବା ବା .କିରି କରୁଥିବା ଲୋକ ଗୋଟିଏ ଦିନ ଛୁଟି ଦେଲେ କେହି ଘରକୁ ଆସି ନିଜ ପରିବାର ସହ ନବାନ୍ନ ଖାଇବାରେ ଅନେକ ଅସୁବିଧା ହେଉଛି। ଏହି ୩ ଦିନ ପର୍ଯ୍ୟନ୍ତ ନୂଆଁଖାଇର ପ୍ରଭାବ ଅଞ୍ଚଳରେ ଥାଏ। ସେଥିପାଇଁ ଛାତ୍ରଛାତ୍ରୀ ସ୍କୁଲ କଲେଜ ମଧ୍ୟ ଯାଆନ୍ତି ନାହିଁ। ତେଣୁ ଏହି ୩ ଦିନ ଛୁଟି ଘୋଷଣା କରି ପଶ୍ଚିମ ଓଡିଶାବାସୀଙ୍କୁ ସାଂସ୍କୃତିକ ଓ ଐତିହ୍ୟକୁ ସମ୍ମାନ ଦେଇ ଓଡିଶାର ଅସ୍ମିତାକୁ ବଞ୍ଚାଇବାକୁ ଦାବି କରାଯାଇଛି। ଯଦି ଦାବି ପୂରଣ ନ ହୁଏ ରାସ୍ତାକୁ ଓହ୍ଲାଇବେ ବୋଲି ବିନୋଦ କାଲସାଏ, ଥବିର କର୍ମୀ, ଗୋବିନ୍ଦ ଶତପଥୀ, ବିକାଶ ସା, ପ୍ରଦୀପ ଜୁଏଡ, ରାମ ଶଙ୍କର ଶତପଥୀ, ସତ୍ୟ ହୋତା, ରବୀନ୍ଦ୍ର ପ୍ରଧାନ, କନ୍ଦର୍ପ ରଣା, ସୁରେଶ କମ୍ପ, ଦେବରାଜ ନାଗ, କାହ୍ନା ଶତପଥୀ, ସୁବ୍ରତ ନିଆଲ, ରାଜେଶ ସାହୁ, ରମାକାନ୍ତ ମେଶ୍ରା ପ୍ରମୁଖ ଚେତାବନୀ ଦେଇଛନ୍ତି।

## ଗନ୍ଧମାର୍ଦ୍ଦନ ବଞ୍ଚାଅ ଆନ୍ଦୋଳନର ଉତ୍ସବ

ଖପ୍ରାଖୋଲ,୧୯।୮ (ସମିସ): ବଲାଙ୍ଗିର ଜିଲ୍ଲା ଖପ୍ରାଖୋଲ ବ୍ଲକ୍ ତେଲେନପାଲି ଗ୍ରାମର ହାଟପଦାରେ ଗନ୍ଧମାର୍ଦ୍ଦନ ସୁରକ୍ଷା ଆନ୍ଦୋଳନର ୪୪ତମ ଉତ୍ସବ ସମାରୋହ ପାଳିତ ହୋଇଯାଇଛି। ଏହି ଅବସରରେ ମୁଖ୍ୟ ଅତିଥି ଭାବେ ଲିଙ୍ଗରାଜ ଆଜାଦ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଟଙ୍କଧର ସାହୁ, କ୍ଷେତ୍ରି ଲୁହାର, ଆବାହକ ଶଶିକାନ୍ତ ଧରୁଆ, ଯୁଗ୍ମ ଆବାହକ ସୁବାଷ ଧରୁଆ, ଶୁଖିରାମ ଷାଣ୍ଡ, କୁଷଧ୍ୱଜ ମାଝୀ, ଟେକେନ୍ଦ୍ର ଜାଲ ପ୍ରମୁଖ ମଞ୍ଚାସୀନ ଥିଲେ। ଅତିଥିମାନେ ଗନ୍ଧମାର୍ଦ୍ଦନ ପାହାଡ଼ର ସୁରକ୍ଷାକୁ ନେଇ ସରକାର ଏକ ସ୍ଥାୟୀ ସୁରକ୍ଷା ଆଇନ ପ୍ରଣୟନ କରନ୍ତୁ; ନ ଚେତ୍ ବ୍ୟାପକ ଜନ ଆନ୍ଦୋଳନ ହେବ ବୋଲି ଉତ୍ସବ ସମାରୋହରେ ଗର୍ଜନ କରିଥିଲେ।। ରାଜକୁମାର ସେଠ୍ ମଞ୍ଚ ପରିଚାଳନା କରିଥିବା ବେଳେ ବୃନ୍ଦାବନ ବାରିକ, କ୍ଷମା ନିଧି ଭୋଇ, ବିପ୍ର ବିଶି, ଟିକେଶ୍ୱର୍ ଧରୁଆ, ରଘୁନାଥ ବରିହା, ପ୍ରମୁଖ ଯୋଗ ଦେଇଥିଲେ।

## ଷ୍ଟାର୍ଟଅପ୍ ଓ ଇନୋଭେସନ୍ ପ୍ରତିଯୋଗିତା

ଲୋଇସିଂହା,୧୯।୮ (ସମିସ): ବଲାଙ୍ଗିର ଜିଲ୍ଲା ଲୋଇସିଂହା ମହାବିଦ୍ୟାଳୟରେ ଷ୍ଟାର୍ଟଅପ୍ ଓ ଇନୋଭେସନ୍ ପ୍ରତିଯୋଗିତା-୨୦୨୫ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଅତିଥି ଭାବେ ଶିକ୍ଷାବିତ୍ ଜଗମୋହନ ପାଢ଼ୀ ଯୋଗଦେଇ ଛାତ୍ରଛାତ୍ରୀଙ୍କ ଦ୍ୱାରା ଉପସ୍ଥାପିତ ବିଭିନ୍ନ ପ୍ରୟୋଗାତ୍ମକ ଅନୁଚିନ୍ତା ଏବଂ ସନ୍ଦର୍ଭ ଉପରେ ଟିପ୍ପଣୀ ସହ ମୂଲ୍ୟାଙ୍କନ କରିଥିଲେ। ଏଥିସହ କଲେଜ ଅଧକ୍ଷ ବିଭୁଦେନ୍ଦୁ ମହାନ୍ତି ଏବଂ ଶିକ୍ଷା ବିଭାଗ ଅଧ୍ୟାପିକା ଶାନ୍ତିପ୍ରିୟା ହୋତା ଉପସ୍ଥିତ ଥିଲେ। କୃତକାର୍ଯ୍ୟ ହୋଇଥିବା ଛାତ୍ରଛାତ୍ରୀ ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟସ୍ତରୀୟ ପ୍ରତିଯୋଗିତାରେ ଭାଗନେବେ। ସଭାରେ କମ୍ପ୍ୟୁଟର ବିଜ୍ଞାନ ବିଭାଗ ମୁଖ୍ୟ ଅବିନାଶ ମିଶ୍ର ସ୍ୱାଗତ ଜଣାଇବା ସହ ଅଧ୍ୟାପକ ଅଭିଷେକ ଦାଶ ଧନ୍ୟବାଦ ଅର୍ପଣ କରିଥିଲେ। କର୍ମଚାରୀ ଜୋସେଫ୍ ମେହେର୍ ଓ ସଜନ୍ ରଣା ସହଯୋଗ କରିଥିଲେ।

## କନ୍ୟା ସନ୍ତାନ ସୁରକ୍ଷା ସମ୍ପର୍କିତ ଆଲୋଚନାଚକ୍ର

ବଲାଙ୍ଗିର,୧୯।୮ (ସମିସ): ସ୍ଥାନୀୟ ସିଭିଲ କୋର୍ଟ ପରିସର ବିକଳ୍ପ ସମାଧାନ କେନ୍ଦ୍ରରେ ଏକ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଯାଇଛି। ବଲାଙ୍ଗିର ଜିଲ୍ଲା ଓ ଦୌରା ଜଜ୍ ଡ଼. ପବିତ୍ର ମୋହନ ସାମଲ ଏଥିରେ ଅଧ୍ୟକ୍ଷତା କରିଥିଲେ। ଭିଜିଲାନ୍ସ ଜଜ୍ ମଳୟ ରଞ୍ଜନ ଦାଶ, ପରିବାର ଅଦାଲତ ଜଜ୍ ବିକ୍ରମ କେଶରୀ ପଟ୍ଟନାୟକ, ଏସ୍‌ପି ଅଭିଲାଷ ଜି ପ୍ରମୁଖ ଅତିଥି ଭାବରେ ଯୋଗ ଦେଇଥିଲେ। କଣ୍ଟାବାଞ୍ଜି ଅତିରିକ୍ତ ଜିଲ୍ଲା ଓ ଦୌରା ଜଜ୍ ରାଜେଶ ନାୟର, ଆଇନ୍ ମହାବିଦ୍ୟାଳୟ ଆସିଷ୍ଟାଣ୍ଟ ପ୍ରଫେସର ଚଣ୍ଡୀ ପ୍ରସାଦ ଖମାରି, ଜିଲ୍ଲା ଆଇନ୍ ସେବା ପ୍ରାଧିକରଣ ସଚିବ ପବିତ୍ରାନନ୍ଦ ପ୍ରଧାନ, ସୁଖୀଶ୍ୟାମ ତ୍ରିପାଠୀ ପ୍ରମୁଖ ଉପସ୍ଥିତ ଥିଲେ।

## ଯୁଧିଷ୍ଠିର ମିଶ୍ର ଉଚ୍ଚବିଦ୍ୟାଳୟରେ ଜୟନ୍ତୀ

# ସମ୍ବିଧାନରେ ଜନଜାତିଙ୍କ ସୁରକ୍ଷାକୁ ସ୍ଥାନୀତ କରିଥିଲେ ଯୁଧିଷ୍ଠିର ମିଶ୍ର

ବଲାଙ୍ଗିର,୧୯।୮ (ସମିସ)



ସ୍ୱର୍ଗତ ଯୁଧିଷ୍ଠିର ମିଶ୍ରଙ୍କ ଜୀବନୀକୁ ଦେଖିଲେ ତାଙ୍କର ଅନେକ କାର୍ଯ୍ୟକଳାପ ଆଜି ବି ଅନାଲୋଚିତ ଭାବେ ରହିଛି। ତାଙ୍କର ଚିନ୍ତାଧାରା ଦେଶର ସମ୍ବିଧାନରେ ଲିପିବଦ୍ଧ ଅଛି। ତଥାପି ମଧ୍ୟ ଏପରି କିଛି ଅବଦାନ ଅଛି ଯାହା ଦ୍ୱାରା ସେ କାଳ କାଳ ପାଇଁ ସ୍ମରଣୀୟ ରହିବେ। ତାହା ହେଲା ସମ୍ବିଧାନ ପ୍ରଣେତା ସଭାରେ ଜନଜାତିଙ୍କ ସୁରକ୍ଷାର କଥା। ସ୍ୱର୍ଗତ ମିଶ୍ର ସମ୍ବିଧାନ ପ୍ରଣୟନ ସମୟରେ ଦେଶର ଅଗଣିତ ଜନଜାତିଙ୍କ ସୁରକ୍ଷାକୁ ନେଇ ବିଭିନ୍ନ ପ୍ରସ୍ତାବ ଦେଇଥିଲେ। ଯାହା ପରବର୍ତ୍ତି ସମୟରେ ସମ୍ବିଧାନରେ ସ୍ଥାନୀତ ହୋଇଥିଲା। ଏହା ହେଉଛି ଦେଶର ଅଗଣିତ ଜନଜାତିଙ୍କ ପ୍ରତି ତାଙ୍କର ଗୋଟିଏ ବଡ ଅବଦାନ। ସ୍ୱର୍ଗତ ଯୁଧିଷ୍ଠିର ମିଶ୍ରଙ୍କ ୧୧୧ତମ ଜୟନ୍ତୀ ପାଳନ ଅବସରରେ ଏହି ମତ ପ୍ରକାଶ ପାଇଛି।

ଛତାମଖନା ପଞ୍ଚାୟତସ୍ଥିତ ଯୁଧିଷ୍ଠିର ମିଶ୍ର ଉଚ୍ଚ ବିଦ୍ୟାଳୟରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ରାଜ୍ୟ ସରକାରଙ୍କ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଡା. ମୁକେଶ ମହାଲିଙ୍ଗ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ନିଜ ବକ୍ତବ୍ୟରେ ଏହା କହିଛନ୍ତି। ସେ ଆହୁରି ମଧ୍ୟ କହିଛନ୍ତି ଯେ ଛତାମଖନା ମାଟି ଅନେକ ମହାପୁରୁଷଙ୍କୁ ଜନ୍ମ ଦେଇଛି। ଆଗାମୀ ଦିନରେ ଆହୁରି ମହାପୁରୁଷ ଯେ ଏ ଅଂଚଳରୁ ଜନ୍ମ ନେଇ ମାଟି ମାତୃକା ସେବାରେ ଆସିବେ ବୋଲି ସେ ଆଶାବ୍ୟକ୍ତ କରିଥିଲେ। ଯୁଧିଷ୍ଠିର ଉଚ୍ଚ ବିଦ୍ୟାଳୟର ବିକାଶ ପାଇଁ ୧୦ଲକ୍ଷ ଟଙ୍କା ନିଜ ଅନୁଦାନ ପାଣ୍ଠିରୁ ଅନୁଦାନ ପ୍ରଦାନ କରି ଏକ ବାଳିକା କମନ ରୁମ୍ ସହ ଶୌଚାଳୟ ପାଇଁ ଶୁଭ ଦେଇଥିଲେ।

ସମ୍ମାନିତ ଅତିଥି ଭାବେ ପୂର୍ବତନ ମନ୍ତ୍ରୀ ନରସିଂହ ମିଶ୍ର ଯୋଗ ଦେଇ କଲେଜର ବିଭିନ୍ନ ସମସ୍ୟା ଉପରେ ଆଲୋଚନା କରିଥିଲେ। ସେ ବିଧାୟକ ଥିବା ସମୟରେ ଡବ୍ଲୁଓଡିସି ତରଫରୁ ଉଚ୍ଚ ବିଦ୍ୟାଳୟର ଉନ୍ନତି ପାଇଁ ଅଣାଯାଇଥିବା ୫୦ଲକ୍ଷ ଟଙ୍କାର ଅନୁଦାନ ରାଶି ଆଜି ପର୍ଯ୍ୟନ୍ତ ଉଚ୍ଚ ବିଦ୍ୟାଳୟକୁ ଆସିପାରି ନ ଥିବାରୁ ସେ ଉପରେ ମୁଖ୍ୟ ଅତିଥି ମୁକେଶ ମହାଲିଙ୍ଗ ପଦକ୍ଷେପ ନିଅନ୍ତୁ ବୋଲି କହିଥିଲେ। ତା ସହ ଏ ଅଞ୍ଚଳରେ ଏକ ବୈଷୟିକ ଶିକ୍ଷାନୁଷ୍ଠାନ ପ୍ରତିଷ୍ଠା ପାଇଁ ମନ୍ତ୍ରୀ ପଦକ୍ଷେପ ନିଅନ୍ତୁ ବୋଲି ଦାବି କରିଥିଲେ। ମୁଖ୍ୟବକ୍ତା ଭାବେ ଉପସ୍ଥିତ ସଂଜୀବ ପ୍ରଧାନ ଯୁଧିଷ୍ଠିର ମିଶ୍ରଙ୍କ ଜୀବନୀ ଆଲୋଚନା କରି କହିଥିଲେ ଯେ ଯୁଧିଷ୍ଠିର ମିଶ୍ର ରେଭେନ୍ସା ମହାବିଦ୍ୟାଳୟ ପାଠ ପଢୁଥିବା ବେଳେ ୧୯୩୮ ମସିହାରେ ଇଷ୍ଟ ହଷ୍ଟେଲରେ ଇଂରେଜ ପତାକାକୁ ହଟେଇ ଜାତୀୟ ପତାକା ଉତ୍ତୋଳନ କରାଇଥିଲେ। ଏଥିରୁ ତାଙ୍କର ସାହସିକତା, ଜାତୀୟ ବୋଧତା ଓ ସ୍ୱାଧୀନତା ଆନ୍ଦୋଳନ ପ୍ରତି ଥିବା ତାଙ୍କ ଅନୁରକ୍ତିର ପ୍ରମାଣ ମିଳେ। ଆଇନ ପାଠ ଅଧ୍ୟୟନ ପାଇଁ ବିହାରର ପାଟଣା ଯାଇଥିବା ବେଳେ ସେ ବାମପନ୍ଥୀ ଆନ୍ଦୋଳନରେ ଜଡିତ ହୋଇ ଛାତ୍ର, ଯୁବକ, କୃଷକ, ଶ୍ରମିକ, ଅବହେଳିତଙ୍କ ସ୍ୱାର୍ଥ ଲାଗି ଲଢେଇରେ ସାମିଲ ହୋଇଥିଲେ। ଛାତ୍ର ସମୟରେ ଏଆଇଏସ୍‌ଏଫ୍ ଛାତ୍ର ସଂଗଠନର ରାଜ୍ୟ ସାଧାରଣ ସଂପାଦକ ପଦବୀରେ ରହି ଛାତ୍ରଙ୍କ ସୁରକ୍ଷା ପାଇଁ ଲଢେଇରେ ଅବତୀର୍ଣ୍ଣ ହୋଇଥିଲେ। ପରବର୍ତ୍ତୀ ସମୟରେ ବଲାଙ୍ଗିର ପ୍ରତ୍ୟାବର୍ତ୍ତନ କରି ଆଇନ ବୃତ୍ତିରେ ନିଜକୁ ନିୟୋଜିତ କରି କୃଷକ ଦଳ ଗଠନ କରିବା ସହ ପ୍ରଜାମଣ୍ଡଳ ଆନ୍ଦୋଳନରେ ସାମିଲ ହୋଇଥିଲେ।

ପରବର୍ତ୍ତୀ ସମୟରେ ଡ. ବି.ଆର. ଆମ୍ବେଦକରଙ୍କ ନେତୃତ୍ୱରେ ଗଠିତ ସମ୍ବିଧାନ ପ୍ରଣେତା ସଦସ୍ୟ ଏବଂ ପରବର୍ତ୍ତୀ ସମୟରେ ୧୯୫୦-୫୨ ଦୁଇ ବର୍ଷ ପାଇଁ ସଂସଦର ସଦସ୍ୟ ଥିଲେ। ସ୍ୱର୍ଗତ ଯୁଧିଷ୍ଠିର ମିଶ୍ର ଜଣେ ଜନନାୟକ ଥିଲେ। ଅନ୍ୟତମ ସମ୍ମାନିତ ଅତିଥି ଭାବେ ଛତିଶଗଡରେ କାର୍ଯ୍ୟରତ ବରିଷ୍ଠ ସାମ୍ବାଦିକ ପ୍ରକାଶ ଚନ୍ଦ୍ର ହୋତା ଯୋଗ ଦେଇ ସ୍ୱର୍ଗତ ଯୁଧିଷ୍ଠିର ମିଶ୍ରଙ୍କ ବର୍ତ୍ତମାନର ସମାଜକୁ ଅବଦାନ ଉପରେ ଆଲୋକପାତ କରିଥିଲେ। ଅଧ୍ୟକ୍ଷ ଧନଞ୍ଜୟ ସେଠ, ଦୈତାରି ପୁଝାରୀ, ପବିତ୍ର ଦଣ୍ଡସେନା ପ୍ରମୁଖ କାର୍ଯ୍ୟକ୍ରମ ପରି.ଳନା କରିଥିଲେ।

## ପିଚୁ ରାସ୍ତା ଏବେ କାଦୁଅ ରାସ୍ତା

ଲୋଇସିଂହା,୧୯।୮ (ସମିସ): ବଲାଙ୍ଗିର ଜିଲ୍ଲା ଲୋଇସିଂହା ବ୍ଲକ ବୁର୍ଡାରୁ ବାଞ୍ଜିପାଲିକୁ ସଂଯୋଗ କରୁଥିବା ରାସ୍ତା ଅବସ୍ଥା ଶୋଚନୀୟ ହୋଇପଡିଥିବା ଅଭିଯୋଗ ହୋଇଛି। କିଛି ବର୍ଷ ପୂର୍ବରୁ ନିର୍ମାଣ ହୋଇଥିବା ପିଚୁ ରାସ୍ତା ଏବେ କାଦୁଅ ରାସ୍ତାରେ ପରିଣତ ହୋଇଛି। ଏହାର ପୁନଃ ନିର୍ମାଣ ପାଇଁ ଦାବି ହୋଇଛି। ଗତ କିଛି ବର୍ଷ ପୂର୍ବରୁ ଲୋଇସିଂହା ବ୍ଲକ ବୁର୍ଡାଠାରୁ ବାଞ୍ଜିପାଲି ଦେଇ ସିଆଲବାହାଲିକୁ ପିଚୁ ରାସ୍ତା ନିର୍ମାଣ କରାଯାଇଥିଲା। ଗ୍ରାମ୍ୟ ଉନ୍ନୟନ ବିଭାଗ ଦ୍ୱାରା ଏହି ରାସ୍ତା ନିର୍ମାଣ କରାଯାଇଥିଲା। ଏହି ରାସ୍ତା କିଛି ମାସ ମଧ୍ୟରେ ହିଁ ନଷ୍ଟ ହୋଇଯାଇଥିଲା। ପରେ ଏହାର ମରାମତି କରାଯାଇ ନ ଥିବାରୁ ଏବେ ଏହି ରାସ୍ତା କାଦୁଅ ରାସ୍ତାରେ ପରିଣତ ହୋଇଥିବା ଦେଖିବାକୁ ମିଳିଛି। ରାସ୍ତାର ଦୁରାବସ୍ଥା ଯୋଗୁ ଲୋକେ ଅସୁବିଧାର ସମ୍ମୁଖିନ ହେଉଛନ୍ତି।

## ଖେଳ ଶିକ୍ଷକଙ୍କ ବଦଳି ବାତିଲ ଦାବିରେ ସ୍କୁଲରେ ତାଲା

ସଇଁତଲା,୧୯।୮ (ସମିସ): ଖେଳ ଶିକ୍ଷକଙ୍କ ବଦଳି ବାତିଲ ଦାବିରେ ସ୍କୁଲରେ ତାଲା ପଡିଛି। ଛାତ୍ରଛାତ୍ରୀ ଓ ଅଭିଭାବକ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି। ବଲାଙ୍ଗିର ଜିଲ୍ଲା ସଇଁତଲା ବ୍ଲକ ଗଣ୍ଡପତ୍ରାପାଲି ସ୍କୁଲରେ ଏହା ଦେଖିବାକୁ ମିଳିଛି। ସ୍କୁଲ ଖେଳ ଶିକ୍ଷକ ରଞ୍ଜିତ କୁମ୍ଭାରଙ୍କୁ ଡେପୁଟେସନରେ ଲୋଇସିଂହାର ଏକ ସ୍କୁଲକୁ ବଦଳି ହୋଇଛି। ଛାତ୍ରଛାତ୍ରୀ ବିକ୍ଷୋଭ ପ୍ରଦର୍ଶନ କରୁଥିବା ଖବର ପାଇବା ପରେ ବ୍ଲକ ଶିକ୍ଷା ଧିକାରୀଙ୍କ ନିର୍ଦ୍ଦେଶରେ ସିଆରସିସି ହରେକୃଷ୍ଣ ନାଗ ସ୍କୁଲରେ ପହଞ୍ଚି ଆନ୍ଦୋଳନକାରୀଙ୍କ ସହ ଆଲୋଚନା କରିଥିଲେ। ସମ୍ପୃକ୍ତ ଖେଳ ଶିକ୍ଷକଙ୍କ ବଦଳି ପ୍ରତ୍ୟାହାର କରିବା ନେଇ ସବୁଜ ସଂକେତ ମିଳିବା ପରେ ଆନ୍ଦୋଳନ ପ୍ରତ୍ୟାହାର ହୋଇଥିଲା।



## ଓଡ଼ିଆ ଯୁବକଙ୍କ କୃତିତ୍ୱ



କୃଷ୍ଣଗର୍ତ୍ତ ଓ ମହାକର୍ଷଣୀୟ ତରଙ୍ଗ ସମ୍ବନ୍ଧରେ ଆମେରିକାର ଫ୍ଲୋରିଡା ବିଶ୍ୱବିଦ୍ୟାଳୟରେ ଉଚ୍ଚକୋଟୀର ଗବେଷଣା କରି ଓଡ଼ିଶାର ତନ୍ମୟ ମିଶ୍ର ପି.ଏଚ.ଡି ଲାଭ କରିଛନ୍ତି। ଭୁବନେଶ୍ୱର 'ନାଇଜର'ରେ ପଦାର୍ଥ ବିଜ୍ଞାନରେ ସ୍ନାତକୋତ୍ତର ଶିକ୍ଷା ଲାଭ ପରେ ସେ ଫ୍ଲୋରିଡାରେ ଗତ ଛ' ବର୍ଷ ଧରି ଗବେଷଣା ଜାରି ରଖିଥିଲେ। ତାଙ୍କ ସନ୍ଦର୍ଭରେ ଉପସ୍ଥାପିତ ମହାକର୍ଷଣୀୟ ତରଙ୍ଗ ଚିହ୍ନଟ ଓ ଅନୁସନ୍ଧାନ ନିମିତ୍ତ ଏମ୍‌ଏଲ୍.(M.L.) ପ୍ରୟୋଗର ଉନ୍ନୀତ ଅନୁକଳନା (ଆଲଗୋରିଦମ୍) ଏକ ନୂତନ ଦିଗ ଉନ୍ମୋଚିତ କରିଛି। ତାଙ୍କ ସନ୍ଦର୍ଭଟି ପ୍ରଫେସର ସର୍ଗେ କ୍ଲିମାନକୋଙ୍କ ଦିଗଦର୍ଶନ ସହ ପ୍ରସ୍ତୁତ ହୋଇଛି। ଆନ୍ତର୍ଜାତୀୟ ଗବେଷଣା ସଂସ୍ଥା ଲାଇଗୋ(LIGO)ର ସଦସ୍ୟ ଭାବେ ତନ୍ମୟଙ୍କ ଅବଦାନ ଉଲ୍ଲେଖନୀୟ। ତନ୍ମୟ ମିଶ୍ର ପୁରୀ ନିବାସୀ ଅବସରପ୍ରାପ୍ତ ଇଂରାଜୀ ପ୍ରାଧ୍ୟାପକ ତଥା କବି ଡ ଚିତ୍ତରଞ୍ଜନ ମିଶ୍ର ଓ ରୋଟାରିଆନ୍ ଶ୍ରୀମତୀ ସୁଷମା ମିଶ୍ରଙ୍କ ଦ୍ୱିତୀୟ ପୁତ୍ର। ତନ୍ମୟଙ୍କ ଜେଜେବାପା ବୀରପ୍ରତାପପୁରର ଶ୍ରୀ ଦିବାକର ମିଶ୍ର ଓ ଅଜା ବଲାଙ୍ଗୀରର ପ୍ରଫେସର ମଧୁସୂଦନ ପତି ଉଭୟ ସାରସ୍ୱତ ସାଧକ।

# କେସିଙ୍ଗାର ବିଭିନ୍ନ ସମସ୍ୟା ନେଇ ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର

କେସିଙ୍ଗା,୧୯ ।୮ (ସମିସ):କେସିଙ୍ଗା ଠାରୁ ଜୁନାଗଡ଼ ପର୍ଯ୍ୟନ୍ତ ଲମ୍ବିଥିବା ପ୍ରାୟ ୬୦ କିଲୋମିଟର ଏନ୍ ଏଚ ୨୬ ରାସ୍ତା ଚାରିଲେନ ହେବ ବୋଲି ସରକାର ଘୋଷଣା କରିଛନ୍ତି ଓ ବହୁତ ଶୀଘ୍ର କାମ ମଧ୍ୟ ଆରମ୍ଭ ହୋଇ ଯିବ। ଯାହାକୁ ଅଞ୍ଚଳବାସୀ ସ୍ୱାଗତ କରୁଛନ୍ତି କିନ୍ତୁ ସେହି ଚାରି ଲେନ ରାସ୍ତାକୁ ଆଉ ପ୍ରାୟ ୧୪ କିଲୋମିଟର ସମ୍ପ୍ରସାରଣ କରି ଅମାଠ ଛକ ପର୍ଯ୍ୟନ୍ତ ବଢ଼େଇବା ପାଇଁ ସ୍ଥାନୀୟ ସଦର ବିଧାୟକ ସାଗର ଚରଣ ଦାସ ମାନ୍ୟବର କେନ୍ଦ୍ରମନ୍ତ୍ରୀ ନୀତିନ ଗଡକରିଙ୍କୁ ଚିଠି ମାଧ୍ୟମରେ ଅନୁରୋଧ କରିଛନ୍ତି ।ଅନ୍ୟପଟେ କେସିଙ୍ଗାର ବିଭିନ୍ନ ପ୍ରକାରର ସମସ୍ୟା ଯଥା ଅତ୍ୟାବଶ୍ୟକ ବାଏପାସ ରାସ୍ତା, କୋଣାର୍କ ସୂତାକଳର ପୁନରୁଦ୍ଧାର ସ୍ଥାନୀୟ ତୁର୍ଲାଖମନ ଠାରେ ବ୍ୟାରେଜ ନିର୍ମାଣ ସମେତ ଆହୁରି ଅନେକ କିଛି ଦାବି ନେଇ ପୂର୍ବତନ ବିରୋଧୀ ଦଳ ନେତା ପ୍ରଦୀପ୍ତ କୁମାର ନାଏକଙ୍କ ସହଯୋଗରେ ପୂର୍ବତନ ଜିଲ୍ଲାପରିଷଦ ଅଧ୍ୟକ୍ଷା ନମିତା ରାଣୀ ସାହୁ,ସଚେତନ ନାଗରିକ ମଞ୍ଚ ସଭାପତି ଉତ୍ତର ମହଲା,ବଂଶିପାଣି ସାହା,ଧରଣୀଧର ନାଏକ ପ୍ରମୁଖ ଲୋକସେବା ଭବନରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ସାକ୍ଷାତ କରି ଉକ୍ତ ବିଷୟ ଉପରେ ଆଲୋଚନା କରିବା ସହ ଦାବିପତ୍ର ପ୍ରଦାନ କରିଛନ୍ତି।



# ଘର ସାମ୍ନାରେ ବିପଦସଂକୁଳ ବିଦ୍ୟୁତ୍ ଖୁଣ୍ଟ

ଲାଞ୍ଜିଗଡ଼,୧୯ ।୮ (ସମିସ):ବିଦ୍ୟୁତ୍ ବିଭାଗର ଖାମଖିଆଲ ନୀତି। କୌଣସି ସ୍ଥାନରେ ଲୋକେ ଆଘାତ ନହେବା ପର୍ଯ୍ୟନ୍ତ ବିଭାଗୀୟ ଅଧିକାରୀଙ୍କ ଚେତା ପଶିବ ନାହିଁ। ଲାଞ୍ଜିଗଡ଼ ବ୍ଲକ୍ ଅନ୍ତର୍ଗତ ଲାଞ୍ଜିଗଡ଼ରୋଡ଼ ପଞ୍ଚାୟତ ଲାଞ୍ଜିଗଡ଼ରୋଡ଼ ଗାଁରେ ଥିବା ପୂର୍ଣ୍ଣଚନ୍ଦ୍ର ଗଉଡ଼ଙ୍କ ଘର ସାମ୍ନାରେ ବହୁ ବର୍ଷରୁ ପୋତା ହୋଇଥିବା ପୁରୁଣା ଲୁହା ବିଦ୍ୟୁତ୍ ଖୁଣ୍ଟ କଳଙ୍କି ଲାଗି ବିପଜ୍ଜନକ ଅବସ୍ଥାରେ ରହିଛି। ପୂର୍ଣ୍ଣଚନ୍ଦ୍ର ଗଉଡ଼ଙ୍କ ସମେତ ଗାଁ ଲୋକେ ବାରମ୍ବାର ଅଭିଯୋଗ କରିବା ପରେ ବି କୌଣସି ପଦକ୍ଷେପ ନନେଇ ଚୁପ ବସି ରହିଛି ବିଶ୍ୱନାଥପୁର ବିଦ୍ୟୁତ ବିଭାଗ। ପରିସ୍ଥିତି ଏପରି ହୋଇଛି ଯେ ଏହା ଭାଙ୍ଗିବା ସହ କାହାର ଘର ଉପରେ କିମ୍ବା ଏହା ଦ୍ୱାରା ଜୀବନ ହାନି ହେବା ଆଶଙ୍କା ଦେଖାଦେଇଛି। ବିପଦ ସଂକୁଳ ବିଦ୍ୟୁତ୍ ଖୁଣ୍ଟ ପରିବର୍ତ୍ତନ କରିବାକୁ ବିଭାଗୀୟ କର୍ମଚାରୀଙ୍କୁ ଅବଗତ କରାଗଲେ ମଧ୍ୟ ଏଥି ପ୍ରତି ବିଭାଗୀୟ ପଦାଧିକାରୀ କର୍ଣ୍ଣପାତ କରୁନଥିବା ଅଭିଯୋଗ କରିଛନ୍ତି। ବିଭାଗ ପକ୍ଷରୁ ତୁରନ୍ତ ଏହି ବିପଦ ସଂକୁଳ ଲୁହା ଖୁଣ୍ଟକୁ ହଟାଇ ସିମେଣ୍ଟ ପୋଲ ଲଗାଇବା ଆବଶ୍ୟକ ରହିଛି। କେବଳ ଘରୋଇ ସର୍ଭିସ୍ ଲାଇନ୍ ଯୋଗୁଁ ଲୁହାଖୁଣ୍ଟଟି ଝୁଲି ରହିଛି ପବନ ଆସିଲେ ଦୋହଲୁ ଥିବା ଜଣାପଡୁଛି। ଆଗାମୀ ଦିନରେ ବିଦ୍ୟୁତ ବିଭାଗ ଏଠାରେ ନୂଆଁ ଖୁଣ୍ଟ ନଲଗାଇଲେ ଗ୍ରାମବାସୀ ବିଦ୍ୟୁତ୍ ବିଲ୍ ଜମା କରିବେ ନାହିଁ ବୋଲି କହିଛନ୍ତି।



# ଗଣେଶ ପୂଜା ପାଇଁ ଶୁଭଖୁଣ୍ଟ ସ୍ଥାପନ

ଲାଞ୍ଜିଗଡ଼,୧୯ ।୮ (ସମିସ): କଳାହାଣ୍ଡି ଜିଲ୍ଲା ଲାଞ୍ଜିଗଡ଼ ବ୍ଲକ୍ ବିଶ୍ୱନାଥପୁର ଜେଜେ ଗ୍ରୁପ ପକ୍ଷରୁ ଗଣେଶ ପୂଜା ଲାଗି ଶୁଭଖୁଣ୍ଟି ସ୍ଥାପନ କରାଯାଇଛି। ଚଳିତବର୍ଷ ୧୩ଫୁଟ ଉଚ୍ଚର ପ୍ରଭୁ ଶ୍ରୀରାମଚନ୍ଦ୍ରଙ୍କ ଆକୃତିର ଗଣେଶଙ୍କ ମୂର୍ତ୍ତି ସ୍ଥାପନ ସହ ଆକର୍ଷଣୀୟ ତୋରଣ କରାଯିବାକୁ ପୂଜାକମିଟି ପକ୍ଷରୁ ସୂଚନା ମିଳିଛି। ମଙ୍ଗଳବାର ଶୁଭ ଖୁଣ୍ଟ ସ୍ଥାପନ ହୋଇଛି। ଏଥିରେ କମିଟି ସଭାପତି ଦେବାଶିଷ ନାଗ, କମିଟି ସଦସ୍ୟ ସୌମ୍ୟରଞ୍ଜନ କର, ଆକାଶ ସାହୁ, ପିଣ୍ଟୁ ପ୍ରଧାନୀ,ଧିରଜ ଦାସ,ରାମ ପ୍ରଧାନୀ,ରୁନୁ ପ୍ରଧାନୀ, ନରେନ୍ଦ୍ର ବେହେରା,ରିଙ୍କୁ ପ୍ରଧାନୀ, ମାନସ ଘଡେଇ, ପବିତ୍ର ବେହେରା, ବିଶ୍ୱନାଥ ମହାପାତ୍ର, ସିପୁନ ଚନ୍ଦନ, ସାଇକିରଣ ନାୟକ ବିରେନ ନାୟକ, କ୍ରିଷ୍ଣା ପ୍ରଧାନୀ, ସୁଜିତ ପାତ୍ର,ଅଜିତ ପାତ୍ର,ମାନସ ପାତ୍ର,ଜୟନ୍ତ ଘଡେଇ, ସିପୁନ ଘଡେଇ, ପ୍ରସାଦ ବେହେରା, ପିଣ୍ଟୁ ସୁନା,ବିନୁ ସୁନା,ସଞ୍ଜିବ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।



## କ୍ୱାର୍ଟଜାଇଟ୍ ଉତ୍ତୋଳନ ଲାଗି ଜନଶୁଣାଣି

# ଖଣି ଖନନକୁ ବାଟିଗୁଡା ଗ୍ରାମବାସୀଙ୍କ ତୀବ୍ର ବିରୋଧ

କୋକସରା,୧୯ ।୮ (ସମିସ)






କାଳୀବୀର ମାଟି କନ୍ଧାନ କଳାହାଣ୍ଡିରେ ବାର ପ୍ରକାର ମାଟି ଅଛି। ଏ ମାଟିର ନିଜସ୍ୱ କାହାଣୀ ଅଛି। ରତ୍ନଗର୍ଭା କଳାହାଣ୍ଡି ବିଭିନ୍ନ ଖଣିଜ ପଦାର୍ଥରେ ଭରପୁର। ଏହା ଉପରେ ଏବେ ବିଭିନ୍ନ କମ୍ପାନୀର ଲୋଲୁପ ଦୃଷ୍ଟି ପଡ଼ିଛି। ଖଣିଜ ପଦାର୍ଥ ଉତ୍ତୋଳନ ହେଲେ ଜଙ୍ଗଲ ଧ୍ୱଂସ ହେବ ଏବଂ ଆମର ସର୍ବନାଶ ହେବ। ଡଙ୍ଗର ପର୍ବତ ଆମର ଦେବତା। ଏ ଜଙ୍ଗଲର ଶିର୍ଷରେ ଆମ ଦେବୀ ମା' ରହିଛନ୍ତି। ସୁଖରେ ଦୁଃଖରେ ସେ' ସାହା ହୁଅନ୍ତି। ଆମେ ଏହି ଜଙ୍ଗଲକୁ ବଞ୍ଚାଇବା ପାଇଁ ଅନେକ କଷ୍ଟ କରିଛୁ। ଜୀବନ ଯିବ ପଛେ ଆମେ ଖଣିଜ ପଦାର୍ଥ ଉତ୍ତୋଳନ କରିବାକୁ ଦେବୁ ନାହିଁ। ଆମ ମା' ବସତି କରିଥିବା ସ୍ଥାନକୁ ଧ୍ୱଂସ ହେବା ପାଇଁ କେବେ ମଧ୍ୟ ଦିଆଯିବନାହିଁ ବୋଲି ମଙ୍ଗଳବାର କୋକସରା ବ୍ଲକ୍ ବାଟିଗୁଡା ଠାରେ କ୍ୱାର୍ଟଜାଇଟ ଉତ୍ତୋଳନ ନିମନ୍ତେ ହୋଇଥିବା ଜନ ଶୁଣାଣିରେ ଉପସ୍ଥିତ ଥିବା ଅଧିବାସୀମାନେ ମତ ପ୍ରକାଶ କରିଛନ୍ତି। ଖଣିଖନନକୁ ଶହ ଶହ ସଂଖ୍ୟାରେ ମହିଳା,ପୁରୁଷ ଯୋରଦାର ବିରୋଧ କରି ଅଧାରୁ ସଭା ଭଙ୍ଗ କରି ଚାଲିଯାଇଥିଲେ।ଆଞ୍ଚଳିକ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଓ ଜିଲ୍ଲା ପ୍ରଶାସନ ପକ୍ଷରୁ କୋକସରା ବ୍ଲକ୍ ମୋଟେର ପଞ୍ଚାୟତର ବାଟିଗୁଡା ଖେଳ ପଡ଼ିଆଠାରେ କ୍ୱାର୍ଟଜାଇଟ ଉତ୍ତୋଳନ ନିମନ୍ତେ ମଙ୍ଗଳବାର ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଥିଲା। ବାଟିଗୁଡା ଗାଁ ନିକଟରେ ଥିବା ପାହାଡ଼ରୁ ୭.୬୮ ହେକ୍ଟର ପରିମିତ ଖଣି ଲିଜ ଅଞ୍ଚଳରେ ଖାତା ନମ୍ବର ୧,୨୭, ୬୮, ୮୯, ୯୧, ୧୦୯, ୧୬୪, ୧୭୪, ୨୨୩, ୨୩୮, ୨୩୯ ରୁ ବାର୍ଷିକ ୪୪,୪୮୭.୮ ମେଟ୍ରିକ୍ ଟନ୍ କ୍ୱାର୍ଟଜାଇଟ ପ୍ରତିବର୍ଷ ଉତ୍ତୋଳନ ମଞ୍ଜୁରୀ ଲାଗି ପ୍ରଶାସନ ପକ୍ଷରୁ ଗ୍ରାମବାସୀଙ୍କ ସହିତ ଆଲୋଚନା ହୋଇଥିଲା। ରାଜ୍ୟ ବାହାର ଏକ କମ୍ପାନୀ ଗ୍ରୀନ୍ ସର୍କଲ୍, ଆଇଏନ୍ସି ଏହି ଖଣିଜ ପଦାର୍ଥ ଉତ୍ତୋଳନ କରିବା ନେଇ ସୂଚନା ରହିଛି। ଜନଶୁଣାଣିରେ ଧର୍ମଗଡ଼

### ଅଧାରୁ ବାତିଲ ହେଲା ସଭା, ଫେରିଗଲେ ଅଧିକାରୀ

ଉପଜିଲ୍ଲାପାଳ ପ୍ରେକ୍ଷା ଅଗ୍ରୱାଲ, ଏଡିଏମ୍ ବୈତାରୁ ଦିପ, କ୍ଷେତ୍ରିୟ ଅଧିକାରୀ ଏକେ ଭୋଇ, କୋକସରା ତହସିଲଦା କ୍ଷୀରୋଦ ବିହାରୀ ଭାରତ ନାଗ, ଉପଖଣ୍ଡ ପୁଲିସ ଅଧିକାରୀ ଡୋଲାମଣି ଭୋଇ ସମେତ ଅନେକ ଅଧିକାରୀ ଉପସ୍ଥିତ ଥିଲେ। ପ୍ରଥମେ ପ୍ରଶାସନ ପକ୍ଷରୁ ଖଣିଜ ପଦାର୍ଥ ଉତ୍ତୋଳନ କଳାପରେ ବିଭିନ୍ନ ପ୍ରକାର ସୁବିଧା ଓ ଅଞ୍ଚଳର ଉନ୍ନତି ଦିଗରେ କାର୍ଯ୍ୟ କରିବା ନେଇ ଲୋକଙ୍କୁ ବୁଝାଇଥିଲେ।ଉକ୍ତ ବିଷୟରେ ମତାମତ ଲୋଡିଥିବା ବେଳେ ଗ୍ରାମବାସୀଙ୍କ ଏହାକୁ ତିବ୍ର ବିରୋଧ କରିଥିଲେ। ଏହି ପାହାଡ଼ ଶିଖରରେ ଆମ୍ଭମାନଙ୍କ ଦେବା ଦେବୀ ପଣ୍ଡରା ପୋଲେନ, ମାଟି ଦେବତା ଓ ବୀର ଠେଙ୍ଗାଙ୍କ ପୀଠ ରହିଛି। ଉକ୍ତ ପାହାଡ଼କୁ ଦିର୍ଘ ବର୍ଷରୁ ଗ୍ରାମବାସୀ ସୁରକ୍ଷା ଦେଇ ଆସୁଛନ୍ତି।

ତେଣୁ ଆମ ମାନଙ୍କ ଦେବୀ ମା' ବସତି କରିଥିବା ପାହାଡ଼କୁ ସରକାର ଖଣିଜ ପଦାର୍ଥ ପାଇଁ କମ୍ପାନୀ ହାତକୁ ଟେକି ଦେଇ ଆମ ଗ୍ରାମବାସୀଙ୍କୁ ବିପଦରେ ଠେଲି ଦେଉଛନ୍ତି। ତେଣୁ ଜଙ୍ଗଲକୁ ଧ୍ୱଂସ ହେବା ପାଇଁ କେବେ ଦେବୁନାହିଁ ବୋଲି ମୋଟେର ସରପଞ୍ଚ ବାସନ୍ତୀ ନାଏକଙ୍କ ସମେତ ସଚେତନ ନାଗରିକ ବେଣୁଧର ଦଳପତି, ପରମେଶ୍ୱର ବାଗ, ମୋହନ ନାଏକ, ଜଗଜୀବନ କୁମାର, ବିରବଲ ଦଳପତି, ପିତାମ୍ବର ଦଳପତି, ଗଜିନ୍ଦ୍ର ପୂଝରୀ, ରଘୁ ସରାପ, ବିଷମ୍ବର ଦଳପତି, ଶକୁନ୍ତଳା ହାତୀ, ବିଳାସିନୀ ଦଳପତି, ମଞ୍ଜୁଲତା ବାଗ, ଅମ୍ବିକା ଦଳପତି ସମେତ ଶତାଧିକ ଗ୍ରାମବାସୀ ନିଜ ପକ୍ଷ ରଖିବା ସହ ତିବ୍ର ବିରୋଧ କରି ଜନଶୁଣାଣି ଅଧାରୁ ଚାଲି ଆସିଥିଲେ। ଯାହା ଫଳରେ ଅଧାରୁ ଜନ ଶୁଣାଣି ସଭା ଅଧାରୁ ବନ୍ଦ ହୋଇଯାଇଥିଲା। ଶାନ୍ତିଶୃଙ୍ଖଳା ଲାଗି କୋକସରା ଥାନା ଅଧିକାରୀ ଜୟପ୍ରକାଶ ନାରାୟଣ ହୋତାଙ୍କ ନେତୃତ୍ୱରେ ପୁଲିସ ଫୋର୍ସ ମୁତୟନ ରହିଥିଲା।

## ସ୍ୱାମୀଙ୍କୁ ଛାଡ଼ି ପ୍ରେମିକ ହାତ ଧରିଲେ ମହିଳା

# ସ୍ୱାମୀ ଆଗରେ ସ୍ତ୍ରୀକୁ ସିନ୍ଦୂର ପିନ୍ଧାଇଲା ପ୍ରେମିକ

ଲାଞ୍ଜିଗଡ଼,୧୯ ।୮ (ସମିସ): ପ୍ରଥମେ ପ୍ରେମ, ପ୍ରେମ ପରେ ଘରୁ ଲୁଚି ପଳାଇ ବିବାହ। ବିବାହ ପରେ ଦୀର୍ଘ ୧୮ ବର୍ଷର ଘରସଂସାର। ସେଇ ସମୟରେ ଜନ୍ମ ନିଅନ୍ତି ଗୋଟିଏ ପୁଅ, ଦୁଇଟି ଝିଅ। ପୁଅଝିଅ ଧିରେଧିରେ ବଡ଼ ହୁଅନ୍ତି। ପରିବାରର ଆବଶ୍ୟକତା ବଢ଼େ ଆଉ ବିଚରା ସ୍ୱାମୀ ସେଇ ଆବଶ୍ୟକତାର ପରିପୂରଣ ପାଇଁ ଘର ଛାଡ଼ି ଦାଦନ ଖଟିବାକୁ ଯାଏ କେରଳ। ସେଠାରେ ରକ୍ତକୁ ପାଣି କରି ହାଡ଼ଭଙ୍ଗା କାମ କରେ। ପ୍ରତି ମାସରେ ଘରକୁ ଟଙ୍କା ପଠାଏ। ସେଇ ଟଙ୍କାରେ ଘର ଚଳେ, ପିଲାଛୁଆ ପାଠ ପଢ଼ନ୍ତି। ସେଇ ସମୟ ମଧ୍ୟରେ ହିଁ ଘରର ଭଲମନ୍ଦ ଜାଣିବାକୁ ସ୍ତ୍ରୀ ପାଇଁ ମୋବାଇଲଟିଏ କିଣିଦିଏ ସ୍ୱାମୀ। ନିୟମିତ ଫୋନ କରେ ନିଜର ପତ୍ନୀକୁ ଭଲମନ୍ଦ ବୁଝେ। କିନ୍ତୁ କାହିଁକି କେଜାଣି ଏତେପରେ ବି ସ୍ତ୍ରୀ ଜଣକ ସ୍ୱାମୀର ବିଶ୍ୱାସରେ ବିଷଦିଏ। ଲୁଚି ଲୁଚି ପରପୁରୁଷ ସହିତ ଫୋନରେ କଥାହୁଏ, ସମ୍ପର୍କ ଯୋଡ଼େ। ପରପୁରୁଷ ସହିତ ଗଢିଉଠେ ସମ୍ପର୍କ। ଦିନ ଯାଏ, କଥା ଯାଏନାହିଁ। ପରିବାର ପ୍ରତିପୋଷଣ ପାଇଁ ଘର ଛାଡ଼ି ଦାଦନ ଖଟୁଥିବା ସ୍ୱାମୀ ଜଣକ ଘରକୁ ଫେରିଆସେ। ଆଉ ଯାହା ଦେଖେ ବିଶ୍ୱାସ କରିପାରେନି। ଯେଉଁମାନଙ୍କ ପାଇଁ ଘରଦ୍ୱାର, ଗାଁ-



ଭୂଇଁ ଛାଡ଼ି ବାହାରେ ଦାଦନ ସାଜିଛି। ସେଇ ସ୍ତ୍ରୀ ଏବେ ତାକୁ ଧୋକା ଦେଇ ଫୋନରେ ଆଉ ଜଣକ ସହିତ ଭାବ ବଢ଼େଇଛି। ଆଉ ଏସବୁର ଅଡିଓ ରେକର୍ଡିଂ ସବୁ ତା' ହାତରେ ଲାଗିବା ପରେ ସ୍ତ୍ରୀ ଓ ତାର ପ୍ରେମିକଙ୍କ ନାଁରେ ହୋଇଛି ଥାନାର ଦ୍ୱାରସ୍ଥ। ତେବେ ପୁଲିସ ସାମ୍ନାରେ ସ୍ତ୍ରୀ ଜଣକ ନିଜର ସ୍ୱାମୀ ଓ ତିନି ସନ୍ତାନଙ୍କ ସହିତ ସବୁ ସମ୍ପର୍କକୁ ତ୍ୟାଗ କରି ନିଜର ପ୍ରେମିକର ହାତ ଧରି ଚାଲିଯାଇଛି। ପ୍ରେମିକ ବିବାହିତ ଓ ପାଞ୍ଚ ପାଞ୍ଚଟି ସନ୍ତାନର ବାପା ବୋଲି ଜାଣିବା ପରେ ବି ବନ୍ଧୁବାନ୍ଧବ ଆଗରେ ପ୍ରେମିକ ହାତରୁ ସିନ୍ଦୁର ପିନ୍ଧିଛି। ଏହି ଘଟଣାଟି ଘଟିଛି କଳାହାଣ୍ଡି ଜିଲ୍ଲା ଲାଞ୍ଜିଗଡ଼ ବ୍ଲକ୍ ବିଶ୍ୱନାଥପୁର ଥାନା ବେଡାଗାଁରେ। ଗାଁର ଜନୈକ ବ୍ୟକ୍ତି ଗତ ୧୮ ବର୍ଷ ତଳେ ଖଜୁରଗୁଡ଼ା ଗାଁର ଜଣେ ମହିଳାଙ୍କୁ ଭଲ ପାଇ ବିବାହ କରିଥିଲେ। ସେମାନଙ୍କର ତିନୋଟି ସନ୍ତାନ ଅଛନ୍ତି। କିନ୍ତୁ ଉକ୍ତ ବ୍ୟକ୍ତି କେରଳ ଯିବା ସମୟରେ ସ୍ତ୍ରୀ ଡଙ୍ଗରୀ ଗାଁର ବିବାହିତ ବ୍ୟକ୍ତି ମୂରଲୀ ବାଗ ସହିତ ସଂପର୍କରେ ରହନ୍ତି। ଏ ସମ୍ପର୍କରେ ସ୍ୱାମୀ ଜାଣିବା ପରେ ପ୍ରଥମେ ଥାନାରେ ଅଭିଯୋଗ ପରେ ମାମଲା ଉଠାଇନେବା ସହିତ ସ୍ତ୍ରୀର ପ୍ରେମିକ ମୂରଲୀ ହାତରେ ନିଜ ସ୍ତ୍ରୀକୁ ଟେକିଦେଇଛନ୍ତି। ନିଜର ସ୍ୱାମୀ ଓ ତିନି ସନ୍ତାନକୁ ଛାଡ଼ି ମହିଳା ଜଣକ ଏବେ ମୂରଲୀଙ୍କ ହାତ ଧରିଛନ୍ତି। ପ୍ରେମିକ ମୂରଲୀ ମଧ୍ୟ ଉକ୍ତ ମହିଳାଙ୍କୁ ଦ୍ୱିତୀୟ ସ୍ତ୍ରୀର ମର୍ଯ୍ୟାଦା ଦେବାକୁ ରାଜି ହେବାପରେ ଉଭୟ ମାଳ ବଦଳ କରି ଥାନା ସାମ୍ନାରେ ବିବାହ କରିଛନ୍ତି। ତେବେ ଆପୋଷ ବୁଝାମଣା ଯୋଗୁଁ ପୁଲିସରେ କୌଣସି ମାମଲା ରୁଜୁ ହୋଇନଥିବା ଜଣାପଡ଼ିଛି। ଘଟଣାଟି ଅଞ୍ଚଳରେ ଚର୍ଚ୍ଚାର ବିଷୟ ହୋଇଛି।

## ବେଆଇନ ସାମଗ୍ରୀ ଉପରେ ଜିଏସ୍‌ଟି ଛାଟ

# ଦୁଇ ଲକ୍ଷ ସତୁରି ହଜାର ଜରିମାନା

କର୍ଲାମୁଣ୍ଡା,୧୯ ।୮ (ସମିସ):କର୍ଲାମୁଣ୍ଡା ବ୍ଲକ୍ ରିଷିଡା ପୁଲିସ ବେଆଇନ ଭାବେ ସାମଗ୍ରୀ ଚାଲାଣ ହେଉଥିବା ତଥା ଟିକସ ଫାଙ୍କୁ ଥିବା ଦୁଇଟି ପିକଅପ ଗାଡିକୁ ଜବତ କରି ଜିଏସ୍ଟି ଏନଫୋର୍ସ ମେଣ୍ଟ ଟିମ୍‌କୁ ଖବର ଦେଇଥିଲେ।ସୂଚନା ମତେ ରିଷିଡା ଫାଣ୍ଡି ଅଧିକାରୀ ମନୁଆ ବିଡ଼ିକା ଏକ ପାନମସଲା, ସାବୁନ ଆଦି ନେଉଥିବା ଏକ ପିକଅପ୍ ଗାଡି ନଂ ଓଡି ଜିରୋ ୮ଜି-୩୮୭୭ ଓ ଭାଙ୍ଗ ନେଉଥିବା ପିକଅପ୍ ନଂ ଓଡିଜିରୋ୩-ଏଇ ୮୯୯୯କୁ ତନଖି କଲାବେଳେ ଜିଏସଟି ଫାଙ୍କି ଥିବା ଜାଣିବାକୁ ପାଇଥିଲେ। ତାପରେ ସେ ଉକ୍ତ ବିଭାଗକୁ ଖବର ଦେବାପରେ ଜିଏସଟି ଏନଫୋର୍ସମେଣ୍ଟ ଭବାନୀପାଟଣାର ସହକାରୀ କମିଶନର ଦିବ୍ୟଜ୍ୟୋତି ନନ୍ଦ ଓ ସହକାରୀ ବାଣିଜ୍ୟକାର ଅଧିକାରୀ ସୁଧାଂଶୁ ଶେଖର ବେହେରାଙ୍କୁ ନେଇ ଏକ ଟିମ୍ ରିଷିଡା ଫାଣ୍ଡିରେ ସାବୁନ ଉପରେ ଦୁଇ ଲକ୍ଷ ଓ ଭାଙ୍ଗ ଉପରେ ସତୁରି ହଜାର ଟଙ୍କାର ଜିଏସଟି ଆଦାୟ କରିଥିଲେ। ରିଷିଡା ପୁଲିସ କଳା ବେପାରୀଙ୍କ ଉପରେ ତୀକ୍ଷଣ ନଜର ରଖୁଥିବାରୁ କଳା ବେପାରୀ ମହଲରେ କୋକୁଆ ଭୟ ସୃଷ୍ଟି ହେଉଛି।

# ଅଧ କିଲୋଗ୍ରାମ ଗଞ୍ଜେଇ ଜବତ,ଅଭିଯୁକ୍ତ ଗିରଫ

ଗୋଲାମୁଣ୍ଡା,୧୯ ।୮ (ସମିସ): କଳାହାଣ୍ଡି ଜିଲ୍ଲା ଧର୍ମଗଡ ଅବକାରୀ ବିଭାଗ ପକ୍ଷରୁ ଗୋଲାମୁଣ୍ଡା ଗ୍ରାମର ସୁଶାନ୍ତ ନାଏକ ଗଞ୍ଜେଇ ଚାଲାଣ କରୁଥିବା ବେଳେ ଚଢ଼ାଉ କରି ଗଞ୍ଜେଇ ଜବତ କରିବା ସହ ଗଞ୍ଜେଇ ଚାଲାଣ ଅଭିଯୋଗ ରେ ସୁଶାନ୍ତ ନାଏକଙ୍କୁ ଗିରଫ କରି ମଙ୍ଗଳବାର କୋର୍ଟ ଚାଲାଣ କରିଛି ଅବକାରୀ ବିଭାଗ। ଦୀର୍ଘ ଦିନରୁ ଗଞ୍ଜେଇ ବେପାର ଚଳାଇଛି। ମଙ୍ଗଳବାର ଗଞ୍ଜେଇ ଚାଲାଣ କରୁଥିବା ସମୟର ଧର୍ମଗଡ ଅବକାରୀ ଥାନା ଅଧିକାରୀ ପ୍ରତିମା ବେହେରାଙ୍କ ନେତୃତ୍ୱରେ ଚଢ଼ାଉ କରାଯାଇଥିଲା। ଚଢ଼ାଉ ବେଳେ ଅଭିଯୁକ୍ତଙ୍କ ଠାରୁ ଅଧ କେଜି ଗଞ୍ଜେଇ ଜବତ ହୋଇଥିବା ନେଇ ଅବକାରୀ ପୁଲିସ ପକ୍ଷରୁ ସୂଚନା ମିଳିଛି।



# ସିଙ୍ଗଝର ସରକାରୀ ଉଚ୍ଚ ବିଦ୍ୟାଳୟ ସୁବର୍ଣ୍ଣ ଜୟନ୍ତୀ ପ୍ରସ୍ତୁତି

ସିନାପାଲି,୧୯ ।୭ (ସମିସ): ନୂଆପଡ଼ା ଜିଲ୍ଲା ସିନାପାଲି ବ୍ଲକ୍ ସିଙ୍ଗଝର ସରକାରୀ ଉଚ୍ଚ ବିଦ୍ୟାଳୟର ସୁବର୍ଣ୍ଣ ଜୟନ୍ତୀ ପାଇଁ ପ୍ରସ୍ତୁତି ଆରମ୍ଭ ହୋଇଛି। ସିଙ୍ଗଝର ଗୋନ୍ତିଆ ଧରଣୀଧର ମାଝିଙ୍କ ଉପସ୍ଥିତିରେ ଏଥିପାଇଁ ଏକ ପରିଚାଳନା କମିଟି ଗଠନ କରାଯାଇଛି। ପୂର୍ବତନ ସରପଞ୍ଚ ଗୌରୀ ଶଙ୍କର ମାଝିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ସଭାପତି ଭାବେ ଯୀଶୁରାମ ବୈଠାରୁ, ଉପ ସଭାପତି ଭାବେ ସୁରେଶ ମାଝି, ଦିଲୀପ ନିଆଲ, ସମ୍ପାଦକ ଭାବେ ନରେନ୍ଦ୍ର ନାଏକ, ସହ ସମ୍ପାଦକ ଭାବେ ମହେନ୍ଦ୍ର ଅଗ୍ରୱାଲ, ଦେବେନ୍ଦ୍ର କଶ୍ୟପ, କୋଷାଧ୍ୟକ୍ଷ ଭାବେ ରମେଶ ଚନ୍ଦ୍ର ଅଗ୍ରୱାଲ ପ୍ରମୁଖ ସର୍ବ ସମ୍ମତି କ୍ରମେ ମନୋନୀତ ହୋଇଛନ୍ତି। କାର୍ଯ୍ୟକାରିଣୀ ସଦସ୍ୟ ଭାବେ ସରୋଜ ବୈଠାରୁ, ଶୁଭ୍ରାଂଶୁ ନାଏକ, ଗୁପ୍ତେ ସିଂ ମାଝି ପ୍ରମୁଖ ରହିଛନ୍ତି।

# ସରକାରଙ୍କ ଲୋକାଭିମୁଖୀ ଯୋଜନା ବିଷୟରେ ସଚେତନତା

କେସିଙ୍ଗା,୧୯ ।୮ (ସମିସ): ତାଲୁକ ଆଇନ ସେବା ସମିତି କେସିଙ୍ଗା ତରଫରୁ କନ୍ଦେଶିର ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ଆଇନ ସଚେତନତା ଶିବିର କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିଭିନ୍ନ ଲୋକାଭିମୁଖୀ ଯୋଜନା ବିଷୟ ଉପରେ



ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବରେ ଅଧକ୍ଷା ତାଲୁକ ଆଇନ ସେବା ସମିତି କେସିଙ୍ଗା ତଥା ବିଚାରପତି ଦୀପ୍ତା ସେଠୀ ଯୋଗଦେଇ ଉପସ୍ଥିତ ଜନସାଧାରଣଙ୍କୁ ଉପରୋକ୍ତ ବିଷୟ ଉପରେ ଅବଗତ କରାଇଥିଲେ। ଅନ୍ୟମାନଙ୍କ ମଧ୍ୟରେ କେସିଙ୍ଗା ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ସିଦ୍ଧେଶ୍ୱର ମେହେର,ପଞ୍ଚାୟତ ସରପଞ୍ଚ ମମତା ରାଣି ନାଗ ,କେସିଙ୍ଗା ଆଦର୍ଶ ଥାନା ଉପଆରକ୍ଷୀ ଅଧିକାରୀ ରାସ ବିହାରୀ ସାହାଙ୍କ ସମେତ ପଞ୍ଚାୟତ କର୍ମଚାରୀ ଏବଂ ଅଦାଲତ କର୍ମଚାରୀ ଉପସ୍ଥିତ ଥିଲେ।

# ମା' ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟରେ ନିମନ୍ତ୍ରିତ ଅଭିଭାଷଣ କାର୍ଯ୍ୟକ୍ରମ

ଭବାନୀପାଟଣା,୧୯ ।୮ (ସମିସ):ମା' ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟର ସଂସ୍କୃତ ବିଭାଗରେ ଭାରପ୍ରାପ୍ତ କୁଳପତି ଡକ୍ଟର ନିବେଦିତା ନାଥଙ୍କ ଅଧ୍ୟକ୍ଷତାରେ 'ବ୍ୟାକରଣ ଶାସ୍ତ୍ରସ୍ୟ ମହତ୍ତ୍ୱମ୍' ଶୀର୍ଷକରେ ନିମନ୍ତ୍ରିତ ଅଭିଭାଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଭାରପ୍ରାପ୍ତ କୁଳପତି ସ୍ୱାଗତ ଅଭିଭାଷଣ ଦେଇ ବ୍ୟାକରଣ ଶାସ୍ତ୍ରର ଉପଯୋଗିତା ସଂପର୍କରେ ନିଜର ଅଭିମତ ପ୍ରକାଶ କରିଥିଲେ। ଏହି ଅଭିଭାଷଣରେ ଉତ୍କଳ ବିଶ୍ୱବିଦ୍ୟାଳୟର ସଂସ୍କୃତ ବିଭାଗ ପ୍ରଫେସର ଡକ୍ଟର ମନୋରଞ୍ଜନ ଶତପଥି ବକ୍ତାରୂପେ ଉପସ୍ଥିତ ହୋଇ ବ୍ୟାକରଣ ଶାସ୍ତ୍ରର ମହତ୍ତ୍ୱ ସଂପର୍କରେ ତାତ୍ତ୍ୱିକ ବିଶ୍ଳେଷଣ କରିଥିଲେ। ବ୍ୟାକରଣ ହିଁ ଭାଷାକୁ ଶୃଙ୍ଖଳିତ କରେ, ଯାହାଦ୍ୱାରା ଭାଷା ସୁଦୃଢ଼ ଓ ବଳିଷ୍ଠ ହୋଇଥାଏ ବୋଲି ବକ୍ତାମାନେ କହିଥିଲେ। ଉକ୍ତ ଅଭିଭାଷଣରେ ସଂସ୍କୃତ ବିଭାଗ ମୁଖ୍ୟ ମେଜର ଡକ୍ଟର ଜୟଦେବ ସାହୁ, ଉତ୍କଳ ବିଶ୍ୱବିଦ୍ୟାଳୟର ସଂସ୍କୃତ ବିଭାଗର ସହକାରୀ ପ୍ରଫେସର ଡକ୍ଟର ନିରଞ୍ଜନ ଶବର, ମନୋଜ ସାହୁ, ରାଜରାଜେଶ୍ୱରୀ ପଣ୍ଡା ପ୍ରଭୃତି ଉପସ୍ଥିତ ଥିଲେ। ସଂସ୍କୃତ ବିଭାଗର ସହକାରୀ ପ୍ରଫେସର ଡକ୍ଟର ଆବର୍ତ୍ତ ହରିଜନ ବକ୍ତାଙ୍କ ପରିଚୟ ପ୍ରଦାନ କରିଥିବାବେଳେ ଅତିଥି ଅଧ୍ୟାପକ ଡକ୍ଟର ଠାକୁର ରଣା ମଞ୍ଚ ପରିଚାଳନା ଓ ଅତିଥି ଅଧ୍ୟାପକ ପ୍ରହ୍ଲାଦ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ। ଶେଷରେ ବକ୍ତା ଛାତ୍ରଛାତ୍ରୀଙ୍କ ପ୍ରଶ୍ନର ଉତ୍ତର ପ୍ରଦାନ କରି ଜିଜ୍ଞାସା ମୋଚନ କରିଥିଲେ। ସଂସ୍କୃତ ବିଭାଗର ସମସ୍ତ ଅଧ୍ୟାପକ ଅଧ୍ୟାପିକା ଉପସ୍ଥିତ ହୋଇ ଉକ୍ତ ଅଭିଭାଷଣ କାର୍ଯ୍ୟକ୍ରମକୁ ସଫଳ କରିଥିଲେ।

# ନୂଆଁଖାଇ ଅବ୍ୟବହିତ ପୂର୍ବରୁ ମହିଳାଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା

ସିନାପାଲି,୧୯ ।୮ (ସମିସ): ନୂଆପଡ଼ା ଜିଲ୍ଲା ସିନାପାଲିର ସାମୂହିକ ନୂଆଁଖାଇ ଭେଟଘାଟ ପରିବାର ତରଫରୁ ନୂଆଁଖାଇ ପର୍ଯ୍ୟନ୍ତ ବିଭିନ୍ନ ବର୍ଗର ଲୋକଙ୍କ ପାଇଁ ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜିତ ହେଉଛି। ମହିଳାଙ୍କ ପାଇଁ ମଧ୍ୟ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଛି। ସ୍ଥାନୀୟ ଗାୟତ୍ରୀ ମନ୍ଦିର ପରିସରରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଜିଲ୍ଲାପରିଷଦ ସଭ୍ୟା ଆଶା ଜୈନ, ଶିକ୍ଷାବିତ ତୁଳସୀରାମ ମେହେର, ପୂର୍ବ ଜିଲ୍ଲା ପରିଷଦ ପ୍ରିୟରଂଜନ ମେହେର, ତ୍ରିନାଥ ମେହେର, ସୁଶାନ୍ତ କୁମାର, ସୁରଜ ମେହେର, ପ୍ରଭାତ ମେହେର ମଞ୍ଚାସୀନ ଥିଲେ। ବେଣୁଧର ମେହେର ସମସ୍ତଙ୍କୁ ସ୍ୱାଗତ କରିଥିବା ବେଳେ ରଶ୍ମିରଂଜନ ସା ପ୍ରତିଯୋଗିତାର ନିୟମାବଳୀ ଉପସ୍ଥାପନ କରିଥିଲେ। ଏଥିରେ ବିଚାରକ ଭାବେ ସନ୍ତୋଷ ନାୟକ, ନିକୁଞ୍ଜ ବିହାରୀ ସା, ଦୀପକ ସା, ବଂଶୀଧର ଜଗତ, ଦିନେଶ ମେହେର, ବିଦ୍ୟାଧର ସା, ଯତୀନ୍ଦ୍ର ମେହେର, ହରେଶ ମେହେର, ଗୌତମ ମେହେର, ସୁନିଲ ମେହେର, ଗଣେଶ ମେହେର, ବିଶ୍ୱାସ ଯୋଷୀ, ସୁନୀଲ ମେହେର ଉପସ୍ଥିତ ଥିଲେ। ବେଲୁନ କପ୍ ପ୍ରତିଯୋଗିତାରେ ନମିତା ମେହେର, ଉର୍ବଶୀ ମେହେର,



ସ୍ନିଗ୍ଧା ମେହେର, ସାଲାଡ ପ୍ଲେଟରେ କୁମୁଦିନି ମେହେର, ସ୍ନିଗ୍ଧା ମେହେର, ନନ୍ଦିନୀ ମେହେର, ଅନ୍ତାକ୍ଷରୀରେ ପୁଷ୍ପାଞ୍ଜଳି ମେହେର, ତୃପ୍ତିମୟୀ ମେହେର, ନମିତା ମେହେର, ମମତା ମେହେର, ରଞ୍ଜିତା ମେହେର, ହଂସିକା ବେମାଲ, ପିଙ୍କି ମେହେର, ଗୁଣ୍ଡିଚା ମେହେର, ଡୋଲେଶ୍ୱରୀ ମେହେର ଓ ମାଠିଆ ଫଟାରେ ରଶ୍ମିତା ମେହେର, ଚିନ୍ମୟୀ ମେହେର, ଗୀତାଞ୍ଜଳି ମେହେର, ଗୁଣ୍ଡିଚା ମେହେର ଯଥାକ୍ରମେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିଲେ।

# ବହୁମୁଖୀ ପୁରୁଷ ସ୍ୱାସ୍ଥ୍ୟ କର୍ମୀଙ୍କ ଧାରଣା

ନୂଆପଡା, ୧୯ ।୮ (ସମିସ): ପୁରୁଷ ବହୁମୁଖୀ ସ୍ୱାସ୍ଥ୍ୟକର୍ମୀ ଲେବେଲ -୨ରୁ ଲେବେଲ ୧ -କୁ ପଦୋନ୍ନତିରେ ବିଭାଗୀୟ ଚରମ ଅବହେଳା ପରିଲକ୍ଷିତ ହୋଇଛି। ଏଭଳି ଅଭିଯୋଗ କରି ସଂଘ ତରଫରୁ ନୂଆପଡା ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦିଆଯାଇଛି। ଚିଠି ନମ୍ବର ୩୫୦୦୨ରେ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ୨୧।୧୨।୨୪ରେ ସମସ୍ତ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀଙ୍କୁ ୨୦୨୫ ମସିହା ଜାନୁଆରୀ ମାସ ଶେଷ ସୁଦ୍ଧା ଡିପିସି ବୈଠକ ସମ୍ପୂର୍ଣ୍ଣ କରାଯାଇ ପୁରୁଷ ବହୁମୁଖୀ ସ୍ୱାସ୍ଥ୍ୟକର୍ମୀ ଲେବେଲ ୨ରୁ ଲେବେଲ ୧କୁ ପଦୋନ୍ନତି ଦେବା ପାଇଁ ନିର୍ଦ୍ଦେଶ ଦିଆଯାଇଥିଲା। ୨୯।୭।୨୦୨୫ରେ ଡିପିସି ବୈଠକ ବସି ସାରିଛି। ବିଭିନ୍ନ ଆଳ ଦେଖାଇ କିନ୍ତୁ ଫଳାଫଳ ପ୍ରକାଶ କରାଯାଉନି। ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ, ଡେପୁଟି କଲେକ୍ଟର ଏବଂ ଜିଲ୍ଲାପାଳଙ୍କୁ ବାରମ୍ବାର ଗୁହାରି କରୁଥିଲେ ସୁଦ୍ଧା କୌଣସି ସୁଫଳ ମିଳୁପାରୁନି ବୋଲି ସଂଘ ଉଦ୍‌ବେଗ ପ୍ରକାଶ କରିଛି। ଏହା ଦ୍ୱାରା ନୂଆପଡା ଜିଲ୍ଲାର ସମସ୍ତ ପୁରୁଷ ବହୁମୁଖୀ ସ୍ୱାସ୍ଥ୍ୟକର୍ମୀ ଅତ୍ୟନ୍ତ ମାନସିକ, ଶାରୀରିକ ଓ ଅର୍ଥିକ ଦୃଷ୍ଟି କୋଣରୁ ଭାଙ୍ଗି ପଡିଛନ୍ତି। ଏହାକୁ ନେଇ ସେମାନେ ଧାରଣା ଦେବେ ବୋଲି ଚେତାବନୀ ଦେଇଥିଲେ। କୌଣସି ସୁଫଳ ନ ମିଳିବାରେ ମଙ୍ଗଳବାରଠାରୁ ଧାରଣରେ ବସିଛନ୍ତି।



# ଯୁବ ରେଡ଼କ୍ରସ ଜିଲ୍ଲାସ୍ତରୀୟ ବାର୍ଷିକ କାର୍ଯ୍ୟକାରୀ ସମିତି ବୈଠକ

ନୂଆପଡା, ୧୯ ।୮ (ସମିସ): ନୂଆପଡା ଜିଲ୍ଲା ନ୍ୟାସନାଲ ମହାବିଦ୍ୟାଳୟ ପରିସରରେ ଜିଲ୍ଲାସ୍ତରୀୟ ବାର୍ଷିକ ଯୁବ ରେଡ଼କ୍ରସ କାର୍ଯ୍ୟକାରୀ ସମିତି ବୈଠକ ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟ ଅଧକ୍ଷ ପ୍ରଫେସର ହିତେଶ ସାହୁଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ନୂଆପଡ଼ା ଜିଲ୍ଲାପାଳ ମଧୁସୂଦନ ଦାସ, ଜିଲ୍ଲା ଜରୁରୀ କାଳୀନ ଅଧିକାରୀ ଏସ୍.କେ. ନସିମ, ଖଡ଼ିଆଳ ଆଦର୍ଶ ସ୍ନାତକ ମହାବିଦ୍ୟାଳୟର ଅଧକ୍ଷ ଡ. ଅକ୍ଷୟ ସାହୁ, ପ୍ରଫେସର ବିଧାନ ମିଶ୍ର ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ଜିଲ୍ଲା ଯୁବ ରେଡ଼କ୍ରସ ଆବାହକ-ସଂପାଦକ ଶିବ ପ୍ରସାଦ ସା ସ୍ୱାଗତ ଭାଷଣ ଦେଇଥିଲେ। ଜିଲ୍ଲା ସଂଯୋଜକ ଅଶ୍ୱିନୀ ଓତା ଉଭୟ ମହାବିଦ୍ୟାଳୟ ଓ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ସ୍ତରରେ ଛାତ୍ରଛାତ୍ରୀଙ୍କଠାରୁ ଆଦାୟ ହେଉଥିବା ରେଡ଼କ୍ରସ ପାଉଣାର ସଦୁପଯୋଗ ସଂପର୍କରେ ଆଲୋକପାତ କରିଥିଲେ। ଅଧ୍ୟାପକ ବୈକୁଣ୍ଠ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ। ଅଧ୍ୟାପକ ବୈଦ୍ୟନାଥ ଗଡ଼ତିଆ, ଅଧ୍ୟାପକ ଗୋପୀ ଗୋପାଳ ସୁନା, କ୍ରୀଡା ଶିକ୍ଷକ ପ୍ରକାଶ ସାହୁ, ଲାବଣ୍ୟ ଖର୍ସେଲ, ବିକାଶ ରାଉତ, କ୍ରିଷ୍ଣା ଜାଲ, ଗୌତମ ସାହୁ ପ୍ରମୁଖ ସହଯୋଗ କରିଥିଲେ।





ବିଳାସ ନୁହେଁ, ଭଲ ପାଇବା ହିଁ ମାନବ ସଭ୍ୟତାର ସୁସ୍ଥ ଭବିଷ୍ୟତ ପାଇଁ ଜରୁରୀ।
-ଦଲାଇ ଲାମା

ସକାଳ
THE SAKALA

# ପରୀକ୍ଷା ପ୍ରହସନ

ପରୀକ୍ଷାରେ ବହି, ଖାତା ଦେଖି ଲେଖିବା(ଓବିଇ) ଭଳି ଏକ ଅଭିନବ ପରିକଳ୍ପନାକୁ କେନ୍ଦ୍ରୀୟ ମାଧ୍ୟମିକ ଶିକ୍ଷା ପରିଷଦର ପରିଚାଳନା ମଣ୍ଡଳୀ ସବୁଜ ସଙ୍କେତ ଦେଇଛି। ୨୦୨୩ ନଭେମ୍ବର-ଡିସେମ୍ବର ମାସରେ ଆରମ୍ଭ ହୋଇଥିବା ପାଇଲଟ୍ ପ୍ରକଳ୍ପର ସଫଳତା ଆଧାରରେ ୨୦୨୬-୨୭ ଶିକ୍ଷା ବର୍ଷରୁ ନବମ ଶ୍ରେଣୀରେ ଏହା କାର୍ଯ୍ୟକାରୀ ହେବ ବୋଲି ଆପାତତଃ ଚୂଡ଼ାନ୍ତ ହୋଇଛି। ପାଇଲଟ୍ ପ୍ରକଳ୍ପରେ ନବମ ଓ ଦଶମ ଶ୍ରେଣୀରେ ଇଂରାଜୀ, ଗଣିତ ଓ ବିଜ୍ଞାନ ଏବଂ ଏକାଦଶ ଓ ଦ୍ୱାଦଶ ଶ୍ରେଣୀ ପାଇଁ ଇଂରାଜୀ, ଗଣିତ ଓ ଜୈବବିଜ୍ଞାନ ବିଷୟରେ ଓବିଇ ପଦ୍ଧତି ଅନୁସୃତ ହୋଇଥିଲା, ଯାହାକୁ ଶିକ୍ଷକମାନେ ବିପୁଳ ସମର୍ଥନ କରିଥିବା ସିବିଏସ୍‌ଇ ଦାବି କରିଛି। ମସ୍ତିଷ୍କ ଓ ସ୍ମୃତି ଶକ୍ତି ଉପରେ ଅଧିକ ଚାପ ସୃଷ୍ଟି ନ କରି ଛାତ୍ରଛାତ୍ରୀଙ୍କ ଅନୁସନ୍ଧାନ, ବ୍ୟାଖ୍ୟାନ ଓ ଉପସ୍ଥାପନ ଦକ୍ଷତା ବିକାଶରେ ଏହି ପଦ୍ଧତି ଫଳପ୍ରଦ ହୋଇଥିବା କୁହାଯାଉଛି।

ଅଷ୍ଟମ ଶ୍ରେଣୀରେ ପାସ୍‌ଫେଲ୍ ବ୍ୟବସ୍ଥାକୁ ପୁନଃପ୍ରଚଳନ କରିବା ପାଇଁ ଗତ ଜାନୁଆରୀ ମାସରେ କେନ୍ଦ୍ର ଶିକ୍ଷା ମନ୍ତ୍ରଣାଳୟ ଦେଶର ସମସ୍ତ କେନ୍ଦ୍ରୀୟ ବିଦ୍ୟାଳୟ ଓ ଜବାହାର ନବୋଦୟ ବିଦ୍ୟାଳୟକୁ ନିର୍ଦ୍ଦେଶାବଳୀ ଜାରି କରିବା ପରେ ଓଡ଼ିଶା ସମେତ କେତେକ ରାଜ୍ୟ ସରକାର ଚଳିତ ଶିକ୍ଷାବର୍ଷଠାରୁ ଏହାକୁ କାର୍ଯ୍ୟକାରୀ କରିଛନ୍ତି। ଏହାପଛର ମୂଳ ଓ ମହତ୍ ଉଦ୍ଦେଶ୍ୟ ହେଉଛି ପାସ୍ ଫେଲ୍ ବ୍ୟବସ୍ଥା ଉଠିଯିବା ଦ୍ୱାରା ଛାତ୍ରଛାତ୍ରୀମାନେ ପାଠପଢ଼ାରେ ଅମନଯୋଗୀ ହେଉଛନ୍ତି। ପଞ୍ଚମ ଶ୍ରେଣୀରେ ପଢୁଥିବା ପିଲା ଦ୍ୱିତୀୟ ଶ୍ରେଣୀର ପାଠ ପଢ଼ିପାରୁନାହାନ୍ତି। ପରୀକ୍ଷା ବ୍ୟବସ୍ଥା ରହିଲେ ଫେଲ୍ ହେବାର ଭୟ ମଧ୍ୟ ରହିବ। ତେଣୁ ପିଲାମାନେ ପାଠ ପ୍ରତି ଗୁରୁତ୍ୱ ଦେବେ। ଏହା ଏକ ଉତ୍ତମ ଓ ସ୍ୱାଗତଯୋଗ୍ୟ ନିଷ୍ପତ୍ତି। ଏହି ଆଧାରରେ ଓବିଇକୁ ବିଚାର କଲେ ଯଦି ପିଲାମାନଙ୍କୁ ବହି ଦେଖି ଉତ୍ତର ଲେଖିବାର ବା ନିର୍ଭୟରେ କପି କରିବାର ସୁଯୋଗ ମିଳିଯିବ ତେବେ ପରୀକ୍ଷା ପ୍ରତି ଭୟ ରହିବ ନାହିଁ କି ଉପରୋକ୍ତ ମହତ୍ ଉଦ୍ଦେଶ୍ୟ ସାଧିତ ହେବ ନାହିଁ। କପି କରିବା ଆମ ବ୍ୟବସ୍ଥାରେ ଏକ ଦୁର୍ନୀତି ବା ଅପରାଧ(ମାଲ୍‌ପ୍ରାକ୍ଟିସ୍) ରୂପେ ଧରାଯାଉଛି। ତେଣୁ ଏବେ ସିବିଏସ୍‌ଇର ଓବିଇ ପଦ୍ଧତି ଏହି ମାଲ୍‌ପ୍ରାକ୍ଟିସ୍‌କୁ ବୈଧ କରିବା ଭଳି ହେବ ନାହିଁ କି?

ଆମ ଶିକ୍ଷା ବ୍ୟବସ୍ଥାରେ ଉପରଶ୍ରେଣୀକୁ ଉନ୍ନୀତ ହେବା ପାଇଁ ପରୀକ୍ଷା ନମ୍ବର ଏକ ମାପଦଣ୍ଡ ଏବଂ ପରୀକ୍ଷା ଫଳ ଏକ ପ୍ରବେଶପତ୍ର ଭାବେ ବିବେଚନା ହୋଇଆସୁଛି। କିନ୍ତୁ ଛାତ୍ରଛାତ୍ରୀ କ'ଣ ପଢ଼ିଲେ, କିପରି ପଢ଼ିଲେ ଓ କ'ଣ ଶିଖିଲେ ତାହାର ବାସ୍ତବ ପ୍ରତିଫଳନ ଓ ପ୍ରମାଣ ହେଉଛି ପରୀକ୍ଷା। ଯଦି ପରୀକ୍ଷା କେବଳ କପି ଆଧାରିତ ହୁଏ ତେବେ ସେମାନଙ୍କ ଭବିଷ୍ୟତ ପ୍ରଭାବିତ ହେବ। ନିଯୁକ୍ତି, ବୃତ୍ତି, ଅନ୍ୟ ପେସାଦାର ଶିକ୍ଷା, ପ୍ରବେଶିକା ପରୀକ୍ଷା ବେଳେ ସେମାନେ ଅପ୍ରୀତିକର ପରିସ୍ଥିତିର ସମ୍ମୁଖୀନ ହୋଇପାରନ୍ତି। ଦେଶର ବିଶାଳ ଛାତ୍ରସମାଜ ମଧ୍ୟରୁ ଶିକ୍ଷାକୁ ଜ୍ଞାନ ଆହରଣର ମାଧ୍ୟମ ଭାବେ ପରବର୍ତ୍ତୀ ଜୀବନରେ ଉପଯୋଗ କରିବାକୁ ଚାହୁଁଥିବା ଛାତ୍ରଛାତ୍ରୀଙ୍କ ସଂଖ୍ୟା ଅଳ୍ପ ହେଲେ ମଧ୍ୟ ଦେଶକୁ ଜ୍ଞାନର ପେଣ୍ଠସ୍ଥଳୀ ରୂପେ ମାନ୍ୟତା ଦେବାରେ ସେମାନଙ୍କ ଅବଦାନ ଓ ଭୂମିକା ଗୁରୁତ୍ୱପୂର୍ଣ୍ଣ। ଏହି ବିଶାଳ ଛାତ୍ରସମାଜରେ ଏଭଳି ମଧ୍ୟ ଏକ ବର୍ଗ ରହିଛନ୍ତି, ଯେଉଁମାନେ କେବଳ ଡିଗ୍ରୀ ହାସଲ କରିବାକୁ ଶିକ୍ଷାନୁଷ୍ଠାନରେ ନାମ ଲେଖାଇଥା'ନ୍ତି। ପ୍ରଚଳିତ ରୂଢ଼ି ଅନୁଯାୟୀ ପ୍ରଥମ ବର୍ଗକୁ 'ଧୁଆମୂଳା' ଓ ଦ୍ୱିତୀୟ ବର୍ଗକୁ 'ଅଧୁଆମୂଳା' ଭାବରେ ଅଭିହିତ କରାଯାଏ। ଏହି 'ଧୁଆମୂଳା' ଓ 'ଅଧୁଆମୂଳା'ମାନେ ପରୀକ୍ଷା ନମ୍ବର ଆଧାରରେ ବାରି ହୋଇପଡ଼ନ୍ତି। ଯଦି ସିବିଏସ୍‌ଇର ଓବିଇର ସଫଳତା ଆଧାରରେ ପ୍ରତି ଶିକ୍ଷାନୁଷ୍ଠାନରେ ଏଭଳି ଖୋଲା କପି ବ୍ୟବସ୍ଥା କାର୍ଯ୍ୟକାରୀ ହୁଏ ତେବେ 'ଧୁଆମୂଳା' ଓ 'ଅଧୁଆମୂଳା' ମଧ୍ୟରେ ଥିବା ତଫାତ୍ କମି ଆସିବ। ନା ଛାତ୍ରଛାତ୍ରୀ ଶିକ୍ଷାଗ୍ରହଣର ଚାପରେ ରହିବେ ନା ଶିକ୍ଷକ/ଶିକ୍ଷୟିତ୍ରୀ ଶିକ୍ଷାଦାନର ଉତ୍ତରଦାୟିତ୍ୱକୁ ଗୁରୁତ୍ୱ ଦେବେ। ଏଥିରେ 'ଧୁଆମୂଳା'ମାନେ ଅଧିକ କ୍ଷତିଗ୍ରସ୍ତ ହେବେ ଏବଂ 'ଅଧୁଆମୂଳା'ମାନେ ଭାଗ୍ୟବାନ୍ ସାବ୍ୟସ୍ତ ହେବେ।

ପରବର୍ତ୍ତୀ ସମୟରେ ହୁଏତ ପୁଣି ପ୍ରଶ୍ନ ଉଠିବ ଯଦି ନବମରେ ଓବିଇ ଲାଗୁ ହେଲା ତାହା ଦଶମ, ଦ୍ୱାଦଶରେ ଲାଗୁ ହେବ ନାହିଁ କାହିଁକି? ପୁଣି ଯଦି ଉପର ଶ୍ରେଣୀରେ ଓବିଇ ଲାଗୁ ହୋଇପାରୁଛି ତେବେ ଅଷ୍ଟମ ଶ୍ରେଣୀରେ କାହିଁକି ନୁହେଁ? ଏଭଳି ଓବିଇର ସଂକ୍ରମଣ ଶିକ୍ଷାର ବିଭିନ୍ନ ସ୍ତରକୁ ମାଡ଼ି ଚାଲିବ। ଏହାଦ୍ୱାରା ମଧ୍ୟ ଶ୍ରେଣୀକକ୍ଷ ଶିକ୍ଷାଦାନ ଗୁରୁତ୍ୱ ହରାଇବ ଏବଂ ଟେଷ୍ଟପେପର ବା କିବୁକ୍, ଗାଇଡ୍‌ବୁକ୍ ଆଦିର ବିଶାଳ ବଜାର ସୃଷ୍ଟି ହେବ। କାରଣ କେବଳ ଜ୍ଞାନ ବିତରଣ ପାଇଁ ସମର୍ପିତ ଶିକ୍ଷକ/ଶିକ୍ଷୟିତ୍ରୀଙ୍କ ସଂଖ୍ୟା କେତେ ତାହା ବୁଝାଇ କହିବା ଆବଶ୍ୟକ ନାହିଁ। ହୁଏତ ସେମାନେ ଶ୍ରେଣୀରେ ନାମକୁ ମାତ୍ର ଉପସ୍ଥାନ ପକାଇ ଲୁଚାଛପାରେ ଗାଇଡ୍‌ବୁକ୍ ଲେଖିବାରେ ଅଧିକ ମନୋନିବେଶ କରିପାରନ୍ତି।

ଓବିଇ ବ୍ୟବସ୍ଥା ୧୯୫୩ରେ ହଂକଂ ପ୍ରଥମେ ଲାଗୁ କରିଥିଲା। ୧୯୫୧ରୁ ୧୯୭୮ ଭିତରେ ଆମେରିକା ଓ ଇଂଲଣ୍ଡରେ ବିଭିନ୍ନ ବିଶ୍ୱବିଦ୍ୟାଳୟରେ ପରୀକ୍ଷାମୂଳକ ଭାବେ ଏହି ପଦ୍ଧତି ଅନୁସୃତ ହୋଇ ପ୍ରତ୍ୟାହୃତ ହୋଇଥିଲା। ୨୦୧୯ରେ କୋଭିଡ୍ ମହାମାରୀ ସମୟରେ ଭାରତରେ ଇଞ୍ଜିନିୟରିଂ ପରୀକ୍ଷା ପାଇଁ ଓବିଇ ପଦ୍ଧତି ଏଆଇସିଟିଇ ଦ୍ୱାରା କେବଳ ସେହିବର୍ଷ ପାଇଁ ଅନୁମୋଦିତ ହୋଇଥିଲା। ସେହିପରି ୨୦୧୪ ମସିହାରେ ସିବିଏସ୍‌ଇ ପକ୍ଷରୁ 'ଓପନ୍ ଟେକ୍ସଟ ବେସ୍‌ଡ ଆସେସ୍‌ମେଣ୍ଟ(ଓଟିବିଏ)' ଆରମ୍ଭ କରାଯାଇଥିଲା, ଯେଉଁଥିରେ ପରୀକ୍ଷା ପୂର୍ବରୁ କେତେକ ନିର୍ଦ୍ଦିଷ୍ଟ ବିଷୟର ସମ୍ଭାବ୍ୟ ପ୍ରଶ୍ନୋତ୍ତର ସମ୍ବଳିତ ପୁସ୍ତିକା ନବମ, ଦଶମ ଓ ଏକାଦଶ ଶ୍ରେଣୀର ପିଲାମାନଙ୍କୁ ଦିଆଯାଉଥିଲା। ଏହାଦ୍ୱାରା ପିଲାମାନଙ୍କର ବିଶ୍ଳେଷାତ୍ମକ ଦକ୍ଷତା ପ୍ରଭାବିତ ହେଉଥିବା କହି ୨୦୧୭-୧୮ରେ ପ୍ରତ୍ୟାହାର କରି ନିଆଯାଇଥିଲା। ତେଣୁ ଓବିଇ ପଦ୍ଧତି କେତେ ସଫଳ ହେବ ତାହା ସମୟ କହିବ। କିନ୍ତୁ ବାରମ୍ବାର ଏଭଳି ବ୍ୟବସ୍ଥା ପରିବର୍ତ୍ତନ ଦ୍ୱାରା ଶୈକ୍ଷିକ ସନ୍ତୁଳନ ବିଗିଡ଼ିଯିବ ଏବଂ ପରୀକ୍ଷା କେବଳ ଏକ ପ୍ରହସନରେ ପରିଣତ ହେବ ବୋଲି ଆମର ମତ।

# ଉପକୂଳର ସୁରକ୍ଷା କବଚ

ଡକ୍ଟର ସୁନ୍ଦର ନାରାୟଣ ପାତ୍ର

ଲୁଣା ଜଙ୍ଗଲ ବା ମାନଗ୍ରୋଭ ନିଜର ଘନ, ଶକ୍ତ ଓ ନମନୀୟ ଛିଦ୍ରାଳ ଭଳି ମୂଳ ବଳରେ ଝଡ଼ ଓ ବନ୍ୟା ବିରୁଦ୍ଧରେ ପ୍ରାକୃତିକ ସୁରକ୍ଷା କବଚ ଭଳି କାର୍ଯ୍ୟ କରେ। ସେଗୁଡ଼ିକ ମାଟିକୁ ଦୃଢ଼ ଭାବରେ ବାନ୍ଧି ରଖନ୍ତି, ଯାହା ଉପକୂଳ କ୍ଷୟକୁ ରୋକିବାରେ ସାହାଯ୍ୟ କରେ। ଖାଦ୍ୟ, ଇନ୍ଧନ, ଔଷଧୀୟ ଲାଭ ଓ ମନୋରଞ୍ଜନ ପ୍ରଦାନ କରିବା ସହିତ ଲୁଣା ଜଙ୍ଗଲ ଉଦ୍ଭିଦ ସାମୁଦ୍ରିକ ଓ ଉପକୂଳୀୟ ପ୍ରାଣୀ ଓ ଉଦ୍ଭିଦ ପାଇଁ ଆଦର୍ଶ ଆବାସସ୍ଥାନ, ଘୂର୍ଣ୍ଣିବଳୟ ବିପର୍ଯ୍ୟୟରୁ ସୁରକ୍ଷା ଏବଂ କାର୍ବନ ସିକ୍ୱେଷ୍ଟରେସନ୍ ବା ଅଙ୍ଗାର ଅବଶୋଷଣଠାରୁ ଆରମ୍ଭ କରି ଅନେକ ପରିବେଶଗତ ସେବା ପ୍ରଦାନ କରେ। ଇଣ୍ଡିଆନ୍ ଷ୍ଟେଟ୍ ଅଫ୍ ଫରେଷ୍ଟ ରିପୋର୍ଟ (୨୦୨୧) ଅନୁଯାୟୀ, ଭାରତରେ ଲୁଣା ଜଙ୍ଗଲ ପ୍ରତିବର୍ଷ ପ୍ରାୟ ୪.୯ ନିୟୁତ ଟନ୍ କାର୍ବନ ବା ଅଙ୍ଗାର ସଂରକ୍ଷଣ କରେ, ଯାହା ଜଳବାୟୁ ପରିବର୍ତ୍ତନ ପ୍ରଶମନ ପ୍ରୟାସରେ ଗୁରୁତ୍ୱପୂର୍ଣ୍ଣ ଯୋଗଦାନ ଦିଏ।

ଓଡ଼ିଶାରେ ପ୍ରାୟ ୪୮୦ କିଲୋମିଟର ଦୀର୍ଘ ସମୁଦ୍ର ଉପକୂଳ ଅଛି, ଯାହା ଛଅଟି ଜିଲ୍ଲା ଯଥା ଗଞ୍ଜାମ, ପୁରୀ, ଜଗତ୍‌ସିଂହପୁର, କେନ୍ଦ୍ରାପଡ଼ା, ଭଦ୍ରକ ଓ ବାଲେଶ୍ୱରକୁ ସ୍ପର୍ଶ କରୁଛି। ରାଜ୍ୟର ମୋଟ ଜନସଂଖ୍ୟାର ପ୍ରାୟ ଏକ-ତୃତୀୟାଂଶ ଏହି ଉପକୂଳବର୍ତ୍ତୀ ଅଞ୍ଚଳରେ ବସବାସ କରନ୍ତି। କେନ୍ଦ୍ରାପଡ଼ା ଜିଲ୍ଲାର ସାତଭାୟା ଓ ପେଣ୍ଠ, ଜଗତସିଂପୁର ଜିଲ୍ଲାର ସିଆଳି ଓ ନୋଳିଆ ସାହି, ପୁରୀ ଜିଲ୍ଲାର ପୁରୀ-କୋଣାର୍କ ମେରାଇନ୍ ଡ୍ରାଇଭ୍ ଓ ଅରକଖୁଦା, ଗଞ୍ଜାମ ଜିଲ୍ଲାର ପୋଡାମପେଟା ଓ ରାମାୟାପାଟଣା ଇତ୍ୟାଦି ଅଞ୍ଚଳ ହେଉଛି ଅତ୍ୟନ୍ତ ସମ୍ବେଦନଶୀଳ ଏବଂ ସମୁଦ୍ର ପତ୍ତନ ବୃଦ୍ଧି, ଜୁଆର ଓ ବାରମ୍ବାର ଘୂର୍ଣ୍ଣିଝଡ଼ ଯୋଗୁଁ ଉପକୂଳବର୍ତ୍ତୀ ଗ୍ରାମଗୁଡ଼ିକ ଧୋଇ ହୋଇଯାଏ।

ସାମ୍ପ୍ରତିକ ବର୍ଷଗୁଡ଼ିକରେ ଓଡ଼ିଶାରେ ଘୂର୍ଣ୍ଣିଝଡ଼ର ବାରମ୍ବାରତା ବୃଦ୍ଧି ପାଇଛି। ଓଡ଼ିଶା ଉପକୂଳ ପୁନଃ ପୁନଃ ସୁପର-ସାଇକ୍ଲୋନ୍ ବା ମହାବାତ୍ୟା (୧୯୯୯), ଫାଇଲିନ ବା ସୁପର ଟାଇଫୁନ୍(୨୦୧୩), ହୁଡ୍‌ହୁଡ୍ (୨୦୧୪), ତିତଲି(୨୦୧୮), ଫନି (୨୦୧୯), ବୁଲବୁଲ (୨୦୧୯), ଆମ୍ଫାନ୍ (୨୦୨୦), ୟାସ୍ (୨୦୨୧), ଜୱାଦ୍(୨୦୨୧), ଗୁଲାବ(୨୦୨୧), ଅସନୀ(୨୦୨୨) ଏବଂ ଦାନା (୨୦୨୪) ଭଳି ବିପର୍ଯ୍ୟୟ ଦ୍ୱାରା ପ୍ରଭାବିତ ହୋଇଛି। ଏହି ବିପର୍ଯ୍ୟୟଗୁଡ଼ିକ ଓଡ଼ିଶାର ଉପକୂଳବର୍ତ୍ତୀ ଅଞ୍ଚଳରେ ବିଭିନ୍ନ ପ୍ରକାରର ବାଣିଜ୍ୟିକ, ଭିତିଭୂମି ଓ ବ୍ୟକ୍ତିଗତ ସମ୍ପତ୍ତିକୁ କ୍ଷତିଗ୍ରସ୍ତ ଓ ନଷ୍ଟ କରିଛି।

ଗୃହ ମନ୍ତ୍ରଣାଳୟ ଅଧୀନରେ ଥିବା ଏକ ସ୍ୱୟଂଶାସିତ ପ୍ରତିଷ୍ଠାନ, ଜାତୀୟ ବିପର୍ଯ୍ୟୟ ପରିଚାଳନା ସଂସ୍ଥା(ଏନ୍‌ଆଇଡିଏମ୍) ଦ୍ୱାରା ଜୁଲାଇ ୨୦୨୫ ରେ ପ୍ରକାଶିତ 'ଘୂର୍ଣ୍ଣିଝଡ଼ ଦୁର୍ବଳତା ପ୍ରତି ସାମାଜିକ-ପରିସଂସ୍ଥୀୟ ସହନଶୀଳତା: ଉପକୂଳ ଓଡ଼ିଶାର ଏକ ଅନୁଧ୍ୟାନ' ଶୀର୍ଷକ ଏକ ସାମ୍ପ୍ରତିକ ଅଧ୍ୟୟନ, ଓଡ଼ିଶାର ୪୮୦ କିଲୋମିଟର ଲମ୍ବା ଉପକୂଳରେ ଘୂର୍ଣ୍ଣିଝଡ଼ ବିପର୍ଯ୍ୟସ୍ତ ମୁକାବିଲାରେ ସାମାଜିକ-ପରିସଂସ୍ଥୀୟ ସ୍ଥିରତାକୁ ବୃଦ୍ଧି କରିବା ପାଇଁ ରଣନୈତିକ ହସ୍ତକ୍ଷେପର ଜରୁରୀ ଆବଶ୍ୟକତା ଉପରେ ଆଲୋକପାତ କରେ। ପୂର୍ବ ଭାରତ ଉପକୂଳ ବିଶ୍ୱର ସବୁଠାରୁ ଘୂର୍ଣ୍ଣିଝଡ଼-ପ୍ରବଣ ଅଞ୍ଚଳ ମଧ୍ୟରୁ ଗୋଟିଏ ହୋଇଥିଲେ ମଧ୍ୟ ଅନ୍ୟ ପୂର୍ବ ରାଜ୍ୟ ତୁଳନାରେ ଓଡ଼ିଶା ଦୁଇଗୁଣ ଦୁର୍ବଳ ବୋଲି ରିପୋର୍ଟରେ କୁହାଯାଇଛି। ୧୮୯୧ ରୁ ୨୦୧୮ ପର୍ଯ୍ୟନ୍ତ ଓଡ଼ିଶା ଉପକୂଳ ଅତିକ୍ରମ କରିଥିବା ଘୂର୍ଣ୍ଣିଝଡ଼ ସଂଖ୍ୟା ୧୧୦ ଥିଲା, ଯାହା ସମସ୍ତ ପୂର୍ବ ଉପକୂଳ ରାଜ୍ୟ ମଧ୍ୟରେ ସର୍ବାଧିକ। ଏହି ଅଧ୍ୟୟନରୁ ଜଣାପଡ଼ିଛି ଯେ ରାଜ୍ୟର କେନ୍ଦ୍ରାପଡ଼ା ଜିଲ୍ଲାର ରାଜନଗର ବ୍ଲକର ପେଣ୍ଠ ଗ୍ରାମରେ ଭୂ-ସିନ୍ଥେଟିକ୍ ଟ୍ୟୁବ୍ କାନ୍ଥ ଏବଂ ସମସ୍ତ ଛଅଟି ଉପକୂଳ ଜିଲ୍ଲାର ବିଭିନ୍ନ ସ୍ଥାନରେ ଲୁଣାବନ୍ଧ ନିର୍ମାଣ କରାଯାଇଛି। ଏଥିରୁ ପ୍ରାପ୍ତ ଅଭିଜ୍ଞତାରୁ ବହୁତ କିଛି ଶିଖିବାର ଅଛି। ଓଡ଼ିଶାର ଉପକୂଳକୁ ସୁରକ୍ଷା ଦେବା ପାଇଁ ଓଡ଼ିଶା ରାଜ୍ୟ ଜଳସମ୍ପଦ ବିଭାଗ ୩୮୦ କିଲୋମିଟରର ଲମ୍ବା ଲୁଣାବନ୍ଧ ନିର୍ମାଣ ପାଇଁ ଏକ ଯୋଜନା ପ୍ରସ୍ତୁତ କରିଛି। ତଥାପି ଏପରି କୌଣସି ଇଞ୍ଜିନିୟରିଂ ଡିଭାଇସ୍ ବା ଯାନ୍ତ୍ରିକ ଅଭିକଳ୍ପ କେବେବି ସ୍ଥାୟୀ ସମାଧାନ ନୁହେଁ ବୋଲି ଅନୁଭବ କରାଯାଉଛି।

ରିପୋର୍ଟରେ ଘୂର୍ଣ୍ଣିବାତ୍ୟାକୁ ହ୍ରାସ କରିବା ଏବଂ ଜୀବିକା ବୃଦ୍ଧି କରିବା ପାଇଁ ଏକ ପ୍ରାକୃତିକ ସମାଧାନ ଭାବରେ ଉପକୂଳରୁ ପ୍ରାୟ ୩ କିଲୋମିଟର ଅଞ୍ଚଳ ଭିତରେ, ସ୍ଥଳ ଓ ଜଳ ମଧ୍ୟରେ ସଂଯୋଗକୁ ପୁନରୁଦ୍ଧାର କରିବାକୁ ସୁପାରିସ କରାଯାଇଛି। ଏଥିରେ ଲୁଣା ଜଙ୍ଗଲି ଉଦ୍ଭିଦ ବା ମାନଗ୍ରୋଭ, ବାଲିଆ ଭୂମିରେ ଝାଉଁ ସହିତ ଅନ୍ୟାନ୍ୟ ଜାତୀୟ ଉଦ୍ଭିଦ ଜଙ୍ଗଲର ପୁନରୁଦ୍ଧାର ଅନ୍ତର୍ଭୁକ୍ତ। ଲୁଣା ଜଙ୍ଗଲ ହେଉଛି ଲବଣ-ସହନଶୀଳ ବା ନମନୀୟ ଗୁଣ ବିଶିଷ୍ଟ ଉଦ୍ଭିଦ ଦ୍ୱାରା ବର୍ଣ୍ଣିତ ଉପକୂଳୀୟ ଇକୋସିଷ୍ଟମ୍ ବା ପରିସଂସ୍ଥା। ଭାରତରେ ଲୁଣା ଜଙ୍ଗଲ ମୁଖ୍ୟତଃ ପୂର୍ବ ଓ ପଶ୍ଚିମ ଉପକୂଳରେ ଏବଂ ଆଣ୍ଡାମାନ ଓ ନିକୋବର ଦ୍ୱୀପପୁଞ୍ଜରେ ଦେଖାଯାଏ। ପ୍ରାୟ ୬୦% ଲୁଣା ଜଙ୍ଗଲ ବଙ୍ଗୋପସାଗରର ପୂର୍ବ ଉପକୂଳରେ, ୨୭% ଆରବ ସାଗର ସୀମାନ୍ତ ପଶ୍ଚିମ ଉପକୂଳରେ ଏବଂ ୧୩% ଆଣ୍ଡାମାନ ଓ ନିକୋବର ଦ୍ୱୀପପୁଞ୍ଜରେ ଅବସ୍ଥିତ। ଗଙ୍ଗା, ବ୍ରହ୍ମପୁତ୍ର, ମହାନଦୀ, ଗୋଦାବରୀ, କୃଷ୍ଣା ଓ କାବେରୀ ନଦୀର ବିବିଧ ଭୂଭାଗ, ଢାଲ ଓ ଡେଲ୍ଟା ବା ତ୍ରିକୋଣ ଭୂମି ଅଞ୍ଚଳ ପୁଷ୍ଟିକର ଭରପୂର ପଟୁ ମାଟି ସହିତ ଲୁଣା ଜଙ୍ଗଲ ପରିସଂସ୍ଥାକୁ ସମର୍ଥନ କରେ। ଆମ ଦେଶରେ ସୁନ୍ଦରବନ (ବଙ୍ଗଳା), ଭିତରକନିକା (ଓଡ଼ିଶା), ପିଚାଭରମ୍ (ତାମିଲନାଡୁ) ଏବଂ କୃଷ୍ଣା-ଗୋଦାବରୀ (ଆନ୍ଧ୍ର ପ୍ରଦେଶ) ଡେଲ୍ଟା ଅଞ୍ଚଳ ସମେତ ବିଶ୍ୱର କିଛି ବୃହତ ଲୁଣା ଜଙ୍ଗଲ ରହିଛି। ଇଣ୍ଡିଆ ଷ୍ଟେଟ୍ ଅଫ୍ ଫରେଷ୍ଟ ରିପୋର୍ଟ ୨୦୨୩ ଅନୁଯାୟୀ, ଓଡ଼ିଶାରେ ୨୫୧ ବର୍ଗ କିଲୋମିଟରର ଲୁଣା ଜଙ୍ଗଲ ରହିଛି।

୧୯୯୯ ମହାବାତ୍ୟା ଏବଂ ପରବର୍ତ୍ତୀ ଘୂର୍ଣ୍ଣିଝଡ଼ ସମୟରେ ହୋଇଥିବା କ୍ଷୟକ୍ଷତିକୁ ସୀମିତ କରିବାରେ ଭିତରକନିକା ଅଞ୍ଚଳର ସମୃଦ୍ଧ ଲୁଣା ବନ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲା ଏବଂ ସର୍ବଶେଷ ବାତ୍ୟା ଥିଲା 'ଡାନା', ଯାହା ୨୦୨୪ ଅକ୍ଟୋବରରେ ଓଡ଼ିଶା ଉପକୂଳରେ ଆଘାତ କରିଥିଲା। ଏହାକୁ ଧ୍ୟାନରେ ରଖି ଓଡ଼ିଶା ସରକାର ଉପକୂଳବର୍ତ୍ତୀ ଅଞ୍ଚଳରେ ଅଧିକ ଲୁଣା ଜଙ୍ଗଲ ଏବଂ ଝାଉଁ ବନ ସୃଷ୍ଟିର ଆବଶ୍ୟକ ଅନୁଭବ କଲେ। ଇଣ୍ଡିଆ ଷ୍ଟେଟ୍ ଅଫ୍ ଫରେଷ୍ଟ ରିପୋର୍ଟ ୨୦୨୩ ଅନୁଯାୟୀ, ଓଡ଼ିଶାରେ କେନ୍ଦ୍ରାପଡ଼ା, ଭଦ୍ରକ, ଜଗତସିଂହପୁର, ବାଲେଶ୍ୱର ଓ ପୁରୀ ଜିଲ୍ଲାରେ ମୋଟ ୨୫୯.୦୬ ବର୍ଗ କିଲୋମିଟରର ଲୁଣା ଜଙ୍ଗଲ ଥିବା ଦାବି କରାଯାଇଛି। ଓଡ଼ିଶା ସରକାର ୨୦୨୫-୨୬ ସୁଦ୍ଧା ଆଉ ୬୩୨ ହେକ୍ଟର ଜମିରେ ଲୁଣା ଜଙ୍ଗଲ ଉଦ୍ଭିଦ ରୋପଣ କରିବାକୁ ଲକ୍ଷ୍ୟ ରଖିଛନ୍ତି। ଚାରୋଟି ବନ୍ୟପ୍ରାଣୀ ଡିଭିଜନ ରାଜନଗର, ଭଦ୍ରକ, ବାଲେଶ୍ୱର ଓ ପୁରୀରେ ବିଭିନ୍ନ ଯୋଜନା ଅଧୀନରେ ଏହି ରୋପଣ କରାଯିବ। ଲୁଣା ଜଙ୍ଗଲର ଗୁରୁତ୍ୱକୁ ଦୃଷ୍ଟିରେ ରଖି ଓଡ଼ିଶା ଚଳିତ ବର୍ଷ ପ୍ରାରମ୍ଭରେ କେନ୍ଦ୍ରକୁ ଏକ ବିସ୍ତୃତ ପ୍ରକଳ୍ପ ରିପୋର୍ଟ ମଧ୍ୟ ପ୍ରଦାନ କରିଥିଲା, ଯାହା ରାଜ୍ୟରେ ୨୦୨୪-୨୫ ରୁ ୨୦୨୮-୨୯ ପର୍ଯ୍ୟନ୍ତ ପାଞ୍ଚ ବର୍ଷ ପାଇଁ ପ୍ରାୟ ୩.୪୯ କୋଟି ଟଙ୍କା ବ୍ୟୟରେ 'ମିଷ୍ଟି' (ମ୍ୟାଙ୍ଗ୍ରୋଭ୍ ଇନିସିଏଟିଭ୍ ଫର ଶୋରଲାଇନ୍ ହାବିଟାଟ୍‌ସ୍ ଆଣ୍ଡ ଟାଞ୍ଜିବଲ୍ ଇନକମ୍(ସ) ଯୋଜନା ମାଧ୍ୟମରେ କାର୍ଯ୍ୟକାରୀ କରିବା ପାଇଁ କେନ୍ଦ୍ରକୁ ପ୍ରଦାନ କରିଥିଲା। ଉପରୋକ୍ତ ଚାରିଟି ଜିଲ୍ଲାରେ 'ମିଷ୍ଟି' ଯୋଜନା ଅଧୀନରେ ଓଡ଼ିଶାକୁ ୭୦ ଲକ୍ଷ ଟଙ୍କା ପ୍ରଦାନ କରାଯାଇଛି। ଏହି ଯୋଜନାରେ ଓଡ଼ିଶାରେ ମୋଟ ୮୯ ହେକ୍ଟର କ୍ଷେତ୍ର ଅନ୍ତର୍ଭୁକ୍ତ।

ଲୁଣା ଜଙ୍ଗଲ ପରିସଂସ୍ଥା ଜୈବ ବିବିଧତାରେ ସମୃଦ୍ଧ ଏବଂ ଅନେକ ଉଦ୍ଭିଦ ଓ ପ୍ରାଣୀ ଜାତିକୁ ଆଶ୍ରୟ ଦିଏ। ମହାନଦୀ ତ୍ରିକୋଣଭୂମି ଅଞ୍ଚଳରେ ଅବସ୍ଥିତ ଭିତରକନିକା ଅଭୟାରଣ୍ୟ ଓ ଜାତୀୟ ଉଦ୍ୟାନରେ ଓଡ଼ିଶାର ସର୍ବବୃହତ ଲୁଣା ଜଙ୍ଗଲ ରହିଛି। ଏହି ଅଭୟାରଣ୍ୟ ବଉଳା କୁମ୍ଭୀର, ପାଣି ଗୋଧି ଓ ଅଲିଭ୍ ରିଡଲେ ସାମୁଦ୍ରିକ କଇଁଛ ପାଇଁ ଜଣାଶୁଣା ପ୍ରାକୃତିକ ଆବାସ ଉପକୂଳ ଅଞ୍ଚଳ। ସ୍ଥାନୀୟ ନାମ ଅନୁସାରେ ପ୍ରମୁଖ ଲୁଣା ଜଙ୍ଗଲ ଉଦ୍ଭିଦ ଜାତିଗୁଡ଼ିକ ହେଉଛି ଧଳାବଣୀ, ବଡ଼ବଣୀ, ରାଇ/ରୋହି, ଗୁଆନ୍ ଗଛ, ହାରକଞ୍ଚ, କେରୁଆନ୍, ସୁନ୍ଦରୀ, ହେନ୍ତାଳ, କିଆ ଇତ୍ୟାଦି। ପ୍ଲାଙ୍କଟୋନିକ୍ ଓ ବେନ୍ଥିକ ପ୍ରାଣୀ ସମୁଦାୟ ଅର୍ଥାତ ସମୁଦ୍ର ଜଳ ମଧ୍ୟରେ ରହିଥିବା ଜୀବ ଏବଂ ପୃଷ୍ଠରେ ଭାସମାନ କ୍ଷୁଦ୍ର ଜୀବ ମଧ୍ୟ ଲୁଣା ଜଙ୍ଗଲ ପରିସଂସ୍ଥାରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରନ୍ତି।

ପ୍ରକୃତି ସଂରକ୍ଷଣ ପାଇଁ ଆନ୍ତର୍ଜାତୀୟ ସଂସ୍ଥା(ଆଇୟୁସିଏନ୍) ଦ୍ୱାରା ଏକ ବିଶ୍ୱସ୍ତରୀୟ ମୂଲ୍ୟାଙ୍କନରୁ ଜଣାପଡ଼ିଛି ଯେ ବିଶ୍ୱର ଅଧା ଲୁଣା ଜଙ୍ଗଲ ପରିସଂସ୍ଥା ଧ୍ୱଂସ ପାଇବାର ଆଶଙ୍କା ରହିଛି। ଭାରତରେ ଲୁଣା ଜଙ୍ଗଲ ବିଭିନ୍ନ ବିପଦର ସମ୍ମୁଖୀନ ହେଉଛି, ଯେଉଁଥିରେ ଜଙ୍ଗଲ କ୍ଷୟ, ପ୍ରଦୂଷଣ ଓ ଜଳବାୟୁ ପରିବର୍ତ୍ତନ ଅନ୍ତର୍ଭୁକ୍ତ। ସହରାଞ୍ଚଳ ବିକାଶ, ଚିଙ୍ଗୁଡ଼ି ଚାଷ ଓ ପର୍ଯ୍ୟଟନ ଅନେକ କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ବାସସ୍ଥାନ କ୍ଷତି ଓ ଅବକ୍ଷୟର କାରଣ ହୋଇଛି। ଇଣ୍ଡିଆନ୍ ଷ୍ଟେଟ୍ ଅଫ୍ ଫରେଷ୍ଟ ରିପୋର୍ଟ (୨୦୨୧) ମଧ୍ୟ ଉଲ୍ଲେଖ କରିଛି ଯେ ପ୍ରଦୂଷଣ ଓ ଲବଣାକ୍ତତା ପରିବର୍ତ୍ତନ ଲୁଣା ଜଙ୍ଗଲ ପରିସଂସ୍ଥା ପାଇଁ ଏକ ଗୁରୁତର ବିପଦ ସୃଷ୍ଟି କରେ। ଉପକୂଳ ପରିସଂସ୍ଥାର ପୁନରୁଦ୍ଧାର ପାଇଁ ଲୁଣା ଜଙ୍ଗଲର ଗୁରୁତ୍ୱକୁ ଅନୁଭବ କରି ଏକ ସ୍ଥାୟୀ ସମାଧାନ ପାଇଁ ଆଗକୁ ବହୁତ କିଛି କରିବାକୁ ପଡ଼ିବ। ଲୁଣା ଜଙ୍ଗଲ ହେଉଛି ବିପର୍ଯ୍ୟସ୍ତ ଉପକୂଳ ପାଇଁ ଏକ ପ୍ରାକୃତିକ ସବୁଜ ସୁରକ୍ଷା କବଚ।

(ସଭାପତି, ଓଡ଼ିଶା ପରିବେଶ ସମିତି)
ଭୁବନେଶ୍ୱର, ମୋ: ୯୪୩୭୧୯୦୪୨୦

# ଉଚ୍ଚଶିକ୍ଷାର ବାତାବରଣ

ଡ. ମନୋଜ କୁମାର ମହାନ୍ତି

ମାନବ ସମାଜ ପାଇଁ ଶିକ୍ଷା, ଶିକ୍ଷକ ଓ ଶିକ୍ଷାନୁଷ୍ଠାନର ଗୁରୁତ୍ୱପୂର୍ଣ୍ଣ ଭୂମିକା ଯୁଗେଯୁଗେ ରହି ଆସିଛି। ଇତିମଧ୍ୟରେ ଶିକ୍ଷାନୁଷ୍ଠାନର ସଂଖ୍ୟା, ଆକାର ଓ ପ୍ରକାର ବଦଳିଛି। ଏସବୁ ସତ୍ତ୍ୱେ ଅନେକ ସମୟରେ ଚର୍ଚ୍ଚାର ବିଷୟ ସାଜେ ଉଚ୍ଚଶିକ୍ଷାର ଗୁଣାତ୍ମକ ମାନକୁ ନେଇ। ମାଳମାଳ ଶିକ୍ଷାନୁଷ୍ଠାନ ସହିତ ସ୍ନାତକ ଡିଗ୍ରୀଧାରୀଙ୍କ ସଂଖ୍ୟା ଦିନକୁଦିନ ବଢ଼ି ଚାଲିଛି। କିନ୍ତୁ ଛାତ୍ରଛାତ୍ରୀଙ୍କ ମଧ୍ୟରେ ସେତିକି ମାତ୍ରାରେ ବ୍ୟକ୍ତିତ୍ୱର ବିକାଶ ହୋଇପାରୁନାହିଁ।

ଶିକ୍ଷାର ଗୁଣାତ୍ମକମାନ ଧୀରେଧୀରେ କୁଆଡ଼େ ଯାଉଛି ଭାବିଲେ କଷ୍ଟଲାଗେ। ଉଚ୍ଚଶିକ୍ଷା ବିଭାଗ ଏହି ବିପର୍ଯ୍ୟୟକୁ ହୃଦୟଙ୍ଗମ କରୁନାହିଁ ବୋଲି ସମ୍ଭବତଃ ଉଚିତ୍ ପଦକ୍ଷେପ ନେଇପାରୁନାହିଁ। ଉଚ୍ଚଶିକ୍ଷା ଏବେ କେବଳ ଅର୍ଥ ଉପାର୍ଜନରେ ବ୍ୟସ୍ତ। ଆବେଦନ, ପ୍ରବେଶଗ୍ରହଣ, ପରୀକ୍ଷା ପାଇଁ ଫର୍ମପୂରଣ, ତା'ପରେ ପରୀକ୍ଷା, ମୂଲ୍ୟାୟନ ଓ ଶେଷରେ ପରୀକ୍ଷା ଫଳାଫଳ। ଏହା ହିଁ ଆଜିର ଶିକ୍ଷାବ୍ୟବସ୍ଥା। ଗଣମାଧ୍ୟମରେ ଅନେକ ତର୍କବିତର୍କ ସତ୍ତ୍ୱେ ସେତେଟା ଉନ୍ନତି ପରିଲକ୍ଷିତ ହେଉନାହିଁ। ଅଧିକାଂଶ ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ଶିକ୍ଷାନୁଷ୍ଠାନ, ଶିକ୍ଷା ଓ ଶିକ୍ଷକଙ୍କ ପ୍ରତି ସେମିତି ଆନୁଗତ୍ୟ ଦେଖିବାକୁ ମିଳୁନାହିଁ। ଯେକୌଣସି ଉପାୟରେ ଅଧିକ ମାର୍କ ସହ ପ୍ରମାଣପତ୍ର ହାତେଇବା ଲକ୍ଷ୍ୟରେ ସେମାନେ ବ୍ୟସ୍ତ। ଅଧ୍ୟାପନାରେ ଅଧ୍ୟାପକ/ଅଧ୍ୟାପିକାଙ୍କର ଧ୍ୟାନ କମିବାରେ ଲାଗୁଛି। ତା'ର ମୁଖ୍ୟକାରଣ ଶୈକ୍ଷିକ ବାତାବରଣର ଅଭାବ। ଅଧିକାଂଶ ପିଲା ଓ ଅଭିଭାବକମାନଙ୍କ ମନରେ ଏକପ୍ରକାର ଧାରଣା ଜନ୍ମିସାରିଛି ଯେ ମହାବିଦ୍ୟାଳୟକୁ ଯିବାର କିଛି ଆବଶ୍ୟକତା ନାହିଁ। ଘରୋଇ ଟିଉସନ୍ ଓ କୋଚିଂ ଦ୍ୱାରା ସବୁକିଛି ସମ୍ଭବ। ସେହିପରି ପିଲାମାନଙ୍କର କ୍ଲାସରେ ଉପସ୍ଥାପନ ପଚାଶ ପ୍ରତିଶତରୁ କମ୍ ଦେଖିବାକୁ ମିଳୁଛି। ଏହା ପଛରେ ସବୁଠୁ ବଡ଼କାରଣ ପରୀକ୍ଷା ଓ ମୂଲ୍ୟାୟନ ପ୍ରକ୍ରିୟାରେ ଅଧ୍ୟାପକ/ଅଧ୍ୟାପିକାମାନଙ୍କର ଦାୟିତ୍ୱହୀନତା। ଯାହାଦ୍ୱାରା ଉଚ୍ଚଶିକ୍ଷା ନିମ୍ନଗାମୀ ହେବାରେ ଲାଗିଛି।

ଯେଉଁଦିନ ଅଧ୍ୟାପକ ସମାଜ ଅଧ୍ୟାପନା ଓ ପରୀକ୍ଷା ମୂଲ୍ୟାୟନ ପ୍ରତି କଠୋର ହେବେ ସେଦିନ ହିଁ ଶିକ୍ଷାର ଗୁଣାତ୍ମକମାନ ବୃଦ୍ଧି ହେବ। ଉଚ୍ଚଶିକ୍ଷାରେ କ୍ରମାଗତଭାବେ ପ୍ରବେଶଗ୍ରହଣ ଚାଲୁ ରହିଲେ ଶିକ୍ଷାଗ୍ରହଣ ଓ ଶିକ୍ଷାଦାନ ମଧ୍ୟ ପ୍ରଭାବିତ ହେବ। ଶିକ୍ଷାବିଭାଗର ପ୍ରଶାସନ ତରଫରୁ ଏକ ନିର୍ଦ୍ଧାରିତ ସମୟ ମଧ୍ୟରେ ପ୍ରବେଶଗ୍ରହଣ ଶେଷ କରାଇବାକୁ ପ୍ରୟାସ କଲେ ଛାତ୍ରଛାତ୍ରୀମାନେ କ୍ଲାସ କରିବାରୁ ବଞ୍ଚିତ ହେବେନାହିଁ। ଶିକ୍ଷାର ଗୁଣାତ୍ମକମାନ ହ୍ରାସର ପ୍ରମୁଖ କାରଣ ପରୀକ୍ଷାପତ୍ର ମୂଲ୍ୟାୟନ ପ୍ରକ୍ରିୟା, ଯାହା ଅଧ୍ୟାପନା ଓ ଛାତ୍ରଛାତ୍ରୀଙ୍କ ଅଧ୍ୟୟନ ଅନାଗ୍ରହ ଉପରେ ଗଭୀର ପ୍ରଭାବ ପକାଉଛି। ଆଗଭଳି ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ପରୀକ୍ଷାକୁ ନେଇ ଭୟ ନାହିଁ। ସେମାନେ ଭଲଭାବେ ଜାଣିସାରିଲେଣି ଅକୃତକାର୍ଯ୍ୟ ହେବାର କୌଣସି ଆଶଙ୍କା ନାହିଁ। କ୍ଲାସ ହେଉ କି ନ ହେଉ ପାଠ୍ୟକ୍ରମ ସରୁ କି ନ ସରୁ କିନ୍ତୁ ପରୀକ୍ଷା ହେବ। ପରୀକ୍ଷାରେ ଲେଖୁକି ନଲେଖୁ କିନ୍ତୁ ପାସ କରାଇବା ଦାୟିତ୍ୱ ଅଧ୍ୟାପକମାନଙ୍କର। ବିଶ୍ୱବିଦ୍ୟାଳୟ, ମହାବିଦ୍ୟାଳୟ ଓ ଅଧ୍ୟାପକମାନଙ୍କର ପ୍ରଥମ କର୍ତ୍ତବ୍ୟ ହେଉଛି ମହାବିଦ୍ୟାଳୟରେ ପ୍ରବେଶ କରିଥିବା ଛାତ୍ରଛାତ୍ରୀ କିପରି ଉତ୍ତୀର୍ଣ୍ଣ ହେବେ ସେଥିପ୍ରତି ଧ୍ୟାନ ଜରୁରୀ। କାରଣ ପିଲାଙ୍କ ପାସ ଉପରେ ପ୍ରତ୍ୟେକ ମହାବିଦ୍ୟାଳୟର ଭବିଷ୍ୟତ ନିର୍ଭର କରେ।

ପରୀକ୍ଷା ପ୍ରଶ୍ନପତ୍ର ମୂଲ୍ୟାୟନ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବିଷୟ। ପରୀକ୍ଷା ଖାତା ମୂଲ୍ୟାୟନ କେନ୍ଦ୍ରର ନିର୍ଦ୍ଧାରିତ ସମୟ ମଧ୍ୟରେ ଉତ୍ତର ପତ୍ରକୁ ସାରିବାକୁ ପଡ଼ିଥାଏ। ଉଚ୍ଚଶିକ୍ଷାର ନିୟମ ଅନୁଯାୟୀ ପ୍ରତିଦିନ ପ୍ରଶ୍ନପତ୍ର ୨୫ ଖଣ୍ଡ ନିର୍ଦ୍ଧାରିତ ହୋଇଥାଏ। କିନ୍ତୁ ଅଧ୍ୟାପକ/ଅଧ୍ୟାପିକାମାନେ ନିୟମିତ ଭାବେ ପ୍ରତିଦିନ ଖାତା ଦେଖନ୍ତି କି? ଯଦି ଏହା ସତ୍ୟ ତେବେ ଦିନକୁ ୧୦୦ ରୁ ୧୨୦ଖଣ୍ଡ, କିଏ ୭୦ରୁ ୮୦ଖଣ୍ଡ ପୁଣି କେହି ୫୦ ରୁ ୬୦ଖଣ୍ଡ ଖାତା ମୂଲ୍ୟାୟନ କରିବାର ଆତ୍ମବଡ଼ିମା କାହିଁକି? ଏମିତି ବି କେହିକେହି ୨/୩ ଘଣ୍ଟାରେ ୭୦/୮୦ ଖାତା ମୂଲ୍ୟାୟନ କରିପାରନ୍ତି - ଭାବିଲେ ବିସ୍ମୟ ଲାଗେ। ପରୀକ୍ଷାଖାତା ପଢ଼ିବାକୁ କାହା ପାଖରେ ସମୟ ନାହିଁ କି ଆନ୍ତରିକତା ମଧ୍ୟ ନାହିଁ। ମୂଲ୍ୟାୟନ କେବଳ ଖାତାର ପୃଷ୍ଠାସଂଖ୍ୟାକୁ ଆଧାରରେ କରାଯାଏ। ଯେ ଯେତେ ଅଧିକ ଲେଖିଛି ସେ ସେତେ ଅଧିକ ଅଙ୍କ ପାଇବ - ଏହା ସ୍ପଷ୍ଟଭାବରେ ଦେଖିବାକୁ ମିଳେ। ସେଇ ଗୋଟିଏ ଉତ୍ତର ଭିନ୍ନଭିନ୍ନ ଭାବେ ଏଠିସେଠି ପୁନରାବୃତ୍ତି ସତ୍ତ୍ୱେ ଅଙ୍କ ମିଳିବା ଥୟ। କେହିକେହି ନିଜ ବିଷୟ ପରୀକ୍ଷା ଖାତାରେ ଅନ୍ୟ ବିଷୟକୁ ଲେଖି ଅଙ୍କ ନେବାରେ ସଫଳ ହେଉଛନ୍ତି। ପିଲାମାନେ ବୁଝିସାରିଲେଣି ପାଠ ନପଢ଼ି କ୍ଲାସ ନକରି ଯଦି ପାସ ତେବେ କ୍ଲାସ କରିବାରେ କିଛି ଆବଶ୍ୟକତା ନାହିଁ। ଅଧ୍ୟାପକ/ଅଧ୍ୟାପିକାମାନେ ଭି ମାନସିକସ୍ତରରେ ଆଶ୍ୱସ୍ତ ହେଲେଣି ଯଦି ପିଲାମାନେ କ୍ଲାସ ନ ଆସି କୃତକାର୍ଯ୍ୟ ହେଇପାରୁଛନ୍ତି ତେବେ କ୍ଲାସ କରିବାର କିଛି ଆବଶ୍ୟକତା ନାହିଁ।

ଏଠି ସମସ୍ତେ ଚିତ୍କାର କରନ୍ତି; ରକ୍ଷା କର ରକ୍ଷା କର। ହେଲେ କିଏ କାହାକୁ ରକ୍ଷା କରୁଛି! ଶିକ୍ଷାର ଗୁଣାତ୍ମକମାନ ବୃଦ୍ଧି ପାଇଛି କି ହ୍ରାସ ପାଇଛି ତାହା ଶିକ୍ଷାବିଭାଗର ପ୍ରଶାସନ ଦୃଷ୍ଟି ଦେବେ। କିନ୍ତୁ ଉଚ୍ଚଶିକ୍ଷା ବିଭାଗ ଧୃତରାଷ୍ଟ୍ର ହୋଇ ସବୁ ଶୁଣୁଛନ୍ତି। ବିଶୃଙ୍ଖଳିତ ଛାତ୍ରଛାତ୍ରୀଙ୍କୁ ନିୟନ୍ତ୍ରଣ ଏବଂ ସଠିକ୍ ମାର୍ଗକୁ ଆଣିବାକୁ ହେଲେ ଉଚ୍ଚଶିକ୍ଷାର ଗୁଣାତ୍ମକ ମାନ ବୃଦ୍ଧି ସହ ଭବିଷ୍ୟତ ପାଇଁ ପରୀକ୍ଷା ଓ ମୂଲ୍ୟାୟନକୁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଭାବେ ଗ୍ରହଣ କରିବା ଆବଶ୍ୟକ। ଏଥିସହିତ ପ୍ରଶାସନିକ ସ୍ତରରେ ଉପଯୁକ୍ତ ପଦକ୍ଷେପ ଓ କାର୍ଯ୍ୟାନୁଷ୍ଠାନ ଗ୍ରହଣ କଲେ ନିଶ୍ଚିତ ଭାବରେ ଉଚ୍ଚଶିକ୍ଷା କ୍ଷେତ୍ରରେ ପରିବର୍ତ୍ତନ ଆସିବ।

(ଅଧ୍ୟାପକ, ବିଏନମଏ ମହାବିଦ୍ୟାଳୟ)
ଭଦ୍ରକ, ମୋ ୮୮୯୫୩୪୧୦୩୩

# ଲକ୍ଷ୍ମୀଭଦ୍ର ମଠ

ଲୋକକଥାରେ ଲୋକଦେବତା

ସ୍ୱପ୍ନେଶ୍ୱର

ମହାପ୍ରଭୁ ଜଗନ୍ନାଥଙ୍କ ମହିମା ସାରା ଭାରତରେ ବ୍ୟାପିଗଲା। ଦେଶର କୋଣ ଅନୁକୋଣରୁ ଭକ୍ତମାନଙ୍କ ଶ୍ରୀକ୍ଷେତ୍ରକୁ ନିରନ୍ତର ଆଗମନ ବଢ଼ିବାରେ ଲାଗିଲା। ବୈଷ୍ଣବ, ଶୈବ, ଶାକ୍ତ, ଗାଣପତ୍ୟ- ସମସ୍ତେ ମହାପ୍ରଭୁଙ୍କୁ ଇଷ୍ଟ ରୂପେ ଆରାଧନା କରିବାକୁ ଲାଗିଲେ। ମହାପ୍ରଭୁ ପୂର୍ଣ୍ଣବ୍ରହ୍ମ, ବିଷ୍ଣୁ ଓ ତାଙ୍କର ବିଭିନ୍ନ ଅବତାର, ଗଣେଶ ଓ ଦକ୍ଷିଣ କାଳୀ ରୂପେ ଉପସ୍ଥାପିତ ହେଲେ। ତାନ୍ତ୍ରିକମାନେ ତାଙ୍କୁ ଶିବଭୈରବ ରୂପେ ଗ୍ରହଣ କଲେ।

ଲକ୍ଷ୍ମୀଭଦ୍ର ସ୍ୱାମୀ ନାମକ ଜଣେ ସିଦ୍ଧ ଦଶନାମୀ ସନ୍ନ୍ୟାସୀ ଶୁଣିବାକୁ ପାଇଲେ ଯେ ସର୍ବଦେବମୟ ପୂର୍ଣ୍ଣବ୍ରହ୍ମ ଶ୍ରୀଜଗନ୍ନାଥ ଦାରୁ ସ୍ୱରୂପରେ ନୀଳାଚଳରେ ଆରାଧିତ ହେଉଛନ୍ତି। ତାଙ୍କ ପାଇଁ ସବୁଠାରୁ ଆଶ୍ଚର୍ଯ୍ୟର କଥା ଥିଲା ଯେ ମହାପ୍ରଭୁ ଦାରୁରେ ନିର୍ମିତ ହୋଇଥିଲେ ମଧ୍ୟ ତାଙ୍କ ଶ୍ରୀଅଙ୍ଗର ଅଭ୍ୟନ୍ତରରେ ବ୍ରହ୍ମ ବିଦ୍ୟମାନ କରୁଛନ୍ତି। ସେ ବ୍ରହ୍ମ ପଦାର୍ଥ ପରସ୍ତ ପରସ୍ତ କରି ପାଟ କନାରେ ଗୁଡ଼ା ହୋଇ ରହିଥିବାରୁ ତାଙ୍କୁ କେହି ଦର୍ଶନ ବା ସ୍ପର୍ଶ କରି ପାରନ୍ତି ନାହିଁ। ସେହି ବ୍ରହ୍ମ ପଦାର୍ଥକୁ ଦର୍ଶନ ଓ ସ୍ପର୍ଶ କରିବା ପାଇଁ ତାଙ୍କ ମନରେ ଆଗ୍ରହ ସୃଷ୍ଟି ହେଲା। ତେଣୁ ସେ ତାଙ୍କର ଚାରିଜଣ ଶିଷ୍ୟଙ୍କ ସହ ଶ୍ରୀକ୍ଷେତ୍ରରେ ପହଞ୍ଚିଲେ। ସେମାନେ କେବେ ବସୁ ନ ଥିଲେ ବା ଶୋଉ ନ ଥିଲେ। ଅହରହ ଠିଆ ହୋଇ ରହୁ ଥିବାରୁ ସେମାନଙ୍କୁ 'ଠାଡାମ୍ବରୀ ସନ୍ନ୍ୟାସୀ' ବୋଲି କୁହା ଯାଉଥିଲା।

ଶ୍ରୀକ୍ଷେତ୍ରରେ ପହଞ୍ଚି ମହାପ୍ରଭୁଙ୍କ ପୂଜା, ରୀତିନୀତି ଓ ପର୍ବପର୍ବାଣୀ ବିଷୟରେ ଖବର ସଂଗ୍ରହ କରିବାକୁ ଲାଗିଲେ। ସେ ଜାଣିବାକୁ ପାଇଲେ ଯେ ରଥଯାତ୍ରା ପୂର୍ବରୁ ପନ୍ଦର ଦିନ ପର୍ଯ୍ୟନ୍ତ ଠାକୁରମାନେ ନିଭୃତ ବାସ କରନ୍ତି। ସେ ସମୟରେ ସାଧାରଣ ଭକ୍ତଙ୍କ ଦର୍ଶନ ବାରଣ ଥାଏ। ସେହି ସମୟରେ ବ୍ରହ୍ମ ଦର୍ଶନ ପାଇଁ ଚେଷ୍ଟା କରିବେ ବୋଲି ସେ ଚିନ୍ତା କରୁଥିଲେ। କିନ୍ତୁ ଜାଣିବାକୁ ପାଇଲେ ଯେ ବ୍ରହ୍ମ ପଦାର୍ଥ ମହାପ୍ରଭୁଙ୍କ ଶ୍ରୀଅଙ୍ଗର ବ୍ରହ୍ମ ରନ୍ଧ୍ରରେ ରଖାଯାଇ ସେ ଯାଗାକୁ ବ୍ରହ୍ମ କପାଟଦ୍ୱାରା ବନ୍ଦ କରା ଯାଇଛି। କେବଳ ନବ କଳେବର ସମୟରେ ବ୍ରହ୍ମ କପାଟ ଖୋଲା ଯାଇ ବ୍ରହ୍ମ ପଦାର୍ଥ ପୁରାତନ ବିଗ୍ରହରୁ ନୂତନ ବିଗ୍ରହକୁ ସ୍ଥାନାନ୍ତରିତ ହୁଅନ୍ତି। ସେ ସମୟରେ ମାତ୍ର କେତେ ମୁହୂର୍ତ୍ତ ପାଇଁ ବ୍ରହ୍ମ ପଦାର୍ଥ ବାହାରେ ରହନ୍ତି। ସେ ସମୟରେ ତାଙ୍କୁ ଦର୍ଶନ ଓ ସ୍ପର୍ଶ କରିବା ପାଇଁ ଉଦ୍ୟମ କଲେ, ସଫଳ ହେବାର ସମ୍ଭାବନା ଅଧିକ ବୋଲି ଲକ୍ଷ୍ମୀଭଦ୍ର ଭାବିଲେ। ବ୍ରହ୍ମ ଦର୍ଶନ ପାଇଁ ତାଙ୍କ ମନରେ ସୃଷ୍ଟି ହୋଇଥିବା ଆଗ୍ରହ ଓ କୌତୁହଳ ଏତେ ବେଶି ଥିଲା ଯେ ସେ ପରବର୍ତ୍ତୀ ନବ କଳେବର ପର୍ଯ୍ୟନ୍ତ ଅପେକ୍ଷା କରି ରହିଲେ।

ନବକଳେବର ସମୟ ଆସି ପହଞ୍ଚିଲା। ବିଗ୍ରହ ନିର୍ମାଣ ଶେଷ ହେବା ପରେ ବ୍ରହ୍ମ ପରିବର୍ତ୍ତନର ଦିନ ଆସି ପହଞ୍ଚିଲା। ସେ ଦିନ ମଧ୍ୟରାତିରେ ପରିବର୍ତ୍ତନ ହେବା କଥା। ସାରା ସହରରେ ଅନ୍ଧକାର ରାଜତ୍ୱ କଲା। ବ୍ରହ୍ମ ପରିବର୍ତ୍ତନ ଦାୟିତ୍ୱରେ ଥିବା ଅଳ୍ପ କେତେକ ସେବକଙ୍କୁ ଛାଡ଼ି ଦେଲେ ମନ୍ଦିର ବେଢ଼ାରୁ ଅନ୍ୟ ସମସ୍ତଙ୍କୁ ବାହାର କରି ଦିଆଗଲା। ଲକ୍ଷ୍ମୀଭଦ୍ର ଥିଲେ ପରମ ତାନ୍ତ୍ରିକ। ସେ ତନ୍ତ୍ର ବଳରେ ନିଜର ଶରୀରକୁ ସୂକ୍ଷ୍ମାତିସୂକ୍ଷ୍ମ କରି ଅନବସର ଗୃହରେ ପ୍ରବେଶ କଲେ। ସେଠାରେ ଉପସ୍ଥିତ ସେବକମାନେ ତାଙ୍କ ଉପସ୍ଥିତି ବିଷୟରେ ବିନ୍ଦୁବିସର୍ଗ ଜାଣି ପାରିଲେ ନାହିଁ। ସାଧୁ ସୂକ୍ଷ୍ମ ଶରୀରରେ ରହି ସବୁ ଦେଖୁଥିଲେ। ନୂତନ ବିଗ୍ରହମାନେ ଦାରୁଶାଳାରୁ ପହଣ୍ଡିରେ ଆସି ପୁରାତନ ବିଗ୍ରହମାନଙ୍କ ସମ୍ମୁଖରେ ବିଜେ କଲେ। ପୁରାତନ ବିଗ୍ରହର ବ୍ରହ୍ମ କପାଟ ଖୋଲା ଗଲା। ତା'ପରେ ବ୍ରହ୍ମ ରନ୍ଧ୍ର ଭିତରୁ ଏକ ପ୍ରଚଣ୍ଡ ଜ୍ୟୋତି ନିର୍ଗତ ହେଲା। ସେ ଜ୍ୟୋତିର ପ୍ରଭାବ ଏତେ ପ୍ରଖର ଥିଲା ଯେ ଲକ୍ଷ୍ମୀଭଦ୍ର ନିଜର ଦୃଷ୍ଟିଶକ୍ତି ହରାଇ ବସିଲେ। କିନ୍ତୁ ତାଙ୍କର ଅନୁଭବ ହେଉ ଥିଲା ଯେ ସେବକମାନେ ତା'ଦ୍ୱାରା ପ୍ରଭାବିତ ହୋଇ ନ ଥିଲେ ଏବଂ ନିଜ ନିଜର କାର୍ଯ୍ୟ କରି ଚାଲି ଥିଲେ।

ସାଧୁ ମହାପ୍ରଭୁଙ୍କ ଶରଣ ପଶି କ୍ଷମା ପ୍ରାର୍ଥନା କଲେ। କ୍ଷମାସାଗର ମହାପ୍ରଭୁ ତାଙ୍କୁ କ୍ଷମା କରି ଦେବା ପରେ ସେ ସାମାନ୍ୟ ଆଖି ଖୋଲି ଦେଖିଲେ ଯେ ସେବାୟତମାନେ ସେଠାରେ ନ ଥିଲେ। ଆଠ ଜଣ ପରମା ସୁନ୍ଦରୀ କନ୍ୟା ମହାପ୍ରଭୁଙ୍କର ସେବା କରୁଥିଲେ। ସେମାନଙ୍କୁ ଦେଖି ସାଧୁଙ୍କର ଭାବାନ୍ତର ସୃଷ୍ଟି ହେଲା ଏବଂ ତାଙ୍କର ସମସ୍ତ ତନ୍ତ୍ର ଶକ୍ତି ହାର ମାନିଥିଲା ବୋଲି ତାଙ୍କର ହୃଦ୍‌ବୋଧ ହେଲା। ଏହାପରେ ବାକି ଜୀବନ କ୍ଷେତ୍ରବାସୀ ହୋଇ ମହାପ୍ରଭୁଙ୍କ ଆରାଧନାରେ ଜୀବନ ସମର୍ପଣ କରିବା ପାଇଁ ସଙ୍କଳ୍ପ କଲେ। ସେ ସେଠାରେ ଏକ ଆଶ୍ରମ ନିର୍ମାଣ କରି ଶିଷ୍ୟମାନଙ୍କ ସହ ବାସ କଲେ। ପରବର୍ତ୍ତୀ ସମୟରେ ସେ ଆଶ୍ରମ ଲକ୍ଷ୍ମୀଭଦ୍ର ମଠ ନାମରେ ବିଖ୍ୟାତ ହେଲା।

ମୋ: ୯୯୦୦୦୮୩୪୩୩

ସକାଳ
THE SAKALA

ଯୋଗାଯୋଗ ଠିକଣା

NEWS & INFO
news@thesakala.com

CIRCULATION
circulation@thesakala.com

ADVERTISEMENT
advt@thesakala.com

THE SAKALA
(A Unit of Nandighosha Network Pvt. Ltd.)
At: IDCO Plot No. 90 & 91, Bhagabanpur I/E, BBSR-751019
Ph.: 0674-2954342 | 2955342



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ବି ସୁଦର୍ଶନ...

ବିରୋଧୀ ଦଳ ଏକାଠି ହୋଇ ଏହାର ମୁକାବିଲା କରନ୍ତି । ଏନ୍‌ଡିଏର ମୁକାବିଲା ଲାଗି ବିରୋଧୀ ମିଳିତ ହୋଇ ସର୍ବସମ୍ମତିକ୍ରମେ ରେଡ୍ଡୀଙ୍କୁ ପ୍ରାର୍ଥୀ କରିଛନ୍ତି ।

୧୯୪୬ରେ ଅନ୍ଧ୍ର ପ୍ରଦେଶରେ ଜନ୍ମ ଗ୍ରହଣ କରିଥିବା ସୁଦର୍ଶନ ରେଡ୍ଡୀ ୧୯୯୫ରେ ଅନ୍ଧ୍ର ପ୍ରଦେଶ ହାଇକୋର୍ଟର ସ୍ଥାୟୀ ବିଚାରପତି ନିଯୁକ୍ତ ହୋଇଥିଲେ । ୨୦୦୫ରେ ସେ ଗୌହାଟୀ ହାଇକୋର୍ଟର ମୁଖ୍ୟ ବିଚାରପତି ହୋଇଥିଲେ । ୨୦୦୭ରେ ତାଙ୍କୁ ସୁପ୍ରିମକୋର୍ଟ ବିଚାରପତି ଭାବେ ନିଯୁକ୍ତ କରାଯାଇଥିଲା । ୨୦୧୧ରେ ସେ ଅବସର ଗ୍ରହଣ କରିଥିଲେ ।

ଉଭୟ ରାଧାକ୍ରିଷ୍ଣନ ଏବଂ ସୁଦର୍ଶନ ସମସ୍ତ ରାଜନୈତିକ ଦଳଙ୍କୁ ନିଜ ନିଜ ସପକ୍ଷରେ ଭୋଟ୍ ଦେବାଲାଗି ଅନୁରୋଧ କରିବେ । ଏହି ନିର୍ବାଚନରେ ଏନ୍‌ଡିଏ ପ୍ରାର୍ଥୀ ରାଧାକ୍ରିଷ୍ଣନ ଜିତିବା ପ୍ରାୟ ନିଶ୍ଚିତ ଥିବା ବେଳେ ଦୁଇ ପ୍ରାର୍ଥୀଙ୍କ ମନୋନୟନ ନେଇ ବଡ଼ ଧରଣର ରାଜନୀତି ଆରମ୍ଭ ହୋଇଯାଇଛି । ୬୮ ବର୍ଷୀୟ ରାଧାକ୍ରିଷ୍ଣନ ଏନ୍‌ଡିଏର ପ୍ରାର୍ଥୀ ଏବଂ ତାଙ୍କ ଘର ହେଉଛି ତାମିଲନାଡୁ । ତାମିଲନାଡୁରେ କ୍ଷମତାସୀନ ଡିଏମକେ (ଯିଏକି ବିରୋଧୀ ମେଣ୍ଟର ପ୍ରମୁଖ ଅଂଶୀଦାର ରହିଛି) ରାଧାକ୍ରିଷ୍ଣନଙ୍କୁ ବିରୋଧ କରିବ ନା ସମର୍ଥନ କରିବ ଅବା ମତଦାନରୁ ବିରତ ରହିବ ତାହାକୁ ନେଇ କଳ୍ପନାଜଳ୍ପନା ଆରମ୍ଭ ହୋଇଯାଇଛି । ରାଧାକ୍ରିଷ୍ଣନଙ୍କୁ ବିରୋଧ କଲେ ରାଜ୍ୟରେ ଭୁଲ ବାର୍ତ୍ତା ଯିବ ଏବଂ ସମର୍ଥନ କଲେ ଇଣ୍ଡିଆ ବ୍ଲକରେ ଫାଟ ସୃଷ୍ଟି ହେବ । ଏହାକୁ ନେଇ ଡିଏମକେ ଦ୍ୱନ୍ଦ୍ୱରେ ରହିଛି । ସେହିଭଳି ୭୯ ବର୍ଷୀୟ ସୁଦର୍ଶନଙ୍କୁ ନେଇ ଆନ୍ଧ୍ରରେ କ୍ଷମତାସୀନ ଟିଡିପି ମଧ୍ୟ ଦ୍ୱନ୍ଦ୍ୱରେ । କାରଣ ଟିଡିପି ଏନ୍‌ଡିଏ ମେଣ୍ଟର ଅଂଶୀଦାର ଥିବା ବେଳେ ସୁଦର୍ଶନ ହେଉଛନ୍ତି ଆନ୍ଧ୍ରର ପ୍ରାର୍ଥୀଙ୍କୁ ବିରୋଧ କରିବା ଏତେ ସହଜ ହେବ ନାହିଁ । ପୁଣି ସୁଦର୍ଶନ ଦୀର୍ଘ ବର୍ଷ ଧରି ଟିଡିପି ସହିତ ସମ୍ପୃକ୍ତ ଅଛନ୍ତି । ସେ ଟିଡିପିର ସମସ୍ତ ଆଇନଗତ ମାମଲା ପରିଚାଳନା କରୁଥିଲେ । କେବଳ ଏତିକି ନୁହେଁ, ଟିଡିପିର ସୁପ୍ରିମୋ ଚନ୍ଦ୍ରବାବୁ ନାଇଡୁଙ୍କର ସେ ହେଉଛନ୍ତି ଖାସ୍ ଲୋକ । ତେଣୁ ତାଙ୍କୁ ନେଇ ଦ୍ୱନ୍ଦ୍ୱରେ ପଡ଼ିଯାଇଛନ୍ତି ଟିଡିପି । ଏନ୍‌ଡିଏ ପ୍ରାର୍ଥୀ ରାଧାକ୍ରିଷ୍ଣନଙ୍କୁ ଆନ୍ଧ୍ରର ଅନ୍ୟତମ ଦଳ ଜଗନ ରେଡ୍ଡୀଙ୍କ ୱାଇଏସଆର କଂଗ୍ରେସ ଏବଂ ଚନ୍ଦ୍ରଶେଖର ରାଓଙ୍କ ବିଆରଏସ୍ ସମର୍ଥନ ଘୋଷଣା କରିଥିଲେ ମଧ୍ୟ ସୁଦର୍ଶନଙ୍କ ପ୍ରାର୍ଥିତ୍ୱ ଘୋଷଣା କରେ ସେମାନେ ମଧ୍ୟ ଦ୍ୱନ୍ଦ୍ୱରେ ପଡ଼ିଯାଇଛନ୍ତି । ତେବେ ସେମାନେ ମଧ୍ୟ ମତ ପରିବର୍ତ୍ତନ କରିପାରନ୍ତି ବୋଲି କୁହାଯାଉଛି ।

### ରେଳଯାତ୍ରୀ ଦେବେ...

କମ୍ ଓଜନ ସତ୍ତ୍ୱେ ଏହାର ଆକାର ଅଧିକ ହୋଇଥାଏ, ତେବେ ଏଥିପାଇଁ ଯାତ୍ରୀଙ୍କୁ ଅତିରିକ୍ତ ଶୁଳ୍କ ଦେବାକୁ ପଡ଼ିବ । ଉତ୍ତର ଏବଂ ଉତ୍ତର କେନ୍ଦ୍ରୀୟ ରେଳବାଇ ଅଧୀନସ୍ଥ ଲକ୍ଷ୍ନୌ ଓ ପ୍ରୟାଗରାଜ ଡିଭିଜନର ପ୍ରମୁଖ ଷ୍ଟେସନଗୁଡ଼ିକରେ ଏହି ନୂଆ ନିୟମ ଆରମ୍ଭ କରିବାକୁ ନିଷ୍ପତ୍ତି ହୋଇଛି । ପ୍ରଥମ ପର୍ଯ୍ୟାୟରେ ଲକ୍ଷ୍ନୌ, ଚାରବାଗ, ବନାରସ, ପ୍ରୟାଗରାଜ ଜଙ୍କସନ, କାନପୁର ସେଣ୍ଟ୍ରାଲ, ମିର୍ଜାପୁର, ଆଲିଗଡ଼, ଗୋବିନ୍ଦପୁରୀ ଏବଂ ଇଟାୱା ଭଳି ଷ୍ଟେସନରେ ଏହା କାର୍ଯ୍ୟକାରୀ କରାଯିବ । ଏହି ସ୍ଥାନଗୁଡ଼ିକରେ ଇଲେକ୍ଟ୍ରୋନିକ୍ ଲଗେଜ୍ ମେସିନ୍ ଲଗାଯିବ । ପ୍ଲାଟଫର୍ମରେ ପ୍ରବେଶ କରିବା ପୂର୍ବରୁ ବ୍ୟାଗର ଓଜନ ଏବଂ ଆକାର ଯାଞ୍ଚ କରାଯିବ । ଏ ସମ୍ପର୍କରେ ପ୍ରୟାଗରାଜ ଡିଭିଜନ ସିନିୟର ଡିଭିଜନାଲ କମର୍ସିଆଲ୍ ମ୍ୟାନେଜର (ଡିସିଏମ) ହିମାଂଶୁ ଶୁକ୍ଳା କହିଛନ୍ତି ଯେ ଯାତ୍ରୀମାନଙ୍କ ଲଗେଜ ଓଜନ କରାଯିବା ପରେ ସେମାନଙ୍କୁ ପ୍ଲାଟଫର୍ମକୁ ଯିବାକୁ ଅନୁମତି ଦିଆଯିବ । ଏହି ବ୍ୟବସ୍ଥା ୨୦୨୬ ଡିସେମ୍ବର ମାସରୁ ଲାଗୁ ହେବ ଏବଂ ରେଳ ଷ୍ଟେସନରେ ବିମାନବନ୍ଦର ପରି ବୋର୍ଡିଂ ପାସ୍ ବ୍ୟବସ୍ଥା ରହିବ । ଅଣ ଟ୍ରେନ୍ ଯାତ୍ରୀମାନେ ପ୍ଲାଟଫର୍ମ ଟିକେଟ ପରି ପରିଦର୍ଶକ ପାସ୍ ନେଇ ରେଳ ଷ୍ଟେସନରେ ପ୍ରବେଶ କରିବେ ।

ବର୍ତ୍ତମାନ ପ୍ରଥମଶ୍ରେଣୀ ଶୀତତାପ ନିୟନ୍ତ୍ରିତ ଯାତ୍ରୀମାନେ ୭୦ କିଲୋ ପର୍ଯ୍ୟନ୍ତ ସାମଗ୍ରୀ ବିନା ଶୁଳ୍କରେ ନେଇ ପାରିବାର ବ୍ୟବସ୍ଥା ରହିଛି । ସେହିପରି ଦ୍ୱିତୀୟ ଶ୍ରେଣୀ ଯାତ୍ରୀମାନେ ୫୦ କିଲୋ, ଏସି ତୃତୀୟ ଶ୍ରେଣୀ ଓ ସ୍ଲିପର ଯାତ୍ରୀଙ୍କ ପାଇଁ ଏହି ସୀମା ୪୦ କିଲୋ ରହିଛି । ସାଧାରଣ ଯାତ୍ରୀ ସାଥୀରେ ସର୍ବାଧିକ ୩୫ କିଲୋ ସାମଗ୍ରୀ ନେଇ ପାରିବେ । ଏହାଠାରୁ ଅଧିକ ଓଜନର ସାମଗ୍ରୀ ସାଥୀରେ ନେଲେ ସମ୍ପୃକ୍ତ ଯାତ୍ରୀଙ୍କୁ ଧାର୍ଯ୍ୟ ଲଗେଜ୍ ଓଜନ ବ୍ୟତିରେକ ଅବଶିଷ୍ଟ ଓଜନ ନିମନ୍ତେ ଦେୟ ଦେବାକୁ ପଡ଼ିବ ।

### ରାମେଶ୍ୱର-ଟାଙ୍ଗୀ...

ଏହା ସଂଯୋଗ କରିବ । ଏହି ଉନ୍ନତ ସଡ଼କ କରିଡର ୧୦ଟି ଆର୍ଥିକ କେନ୍ଦ୍ର, ୪ଟି ସାମାଜିକ କେନ୍ଦ୍ର, ୫ଟି ଲଜିଷ୍ଟିକ୍ସ କେନ୍ଦ୍ରକୁ ଯୋଡ଼ିବା ସହିତ ଗୋଟିଏ ପ୍ରମୁଖ ରେଳ ଷ୍ଟେସନ, ବିମାନ ବନ୍ଦର ଓ ବହୁମୁଖୀ ଲଜିଷ୍ଟିକ୍ସ ପାର୍କ (ଏମଏମଏଲପି) ଏବଂ ୨ଟି ପ୍ରମୁଖ ବନ୍ଦରକୁ ସଡ଼କ ସଂଯୋଗ ଯୋଗାଇ ଦେବ । ଏହାଦ୍ୱାରା ସ୍ଥାନୀୟ ଅଞ୍ଚଳରେ ସାମଗ୍ରୀ ଓ ଯାତ୍ରୀଙ୍କର ଦ୍ରୁତ ପରିବହନ ନିମନ୍ତେ ସୁବିଧା ମିଳିବ ।

କୋଲକାତାରୁ ଜାତୀୟ ରାଜପଥ-୧୬ ଦେଇ ଆସୁଥିବା ଯାତ୍ରୀ ଟାଙ୍ଗୀ ଟୋଲ ଗେଟରୁ ଡାହାଣକୁ ଯାଇ ସିଧା ଢେଙ୍କାନାଳ, ଆଠଗଡ଼, ବାଙ୍କୀ, ଖୋର୍ଦ୍ଧା-ବେଗୁନିଆ ଦେଇ ସିଧା ରାମେଶ୍ୱରରେ ପହଞ୍ଚିବେ । ଏହି ବାଇପାସ୍ ସିଧା କୋଲକାତାରୁ ଚେନ୍ନାଇକୁ ସଂଯୋଗ କରିବ । ଜମି ଅଧିଗ୍ରହଣ ବାବଦରେ ୧ହଜାର ୨୯ କୋଟି ଟଙ୍କାର କ୍ଷତିପୂରଣ ଦେବେ କେନ୍ଦ୍ର ସରକାର । ଏହି ସଡ଼କ ପ୍ରକଳ୍ପ ନିର୍ମାଣ ହେଲେ ଭାରୀଯାନଗୁଡ଼ିକ କଟକ, ଭୁବନେଶ୍ୱର ଏବଂ ଖୋର୍ଦ୍ଧା ସହର ମଧ୍ୟରେ ପ୍ରବେଶ ନ କରି ବିକଳ୍ପ ରାସ୍ତା ଭାବେ ଏଥିରେ ଯାତାୟାତ କରିବେ । ଫଳରେ ଓଡ଼ିଶା ସମେତ ଅନ୍ୟ ପୂର୍ବବର୍ତ୍ତୀ ରାଜ୍ୟଗୁଡ଼ିକୁ ଗୁରୁତ୍ୱପୂର୍ଣ୍ଣ ଲାଭ ମିଳିବ । ଏହାଦ୍ୱାରା ମାଲ୍ ପରିବହନ କ୍ଷମତା ବୃଦ୍ଧି ପାଇବା ସହ ପରିବହନ ଖର୍ଚ୍ଚ ହ୍ରାସ ପାଇବ । ସ୍ଥାନୀୟ ଅଞ୍ଚଳରେ ସାମାଜିକ-ଆର୍ଥିକ ପ୍ରଗତି ଲାଗି ମାର୍ଗ ପ୍ରଶସ୍ତ ହେବ । ଏହା ଓଡ଼ିଶାର ପ୍ରମୁଖ ଆର୍ଥିକ, ସାମାଜିକ ଏବଂ ଲଜିଷ୍ଟିକ୍ସ କେନ୍ଦ୍ରଗୁଡ଼ିକୁ ବାଧାମୁକ୍ତ ସଡ଼କ ସଂଯୋଗ ପ୍ରଦାନ କରିବ ।

ବାଇପାସ୍ ରାସ୍ତା ସମ୍ପୂର୍ଣ୍ଣ ସ୍ଥାନୀୟ ଆର୍ଥିକ ବିକାଶରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ । ଏଥିସହିତ ଏହା ପ୍ରମୁଖ ଧାର୍ମିକ ଓ ଆର୍ଥିକ କେନ୍ଦ୍ର ମଧ୍ୟରେ ଯୋଗାଯୋଗକୁ ସୁଦୃଢ଼ କରିବ ଏବଂ ବାଣିଜ୍ୟ ଓ ଶିଳ୍ପ ବିକାଶ ଲାଗି ନୂତନ ମାର୍ଗ ପ୍ରଶସ୍ତ କରିବ । ଏହି ପ୍ରକଳ୍ପ ଦ୍ୱାରା ପାଖାପାଖି ୭୪.୪୩ ଲକ୍ଷ ମାନବ ସମ୍ବଳ ପ୍ରତ୍ୟକ୍ଷ ଏବଂ ପ୍ରାୟ ୯୩.୦୪ ଲକ୍ଷ ଲୋକଙ୍କ ପାଇଁ ପରୋକ୍ଷ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ ବୋଲି କେନ୍ଦ୍ର ସରକାରଙ୍କ ପକ୍ଷରୁ ସୂଚନା ଦିଆଯାଇଛି ।

ରାଜଧାନୀର ଭିତରର ଟ୍ରାଫିକ୍ ଭିଡ଼ ହ୍ରାସ କରିବା ପାଇଁ ୧୫ ବର୍ଷ ତଳୁ ଏହି ରିଙ୍ଗ୍ ରୋଡ୍‌ର ପରିକଳ୍ପନା ହୋଇଥିଲା । ତତ୍‌କାଳୀନ ରାଜ୍ୟ ସରକାର ଏଥିପାଇଁ ବାରମ୍ବାର କେନ୍ଦ୍ର ସରକାରଙ୍କ ନିକଟରେ ଦାବି ରଖିଥିଲେ । ମାତ୍ର ସେତେବେଳେ ଜାତୀୟ ରାଜପଥ କର୍ତ୍ତୃପକ୍ଷ ବିଭିନ୍ନ ଟାଳଟୁଳ ନୀତି ଅବଲମ୍ବନ କରିବା ଯୋଗୁଁ ଏହା ବିଶେଷ ଆଗେଇ ପାରି ନ ଥିଲା । ପରେ ଏନ୍‌ଏଚ୍‌ଏଆଇ କର୍ତ୍ତୃପକ୍ଷଙ୍କ ଅବହେଳା ପାଇଁ ବି କାମ ହୋଇପାରିନଥିଲା ।

ଏହି ରାସ୍ତା ନିର୍ମାଣ ପାଇଁ ଅନୁମୋଦନ ପ୍ରଦାନ କରିଥିବାରୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଓ କେନ୍ଦ୍ର ସଡ଼କ ପରିବହନ ଓ ରାଜମାର୍ଗ ମନ୍ତ୍ରୀ ନିତିନ୍ ଗଡ଼କରୀଙ୍କୁ ଏକ୍ସ ଜରିଆରେ ଧନ୍ୟବାଦ ଜଣାଇଛନ୍ତି ।

### ସିଇସିଙ୍କୁ ଭେଟିଲା...

ସିଇସି । ଦଳୀୟ ପ୍ରାର୍ଥୀ ବା ସେମାନଙ୍କ ପ୍ରତିନିଧିମାନଙ୍କୁ ଫର୍ମ-୧୭ ସି ଯୋଗାଇଦେବା ଆବଶ୍ୟକ ଥିଲା ବୋଲି କମିଶନ ମତପ୍ରକାଶ କରିଛନ୍ତି ।

୨୦୨୪ ମସିହାରେ ଅନୁଷ୍ଠିତ ଏକକାଳୀନ ବିଧାନସଭା ଓ ଲୋକସଭା ନିର୍ବାଚନରେ ଭୋଟରେ ଗଭୀର ଭାବେ ଭୋଟ ଅସଙ୍ଗତି ଦେଖାଯାଇଥିବା ବିଜେଡି ସିଇସିଙ୍କୁ ଅବଗତ କରିଛି । ରାଜ୍ୟର ସମସ୍ତ ସଂସଦ କ୍ଷେତ୍ରରେ, ଇଭିଏମରେ ପଡ଼ିଥିବା ଭୋଟ ସଂଖ୍ୟା ଅପେକ୍ଷା ଗଣତି ହୋଇଥିବା ଭୋଟ ସଂଖ୍ୟା ଅଧିକ ରହିବା, ସଂସଦୀୟ କ୍ଷେତ୍ରର ଭୋଟ ସଂଖ୍ୟା ଓ ଏହା ଅନ୍ତର୍ଗତ ବିଧାନସଭା କ୍ଷେତ୍ରର ସମୁଦାୟ ଭୋଟ ସଂଖ୍ୟା ମଧ୍ୟରେ ଉଲ୍ଲେଖନୀୟ ପାର୍ଥକ୍ୟ, ନିର୍ବାଚନ ଶେଷ ପରେ ଅର୍ଥାତ୍ ସନ୍ଧ୍ୟା ୫ଟା ପରେ ହଠାତ୍ ଭୋଟ ପ୍ରତିଶତ ବୃଦ୍ଧିକୁ ନେଇ ବିଜେଡି ନିର୍ବାଚନ କମିଶନଙ୍କ ଦୃଷ୍ଟି ଆକର୍ଷଣ କରିଛି । ବିଜେଡି ପୂର୍ବରୁ ନିର୍ବାଚନ କମିଶନଙ୍କ ସହ ଆଲୋଚନା ବେଳେ ଉଦବେଗ ପ୍ରକାଶ କରିବା ସହ ଗତ ଡିସେମ୍ବରରେ ଏକ ସ୍ମାରକ ପତ୍ର ମଧ୍ୟ ପ୍ରଦାନ କରିଥିଲା । ପ୍ରତିନିଧି ଦଳର ଯୁକ୍ତି ଅନୁଯାୟୀ ଗଣତାନ୍ତ୍ରିକ ମୂଲ୍ୟବୋଧକୁ ସୁଦୃଢ଼ କରିବା ପାଇଁ ବିଜେଡି ପକ୍ଷରୁ ଏହି ପ୍ରଶ୍ନଗୁଡ଼ିକ ଉଠାଯାଉଛି । ଯାଜପୁର ସଂସଦୀୟ କ୍ଷେତ୍ର ସମେତ ଅନେକ ନିର୍ବାଚନମଣ୍ଡଳୀରେ ଗତ ନିର୍ବାଚନରେ ଦେଖାଦେଇଥିବା ଅସଙ୍ଗତି ସମ୍ପର୍କରେ ନିର୍ଦ୍ଦିଷ୍ଟ ଉଲ୍ଲେଖ କରାଯାଇଛି ।ସେହିପରି ଗତ ନିର୍ବାଚନରେ ନିର୍ବାଚନ ପ୍ରକ୍ରିୟାରେ ସ୍ୱଚ୍ଛତା ସୁନିଶ୍ଚିତ କରିବାର ଦାୟିତ୍ୱ କେବଳ ବୁଥ୍ ଏଜେଣ୍ଟ, କାଉଣ୍ଟିଂ ଏଜେଣ୍ଟ ଏବଂ ପୋଲିଂ ଏଜେଣ୍ଟଙ୍କ ଉପରେ ଅସାମାନ୍ୟ ଭାବରେ ନ୍ୟସ୍ତ କରାଯାଇଥିଲା । ଯାହାକୁ ନେଇ ପ୍ରତିନିଧି ଦଳ ନିର୍ବାଚନ କମିଶନଙ୍କ ନିକଟରେ ନିଜର ଅସନ୍ତୋଷ ପ୍ରକାଶ କରିଛନ୍ତି ।

ଏହି ଅବସରରେ ଓଡ଼ିଶାରେ ଭୋଟର ତାଲିକା ସଂଶୋଧନ(ଏସଆଇଆର)କୁ ନେଇ ନିଜର ଆଭିମୁଖ୍ୟ ସ୍ୱଷ୍ଟ କରିଛି ବିଜେଡି । ଓଡ଼ିଶାରେ ଏସ୍‌ଆଇଆର୍ ସମୟରେ ନିର୍ବାଚନ ଆୟୋଗ କୌଣସି ଆଇନଗତ ଭୋଟର; ବିଶେଷକରି ପ୍ରବାସୀ ଏବଂ ଅସ୍ଥାୟୀ କର୍ମଚାରୀ ଯେପରି ଭୋଟର ତାଲିକାରୁ ବାଦ ନ ପଡ଼ନ୍ତି ସେ ସମ୍ପର୍କରେ ଧ୍ୟାନ ଦେବାକୁ ଅନୁରୋଧ କରିଛନ୍ତି । ପ୍ରତିନିଧି ମଣ୍ଡଳୀରେ ସାମିଲ ହୋଇଥିବା ଦଳର ବରିଷ୍ଠ ନେତା ଦେବୀ ପ୍ରସାଦ ମିଶ୍ର କହିଛନ୍ତି ଯେ ଧାରା ୨୦ଏ(୧-ସି)ର ବ୍ୟବସ୍ଥା ଅନୁଯାୟୀ ପ୍ରବାସୀ ଭାରତୀୟମାନେ ସେମାନଙ୍କର ମୂଳ ନିର୍ବାଚନମଣ୍ଡଳୀରେ ଭୋଟର ତାଲିକାରେ ସେମାନଙ୍କର ନାମ ପଞ୍ଜିକରଣ କରିବାର ଅଧିକାର ପାଇଥିବାରୁ, ଓଡ଼ିଶା ବାହାରେ କାମ କରୁଥିବା ପ୍ରବାସୀ ଏବଂ ଅସ୍ଥାୟୀ ଶ୍ରମିକମାନଙ୍କ ପ୍ରତି କଠୋର ଦୃଷ୍ଟିକୋଣ ଗ୍ରହଣ କରାଯିବା ଉଚିତ୍ ନୁହେଁ । ଏପରି କରିବା ଦ୍ୱାରା ଯଦି ସେମାନେ ଯଦି ଭୋଟଦାନ ଅଧିକାରରୁ ବଞ୍ଚିତ ହୁଅନ୍ତି ତେବେ ସେମାନଙ୍କ ମୂଳ ଗ୍ରାମରେ ସାମାଜିକ-ସାଂସ୍କୃତିକ କ୍ଷେତ୍ରରେ ବିଶୃଙ୍ଖଳା ସୃଷ୍ଟି ହୋଇପାରେ । ଅନ୍ୟପକ୍ଷରେ ଯଦି କମିଶନ ବିହାର ଭଳି ସମାନ ଆଭିମୁଖ୍ୟ ଅନୁସରଣ କରିବେ ଯେଉଁଠାରେ ଶୀଘ୍ର ପ୍ରକ୍ରିୟା ଏବଂ ପର୍ଯ୍ୟାପ୍ତ ସମୟ ଅଭାବ ଯୋଗୁଁ ପ୍ରକୃତ ଭୋଟରମାନେ ଭୋଟଦାନରୁ ବଞ୍ଚିତ ହୋଇଥିବା ନେଇ ଅଭିଯୋଗ ଆସୁଛି, ତେବେ ବିଜେଡି ଏହାର ତୀବ୍ର ବିରୋଧ କରିବ ବୋଲି ଦଳର ବରିଷ୍ଠ ନେତା ଡ. ଅମର ପଟ୍ଟନାୟକ କହିଛନ୍ତି । ନିର୍ବାଚନ ପ୍ରକ୍ରିୟାରେ ସ୍ୱଚ୍ଛତା ବୃଦ୍ଧି କରିବା ପାଇଁ ସଠିକ୍ ଉଦ୍ଦେଶ୍ୟ ନେଇ ଏସଆଇଆରକୁ କାର୍ଯ୍ୟକାରୀ କରାଯିବା ଉଚିତ୍ । ଭୋଟର ତାଲିକାରୁ ଅଯୋଗ୍ୟ ଭୋଟରଙ୍କୁ ବାଦ ଦେବା ବାହାନାରେ କୌଣସି ଯୋଗ୍ୟ ଭୋଟରଙ୍କୁ ଭୋଟଦାନରୁ ବଞ୍ଚିତ କରାଯିବା ଉଚିତ୍ ନୁହେଁ । ପ୍ରକୃତ ସମସ୍ୟା ଗୁଡ଼ିକର ସମାଧାନ ଦିଗରେ କମିଶନ ପଦକ୍ଷେପ ନନେଲେ ଦଳ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରିପାରେ ବୋଲି ବିଜେଡି କହିଛି । ଏହି ପ୍ରତିନିଧି ଦଳରେ ପୂର୍ବତନ ମନ୍ତ୍ରୀ ସଞ୍ଜୟ ଦାସବର୍ମା, ପ୍ରମିଳା ମଲ୍ଲିକ, ନିରଞ୍ଜନ ପୂଜାରୀ, ରାଜ୍ୟସଭା ସାଂସଦ ସୁଲତା ଦେଓ, ଡ. ପ୍ରିୟବ୍ରତ ମାଝୀ, ଭୃଗୁ ବକ୍ସିପାତ୍ର ପ୍ରମୁଖ ସାମିଲ ଥିଲେ ।

**ଗାଁକୁ ଆସିଲାନି ଆମ୍ବୁଲାନ୍ସ**

# ବର୍ଷା ରାତିରେ ୧ କିମି ଚାଲିଲେ ଗର୍ଭବତୀ

ଜନନୀ ଯନ୍ତ୍ରଣାର ଦାରୁଣ ଚିତ୍ର





ଲାଞ୍ଜିଗଡ଼,୧୯।୭(ସମିସ): ତୁହାକୁ ତୁହା ବର୍ଷା ଚାଲିଥିଲା, ଟିକିଏ ବି ଫୁରସତ୍ ଦେଉନଥିଲା । ସାଙ୍ଗକୁ କିଟିକିଟି ଅନ୍ଧାର । ଏପରି ସ୍ଥିତିରେ ଗାଁର କାଦୁଅ ପଚପଚ ରାସ୍ତାରେ ୧ କିଲୋମିଟର ଚାଲିଚାଲି ଆମ୍ବୁଲାନ୍ସ ପାଖକୁ ଗଲେ ଗର୍ଭବତୀ । କଳାହାଣ୍ଡି ଜିଲ୍ଲା ଲାଞ୍ଜିଗଡ଼ ବ୍ଲକ୍ ବିଜେପୁର ପଞ୍ଚାୟତ ଅନ୍ତର୍ଗତ ମେଲବାହାଲି ବଣ୍ଡେଲପଡ଼ାର ଗାଁରୁ ଆଜି ଜନନୀ ଯନ୍ତ୍ରଣାର ଏଭଳି ଏକ କରୁଣ ଚିତ୍ର ସାମ୍ନାକୁ ଆସିଛି । ଗାଁକୁ ରାସ୍ତା ନଥିବାରୁ ଏମିତି ଯନ୍ତ୍ରଣା ଭୋଗିଛନ୍ତି ଗାଁର ମିଶ୍ର ମାଝୀଙ୍କ ପତ୍ନୀ କାଞ୍ଚ ମାଝୀ ।

ଗତରାତିରେ କାଞ୍ଚଙ୍କ ପ୍ରସବ ବେଦନା ହେବାରୁ ପରିବାରଲୋକ ୧୦୮ ଆମ୍ବୁଲାନ୍ସକୁ ଡକାଇଥିଲେ । କିନ୍ତୁ ଗାଁକୁ ରାସ୍ତା ନଥିବାରୁ ଗାଁଠାରୁ ୧ କିମି ଦୂର ବିଜେପୁରଠାରୁ ଲାଞ୍ଜିଗଡ଼କୁ ସଂଯୋଗ କରୁଥିବା ମୁଖ୍ୟ ରାସ୍ତା ନିକଟରେ ଅଟକି ରହିଥିଲା । ତେଣୁ ବିଳମ୍ବିତ ରାତିରେ ଗ୍ରାମବାସୀଙ୍କ ସହାୟତାରେ କାଞ୍ଚ ୧ କିଲୋମିଟର ଚାଲି ଚାଲି ଆମ୍ବୁଲାନ୍ସ ପାଖକୁ ଆସିଥିଲେ । ପରେ ତାଙ୍କୁ ଆମ୍ବୁଲାନ୍ସରେ ୨୦ କିମି ଦୂର କଲ୍ୟାଣସିଂହପୁର ଡାକ୍ତରଖାନାକୁ ନିଆଯାଇଥିଲା ।

ପଞ୍ଚାୟତ କାର୍ଯ୍ୟାଳୟଠାରୁ ୫କିମି ଏବଂ ବ୍ଲକ୍ କାର୍ଯ୍ୟାଳୟଠାରୁ ୩୫ କି.ମି ଦୂରରେ ଥିବା ଏହି ଗାଁକୁ ଆଜି ବି ଭଲ ରାସ୍ତା ଖଣ୍ଡିଏ ନାହିଁ । ଫଳରେ ଏଭଳି ଅଘଟଣ ବାରାମ୍ବାର ଘଟୁଛି । ସ୍ୱାସ୍ଥ୍ୟସେବା ଏବେବି ଏମାନଙ୍କ ପାଇଁ ଅପହଞ୍ଚ ହୋଇ ରହିଛି । ଆଜି ବି ୩୦ରୁ ଊର୍ଦ୍ଧ୍ୱ ଗାଁକୁ ଭଲ ରାସ୍ତା ନଥିବା ଯୋଗୁଁ ନିରୀହ ଆଦିବାସୀ ଉତ୍ତମ ସ୍ୱାସ୍ଥ୍ୟସେବାରୁ ବଞ୍ଚିତ ରହୁଛନ୍ତି । ଏଥିପ୍ରତି ବ୍ଲକ୍ ଓ ଜିଲ୍ଲା ପ୍ରଶାସନ ଦୃଷ୍ଟି ଦେବାକୁ ଅଞ୍ଚଳବାସୀ ଦାବି କରିଛନ୍ତି ।

ଉଲ୍ଲେଖଯୋଗ୍ୟ, ପୂର୍ବରୁ ସୀମାନ୍ତ ସଦର ବ୍ଲକ୍ ଯୁଗସାଇପାଟଣା ପଞ୍ଚାୟତର କଡରୁସୋରୁ ଲାଞ୍ଜିଗଡ଼ ବ୍ଲକ୍‌ର ପାହାଡ଼ପଦର ପଞ୍ଚାୟତ ତଇଁପଦର, ଲାଞ୍ଜି ପଞ୍ଚାୟତ ତୁର୍କା ଗାଁରେ ଗର୍ଭବତୀ ମହିଳାମାନଙ୍କୁ ଏଭଳି ଭାରରେ ବୋହି ଆଣିବା ପରେ ଆମ୍ବୁଲାନ୍ସ ଯୋଗେ ଡାକ୍ତରଖାନା ନିଆଯିବାର ପୂର୍ବରୁ ନଜିର ରହିଛି । ବାରମ୍ବାର ଉପାନ୍ତ ଦୁର୍ଗମ ଅଞ୍ଚଳରେ ଏଭଳି ଘଟଣା ସାମନାକୁ ଆସୁଥିବାରୁ ଏହି ଅଞ୍ଚଳରେ ଜନନୀ ସୁରକ୍ଷା ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି ।

**ବଳଙ୍ଗା ପୀଡ଼ିତା ପ୍ରସଙ୍ଗରେ ବର୍ଷିଲା କଂଗ୍ରେସ**

# ନ୍ୟାୟ ନ ମିଳିବା ଯାଏ ଲଢ଼େଇ ଜାରି ରହିବ

ଭୁବନେଶ୍ୱର,୧୯।୮(ସମିସ): ବଳଙ୍ଗା ତିନିଜଣ ଦୁର୍ବୃତ୍ତ ଜଣେ ଛାତ୍ରୀଙ୍କୁ ଟେକିନେଇ ଜାଳିଦେଲେ । ଛାତ୍ରୀଜଣଙ୍କ ନିଜ ମୃତ୍ୟୁକାଳୀନ ଜମାନବନ୍ଦୀରେ ଏହି କଥା କହିଛନ୍ତି । ଏହି ଘଟଣାକୁ ମାସେ ହୋଇଗଲା ପଛେ, ପୁଲିସ ଅପରାଧୀଙ୍କୁ ଗିରଫ କରିପାରି ନାହିଁ । କଂଗ୍ରେସ ନାରୀନ୍ୟାୟ କ୍ଷେତ୍ରରେ କୌଣସି ସାଲିସ କରିବ ନାହିଁ, ବଳଙ୍ଗା ପୀଡ଼ିତାଙ୍କୁ ନ୍ୟାୟ ଦେବାକୁ ସଂଗ୍ରାମ ଜାରି ରଖିବ ବୋଲି କଂଗ୍ରେସ

**ଭାଇରାଲ ନୋଟ୍‌ପ୍ୟାଡକୁ ନେଇ ପ୍ରଶ୍ନ ଉଠାଇଲା ଦଳ**

କହିଛି । ଏକ ସାମ୍ବାଦିକ ସମ୍ମିଳନୀରେ ଶ୍ରୀ ଦାସ ପିସିସି ଗଣମାଧ୍ୟମ ବିଭାଗ ଅଧ୍ୟକ୍ଷ ଅରବିନ୍ଦ ଦାସ କହିଛନ୍ତି ଯେ ସାମାଜିକ ଗଣମାଧ୍ୟମରେ ଭାଇରାଲ ହୋଇଥିବା ବୟାନ ଭିଡିଓ ସତ କି ନୁହେଁ ବୋଲି ପ୍ରଶ୍ନ ଉଠିଛି । ଯଦି ଏହା ସତ, ସେଇ ଭିଡିଓରେ ଦୁର୍ବୃତ୍ତଙ୍କୁ ଗିରଫ କରିବା ଦିଗରେ ପୁଲିସ କି ପଦକ୍ଷେପ ନେଇଛି ବୋଲି ସେ ପ୍ରଶ୍ନ କରିଛନ୍ତି ।

ଏହି ଘଟଣାକୁ ନେଇ ମୁଖପାତ୍ର ନିଶିକାନ୍ତ ମିଶ୍ର ଆଇନଗତ ଦିଗ ତର୍ଜମା କରି କହିଛନ୍ତି, ଭାରତୀୟ ସାକ୍ଷ୍ୟ ବିଧି ଆଇନ ଉପଧାରା ୨୬(କ) ଅନୁଯାୟୀ ମୃତ୍ୟୁକାଳୀନ ଜମାନବନ୍ଦୀ ବା ବୟାନକୁ ପ୍ରାୟତଃ ସତ୍ୟ ଭାବରେ ଗ୍ରହଣ କରାଯାଇ ଥାଏ । ଭାଇରାଲ ହୋଇଥିବା ଭିଡିଓରେ ପୀଡ଼ିତା ତିନିଜଣ ଦୁର୍ବୃତ୍ତଙ୍କୁ ଇସାରା ଉଲ୍ଲେଖ କରିଥିବା ସ୍ପଷ୍ଟ ଜଣାପଡୁଛି । ପୁଲିସ ଏହି ସ୍ପର୍ଶକାତର ଘଟଣା ଉପରେ ଏକାଧିକ ଥର ବୟାନ ଦେଲାଣି ଏବଂ ସେଇ ବୟାନ ମଧ୍ୟରେ କୌଣସି ତାଳମେଳ





ରହୁନି । ପୁଲିସ ହାତରେ ବଡ଼ ତଥ୍ୟ ଲାଗିଛି ବୋଲି ପୁରୀ ଆରକ୍ଷୀ ଅଧୀକ୍ଷକ କହିଥିବାବେଳେ ପୁଲିସ ମୁଖ୍ୟାଳୟ ଏହି ଛାତ୍ରୀପୋଡ଼ି ଘଟଣାରେ କାହାରି ସମ୍ପୃକ୍ତି ନ ଥିବା ସାମାଜିକ ଗଣମାଧ୍ୟମରେ ବିଜ୍ଞାପିତ କରୁଛି । ଏଫଆଇଆର, ସାକ୍ଷୀଙ୍କ ମିଡିଆ ବାଇଟ, ପୁରୀ ଏସପିଙ୍କ ବୟାନ ମଧ୍ୟରେ ବିସଙ୍ଗତି ଏବଂ ପୀଡ଼ିତାଙ୍କ ଭାଇରାଲ ବୟାନ ପୁଲିସର କାର୍ଯ୍ୟକଳାପକୁ ସନ୍ଦେହ ଘେରକୁ ଟାଣିନେଉଛି ବୋଲି ଶ୍ରୀ ମିଶ୍ର କହିଛନ୍ତି ।

ଛାତ୍ରୀ ପୋଡ଼ି ଘଟଣାରେ ଦୁର୍ବୃତ୍ତମାନେ ନିଆଁ ଲଗାଇଲା ପରେ ଛାତ୍ରୀଜଣକ ସାହାଯ୍ୟ ପାଇଁ ପ୍ରଥମେ ପହଞ୍ଚିଥିବା ତେରହଳ ଗ୍ରାମର ଦୁଃଖିଶ୍ୟାମ ସେନାପତି କୁଆଡ଼େ ଗଲେ ବୋଲି ପ୍ରଶ୍ନ କରିଛନ୍ତି ଦଳର ଅନ୍ୟତମ ମୁଖପାତ୍ର ଜୟଶ୍ରୀ ପାତ୍ର । ଉପ ମୁଖ୍ୟମନ୍ତ୍ରୀ ତାଙ୍କ ଦୁଇ ଆନୁଗତଙ୍କୁ କାହିଁକି ଦିଲ୍ଲୀ ପଠାଇଥିଲେ ବୋଲି ପ୍ରଶ୍ନ କରିବା ସହ କାହିଁକି ଏହି ଦୁଇ ଜଣ ପୀଡ଼ିତାଙ୍କ ପରିବାରକୁ ଆଢୁଆଳରେ ରଖୁଥିଲେ ବୋଲି ପ୍ରଶ୍ନ କରିଛନ୍ତି । ସେହିପରି ଭାଇରାଲ ଭିଡିଓରେ ବୟାନ ଗ୍ରହଣ କରୁଥିବା ମହିଳା ଜଣକ ଯେଉଁ ପ୍ୟାଡ୍‌ରେ ଲେଖୁଛନ୍ତି, ସେଇ ପ୍ୟାଡ୍‌ରେ "୨୦/୭/୨୦୨୫' ସହ "ଆଇଆଇସି ବଳଙ୍ଗା' ବୋଲି ମଧ୍ୟ ଲେଖାହୋଇଛି । ଯଦି ପୁଲିସ ବୟାନ ରେକଡର୍ଡିଂ କରୁଥିଲା, ପୁଲିସଠାରୁ କେମିତି ଭିଡିଓ ଲିକ ହୋଇ ଭାଇରାଲ ହେଲା? ଯଦି ପୁଲିସ ବୟାନ ରେକର୍ଡ କରିନାହିଁ, ଏତେ କଡ଼ା ସୁରକ୍ଷା ଥାଇ ସୁଦ୍ଧା କିଏ ବୟାନ ଭିଡିଓ ରେକର୍ଡିଂ କରିଛି ବୋଲି ସେ ପ୍ରଶ୍ନ କରିଛନ୍ତି ।

# ନାବାଳିକା ଅପହରଣକାରୀକୁ ୭ ବର୍ଷ ଜେଲ୍

ବାରିପଦା,୧୯।୮(ସମିସ): ମୟୂରଭଞ୍ଜ ଜିଲ୍ଲା ଅତିରିକ୍ତ ଜିଲ୍ଲା ଓ ଦୌରାଜଜ୍ ତଥା ସ୍ୱତନ୍ତ୍ର ଫାଷ୍ଟଟ୍ରାକ୍ ସ୍ପେଶାଲ ପୋକସୋ କୋର୍ଟରେ ସୋମବାର ଏକ ନାବାଳିକା ଅପହରଣ ମାମଲାର ରାୟ ପ୍ରକାଶ ପାଇଛି । ବିଚାରପତି ସନ୍ତୋଷ କୁମାର ନାୟକ ଏହି ମାମଲାର ବିଚାର କରି ଅଭିଯୁକ୍ତ ଜିତେନ ମୁର୍ମୁ(୨୫)କୁ ଦୋଷୀ ସାବ୍ୟସ୍ତ କରିବା ସହ ୭ ବର୍ଷ ଜେଲ୍ ଓ ୨୦ ହଜାର ଟଙ୍କା ଜରିମାନାରେ ଦଣ୍ଡିତ କରିଛନ୍ତି । ଜରିମାନା ଅନାଦେୟ ହେଲେ, ଅତିରିକ୍ତ ୬ମାସ ଜେଲ ଦଣ୍ଡ ଭୋଗିବାକୁ ରାୟରେ ଉଲ୍ଲେଖ ରହିଛି । ଏହାସହ ପୀଡ଼ିତାକୁ ୧ ଲକ୍ଷ ଟଙ୍କା ସହାୟତା ରାଶି ପ୍ରଦାନ କରିବାକୁ ଜିଲ୍ଲା ଆଇନ ସେବା ପ୍ରାଧିକରଣଙ୍କୁ କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି । ଜିତେନର ଘର ବାଲେଶ୍ୱର ଜିଲ୍ଲା ବରହମପୁର ଥାନା ଅଧୀନ ଅନ୍ତଡିହା ଗ୍ରାମରେ ।

# ହୀରାକୁଦ ଜଳସ୍ତର ୬୧୪.୪୧ ଫୁଟ୍

ସମ୍ବଲପୁର, ୧୯।୮ (ସମିସ): ମଙ୍ଗଳବାର ଅପରାହ୍ଣ ୩ଟାରେ ହୀରାକୁଦ ଜଳଭଣ୍ଡାରର ଜଳସ୍ତର ୬୧୪.୪୧ ଫୁଟ୍ ରହିଛି । ନଦୀବନ୍ଧର ସମସ୍ତ ଗେଟ୍ ବନ୍ଦ ରହିଛି । ଜଳଭଣ୍ଡାରକୁ ସେକେଣ୍ଡ ପ୍ରତି ୮୬,୫୮୭ ଘନଫୁଟ ଜଳ ପ୍ରବେଶ କରୁଥିବାବେଳେ ପାୱାରଚେନାଲ, ଶିଳ୍ପାନୁଷ୍ଠାନ, କେନାଲ ଆଦି ଦେଇ ୩୮,୪୪୧ ଘନଫୁଟ ଜଳ ନିଷ୍କାସିତ ହେଉଛି । ସ୍ପିଲୱେ ଦେଇ କୌଣସି ଜଳ ନିଷ୍କାସନ ହେଉନାହିଁ । ପାୱାର ଚେନାଲ ଦେଇ ୩୨,୮୦୨ ଘନଫୁଟ, ଶିଳ୍ପାନୁଷ୍ଠାନ ସକାଶେ ୨୧୪ ଘନଫୁଟ, କେନାଲ ପାଇଁ ୪,୪୨୫ ଘନଫୁଟ ଜଳ ନିଷ୍କାସିତ ହେଉଛି । ହୀରାକୁଦ ନଦୀବନ୍ଧର ଉପରମୁଣ୍ଡରେ ୩.୬୮ ମିମି ବର୍ଷା ହୋଇଥିବାବେଳେ ତଳମୁଣ୍ଡରେ ୧୧.୯୪ ମିମି ବର୍ଷା ହୋଇନଥିବା ସୂଚନା ମିଳିଛି । ଗତବର୍ଷ ଆଜିର ଦିନରେ ହୀରାକୁଦ ଜଳଭଣ୍ଡାରର ଜଳସ୍ତର ୬୧୭.୮୧ ଫୁଟ୍ ରହିଥିଲା ।

■ **ରଞ୍ଜନ ପ୍ରଧାନ ହତ୍ୟା ମାମଲା**

# ହତ୍ୟାକାରୀକୁ ଆଜୀବନ ଜେଲ୍

ବୌଦ୍ଧ,୧୯।୮(ସମିସ): ୨୦୨୩ ମସିହାରେ ଯୋଗୀ ଭୋଗରା ରେଲୱେ କ୍ୟାମ୍ପ ନିକଟରେ ସଂଘଟିତ ରଞ୍ଜନ ପ୍ରଧାନ ହତ୍ୟା ମାମଲାର ଆଜି ରାୟ ପ୍ରକାଶ ପାଇଛି । ବୌଦ୍ଧ ଜିଲ୍ଲା ଓ ଦୌରା ଜଜ୍ ପ୍ରତାପ କୁମାର ପାତ୍ର ଏହି ମାମଲାର ବିଚାର କରି ହତ୍ୟାକାରୀ ଖୁଣ୍ଟିଆପଡ଼ା ଗ୍ରାମର ପ୍ରକାଶ ବେହେରାକୁ ଆଜୀବନ ଜେଲ୍ ଓ ୧୦ହଜାର ଟଙ୍କା ଜରିମାନାରେ ଦଣ୍ଡିତ କରିଛନ୍ତି । ଜରିମାନା ଅନାଦେୟ ହେଲେ, ଅତିରିକ୍ତ ୬ମାସ ଜେଲଦଣ୍ଡ ଭୋଗିବାକୁ ପଡ଼ିବ ବୋଲି ରାୟରେ ଉଲ୍ଲେଖ ରହିଛି । ୨୦୨୩ ଅଗଷ୍ଟ ୨୮ରେ ଯୋଗୀ ଭୋଗରା ଗ୍ରାମ ନିକଟ ରେଲୱେ କ୍ୟାମ୍ପ ନିକଟରୁ ରଞ୍ଜନ ପ୍ରଧାନଙ୍କ କ୍ଷତବିକ୍ଷତ ମୃତଦେହ ଉଦ୍ଧାର ହୋଇଥିଲା । ରଞ୍ଜନଙ୍କ ଘର ବାଉଁଶୁଣୀ ଥାନା ରାଉତବାହାଲ ଗ୍ରାମରେ । ସେ ଉକ୍ତ କ୍ୟାମ୍ପରେ ଜଗୁଆଳି ଭାବେ କାମ କରୁଥିଲେ । ପରେ ରଞ୍ଜନଙ୍କ ଜ୍ୱାଇଁ ବାମଣ୍ଡା ଗ୍ରାମର ସାନୁଜ ପ୍ରଧାନଙ୍କ ଏତଲା ଆଧାରରେ ପୁଲିସ ଏହର ତଦନ୍ତ କରି ପ୍ରକାଶ ବେହେରାଙ୍କୁ ଗିରଫ କରିଥିଲା । ଉକ୍ତ ମାମଲାକୁ ସରକାରଙ୍କ ପକ୍ଷରୁ ପିପି ସବିତା କୁମାରୀ ପଣ୍ଡା ପରିଚାଳନା କରୁଥିଲେ ।

# ବ୍ୟବସାୟୀଙ୍କଠାରୁ ୧.୪୦ ଲକ୍ଷ ସହ ବାଇକ୍ ଲୁଟ୍

ମନମୁଣ୍ଡା,୧୯।୮(ସମିସ): ଆଜି ସ୍ପଷ୍ଟ ଦିବାଲୋକରେ ଜଣେ ଗୋରୁ ବେପାରୀଙ୍କଠାରୁ ୧.୪୦ଲକ୍ଷ ଟଙ୍କା ସହ ବାଇକ ଓ ମୋବାଇଲ ଲୁଟ୍ ହୋଇଥିବା ମନମୁଣ୍ଡା ଥାନାରେ ଅଭିଯୋଗ ହୋଇଛି । ସୂଚନାନୁଯାୟୀ, ସୋନପୁରର ଦୁଇଜଣ ଗୋରୁ ବେପାରୀ କଣ୍ଟାମାଳ ବ୍ଲକ୍ ଆମ୍ବଗାଁ ସାପ୍ତାହିକ ବଜାରରେ ଆଜି ୪ ପଟ ବଳଦ ବିକ୍ରି କରି ବାଇକ ଯୋଗେ ଘରକୁ ଫେରୁଥିଲେ । ମନମୁଣ୍ଡା ଥାନା ଜାଲପାଲି ଛକ ନିକଟରେ ମଧ୍ୟାହ୍ନରେ ୬ଜଣ ମୁଖାପିନ୍ଧା ଦୁର୍ବୃତ୍ତ ହାତରେ ମାରଣାସ୍ତ୍ର ଧରି ଗୋରୁ ବେପାରୀମାନଙ୍କୁ ଅଟକାଇ ମାଡ଼ ମାରି ସେମାନଙ୍କଠାରୁ ୧ ଲକ୍ଷ ୪୦ ହଜାର ଟଙ୍କା, ମୋବାଇଲ୍ ଓ ବାଇକ ଲୁଟି ନେଇଥିଲେ । ଏନେଇ ଦୁଇ ବେପାରୀ ଥାନାରେ ଅଭିଯୋଗ କରିଛନ୍ତି । ତେବେ ସ୍ପଷ୍ଟ ଦିବାଲୋକରେ ଓ ଜନଗହଳି ରାସ୍ତାରେ ଡକାୟତି ଘଟଣାକୁ ନେଇ ଅଞ୍ଚଳବାସୀ ଭୟଭୀତ ଥିବା ଜଣାଯାଇଛି । ପୁଲିସ ପାଟ୍ରୋଲିଂକୁ ଅଧିକ କଡ଼ାକଡ଼ି କରାଯିବାକୁ ଦାବି ହୋଇଛି ।

**ହୀରାକୁଦ କେନାଲ ବ୍ୟବସ୍ଥାର ନବୀକରଣ**

# ୫୨ କୋଟିରେ ୨ ପ୍ରକଳ୍ପକୁ ଅନୁମୋଦନ

ଭୁବନେଶ୍ୱର,୧୯।୮(ସମିସ): କମାଣ୍ଡ ଏରିଆରେ ହୀରାକୁଦ କେନାଲ ବ୍ୟବସ୍ଥାର ନବୀକରଣ ପାଇଁ ନିଷ୍ପତ୍ତି ନେଇଛନ୍ତି ରାଜ୍ୟ ସରକାର । ଏଥିପାଇଁ ରାଜ୍ୟ ଜଳସମ୍ପଦ ବିଭାଗ ଦୁଇଟି ପ୍ରକଳ୍ପକୁ ମଙ୍ଗଳବାର ପ୍ରଶାସନିକ ଅନୁମୋଦନ ଦେଇଛି । ଉଭୟ ପ୍ରକଳ୍ପ ପାଇଁ ମୋଟ ୫୨ କୋଟି ୪୫ ଲକ୍ଷ ଟଙ୍କା ଖର୍ଚ୍ଚ ହେବ ।

ଏହି ପ୍ରକଳ୍ପ ବୁର୍ଲା ଜଳସେଚନ ଖଣ୍ଡ ଅଧିନରେ କାର୍ଯ୍ୟକାରୀ ହେବ । ପାପଙ୍ଗ କେନାଲ ସିଷ୍ଟମ ପାଇଁ ୩୩ କୋଟି ଟଙ୍କା ଖର୍ଚ୍ଚ ହେବାକୁ ଥିବାବେଳେ ରେମୁଣ୍ଡ କେନାଲ ସିଷ୍ଟମ ପାଇଁ ୧୯ କୋଟି ୪୫ ଲକ୍ଷ ଟଙ୍କା ଖର୍ଚ୍ଚ ହେବ । ଏହି ଅର୍ଥ 'ହୀରାକୁଦ ଡ୍ୟାମ କେନାଲ ସିଷ୍ଟମର ନବୀକରଣ' ଯୋଜନାରୁ ଭରଣା କରାଯିବ । ୨୦୨୫-୨୬ ଆର୍ଥିକ ବର୍ଷ ପାଇଁ ଏହି ଯୋଜନାରେ ୧୦୦ କୋଟି ଟଙ୍କା ବ୍ୟୟବରାଦ କରାଯାଇଛି । ହୀରାକୁଦ ଡ୍ୟାମ ୬୫ ବର୍ଷରୁ ଅଧିକ ପୁରୁଣା ହୋଇସାରିଛି । ଦୀର୍ଘ ବର୍ଷ ଧରି ଏହି ଡ୍ୟାମରୁ ବାହାରିଥିବା ବରଗଡ଼ ଓ ଶାସନ କେନାଲ ସମ୍ବଲପୁର, ବରଗଡ଼, ସୁବର୍ଣ୍ଣପୁର ଓ ବଲାଙ୍ଗୀର ଜିଲ୍ଲାର ଚାଷୀଙ୍କୁ ଜଳସେଚନ ପାଇଁ ସୁବିଧା ଯୋଗେଇ ଆସୁଛି । ସେମାନଙ୍କ ଆର୍ଥିକ ସ୍ଥିତିକୁ ସ୍ୱଚ୍ଛଳ କରିବାରେ ସହାୟକ ହୋଇଆସୁଛି । ତେବେ ଏଗୁଡ଼ିକ ଦୁର୍ବଳ ହୋଇପଡ଼ିବା କାରଣରୁ ରାଜ୍ୟ ସରକାର ଏହାର ନବୀକରଣ କରିବାକୁ ନିଷ୍ପତ୍ତି ନେଇଛନ୍ତି । ଏନେଇ ରାଜ୍ୟ ସରକାର ଆସନ୍ତା ୪ ବର୍ଷ ପାଇଁ ୮୫୫ କୋଟି ଟଙ୍କାର ବ୍ୟୟ ଅଟକଳ କରିଛନ୍ତି । ଯୋଜନା ଅଧିନରେ କେନାଲଗୁଡ଼ିକୁ ନବୀକରଣ ପାଇଁ ସେଗୁଡ଼ିକର କଂକ୍ରିଟ ଲାଇନିଂ କରାଯିବ । ସେଥିପାଇଁ ଏହି ୮୫୫ କୋଟି ଟଙ୍କାର କ୍ୟାବିନେଟ ମଞ୍ଜୁରୀ ହୋଇଛି । ହୀରାକୁଦ ଡ୍ୟାମ କର୍ତ୍ତୃପକ୍ଷଙ୍କ ପାଖରୁ ମିଳିଥିବା ସୂଚନା ଅନୁସାରେ ହୀରାକୁଦ ଡ୍ୟାମ ଅଧୀନରେ ମୋଟ ୮୧୬ଟି କେନାଲ ଅଛି । ଏହି କେନାଲମାନଙ୍କ ଦ୍ୱାରା ୧ଲକ୍ଷ ୫୯ ହଜାର ହେକ୍ଟର ଜମିକୁ ଜଳସେଚନ କରାଯାଉଛି ।

**ମହିଳା କର୍ମଚାରୀଙ୍କୁ ଦୁର୍ବ୍ୟବହାର**

# ଜେଲ୍ ଗଲେ ବ୍ୟାଙ୍କ୍ ଅଧିକାରୀ

ସୋହେଲା, ୧୯।୮(ସମିସ): ଜଣେ ମହିଳା କର୍ମଚାରୀଙ୍କୁ ଦୁର୍ବ୍ୟବହାର କରି ବରଗଡ଼ ଜିଲ୍ଲା ପଦ୍ମପୁର ଏସ୍‌ଡିସିସି ବ୍ୟାଙ୍କ ଅଧିକାରୀ ପ୍ରଭଞ୍ଜନ ମାଝୀ ଜେଲ୍ ଯାଇଛନ୍ତି । ପ୍ରଭଞ୍ଜନ କିଛି ଦିନ ତଳେ ପଦ୍ମପୁର ବ୍ରାଞ୍ଚ ବ୍ୟାଙ୍କ୍‌ରୁ ସୋହେଲା ଏସ୍‌ଡିସିସି ବ୍ୟାଙ୍କ୍‌କୁ ବଦଳି ହୋଇ ଆସିଥିଲେ । କିନ୍ତୁ ସେ ପଦ୍ମପୁର ବ୍ରାଞ୍ଚରେ ତାଙ୍କ କାର୍ଯ୍ୟକାଳ ସମୟରେ ସେ ସେଠାକାର ଜଣେ ମହିଳା କର୍ମଚାରୀଙ୍କୁ ମୋବାଇଲରେ ବିଭିନ୍ନ ଆପତ୍ତିଜନକ ମେସେଜ୍ ଦେବା ସହ ମାନସିକ ନିର୍ଯାତନା ଦେଉଥିଲେ । ଏନେଇ ପଦ୍ମପୁର ଥାନାରେ ମହିଳାଜଣଙ୍କ ଅଭିଯୋଗ କରିଥିଲେ । ଅଭିଯୋଗକୁ ଭିତ୍ତି କରି ପୁଲିସ ପ୍ରଭଞ୍ଜନଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି ।

ବ୍ୟାଙ୍କ ଅଫ୍ ଇଣ୍ଡିଆ BOI Bank of India

**ବ୍ୟାଙ୍କ ଅଫ୍ ଇଣ୍ଡିଆ**
ଆଞ୍ଚଳିକ କାର୍ଯ୍ୟାଳୟ: ଷ୍ଟାର ହାଉସ୍, ୧/୧-ଡ଼ି, ଜୟଦେବ ବିହାର, ନୟାପଲ୍ଲୀ, ଭୁବନେଶ୍ୱର, ଓଡ଼ିଶା, ପିନ୍-୭୫୧୦୧୫

**ଦଖଲ ନୋଟିସ୍**
ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ ୨୦୦୨ର [ରୁଲ୍-୮(୧)]

ନିମ୍ନ ସ୍ୱାକ୍ଷରକାରୀ **ବ୍ୟାଙ୍କ ଅଫ୍ ଇଣ୍ଡିଆର** କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନ୍‌ଷ୍ଟ୍ରକ୍ସନ୍ ଅଫ ଫାଇନାନ୍‌ସିଆଲ ଆସେଟସ୍ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ ୨୦୦୨ ଏବଂ ଧାରା ୧୩ (୧୨) ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ ୨୦୦୨ର ରୁଲ୍ ୩ ରେ ଦିଆଯାଇଥିବା କ୍ଷମତା ଅନୁଯାୟୀ ନିମ୍ନଲିଖିତ ଋଣଗ୍ରହୀତା/ବନ୍ଧକଦାତାମାନଙ୍କୁ ଡ଼ିମାଣ୍ଡ ନୋଟିସ୍ ଜାରିକରି କଥିତ ନୋଟିସ୍ ମାଧ୍ୟମରେ ନୋଟିସ୍ ଦର୍ଶିତ ଅର୍ଥରାଶି ସହିତ ସେବାବଦ ସୁଧ ଏବଂ ଖର୍ଚ୍ଚ କଥିତ ନୋଟିସ୍ ତାରିଖ ଠାରୁ **୬୦ ଦିନ** ମଧ୍ୟରେ ପଇଠ କରିବାକୁ କୁହାଯାଇଥିଲା । ଯେହେତୁ ଋଣଗ୍ରହୀତା ଦେୟ ପଇଠ କରିବାରେ ବିଫଳ ହେଲେ, ତେଣୁ ଏହି ନୋଟିସ୍ ମାଧ୍ୟମରେ ଋଣଗ୍ରହୀତା/ବନ୍ଧକଦାତାମାନଙ୍କୁ ଏବଂ ସର୍ବସାଧାରଣଙ୍କୁ ଜଣାଇ ଦିଆଯାଉଅଛି ଯେ, ନିମ୍ନ ସ୍ୱାକ୍ଷରକାରୀଙ୍କ ଦ୍ୱାରା କଥିତ ଆଇନର ଧାରା ୧୩ର ଉପଧାରା (୪) ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ ଏନ୍‌ଫୋର୍ସମେଣ୍ଟ ରୁଲ୍ସ, ୨୦୦୨ର ରୁଲ୍ ୮ ଅନୁଯାୟୀ ନିମ୍ନଲିଖିତ ସମ୍ପତ୍ତି **ସାଙ୍କେତିକ ଦଖଲକୁ** ନିଆଯାଇଅଛି । ତେଣୁ ବିଶେଷକରି ଋଣଗ୍ରହୀତା/ବନ୍ଧକଦାତାମାନଙ୍କୁ ଏବଂ ସର୍ବସାଧାରଣଙ୍କୁ ସତର୍କ କରାଇ ଦିଆଯାଉଛି ଯେ ନିମ୍ନଲିଖିତ ସମ୍ପତ୍ତି ସହିତ କୌଣସି ପ୍ରକାର କାରବାର କରିବେ ନାହିଁ ଏବଂ ଏହି ସମ୍ପତ୍ତି ଉପରେ କୌଣସି କାରବାର ପାଇଁ ନିମ୍ନରେ ଦର୍ଶାଯାଇଥିବା ଦେୟ ରାଶି ସହିତ ସେବାବଦ ସୁଧ ଏବଂ ଖର୍ଚ୍ଚ ନିମନ୍ତେ **ବ୍ୟାଙ୍କ ଅଫ୍ ଇଣ୍ଡିଆ, ନିମପୁର ଶାଖା** ନିକଟରେ ଉତ୍ତରଦାୟୀ ରହିବେ । **ଏତଦ୍‌ଦ୍ୱାରା ଋଣଗ୍ରହୀତାଙ୍କ ଦୃଷ୍ଟି ଆକର୍ଷଣ କରାଯାଉଅଛି କି କଥିତ ଆକ୍ଟର ଧାରା ୧୩ର ଉପଧାରା (୮)ର ବ୍ୟବସ୍ଥା ଅନୁଯାୟୀ ସେମାନଙ୍କର ସୁରକ୍ଷିତ ବନ୍ଧକ ସମ୍ପତ୍ତିକୁ ସମୟ ଥିବା ପୂର୍ବରୁ ବନ୍ଧକ ମୁକ୍ତ କରନ୍ତୁ ।**

| ନିମପୁର ଶାଖା / ଋଣଗ୍ରହୀତା / ବନ୍ଧକଦାତାମାନଙ୍କ ନାମ ଏବଂ ଠିକଣା | ନୋଟିସ୍ ଅନୁଯାୟୀ ବକେୟା ପରିମାଣ | ଡିମାଣ୍ଡ ନୋଟିସ୍ ତାରିଖ / ଦଖଲ (ସାଙ୍କେତିକ) ନୋଟିସ୍ ତାରିଖ | ସ୍ଥାବର ସମ୍ପତ୍ତିର ବିବରଣୀ |
|---|---|---|---|
| ଋଣଗ୍ରହୀତାମାନେ: ୧) **ସଞ୍ଜିବ ନାୟକ,** ପିତା: ଶଙ୍କର୍ଷଣ ନାୟକ, ୨) **ରାଜୀବ ନାୟକ,** ପିତା: ଶଙ୍କର୍ଷଣ ନାୟକ, ଉଭୟଙ୍କ ଠିକଣା- ନଳରପୁର, ଜଗତପୁର, କଟକ, ପିନ୍-୭୫୪୦୨୧ | ଟ.୧୪,୭୯,୪୯୦.୭୯ + ସୁଧ ଏବଂ ସେବାବଦ ଅନ୍ୟାନ୍ୟ ଦେୟ | ୧୪.୦୫.୨୦୨୫ / ୧୯.୦୮.୨୦୨୫ | ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର (କ) ଖାତା ନଂ.: ୭୭୨/୧୭୦୨, ପ୍ଲଟ୍ ନଂ.: ୨୬୮୩/୬୨୯୮, କ୍ଷେତ୍ର: ଏକର୦.୦୪୦ଡିସିମିଲି, କିସମ: ଘରବାରି, ମୌଜା: |

ନିମପୁର, ଥାନା: ଟାଙ୍ଗି, ଥାନା ନଂ. ୭୧, ତହସିଲ: ଟାଙ୍ଗି ଚୌଦ୍ୱାର, ତହସିଲ ନଂ. ୧୬୭, ଜିଲ୍ଲା: କଟକ, ଏସ୍‌ଆରଓ: ଜଗତପୁର, ଡିଏସ୍‌ଆରଓ: କଟକ, ଏହାର ଚତୁଃପାର୍ଶ୍ୱରେ- ପୂର୍ବ: ଧରଣୀ ମହାନ୍ତି, ପଶ୍ଚିମ: କ୍ରେତା, ଉତ୍ତର: ରାସ୍ତା, ଦକ୍ଷିଣ: ବିଦ୍ୟାଳୟ, (ଖ) ଖାତା ନଂ.: ୭୭୨/୧୫୯୭, ପ୍ଲଟ୍ ନଂ.: ୨୬୮୩/୬୨୦୧, କ୍ଷେତ୍ର: ଏକର୦.୦୫୦ଡିସିମିଲି, କିସମ: ଘରବାରି, ମୌଜା: ନିମପୁର, ଥାନା: ଟାଙ୍ଗି, ଥାନା ନଂ. ୭୧, ତହସିଲ: ଟାଙ୍ଗି ଚୌଦ୍ୱାର, ତହସିଲ ନଂ. ୧୬୭, ଜିଲ୍ଲା: କଟକ, ଏସ୍‌ଆରଓ: ଜଗତପୁର, ଡିଏସ୍‌ଆରଓ: କଟକ, ଏହାର ଚତୁଃପାର୍ଶ୍ୱରେ- ପୂର୍ବ: ରମେଶ ମହାନ୍ତି, ପଶ୍ଚିମ: କେନାଲ, ଉତ୍ତର: କେନାଲ, ଦକ୍ଷିଣ: ଭୁବନପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟ

ତାରିଖ: ୧୯.୦୮.୨୦୨୫, ସ୍ଥାନ : ଭୁବନେଶ୍ୱର

କ୍ଷମତାପ୍ରାପ୍ତ ଅଧିକାରୀ, ବ୍ୟାଙ୍କ ଅଫ୍ ଇଣ୍ଡିଆ

ସକାଳ THE SAKALA



### କର୍କାମସ୍କା ଗାଁରେ ଯୋଜନା ବାଟବଣା

# ବିଜୁଳି, ଶିକ୍ଷା, ସ୍ୱାସ୍ଥ୍ୟ, ଗମନାଗମନ ସାତ ସପନ

ଲାଞ୍ଜିଗଡ଼, ୧୯ ।୮ (ସମିସ)

କେନ୍ଦ୍ର ଓ ରାଜ୍ୟ ସରକାର ଆଦିବାସୀଙ୍କ ବିକାଶ ପାଇଁ ବିଭିନ୍ନ ଯୋଜନା ପ୍ରଣୟନ କରିଛନ୍ତି । କିନ୍ତୁ ଦୁର୍ଗମ ଅଞ୍ଚଳରେ ସବୁ ଯୋଜନା ଅପହଞ୍ଚ ହୋଇ ରହିଛି । ଏଭଳି ଅଭିଯୋଗ ଲାଞ୍ଜିଗଡ଼ ଦୁର୍ଗମ ଅଞ୍ଚଳରେ ବାରମ୍ବାର ଦେଖିବାକୁ ମିଳୁଛି ।କଳାହାଣ୍ଡି ଜିଲ୍ଲା ଲାଞ୍ଜିଗଡ଼ ବ୍ଲକ ଆଦିବାସୀ ଅଧ୍ୟୁଷିତ ବନ୍ଧପାରି

**● ସ୍କୁଲ ପାଦ ମାଡ଼ି ନାହାନ୍ତି ୩୬ ଆଦିବାସୀ ଛାତ୍ରଛାତ୍ରୀ**

ପଞ୍ଚାୟତ ଅନ୍ତର୍ଗତ କର୍କାମସ୍କା ଗାଁରେ ଏମିତି ଦୃଶ୍ୟ ଦେଖିବାକୁ ମିଳିଛି ।ଯେଉଁ ଗାଁକୁ ଭଲ ରାସ୍ତା ନାହିଁ ସେଠାରେ ସ୍ୱାସ୍ଥ୍ୟ, ଶିକ୍ଷା, ବିଜୁଳିର ବ୍ୟବସ୍ଥା କିଭଳି ଥିବ । ଗାଁରେ ଟ୍ରାନ୍ସଫର୍ମର ବସିଛି । କିନ୍ତୁ ୯ ବର୍ଷ ହେଲା ବିଜୁଳି ନାହିଁ ।ଗାଁରେ ସ୍କୁଲ ନଥିବା ଯୋଗୁଁ ୩୬ ଆଦିବାସୀ ପିଲା ସ୍କୁଲର ପାଦ ମାଡିନଥିବା ବେଳେ ଶିକ୍ଷା ବ୍ୟବସ୍ଥା ଅଞ୍ଚଳରେ ବିପର୍ଯ୍ୟସ୍ତ ହୋଇଛି । ସୂଚନା ମୁତାବକ, ଏହି ଗାଁରେ ୬୫ ଘର କୁଟିଆ କନ୍ଧ ସମ୍ପ୍ରଦାୟର ଲୋକ ସ୍ୱାଧୀନତା ପୂର୍ବରୁ ବସବାସ କରି ଆସୁଛନ୍ତି । ଗାଁଟି ବ୍ଲକ କାର୍ଯ୍ୟାଳୟ ଠାରୁ ୨୩



କିମି ଦୂରରେ ରହିଥିବା ବେଳେ ପଞ୍ଚାୟତ ଅଫିସରୁ ୮ କିମି ଦୂରରେ ରହିଛି । ଗାଁର ମୁଖ୍ୟ ସମସ୍ୟା ହେଉଛି ରାସ୍ତା ।ଏହି ପଞ୍ଚାୟତର ବାଲିସରା ଗାଁ ଠାରୁ ଏହି ଗାଁ ୩ କିମି ଦୂର ରହିଥିବା ବେଳେ କେବଳ ୨୦୧୦ ମସିହାରେ ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ସଡକ ଯୋଜନାରେ ରାସ୍ତା ନିର୍ମାଣ ହୋଇଥିଲା ।କିନ୍ତୁ ନିମ୍ନମାନର କାମ ଯୋଗୁଁ ବର୍ଷାରେ ଧୋଇ ହୋଇ ବର୍ତ୍ତମାନ ପାଦଚଲା ରାସ୍ତା ଅଛି ।ଗାଁକୁ ଆମ୍ବୁଲାନ୍ସ ଯିବା ଦୂରର କଥା ବାଇକ୍ ଯିବା କଷ୍ଟକର ହୋଇ ପଡୁଛି ।ଯାହା ଫଳରେ ସ୍ୱାସ୍ଥ୍ୟ ସେବା ବିପର୍ଯ୍ୟସ୍ତ ହୋଇପଡ଼ିଥିବା ବେଳେ ଗୁରୁତର ରୋଗୀ, ଗର୍ଭବତୀ ଓ ପ୍ରସୂତି ମହିଳାଙ୍କୁ ବାଲିସରା ଗାଁ ପର୍ଯ୍ୟନ୍ତ ଖଟିଆରେ ବୋହିକି ନେବାକୁ ପଡୁଛି ।ସେହିପରି ଗାଁରେ ୬୪ ଜଣ ଆଦିବାସୀ ପିଲାଙ୍କ ମଧ୍ୟରୁ ୨୨ ଜଣ ବିଭିନ୍ନ ହଷ୍ଟେଲ ସ୍କୁଲରେ ରହି ପାଠ ପଢୁଥିବା ବେଳେ ୬ ଜଣ ୫ମ ଶ୍ରେଣୀ ଉତ୍ତୀର୍ଣ୍ଣ ପରେ ଉଚ୍ଚ ଶିକ୍ଷାରୁ ବଞ୍ଚିତ ହୋଇ ଘରେ ଅଛନ୍ତି । ଗାଁରେ ସ୍କୁଲ ନଥିବା ଯୋଗୁଁ ୩ କିମି ଦୂର ଜଙ୍ଗଲୀ ରାସ୍ତାରେ ବାଲିସରା କିମ୍ବା ୬କିମି ଦୂର ତେନ୍ତୁଳିପଙ୍ଗା ପ୍ରାଥମିକ ବିଦ୍ୟାଳୟକୁ ପଢ଼ିଯିବା ସମ୍ଭବ ହେଉନାହିଁ । ଯାହା ଫଳରେ ୩୬ ପିଲା ପଢ଼ିବାର ଇଚ୍ଛାଶକ୍ତି ଥିଲେ ମଧ୍ୟ ସ୍କୁଲ ପାଦ ମାଡିନଥିବା ଦେଖିବାକୁ ମିଳିଛି ।ଗାଁ ଲୋକଙ୍କ ବାରମ୍ବାର ଅଭିଯୋଗ ସତ୍ତ୍ୱେ ଗାଁରେ ସ୍କୁଲ କୋଠା ନିର୍ମାଣ ପାଇଁ ୨୦୨୩ରେ ରାଜସ୍ୱ ନିରୀକ୍ଷକ ଗାଁକୁ ଆସି ଜାଗା ଚିହ୍ନଟ କରିଥିଲେ ।କିନ୍ତୁ ଦୁଇ ବର୍ଷ ପରେ ବି କୌଣସି ସ୍କୁଲ କୋଠା ନିର୍ମାଣ ହୋଇ ପାରିନାହିଁ ।ଗାଁରେ ୨୦୧୭ ମସିହାରେ ବିଦ୍ୟୁତ୍ ସଂଯୋଗ ହୋଇଥିଲା ।ଟ୍ରାନ୍ସଫର୍ମର ବସିଛି, ବିଦ୍ୟୁତ୍ ଖୁଣ୍ଟ ଅଛି, ତାର ଟଣା ହୋଇଛି, କିନ୍ତୁ ଗୋଟିଏ ମାସ ବିଜୁଳି ସଂଯୋଗ ପରେ ଟ୍ରାନ୍ସଫର୍ମର ରେ ଯାନ୍ତ୍ରିକ ତ୍ରୁଟି ଯୋଗୁଁ ସେହିଦିନଠାରୁ ଗାଁରେ ବିଜୁଳି ନାହିଁ ।ବର୍ତ୍ତମାନ ବିଦ୍ୟୁତ୍ ଉପଭୋକ୍ତା ୯ ବର୍ଷ ହେଲା ଅନ୍ଧାରରେ ଦିନ କାଟୁଥିବା ଅଭିଯୋଗ ହୋଇଛି ।ଗାଁର ଆଦିବାସୀଙ୍କୁ ଜଙ୍ଗଲ ଜମି ପଟ୍ଟା ମିଳିନାହିଁ ।ପ୍ରଶାସନ ପକ୍ଷରୁ ଗାଁ ଲୋକଙ୍କୁ ଠିକ ଭାବେ କାମ ମିଳୁନଥିବାରୁ ପରିବାର ପ୍ରତିପୋଷଣ ପାଇଁ ନିକଟସ୍ଥ ଜଙ୍ଗଲରେ ପୋଡୁ ଚାଷ ଉପରେ ନିର୍ଭର କରନ୍ତି ।କିନ୍ତୁ ଜଙ୍ଗଲୀ ଜୀବଜନ୍ତୁ ଚାଷକୁ ନଷ୍ଟ କରିବା ଫଳରେ ପରିବାର ପ୍ରତିପୋଷଣରେ ଅନେକ ସମସ୍ୟା ଭୋଗୁଛୁ ବୋଲି ଗ୍ରାମବାସି ପ୍ରକାଶ କରିଛନ୍ତି । ଉକ୍ତ ସମସ୍ୟାକୁ ନେଇଁ ଗ୍ରାମବାସୀ ପୂର୍ବରୁ ଜିଲ୍ଲା ପ୍ରଶାସନ ନିକଟରେ ବାରମ୍ବାର ଗୁହାରି କରି କୌଣସି ସୁଫଳ ମିଳିନ ଥିଲା । ପୁଣି କଳାହାଣ୍ଡି ଜିଲ୍ଲାପାଳଙ୍କୁ ୨୦୨୪ରେ ଲିଖିତ ଅଭିଯୋଗ କରିଥିଲେ ମଧ୍ୟ ଏବେ ଯାଏଁ କୌଣସି ସମସ୍ୟାର ସମାଧାନ ହୋଇ ପାରିନାହିଁ ।ତେବେ ଏହି ଗାଁ ସମସ୍ୟା ପ୍ରତି ଜିଲ୍ଲା ଓ ରାଜ୍ୟ ସରକାର ଦୃଷ୍ଟି ଦେବାକୁ ଗୌରାଙ୍ଗ ମାଝୀ, ପ୍ରଭାସ ମାଝୀ, ଦାନା ମାଝୀ, ସୁଦର୍ଶନ ମାଝୀ, ଗୋତୁଲୀ ମାଝୀ, ପଦ୍ମ ମାଝୀ, ମୁକୁନ୍ଦ ମାଝୀ ସମେତ ଗ୍ରାମ ବାସି ଦାବି କରିଛନ୍ତି ।

## ପ୍ରବାସୀ ଶ୍ରମିକ ସଚେତନତା କର୍ମଶାଳା





ବଲାଙ୍ଗିର, ୧୯ ।୮ (ସମିସ):ଆନ୍ତଃରାଜ୍ୟ ପ୍ରବାସୀ ଶ୍ରମିକଙ୍କ ସମ୍ପର୍କିତ ପଞ୍ଚାୟତସ୍ତରୀୟ ପାରସ୍ପରିକ ବାର୍ତ୍ତାଳାପ ଓ ସଚେତନତା ମୂଳକ କାର୍ଯ୍ୟକ୍ରମ ସୋମବାର ଠେମରା ପଞ୍ଚାୟତ ଠାରେ ଅନୁଷ୍ଠିତ ହୋଇଯାଇଛି । କାର୍ଯ୍ୟକ୍ରମ ଜିଲ୍ଲାପାଳ ଗୌରବ ଶିଓାଜି ଇସଲଓାର ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା । ଆରକ୍ଷୀ ଅଧିକ୍ଷକ, ଅବିଳାଷ ଜି, ନିର୍ବାହୀ ଅଧିକାରୀ ତଥା ମୁଖ୍ୟ ଉନ୍ନୟନ ଅଧିକାରୀ, ଜିଲ୍ଲାପରିଷଦ ତରୁଣ ସୁନା, ଟିଟିଲାଗଡ଼ ଉପଜିଲ୍ଲାପାଳ ପଦ୍ମନାଭ ସାମନ୍ତରାୟ ଓ ଅନାନ୍ୟା ଜିଲ୍ଲାସ୍ତରୀୟ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ । କାର୍ଯ୍ୟକ୍ରମରେ ଉପସ୍ଥିତ ଥିବା ଅଧିକାରୀଗଣ ସ୍ଥାୟୀ ରୋଜଗାର ବ୍ୟବସ୍ଥା ଓ ଯୋଜନା, ଶ୍ରମିକଙ୍କ ସମସ୍ୟାର ସମାଧାନ, ଉନ୍ନୟନମୂଳକ କାର୍ଯ୍ୟପନ୍ଥା, କର୍ମ ନିଯୁକ୍ତି ଶିକ୍ଷା ଓ ଦକ୍ଷତା ବିକାଶ ପ୍ରଶିକ୍ଷଣ, ସ୍ୱଳ୍ପ କାଳୀନ ଛାତ୍ର/ଛାତ୍ରୀବାସ, ବିଭିନ୍ନ ସରକାରୀ ଯୋଜନାରେ ରହିଥିବା ସୁଧଛାଡ ଋଣ ଉପଲବ୍ଧତା, ବସୁନ୍ଧରା ଯୋଜନାରେ ଗୃହ ଉପଯୋଗୀ ବାସଗୃହ, ସରକାରଙ୍କ ଜନ ମଙ୍ଗଳ ଯୋଜନାରେ କାର୍ଯ୍ୟକାରିତା କରୁଥିବା ବିଭିନ୍ନ ବିଭାଗ ଯଥା ପଞ୍ଚାୟତିରାଜ, କୃଷି, ଉଦ୍ୟାନକୃଷି, ମୃତ୍ତିକା ସଂରକ୍ଷଣ, ମତ୍ସ୍ୟ ଓ ପଶୁସମ୍ପଦ, ଜଳସେଚନ, ଜଙ୍ଗଲ ବିଭାଗରେ ହେଉଥିବା ସମସ୍ତ ଜୀବନଜୀବିକା ନିର୍ବାହ କାର୍ଯ୍ୟକ୍ରମ ବା ଯୋଜନା ବାବଦରେ ଉପସ୍ଥିତ ଥିବା ଗ୍ରାମବାସୀଙ୍କ ସହ ଯୋଜନା ଗୁଡିକର ସବିଶେଷ କାର୍ଯ୍ୟକାରିତା ତଥା ଯୋଜନା ବାବଦରେ ଆଲୋଚନା କରିଥିଲେ ।

## ଭାରତୀୟ ମଜଦୁର ସଂଘର ଜିଲ୍ଲାସ୍ତରୀୟ କର୍ମକର୍ତ୍ତା ଚୟନ



ବଲାଙ୍ଗିର, ୧୯ ।୮ (ସମିସ): ଭାରତୀୟ ମଜଦୁର ସଂଘର ଜିଲ୍ଲାସ୍ତରୀୟ କର୍ମକର୍ତ୍ତା ମନୋନିତ ହୋଇଛି । ପ୍ରଦେଶର ପ୍ରଭାରୀ ବିରଞ୍ଚି ନାରାୟଣ ପଣ୍ଡା ଓ ରାଜ୍ୟ ସରକାରୀ କର୍ମଚାରୀ ସଂଘର ସଂଗଠନ ସମ୍ପାଦକ ରୂପେଶ କୁମାର ସାମଲଙ୍କ ତତ୍ତ୍ୱାବଧାନରେ ପୁରୁଣା କମିଟିକୁ ଭଙ୍ଗ କରାଯାଇ ନୂତନ ଜିଲ୍ଲା କମିଟି ଚୟନ କରାଯାଇଛି । ସଭାପତି ଭାବରେ ଅରୁଣ କୁମାର ପଟେଲ, ଉପସଭାପତି ଜୟଦେବ ସରାଫ, ଆମୋଦ ମହାପାତ୍ର, ଯାଜ୍ଞସିନୀ କୁମ୍ଭାର, ସମ୍ପାଦକ କାହ୍ନା ଶତପଥି, କୋଷାଧ୍ୟକ୍ଷ ଚନ୍ଦନ ବାରୋଇ, ଜିଲ୍ଲା ମିଡିଆ ସେଲ ଫିରୋଜ କୁମାର ସାହୁ, କାର୍ଯ୍ୟକାରୀ କମିଟି ରୂପେ ରାଜ କୁମାର କଲେତ, ସଞ୍ଜିବ କୁମାର ପୁରୋହିତ, ପଞ୍ଚା ହରପାଲ ପ୍ରମୁଖ ରହିଛନ୍ତି । ଶେଷରେ ସଭାପତି ଧନ୍ୟବାଦ ଦେଇ ସଭା ସାଙ୍ଗ କରିଥିଲେ ।

## ବିପଦସଙ୍କୁଳ ଅବସ୍ଥାରେ ବିଦ୍ୟୁତ୍ ଖୁଣ୍ଟ



ଗୋଲାମୁଣ୍ଡା, ୧୯ ।୮ (ସମିସ): ଗୋଲାମୁଣ୍ଡା ବ୍ଲକ ସ୍ଥାନୀୟ ଶ୍ରୀଜଗନ୍ନାଥ ମନ୍ଦିର ପଛପଟ ନାଏକପଡ଼ା ଦେଇ ଫୋର୍ ୱେକୁ ସଂଯୋଗ କରୁଥିବା ରାସ୍ତାର ଡାହାଣ ପାର୍ଶ୍ୱରେ ବିଦ୍ୟୁତ୍ ଖୁଣ୍ଟ ବିପଦସଙ୍କୁଳ ଅବସ୍ଥାରେ ରହିଛି । କେତେ ବେଳେ ଯେ କାହା ଉପରେ ପଡ଼ି ଜୀବନ ଯିବ କହି ହେଉନି ।ଏହି ରାସ୍ତା ଦେଇ ଦୈନିକ ଶତାଧିକ ଛାତ୍ରଛାତ୍ରୀ ଓଡ଼ିଶା ଆଦର୍ଶ ବିଦ୍ୟାଳୟକୁ ପାଠ ପଢ଼ିବା ପାଇଁ ଯାତାୟାତ କରନ୍ତି । ସମ୍ବ୍ରତବସା, ଢେକନ୍ନା ପଡ଼ା ଗାଁ କୁ ମଧ୍ୟ ଅନେକ ଲୋକ ଯାତାୟାତ କରିଥାନ୍ତି ।ଏନେଇ ନାଏକପଡ଼ା ପକ୍ଷରୁ ବିଭାଗୀୟ ଯନ୍ତ୍ରୀଙ୍କ ଦ୍ୱାରସ୍ଥ ଅନେକ ଥର ହୋଇଥିଲେ ମଧ୍ୟ କୌଣସି ଫଳପ୍ରଦ ହୋଇ ନଥିବା ଦୁର୍ଗେ ରଣା, ବିଶ୍ୱ ନାଏକ, ଧନସିଂହ ନାଏକ, ସୋନୁ ରଣା, ଦିଲୀପ ରଣା, ଶ୍ୟାମ ସୁନ୍ଦର ନାଏକ, ଅଶୋକ ନାଏକ ପ୍ରମୁଖ ପ୍ରକାଶ କରିଛନ୍ତି । ଏନେଇ ବିଭାଗୀୟ ଯନ୍ତ୍ରୀଙ୍କୁ ଫୋନ୍ ମାଧ୍ୟମରେ ଯୋଗାଯୋଗ କରିବାରୁ ମୁଁ ଗୋଲାମୁଣ୍ଡାକୁ ନୂଆ କରି ଆସିଛି ଏବଂ ମୁ ଏହି ବିଷୟରେ ଅଜ୍ଞାତ, କାଲିକୁ ଷ୍ଟାଫ୍ ପଠାଇ ତଦନ୍ତ କରାଇବି ବୋଲି କହିଛନ୍ତି ।

## ଦାରିଦ୍ର୍ୟ ନିରାକରଣରେ ମାଇକ୍ରୋ ଫାଇନାନ୍ସର ଭୂମିକା

ଭବାନୀପାଟଣା, ୧୯ ।୮ (ସମିସ):ମା’ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟ ଅର୍ଥନୀତି ବିଭାଗ ତଥା ଦକ୍ଷତାବର୍ଦ୍ଧକ ବିଭାଗ ଦ୍ୱାରା ଅନ୍ୱେଷା କାର୍ଯ୍ୟକ୍ରମ ଅନ୍ତର୍ଗତ ଏହାର ୩୨ ତମ ସଂସ୍କରଣ ଅନୁଷ୍ଠିତ ହୋଇଯାଇଛି । ବିଶ୍ୱବିଦ୍ୟାଳୟର ଭାରପ୍ରାପ୍ତ କୁଳପତି ଡ.ନିବେଦିତା ନାଥଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଆଭାସି ଆଲୋଚନାରେ ବକ୍ତାଭାବେ ଯୋଗଦେଇ ଥିଲେ ଶ୍ରୀଲଙ୍କା କିଲାନିୟା ବିଶ୍ୱବିଦ୍ୟାଳୟର ପ୍ରଫେସର ଡ.ଜେ ଏ ପ୍ରଶଂସା କୁମାରୀ । ଆଲୋଚନାର ବିଷୟ ‘ମାଇକ୍ରୋ ଫାଇନାନ୍ସ ଦ୍ୱାରା ଶ୍ରୀଲଙ୍କାର ଦାରିଦ୍ର୍ୟ ନିରାକରଣ ବିଷୟର ପ୍ରାକ୍ କଥନ ସହିତ ବକ୍ତାଙ୍କ ପରିଚୟ ପ୍ରଦାନ କରିଥିଲେ ଅର୍ଥନୀତି ବିଭାଗର ମୁଖ୍ୟ ଡ.ଚିତ୍ରସେନ ଭୂଏ । କାର୍ଯ୍ୟକ୍ରମର ସଂଯୋଜନ କରିଥିଲେ ପ୍ରଫେସର ସୀମାଞ୍ଚଳ ମିଶ୍ର । ଏହି ମର୍ମ ରେ ଶ୍ରୀଲଙ୍କାର ଦାରିଦ୍ର୍ୟତା ଓ ମାଇକ୍ରୋ ଫାଇନାନ୍ସ ଦ୍ୱାରା ଏହାର ଦୂରିକରଣ ବିଷୟ ଆଲୋଚନା ହୋଇଥିଲା । ଆଲୋଚନା ରେ ସମାଜତତ୍ତ୍ୱର ମୁଖ୍ୟ ଡ.ବିରେନ୍ଦ୍ର ସୁନା, ରାମପୁର କଲେଜର ଅର୍ଥନୀତି ମୁଖ୍ୟ ଗୋବିନ୍ଦ ପ୍ରଧାନ ଭାଗ ନେଇ ଥିବା ବେଳେ ଧନ୍ୟବାଦ ଅର୍ପଣ କରିଥିଲେ ବିଭାଗ ର ଅନ୍ୟତମ ଅଧ୍ୟାପକ ଶ୍ରୀ ରୋଶନ ପ୍ରଧାନ । ଉକ୍ତ ଆଲୋଚନାରେ ଅଧ୍ୟାପକ, ନାଗରିକ, ବିଦ୍ୟାର୍ଥୀ ପ୍ରମୁଖ ଭାଗ ନେଇ ଥିଲେ ।

## ଆତ୍ମହତ୍ୟା ନିରୋଧ ସମ୍ପର୍କରେ ସଚେତନତା

ଥୁଆମୂଳରାମପୁର, ୧୯ ।୮ (ସମିସ):କଳାହାଣ୍ଡି ଜିଲ୍ଲା ଥୁଆମୂଳରାମପୁର ପୁଲିସ ପକ୍ଷରୁ ସ୍ଥାନୀୟ ମା’ମାଣିକେଶ୍ୱରୀ ପଞ୍ଚାୟତ ସମିତି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଆତ୍ମହତ୍ୟା ନିରୋଧ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଥୁଆମୂଳ ରାମପୁର ଥାନା ଅଧିକାରୀ କୈବଲ୍ୟ ସେଠଙ୍କ ଅଧ୍ୟକ୍ଷତାରେ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଥୁଆମୂଳ ରାମପୁର ଗୋଷ୍ଠୀ ଉନ୍ନୟନ ଅଧିକାରୀ ଧ୍ରୁବ ଚରଣ ମୁଦୁଲି ମୁଖ୍ୟଅତିଥି ଭାବରେ ଯୋଗଦେଇ ବିଦ୍ୟାଳୟର ଉପସ୍ଥିତ ସମସ୍ତ ଛାତ୍ରଛାତ୍ରୀଙ୍କୁ ଆତ୍ମହତ୍ୟା ନିରୋଧ ସମ୍ପର୍କରେ ବୁଝାଇଥିଲେ । ଜୀବନରେ ଯେକୌଣସି ପ୍ରତିକୂଳ ପରିସ୍ଥିତିକୁ ଦୃଢ଼ତାର ସହିତ ମୁକାବିଲା କରିବାକୁ ପଡ଼ିବ । ମାନସିକ ସ୍ତରରେ ନିଜକୁ ନିୟନ୍ତ୍ରଣ କରିବାକୁ ପଡ଼ିବ । ଆତ୍ମହତ୍ୟା ଏକ ବିକଳ୍ପ ନୁହଁ ବରଂ ଏହା ସବୁଠାରୁ ବଡ ପାପ । ନିଜ ଜୀବନ ଉପରେ କେବଳ ନିଜର ଅଧିକାର ବୋଲି ଭାବିବା ଉଚିତ ନୁହଁ । ବାପା ମାଆ ପରିବାର ତଥା ନିଜ ସମ୍ପର୍କୀୟ ଏପରିକି ଏଇ ସମାଜ ପାଇଁ ଆମକୁ ବଞ୍ଚିବାକୁ ପଡ଼ିବ




ବୋଲି ଅତିଥିମାନେ ଉଦବୋଧନ ଦେଇଥିଲେ । କୌଣସି ଛାତ୍ରୀ ଯଦି କୌଣସି ପ୍ରକାରର ଶାରୀରିକ ଶୋଷଣର ଶିକାର କିମ୍ବା ଅସୁବିଧାର ସମ୍ମୁଖୀନ ହୁଏ ତାହେଲେ ସେ ଆତ୍ମହତ୍ୟା ଭଳି ଚରମ ପଦକ୍ଷେପ ନ ନେଇ ଏହାର କିପରି ମୁକାବିଲା କରିପାରିବ । ନିଜ ପରିବାରକୁ ଜଣାଇବା ସହ ଏକାଠି ଏହାର ନିରୋଧ ତଥା ପୋଲିସର ଟୋଲ ଫ୍ରି ହେଲ୍ପଲାଇନ ନମ୍ବରର ଉପଯୋଗ କରିପାରିବେ ବୋଲି ଥାନା ଅଧିକାରୀ ଶ୍ରୀ ସେଠ୍ ଛାତ୍ରଛାତ୍ରୀଙ୍କୁ ସଚେତନତା ବାର୍ତ୍ତା ପ୍ରଦାନ କରିଥିଲେ ।କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ଉକ୍ତ ବିଦ୍ୟାଳୟର ଅଧ୍ୟକ୍ଷ ସତ୍ୟ ନାରାୟଣ ମୁଣ୍ଡଛିନା, ଥାନା ସବ୍ ଇନ୍ସପେକ୍ଟର ରଶ୍ମୀରଞ୍ଜନ ବାଗ, ଅଧ୍ୟାପକ ସରୋଜ ପଟ୍ଟଯୋଶୀ ପ୍ରମୁଖ ଯୋଗ ଦେଇଥିବା ବେଳେ ଅଧ୍ୟାପକ ବବ୍ରୁବାହାନ ବୁଦ୍ଧିଆ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ ।ସଭା ପରେ ତାଲିମ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ।

## ପାର୍ବତୀ ଗିରି ଶ୍ରାଦ୍ଧ ଉତ୍ସବ ଓ ସଂଗଠନର ପ୍ରତିଷ୍ଠା ଦିବସ

ବଲାଙ୍ଗିର, ୧୯ ।୮ (ସମିସ): ବଲାଙ୍ଗିର ପୂଜ୍ୟପୂଜା ସେବା ସଂଗଠନ ତରଫରୁ ପାର୍ବତୀ ଗିରିଙ୍କ ଶ୍ରାଦ୍ଧ ସମାରୋହ ଓ ପୂଜ୍ୟପୂଜା ସଂଗଠନର ପ୍ରତିଷ୍ଠା ଦିବସ ପତିତପାବନ ଏକାଡେମୀ ସଭା କକ୍ଷରେ ସଭାପତି କେଶବ ଚନ୍ଦ୍ର ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଉକ୍ତ ପାର୍ବଣରେ କଣ୍ଟାବାଞ୍ଜି ବିଧାୟକ ଲକ୍ଷ୍ମଣ ବାଗ ମୁଖ୍ୟଅତିଥି ଓ ଅବସରପ୍ରାପ୍ତ ପ୍ରାଧ୍ୟାପକ ଡ.ପ୍ରେମଚାନ୍ଦ ମହାନ୍ତି ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ । ପାର୍ବତୀ ଗିରି ସ୍ୱାଧିନତା ସଂଗ୍ରାମୀ ଶହ ଶହ ଅନାଥ ଆଶ୍ରିତ ଶିଶୁମାନଙ୍କର ମାଆ, ସାମାଜିକ ଜାଗରଣ ନେତ୍ରୀ ତଥା ଓଡ଼ିଶାର ମଦର ଟେରେସାଙ୍କ ଜୀବନୀ ଉପରେ ଆଲୋଚନା କରି ପାର୍ବତୀ ଗିରିଙ୍କ ଆଦର୍ଶ ଜିବନ, ନୀତିନିଷ୍ଠ, ସର୍ବସ୍ୱ ତ୍ୟାଗରୁ ଆଗାମୀ ପିଢି ଶିଖିବାର ଆବଶ୍ୟକ ବୋଲି ମତବ୍ୟକ୍ତ କରିଥିଲେ । ଏହି ଉତ୍ସବରେ ସାହିତ୍ୟ, ସଂସ୍କୃତି ଓ ନାଟ୍ୟ କ୍ଷେତ୍ରରେ ଉଲ୍ଲେଖନୀୟ ଯୋଗଦାନ ନିମନ୍ତେ ନାଟ୍ୟଭୂଷଣ ଜଗଦାନନ୍ଦ ଛୁରିଆଙ୍କୁ ପାର୍ବତୀ ଗିରି ସେବା ସମ୍ମାନ ୨୦୨୫ ପ୍ରଦାନ କରାଯାଇଥିଲା । ଏ ମର୍ଯ୍ୟାଦାଜନକ ସମ୍ମାନ ପାଇବାରୁ ଶ୍ରୀ ଛୁରିଆଙ୍କୁ ଆଦ୍ୟାଶକ୍ତି ନାରୀ ସଂଗଠନ, ଅଙ୍କୁର ଶିଶୁ ସାହିତ୍ୟ ସଂସଦ ଓ ଶିଶୁ ବିକାଶ କେନ୍ଦ୍ର ତରପରୁ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା । ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ଡ. କ୍ଷୀରୋଦ୍ର ମିଶ୍ର, ବିଶ୍ୱଜିତ ନନ୍ଦ, ଡ. ରାଧାକାନ୍ତ ବାଗ, ବନମାଳୀ ପାଣିଗ୍ରାହୀ, ଡ. ଭବାନୀ ଶଙ୍କର ପଟେଲ, ମହମ୍ମଦ ଫଜଲୁଦ୍ଦିନ ଖାନ, ଯୋଗେଶ୍ୱର ନାଏକ, ବିଜୟିନୀ ଝାଙ୍କର, ଡ. ନାରାୟଣ ମିଶ୍ର, ଡ. ଅଶୋକ କୁମାର ସାହୁ, ତରୁଣ କୁମାର ପରିଚ୍ଛା, ସଂସ୍କୃତି ପଟ୍ଟନାୟକ, ଜୀବନ ପ୍ରକାଶ ଦାସ, ଆନନ୍ଦ ଚନ୍ଦ୍ର ସାହୁ, ରୁନାଲତା ପଟ୍ଟନାୟକ, କୁମରମଣି ସେଠ, ପିତବାସ ସାହୁ, ସୁରେନ୍ଦ୍ର ମିଶ୍ର, ସରସ୍ୱତୀ ନନ୍ଦ ଓ ଗଗନ ମହାନ୍ତିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ସଭା ଆରମ୍ଭରେ ମାଆ ପାର୍ବତୀ ଗିରିଙ୍କ ଫଟୋକୃତିରେ ମାଲ୍ୟାର୍ପଣ ପରେ କସ୍ତୁରୀ ରଥ ବେଦ ପଠନ ଓ ଡ. ପ୍ରେମଚାନ୍ଦ ମହାନ୍ତି ଓ ଦେବ ପ୍ରସାଦ ମହାନ୍ତି ମାତୃ ବନ୍ଦନା ଗାନ କରିଥିଲେ । ସମାରୋହରେ ପୂଜ୍ୟପୂଜା ସେବା ସମ୍ମାନ ୨୦୨୫ ଓ ଡ.ଭବାନୀ ଶଙ୍କର ପଟେଲଙ୍କ ‘ବଡମାଁ’ ପାର୍ବତୀ ଗିରି ପୁସ୍ତକକୁ ଅତିଥିମାନେ ଉନ୍ମୋଚନ କରିଥିଲେ । ସମ୍ପାଦକ ସୁନାଧର ବନଛୋର ବାର୍ଷିକ ବିବରଣୀ ପଠନ କରିଥିବା ବେଳେ ସଂଗଠନର ପ୍ରତିଷ୍ଠାତା ମଦନ ମୋହନ ରଥ ପୂଜ୍ୟପୂଜା ସେବା ସଂଗଠନର ୨୦ବର୍ଷର ଉପଲବ୍ଧି ଆଲୋକପାତ କରିଥିଲେ । ସଭାକୁ ପରିଚାଳନା କରିଥିଲେ ଉପସଭାପତି ମଧୁ ସାହୁ । ଏହି କାର୍ଯ୍ୟକ୍ରମକୁ ଆଦ୍ୟଶକ୍ତି ନାରୀ ସଂଗଠନ, ଅଙ୍କୁର ଶିଶୁ ସାହିତ୍ୟ ସଂଗଠନ ଓ ଶିଶୁ ବିକାଶ କେନ୍ଦ୍ର କର୍ମକର୍ତ୍ତା ତଥା ଦୁର୍ଗା ସାହୁ, ମାଳତି ଉଦ୍‌ଗାତା, ସୁରଥ ସାହୁ, ବିନ୍ଦିଆ ବେହେରା, ଡା. ଅଶୋକ କୁମାର ସେଠି, କପିଳ ପତି, ଗିରିଜା ଶଙ୍କର ରଥ, ଜୟରାମ ମିଶ୍ର, ଛବିଲାଲ ବେହେରା, ସିତାଂଶୁ ନାୟକ, ଅରୁଣ ଖୁଆସ, ପ୍ରଶାନ୍ତ ଷଡଙ୍ଗୀ, ଧିରେନ୍ଦ୍ର ନାରାୟଣ ସିଂହଦେଓ, ହୃଷିକେଶ ପୁରୋହିତ, ଶାନ୍ତନୁ ମିଶ୍ର, ଶୁଭେନ୍ଦ୍ର ନେପାକ, ପ୍ରତୀମା ମିଶ୍ର, ନିହାରିକା ମିଶ୍ର, ପ୍ରଦୀପ ପଶାୟତ ସହଯୋଗ କରିଥିଲେ । ଶେଷରେ ରତ୍ନମୟ ତ୍ରିପାଠି ଧନ୍ୟବାଦ ଅର୍ପଣ କରିଥିଲେ ।



## ଟିଟିଲାଗଡ଼ ଲାୟନ୍ସ କ୍ଲବ୍ ପକ୍ଷରୁ ‘ଏକ ସାମ ଦେଶ କେ ନାମ’ କାର୍ଯ୍ୟକ୍ରମ



ଟିଟିଲାଗଡ଼, ୧୯ ।୮ (ସମିସ): ଟିଟିଲାଗଡ଼ ଲାଇଂସ୍ କ୍ଲବ୍ ପକ୍ଷରୁ ‘ଏକ ସାମ ଦେଶ କେ ନାମ’ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ପ୍ରଥମେ ଲାୟନ୍ସ କ୍ଲବର ଡିଜି ଟିମ୍, କ୍ଲବ୍ ସଭାପତି ସଞ୍ଜୟ ସୋନି ଓ କ୍ୟାବିନେଟ୍ ସଦସ୍ୟଙ୍କ ଦ୍ୱାରା ଗଣେଶଙ୍କ ମୂର୍ତ୍ତିରେ ମାଲ୍ୟାର୍ପଣ କରିବା ପରେ ସଭା କାର୍ଯ୍ୟ ଆରମ୍ଭ ହୋଇଥିଲା । ସମସ୍ତ ଅତିଥିଙ୍କୁ ସ୍ୱାଗତ କରିଥିଲେ କ୍ଲବ୍ ସଭାପତି ସଞ୍ଜୟ ସୋନି । ଅତିଥିଙ୍କ ପରିଚୟ ପ୍ରଦାନ କରିଥିଲେ ଲାୟନ ଗଙ୍ଗାଧର ଶର୍ମା । ଏହି ଅବସରରେ ଟିଟିଲାଗଡ଼ ବିଧାୟକ ନବୀନ ଜୈନ, ଉପଜିଲ୍ଲାପାଳ ପଦ୍ମନାଭ ସାମନ୍ତରାୟ, ସହାୟକ ଜିଲ୍ଲାପାଳ ସନ୍ଦୀପ ଚନ୍ଦ୍ର କାର, ଏସଡିପିଓ ଯଶୋବନ୍ତ ନାରାୟଣ ପ୍ରଧାନ, ଲାୟନ୍ସ ଡିଷ୍ଟ୍ରିକ୍ଟ ୩୨୨ ଉ ୨ (ଥ୍ରିଟୁଟୁସିଟୁ) ଡିଷ୍ଟ୍ରିକ୍ଟ ଗଭର୍ଣ୍ଣର ମମତା ଗୌତମ, ଭିଡ଼ିଯିଓାନ ଚରନ ଜିତ୍ କୌର ହୁରା, ଭିଡ଼ିଜି ଦୂର୍ଗେସ ନନ୍ଦିନୀ, କେବିନେଟ ସେକ୍ରେଟାରୀ ରାଧିକା ଗୌତମ, ପୂର୍ବତନ ଡିଜି ପ୍ରଦୀପ ବଂସଲ, ଯମୁନା ପ୍ରସାଦ ଗୋଏଲଙ୍କ ସହ କେସିଙ୍ଗା, ପଦ୍ମପୁର, ପାଟଣାଗଡ଼ କ୍ଲବ୍‌ର ସଦସ୍ୟ । ଏହି ଅବସରରେ ଅବସର ଗ୍ରହଣ କରିଥିବା ସେନାନିଙ୍କୁ ଅତିଥିଙ୍କ ଦ୍ୱାରା ସମ୍ମାନିତ କରାଯାଇଥିଲା ।ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିବା ଟିମ୍‌ମାନଙ୍କୁ ମୂଲ୍ୟାଙ୍କନ କରିବାକୁ ଜଜ୍ ଯୁଗଳ ସାହୁ, ବାପି ଡେଭିଡ, ଗଗନ ବାଗ ଆସିଥିଲେ । କୃତୀ ପ୍ରତିଯୋଗୀଙ୍କୁ ଅତିଥିଙ୍କ ଦ୍ୱାରା ପୁରସ୍କାର ପ୍ରଦାନ କରାଯାଇଥିଲା । ଯୋଗ ଦେଇଥିବା ସମସ୍ତ ଅତିଥିଙ୍କୁ କ୍ଲବ୍ ତରଫରୁ ସମ୍ମାନିତ କରାଯାଇଥିଲା । କାର୍ଯ୍ୟକ୍ରମକୁ ପରିଚାଳନା କରିବାରେ ଟିଟିଲାଗଡ଼ ଲାୟନ୍ସ କ୍ଲବର ସମସ୍ତ ସଦସ୍ୟ ସହଯୋଗ କରିଥିଲେ ।

## ଠିକାଦାରପଡ଼ା ଦୁର୍ଗାପୂଜା ପାଇଁ ପ୍ରସ୍ତୁତି



ବଲାଙ୍ଗିର, ୧୯ ।୮ (ସମିସ): ସ୍ଥାନୀୟ ଠିକାଦାରପଡ଼ା ଦୁର୍ଗା ମଣ୍ଡପ ପରିସରରେ ଚଳିତ ବର୍ଷ ୫୦ତମ ସାର୍ବଜନୀନ ଦୁର୍ଗାପୂଜା ଆୟୋଜନ ପାଇଁ ଏକ ପ୍ରସ୍ତୁତି ବୈଠକ ହୋଇଯାଇଛି । ବୈଠକରେ ଚଳିତ ବର୍ଷ ମହାସମାରୋହରେ ପାଳନ କରାଯିବା ପାଇଁ ସର୍ବ ସମ୍ମତିକ୍ରମେ ନିଷ୍ପତ୍ତି ହୋଇଥିଲା । ଏଥିରେ ଆବାହକ ବରିଷ୍ଠ ନାଗରିକ ସୁରେନ୍ଦ୍ର ବାଗ ପ୍ରଥମେ ସଭା ପରିଚାଳନା କରିଥିଲେ । ବରିଷ୍ଠ ଆଇନଜିବୀ ପ୍ରବୀଣ ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଚଳିତ ବର୍ଷ ପୂଜା ପାଇଁ କମିଟି କର୍ମକର୍ତ୍ତା ଚୟନ କରାଯାଇଥିଲା । ସଭାପତି ଭାବେ ପ୍ରବୀଣ ମିଶ୍ର, ଉପସଭାପତି ବିଜୟ କୁମାର ସାହୁ, ସମ୍ପାଦକ ଅନୀଲ ପାଣିଗ୍ରାହୀ, ସହସମ୍ପାଦକ ସମୀର ମିଶ୍ର, କୋଷାଧ୍ୟକ୍ଷ ଭାବେ କାଳି ଚରଣ ବିଶ୍ୱାଳ, ଆବାହକ ଭାବେ ସୁରେନ୍ଦ୍ର ବାଗ ମନୋନିତ ହୋଇଥିବା । ବୈଠକରେ ଶ୍ରୀ ବାଗ ସ୍ୱାଗତ ଜଣାଇ ସଭା ପରିଚାଳନା କରିଥିବା ବେଳେ ଉପଦେଷ୍ଟା କମିଟିରେ ଧ୍ରୁବ ଜୁଏଡ, ଅରବିନ୍ଦ ପଦାରିଆ, ପ୍ରଦୀପ ସାମନ୍ତରାୟ, ମନୋଜ ଗୁରୁ, ରଞ୍ଜିତ ବେହେରା, ପ୍ରତ୍ୟୁଷ ଖୁଆସ, ଶେଷଦେବ ଜୁଏଡ, ଲକ୍ଷିନ୍ଦ୍ର ସାହୁ, ବାସୁଦେବ ମହାନନ୍ଦ, ନରେନ୍ଦ୍ର ଜାଲ, କୈଳାସ ବିଶ୍ୱାଳ, ଦୁର୍ଯ୍ୟୋଧନ ମାଝୀ, ରବି ସାହୁ, ରମାକାନ୍ତ କୁମ୍ଭାର ପ୍ରମୁଖ ଉପସ୍ଥିତ ଥିଲେ ।

### ରେଡ଼ିଓ ପ୍ରେମରେ ବନ୍ଧା ଶତାୟୁ ‘ରାଏଚନ୍ଦ୍ର’

# ୧୦୧ ବର୍ଷରେ ରେଡ଼ିଓକୁ କରିଛନ୍ତି ଜୀବନ ଧନ

କୋକସରା, ୧୯ ।୮ (ସମିସ)

୫୦ ବର୍ଷ ପୂର୍ବେ ଗ୍ରାମ୍ୟ ଜୀବନ ଭିନ୍ନ ପ୍ରକାରର ଥିଲା । ଶାନ୍ତ ସରଳ ପରିବେଶରେ ରେଡ଼ିଓ ଜନଜୀବନକୁ ସାମୟିକ ମନୋରଞ୍ଜନର ଖୋରାକ ଯୋଗାଉଥିଲା । ଲୋକେ ଦେଶ ବିଦେଶର ଖବର ସାଙ୍ଗକୁ ଚାଷବାସ ଓ ପାଣିପାଗ ବିଷୟରେ ବେତାର ଯନ୍ତ୍ରରୁ ଜାଣିବାକୁ ପାଉଥିଲେ । ବିଭିନ୍ନ ସ୍ୱାଦର ସଙ୍ଗୀତ ମଧ୍ୟ ରେଡ଼ିଓରେ ପରିବେଷିତ ହେଉଥିଲା । ଗାଁରେ ଆଉ ଶୁଭୁନାହିଁ ରେଡିଓର ସୁମଧୁର ଧ୍ୱନି । ଏକଦା ମନୋରଞ୍ଜନର ମୁଖ୍ୟ ମାଧ୍ୟମ ଥିବା ରେଡ଼ିଓ ଏବେ କାଁ ଭାଁ ଲୋକଙ୍କ ଘରେ ଦେଖିବାକୁ ମିଳୁଛି । ତାହା ବି କାହା ଡଷ୍ଟବିନରେ ପଡ଼ିଛି ତ’ ଆଉ କାହା କାନ୍ଥରେ ସ୍ମୃତି ପାଇଁ ଟଙ୍ଗା ଯାଇଛି । ଟେଲିଭିଜନ, ମୋବାଇଲ ଓ ଇଣ୍ଟରନେଟ ଯୁଗରେ ପ୍ରାୟତଃ ରେଡ଼ିଓର ବ୍ୟବହାର ବନ୍ଦ ହୋଇ ସାରିଲାଣି । ତଥାପି ଆଜି ମଧ୍ୟ ଅନେକ ଲୋକ ଅଛନ୍ତି



ଯିଏ ରେଡ଼ିଓକୁ ନିଜ ଜୀବନ ଧନ କରିଛନ୍ତି । ଏମିତି ଏକ ରେଡ଼ିଓ ପ୍ରେମୀ ହେଉଛନ୍ତି କଳାହାଣ୍ଡି ଜିଲ୍ଲା କୋକସରା ବ୍ଲକ ବରାଡଙ୍ଗା ପଞ୍ଚାୟତ ସିଉନୀ ଗ୍ରାମର ଶତାୟୁ ନାଗରିକ ରାଏଚନ୍ଦ୍ର ବାଗ । ଯାହାଙ୍କୁ ଅଞ୍ଚଳର ଲୋକେ ରେଡ଼ିଓ ମ୍ୟାନ୍ ବୋଲି ମଧ୍ୟ କହିଥାନ୍ତି । ରାଏଚନ୍ଦ୍ର ଯେତେବେଳେ ଯୁବକ ଥିଲେ ସେହି ସମୟରୁ ହିଁ ରେଡ଼ିଓ ପ୍ରେମରେ ପଡ଼ିଥିଲେ । ଏବେ ୧୦୧ ବର୍ଷ ବୟସରେ ମଧ୍ୟ ସେ ଛାଡିପାରି ନାହାଁନ୍ତି ରେଡିଓର ବନ୍ଧନ । ସେ’ ଯୁଆଡ଼େ ଯାଆନ୍ତି ସାଙ୍ଗରେ ରେଡ଼ିଓକୁ ନେଇ ଯାଆନ୍ତି । ରେଡିଓ ତାଙ୍କ ପାଇଁ ମନୋରଞ୍ଜନର ଏକମାତ୍ର ମାଧ୍ୟମ । ଖବର ଠାରୁ ଆରମ୍ଭ କରି ଗୀତ, ସଙ୍ଗୀତ ସବୁ କିଛି ଏହି ରେଡିଓରୁ ଶୁଣନ୍ତି । ବିଶେଷ କରି ସେ’ ଖେଳ ଖବର ଶୁଣିବାକୁ ପସନ୍ଦ କରନ୍ତି ବୋଲି କହିଛନ୍ତି । ସକାଳୁ ରାତି ପର୍ଯ୍ୟନ୍ତ ରାଏଚନ୍ଦ୍ରଙ୍କ ହାତରେ ଥାଏ ତାଙ୍କ ପ୍ରିୟ ରେଡିଓ । ଏବେ ଆଉ ଦେହରେ ବଳ ନାହିଁ, ଚମ ଧୁଡୁଧୁଡୁ ହେଲାଣି । ତଥାପି ଯୁଆଡ଼େ ଯାଆନ୍ତି କାନ୍ଧରେ ରେଡ଼ିଓ ଓହ୍ଲେଇ ଯାଆନ୍ତି । ବୟସ ଯେତେ ବଢୁଛି ରେଡ଼ିଓ ସହ ତାଙ୍କ ପ୍ରେମ ସେତେ ପ୍ରଗାଢ଼ ହୋଇ ଉଠୁଛି । ଏହି ବରିଷ୍ଠ ନାଗରିକଙ୍କୁ ସରକାରୀ ସହାୟତା ଭାବରେ ମିଳୁଛି ୩୫ ଶହ ବାର୍ଦ୍ଧକ୍ୟ ଭତ୍ତା ଓ ରାସନ୍ କାର୍ଡର ଚାଉଳ । ସେହି ଭତ୍ତା ଟଙ୍କାରେ ସେ ଔଷଧ ପାଇଁ ଖର୍ଚ୍ଚ କରନ୍ତି, ତଥାପି ରେଡିଓ ଶୁଣିବା ପାଇଁ ସେହି ଟଙ୍କାରୁ ପ୍ରତି ମାସରେ ୯୦ ଟଙ୍କା ଖର୍ଚ୍ଚ କରି ବ୍ୟାଟେରୀ ପକାଥାନ୍ତି । ଘରେ ଥିଲେ ରେଡିଓ, ଘରୁ ବାହିରିଲେ ବି ରେଡିଓ । ବିପର୍ଯ୍ୟୟ ସମୟରେ ଟେଲିଭିଜନ, ମୋବାଇଲ, ଇଣ୍ଟରନେଟ ସବୁ ବନ୍ଦ ହୋଇଗଲେ ରେଡ଼ିଓ ବନ୍ଦ ହେବନାହିଁ, ରେଡ଼ିଓ ହେଉଛି ବିପର୍ଯ୍ୟୟ ବେଳର ସାଥି, ଯେତେଦିନ ପର୍ଯ୍ୟନ୍ତ ବଞ୍ଚିଛି, ରେଡ଼ିଓ ହେଉଛି ମୋର ଏକ ମାତ୍ର ସାଥୀ ବୋଲି ରାଏଚନ୍ଦ୍ର କହିଛନ୍ତି । ରେଡ଼ିଓ ପୂର୍ବେ କିପରି ଶ୍ରୋତାମାନଙ୍କ ପ୍ରାୟ ଥିଲା ତା’ର ଏକ ଜ୍ୱଳନ୍ତ ପ୍ରମାଣ ହେଉଛନ୍ତି ଏହି ଶତାୟୁ ନାଗରିକ ରାଏଚନ୍ଦ୍ର ବାଗ । ଦୈନିକ ‘ସକାଳ’ ପରିବାର ପକ୍ଷରୁ ତାଙ୍କ ସୁସ୍ଥ ଓ ନିରାମୟ ଦୀର୍ଘ ଜୀବନ କାମନା କରୁଛୁ ।

## ମନମୁଣ୍ଡାରେ ମିଳୁନି ପର୍ଯ୍ୟାପ୍ତ ସାର; ଚାଷୀ ହନ୍ତସନ୍ତ

ମନମୁଣ୍ଡା,୧୯।୮ (ସମିସ): ମନମୁଣ୍ଡା ଅଞ୍ଚଳରେ ୟୁରିଆ ସାର ମିଳୁ ନଥିବା ଅଭିଯୋଗ ହୋଇଛି। କେତେକ ବେପାରୀ ଲୁଚାଛପାରେ ଚଢ଼ା ଦରରେ ସାର ବିକ୍ରୟ କରୁଥିବା ଜାଣିବାକୁ ମିଳିଛି। ବର୍ତ୍ତମାନ ସମୟରେ ୟୁରିଆ ସାରର ଆବଶ୍ୟକତା ଥିବା ବେଳେ ମନମୁଣ୍ଡାର ଲାଇସେନ୍ସ ପ୍ରାପ୍ତ ସାର ବିକ୍ରେତାଙ୍କ ପାଖରେ ସାର ନ ଥିବାରୁ କେତେକ ଚାଷୀ ଅନ୍ୟାଉପାୟ ନ ପାଇ ଅନ୍ୟ ଜିଲ୍ଲାରୁ କଳାବଜାରରେ ଚଢ଼ା ଦାମରେ ସାର କିଣି ଖର୍ଚ୍ଚାନ୍ତ ହେଉଛନ୍ତି। ତାହା ମଧ ପର୍ଯ୍ୟାପ୍ତ ପରିମାଣରେ ମିଳୁ ନଥିବାରୁ ସାଧାରଣ ଚାଷୀ ଏବେ ସାର ପାଇଁ ହନ୍ତସନ୍ତ ହେଉଥିବା ଦେଖିବାକୁ ମିଳିଛି। ସୂଚନାନୁଯାୟୀ, ୟୁରିଆ ସାର ବସ୍ତାର ସରକାରୀ ମୂଲ୍ୟ ୨୬୬ ଟଙ୍କା ୫୦ ପଇସା ରହିଛି। ୩ ବସ୍ତା ୟୁରିଆ ସାରରେ ୧ ଟି ନାନୋ ୟୁରିଆ (ତରଳ ପଦାର୍ଥ) ମିଶାଯାଇଥାଏ, ଯାହାର ମୂଲ୍ୟ ବାବଦରେ ୨୧୦ ଟଙ୍କା ଡିଲର ବାଧ୍ୟତାମୂଳକ ଭାବେ ପ୍ରଦାନ କରୁଛି। କିନ୍ତୁ ପ୍ରାୟ କୌଣସି ଚାଷୀ ନାନୋ ୟୁରିଆ ନେଉ ନାହାନ୍ତି। ନାନୋ ୟୁରିଆ ମୂଲ୍ୟ ୨୧୦ କୁ ତିନିଭାଗ କଲେ ୭୦ ଟଙ୍କା ଗୋଟିଏ ୟୁରିଆ ବସ୍ତାରେ ଯୋଡ଼ି ବିକ୍ରି ନ କଲେ କ୍ଷତି ସହିବା, ବିକ୍ରି କଲେ ଚାଷୀଙ୍କ ଅଭିଯୋଗ ଓ ଧରପଗଡ ଭୟରେ କେତେକ ଡିଲର ସାର ଆଣିବାକୁ କୁଣ୍ଠାବୋଧ କରୁଥିବା ଜାଣିବାକୁ ମିଳିଛି। ଅନ୍ୟପଟରେ ସାର କଳାବଜାରୀଙ୍କଠାରୁ ଆଣିଲେ ୫୫୦ ଟଙ୍କା ପଡୁଥିବାବେଳେ ତାହା ଅତିକମ୍‌ରେ ୬୦୦ ଟଙ୍କାରେ ବିକ୍ରି ନ କଲେ ପୋଷାଇବ ନାହିଁ ବୋଲି କେତେକ ବ୍ୟବସାୟୀ କହିଛନ୍ତି। ସେହିପରି ଅବସ୍ଥା ଡିଏପିରେ ମଧ ରହିଛି। ୮ ଟା ଡିଏପିରେ ଗୋଟିଏ ନାନୋ ଡିଏପି (ମୂଲ୍ୟ ୫୫୦) ନେବାକୁ ଡିଲରକୁ ବାଧ କରାଯାଉଛି। ନାନୋ ଡିଏପି ବିକ୍ରି ହେଉ ନ ଥିବାରୁ ଡିଲରଙ୍କୁ ସମସ୍ୟାର ସମ୍ମୁଖୀନ ହେବାକୁ ପଡୁଛି। ସରକାର ଏଥିପ୍ରତି ଧ୍ୟାନ ଦେଇ ଏହାର ସମାଧାନ କରିବାର ଆବଶ୍ୟକତା ରହିଛି ବୋଲି ଚାଷୀ ଓ ବ୍ୟବସାୟୀଙ୍କ ମହଲରେ ମତ ପ୍ରକାଶ ପାଇଛି। ତେବେ ବର୍ତ୍ତମାନ ସମୟରେ ମନମୁଣ୍ଡା ଅଞ୍ଚଳରେ ଏହି ସବୁ ସାର ମୋଟେ ଷ୍ଟକ୍ ନଥିବା ତଥା ମିଳୁ ନ ଥିବା ଚାଷୀ ମିଳନ ସାହୁ, ଶିବରାତ୍ର ସିଂ, ନିରଞ୍ଜନ କର୍ଣ୍ଣ ପ୍ରମୁଖ କହିଛନ୍ତି। ପିଡି, ଏଗ୍ରୋ, ମାର୍କେଟ କୌଣସି ଠାରୁ ସାର ମୋଟେ ଆସୁ ନାହିଁ। ଯାହାକୁ ନେଇ ଚାଷୀ ମୁଣ୍ଡରେ ହାତଦେଇ ବସିଛନ୍ତି। ଏନେଇ ବିଏଓ ଲଳିତ କୁମାର ସାହୁଙ୍କୁ ପଚାରିବାରେ ଏ ସମ୍ପର୍କରେ ସେ ଜାଣି ନ ଥିବା କହିଛନ୍ତି।

**ସର୍ବଦଳୀୟ କ୍ରିୟାନୁଷ୍ଠାନ କମିଟିର ବନ୍ଦ ପାଳନ**

# ୨୧ ପଞ୍ଚାୟତରେ ଯାତାୟାତ ଠପ୍; ଶିକ୍ଷା, ବ୍ୟବସାୟିକ ଅନୁଷ୍ଠାନ ବନ୍ଦ

ତରଭା,୧୯।୮ (ସମିସ)




ସୋନପୁର ଜିଲ୍ଲାପାଳଙ୍କୁ ସାକ୍ଷାତ କରିବାକୁ ଯାଉଥିବା ତରଭା ବ୍ଲକ୍‌ର ଜନପ୍ରତିନିଧିଙ୍କ ଉପରେ ଗତ ୧୨ ତାରିଖରେ ହୋଇଥିବା ଆକ୍ରମଣ ଘଟଣାରେ ସମ୍ପୃକ୍ତ ମାଷ୍ଟର ମାଇଣ୍ଡ ସମେତ ଅନ୍ୟମାନଙ୍କୁ ଗିରଫ କରିବାରେ ପୁଲିସର ନିଷ୍କ୍ରିୟତା ପ୍ରତିବାଦରେ ମଙ୍ଗଳବାର ଦିଆଯାଇଥିବା ତରଭା ବନ୍ଦ ଡାକରା ସଫଳ ହୋଇଛି। ସର୍ବଦଳୀୟ କ୍ରିୟାନୁଷ୍ଠାନ କମିଟିର ଏହି ୧୨ ଘଣ୍ଟିଆ ବନ୍ଦ ଡାକରାକୁ ତରଭା ସହର ସମେତ ବ୍ଲକର ୨୧ ପଞ୍ଚାୟତର ଜନସାଧାରଣ ପୂର୍ଣ୍ଣ ସମର୍ଥନ ଜଣାଇଥିବା ଦେଖିବାକୁ ମିଳିଛି। ବନ୍ଦର ପ୍ରଭାବରେ ତରଭା ସହରର ସମସ୍ତ ବ୍ୟବସାୟ ପ୍ରତିଷ୍ଠାନ, ସ୍କୁଲ, କଲେଜ, ସରକାରୀ କାର୍ଯ୍ୟାଳୟ, ବ୍ୟାଙ୍କ, ପେଟ୍ରୋଲ ପମ୍ପ, ସହର ଓ ଗ୍ରାମାଞ୍ଚଳରେ ଯାତାୟାତ କରୁଥିବା ସରକାରୀ, ବେସରକାରୀ ବସ୍ ଚଳାଚଳ ବନ୍ଦ ରହିଥିଲା। ବ୍ଲକ୍ ଅନ୍ତର୍ଗତ ବାଲିଖମାର, ଚାରଭଟ୍ଟା, ସିଂହାରୀ, ବଘିଆ, ଦୁବୁଲା, କୁମ୍ଭାରମୁଣ୍ଡା, କମସରା, ବ୍ରାହ୍ମଣୀ, ଡୁଲୁଣ୍ଡା, ସରଗଜ, ମରାଡୁଗୁଚ୍ଛା, ବଡଭଇଁରୋ, ଝାରତରଭା, କଟାପାଲି, ଶିବତୁଲା, ପୁଆ, ଜରାଜାରିଙ୍ଗ, ଦେଉଳପଦର, ପାଇକବାହାଲ, ମେଣ୍ଡା, ରାଣୀସର୍ଦା ପ୍ରଭୃତି୨୧ ପଞ୍ଚାୟତରେ ଏହି ବନ୍ଦକୁ ସମର୍ଥନ କରି ବ୍ୟବସାୟ ପ୍ରତିଷ୍ଠାନ, ସ୍କୁଲ କଲେଜ, ସରକାରୀ କାର୍ଯ୍ୟାଳୟ ବନ୍ଦ ରହିଥିଲା।

ସର୍ବଦଳୀୟ କ୍ରିୟାନୁଷ୍ଠାନ କମିଟିର ସଭାପତି ସରୋଜ କମ୍ପଙ୍କ ନେତୃତ୍ୱରେ ଅଞ୍ଚଳର ଜନପ୍ରତିନିଧି, ବିଭିନ୍ନ ସ୍ୱେଚ୍ଛାସେବୀ ଅନୁଷ୍ଠାନର କର୍ମକର୍ତ୍ତା, ଡ୍ରାଇଭର ସଂଘ ବନ୍ଦକୁ ସମର୍ଥନ ଜଣାଇ ପିକେଟିଂରେ ଭାଗ ନେଇଥିଲେ। ବନ୍ଦ ଶାନ୍ତିପୂର୍ଣ୍ଣ ଭାବେ ପାଳନ ହୋଇଥିଲା। ବନ୍ଦକୁ ଅଭୂତପୂର୍ବ ଜନସମର୍ଥନ ମିଳିଥିବାରୁ କ୍ରିୟାନୁଷ୍ଠାନ କମିଟିର ସଭାପତି ଶ୍ରୀ କମ୍ପ ତରଭା ଅଞ୍ଚଳର ଜନସାଧାରଣଙ୍କୁ କୃତଜ୍ଞତା ଜ୍ଞାପନ କରିଛନ୍ତି।

## ବ୍ଲକ୍‌ସ୍ତରୀୟ ମନରେଗା ଜନଶୁଣାଣି



ବୌଦ୍ଧ,୧୯।୮ (ସମିସ): ବୌଦ୍ଧ ବ୍ଲକ୍ ସମ୍ମିଳନୀ କକ୍ଷରେ ମନରେଗା ଓ ଜାତୀୟ ଖାଦ୍ୟ ସୁରକ୍ଷା ଆଇନର ସାମାଜିକ ସମୀକ୍ଷା ତଥା ବ୍ଲକ୍‌ସ୍ତରୀୟ ଜନ ଶୁଣାଣି ଅନୁଷ୍ଠିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ ଅନିରୁଦ୍ଧ ପ୍ରଧାନ ଅଧ୍ୟକ୍ଷତା କରିଥିବାବେଳେ ବୌଦ୍ଧ ବ୍ଲକ୍ ଅନ୍ତର୍ଗତ ବିଭିନ୍ନ ଗ୍ରାମ ପଞ୍ଚାୟତର ଗାଁ ସାଥୀ, ଗ୍ରାମ ରୋଜଗାର ସେବକ, ସ୍ୱେଚ୍ଛାସେବୀ ଓ ଅଧିକାରୀମାନେ ଯୋଗଦେଇଥିଲେ। ମନରେଗା ଓ ଜାତୀୟ ଖାଦ୍ୟ ସୁରକ୍ଷା ଯୋଜନାର ୨୦୨୫-୨୬ ବର୍ଷର ପ୍ରଥମ ଚକ୍ରର ସମୀକ୍ଷା କରାଯାଇଥିଲା।

## ଜିଲ୍ଲାପାଳଙ୍କୁ ଫେରାଦ ହେଲେ ମନମୁଣ୍ଡା ଗ୍ରାମରକ୍ଷୀ



ମନମୁଣ୍ଡା,୧୯।୮ (ସମିସ): ଗ୍ରାମରକ୍ଷୀମାନେ ମାସକୁ ମାତ୍ର ୧୮୦୦ ଟଙ୍କା ଭତ୍ତା ଆକାରରେ ପାଉଛନ୍ତି। ସେମାନଙ୍କୁ ସରକାରୀ କର୍ମଚାରୀ ଦର୍ଶାଇ ରାସନ୍ କାର୍ଡ, ପ୍ରଧାନମନ୍ତ୍ରୀ ଆବାସ, ସୁଭଦ୍ରା ଯୋଜନା ଇତ୍ୟାଦି ଅନେକ ସରକାରୀ ଯୋଜନାରୁ ବଞ୍ଚିତ କରାଯାଇଛି। ଫଳରେ ଅନୁସୂଚିତ ଜାତିର ଏହି ଗ୍ରାମରକ୍ଷୀମାନେ ନାହିଁ ନ ଥିବା ଅସୁବିଧାରର ସମ୍ମୁଖୀନ ହେଉଥିବା ନେଇ ଅଭିଯୋଗ କରିଛନ୍ତି। ଗତ ୧୨ ତାରିଖରେ ଗୃହ ଓ ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର ମନମୁଣ୍ଡା ଗସ୍ତରେ ଆସିଥିବାବେଳେ ମନମୁଣ୍ଡା ଗ୍ରାମରକ୍ଷୀମାନେ ମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରି ଲିଖିତ ଭାବେ ଜଣାଇଥିଲେ। ସମସ୍ୟା ବୁଝିବାକୁ ମନ୍ତ୍ରୀ ସେଠାରେ ଉପସ୍ଥିତ ଥିବା ବୌଦ୍ଧ ଜିଲ୍ଲାପାଳ ବିଭୂତି ଭୂଷଣ ନାଏକଙ୍କୁ ନିର୍ଦ୍ଦେଶ ଦେଇଥିଲେ। ତଦନୁପ୍ରକାରେ ଗ୍ରାମରକ୍ଷୀ ମାନଙ୍କୁ ସମସ୍ତ ସରକାରୀ ଯୋଜନାରେ ଯୋଗ୍ୟ ଘୋଷିତ କରିବା ଓ ସୁବିଧା ପ୍ରଦାନ କରିବା ପାଇଁ ପଦକ୍ଷେପ ନେବାକୁ ଆଜି ମନମୁଣ୍ଡାର ସମସ୍ତ ଗ୍ରାମରକ୍ଷୀ କଣ୍ଟାମାଳରେ ଅନୁଷ୍ଠିତ ଅଭିଯୋଗ ଶୁଣାଣି ଶିବିରରେ ଜିଲ୍ଲାପାଳ ବିଭୂତି ଭୂଷଣ ନାଏକଙ୍କୁ ଲିଖିତ ଅଭିଯୋଗ କରି ଅନୁରୋଧ କରିଥିଲେ। ଜିଲ୍ଲାପାଳ ଏଦିଗରେ ପଦକ୍ଷେପ ନେବେ ବୋଲି ପ୍ରତିଶ୍ରୁତି ଦେଇଥିଲେ।

## ଷ୍ଟେଟ୍ ସିନିଅର ଫିଡେରେଟିଂ ଚେସ୍ ଚାମ୍ପିଅନ୍‌ସିପ୍ ଉଦ୍‌ଯାପିତ



ବୌଦ୍ଧ,୧୯।୮ (ସମିସ): ବୌଦ୍ଧ ସେଣ୍ଟ ଜାଭିଅର ପବ୍ଲିକ ସ୍କୁଲରେ ଆୟୋଜିତ ୬୫ତମ ଷ୍ଟେଟ ସିନିଅର ଫିଡେ ରେଟିଂ ଚେସ ଚାମ୍ପି÷ଅନ୍‌ସିପ୍ ଉଦ୍‌ଯାପିତ ହୋଇଯାଇଛି। ଚଳିତ ମାସ ୧୪ ତାରିଖରୁ ୧୮ ତାରିଖ ପର୍ଯ୍ୟନ୍ତ ପାଞ୍ଚ ଦିନ ଧରି ଅନୁଷ୍ଠିତ ହୋଇଥିବା ଏହି ରାଜ୍ୟସ୍ତରୀୟ ଚେସ୍ ପ୍ରତିଯୋଗିତାର ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ବୌଦ୍ଧ ଅତିରିକ୍ତ ଜିଲ୍ଲାପାଳ ଅନିରୁଦ୍ଧ ପ୍ରଧାନ, ସମ୍ମାନିତ ଅତିଥି ଭାବେ ବୌଦ୍ଧ ପଞ୍ଚାୟତ ମହାବିଦ୍ୟାଳୟ ଅଧ୍ୟକ୍ଷ ନିରଞ୍ଜନ ମିଶ୍ର, ଦୈନିକ ହୀରାଞ୍ଚଳ ସମ୍ପାଦକ ଯୁଗଳ କିଶୋର ସାମଲ, ସମ୍ବଲପୁର ଜିଲ୍ଲା ଚେସ୍ ସଙ୍ଘ ସଭାପତି ତଥା ଭୀମସାର ପ୍ରଫେସର ଡ. ରାଜୀବ କୁମାର ନନ୍ଦ, ବରିଷ୍ଠ ସାମ୍ବାଦିକ ରଜନୀକାନ୍ତ ଦାଶ ଯୋଗଦେଇଥିଲେ। ରାଜ୍ୟ ଚେସ ସଙ୍ଘ ଉପସଭାପତି ତଥା ବୌଦ୍ଧ ଜିଲ୍ଲା ଚେସ ସଙ୍ଘ ସମ୍ପାଦକ ଶଙ୍କର ପ୍ରସାଦ ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ଚାମ୍ପିଅନ୍ ଗଜପତିର ତପନ ବଡମୁଣ୍ଡି, ଉପବିଜେତା କଟକର ନିଲସୁ ପଟ୍ଟନାୟକ, ତୃତୀୟ ସ୍ଥାନ ଅଧିକାର କରିଥିବା ଖୋର୍ଦ୍ଧାର ସାତ୍ତ୍ୱିକ ସ୍ୱାଇଁ, ଚତୁର୍ଥ ସ୍ଥାନ ଅଧିକାର କରିଥିବା ଖୋର୍ଦ୍ଧାର ସ୍ୱପ୍ନିଲ ପ୍ରିୟଦର୍ଶୀଙ୍କୁ ପୁରସ୍କୃତ କରାଯାଇଥିଲା। ଏହି ପ୍ରତିଯୋଗିତାରେ ପ୍ରଥମରୁ ଚତୁର୍ଥ ସ୍ଥାନ ଅଧିକାର କରିଥିବା ଚାରିଜଣ ପ୍ରତିଯୋଗୀ ଆଗାମୀ ସେପ୍ଟେମ୍ବର ୨୧ରୁ ଅକ୍ଟୋବର ୧ ତାରିଖ ପର୍ଯ୍ୟନ୍ତ ଆନ୍ଧ୍ରପ୍ରଦେଶ ଗୁଣ୍ଟୁର ସ୍ଥିତ ବିଜ୍ଞାନ ବିଶ୍ୱବିଦ୍ୟାଳୟରେ ଅନୁଷ୍ଠିତ ହେବାକୁ ଥିବା ଜାତୀୟ ଚେସ୍ ଚାମ୍ପିଅନ୍‌ସିପ୍‌ରେ ଭାଗ ନେବେ ବୋଲି ଜଣାପଡିଛି। ମୁଖ୍ୟ ଆର୍ବୀଟର ସୁରେଶ ଚନ୍ଦ୍ର ସାହୁ, ଉପମୁଖ୍ୟ ଆର୍ବୀଟର ସନ୍ତୋଷ କୁମାର ମହାପାତ୍ର, ଆର୍ବୀଟର ପିଙ୍କି ମହାପାତ୍ର, ଆର୍ବୀଟର ସତ୍ୟଜିତ ବାରିକ ପ୍ରତିଯୋଗିତା ପରିଚାଳନା କରିଥିଲେ। ଜିଲ୍ଲା ଚେସ ସଙ୍ଘ ତରଫରୁ ନିରୋଦ ମେହେର, ରଞ୍ଜିତ ପଟ୍ଟନାୟକ, ପ୍ରତ୍ୟାଶା ମିଶ୍ର, ଅନିକେତ ଦାନୀ, ଗଜେନ୍ଦ୍ର ସାହୁ, ସନ୍ତୋଷ କୁମାର ସାହୁ, ଯଦୁମଣି ପ୍ରଧାନ ପ୍ରମୁଖ ପ୍ରତିଯୋଗିତା ପରିଚାଳନାରେ ସହଯୋଗ କରିଥିଲେ।

# ସାହାସୀ ଯୁବକ ରାମ ନାଏକ ସମ୍ବର୍ଦ୍ଧିତ

ତରଭା,୧୯।୮ (ସମିସ): ସୁବର୍ଣ୍ଣପୁର ଜିଲ୍ଲା ତରଭା ଦଧିବାବନଙ୍କ ବାହୁଡ଼ାଯାତ୍ରାର ଅନ୍ତିମ ସନ୍ଧ୍ୟାରେ ରଥଟଣା ସମୟରେ ସା।ହାସିକତା ପ୍ରଦର୍ଶନ କରି ଆସନ୍ନ ମୃତ୍ୟୁ ମୁଖରୁ ତରଭା ଏନ୍‌ଏସି ଉପାଧ୍ୟକ୍ଷ ଗଗନ ଅଗ୍ରୱାଲଙ୍କ ଜୀବନ ରକ୍ଷା କରିଥିବା ରଥ ପରିଚାଳନା କମିଟି ସଦସ୍ୟ ତଥା ଯୁବ ସମାଜସେବୀ ରାମ ନାଏକଙ୍କୁ ୭୯ତମ ସ୍ୱତନ୍ତ୍ରତା ଦିବସରେ ସ୍ୱତନ୍ତ୍ର ଭାବେ ମାନପତ୍ର, ଉପଢୌକନ ଓ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରାଯାଇଛି। ସୂଚନାଯୋଗ୍ୟ, ବାହୁଡ଼ା ଯାତ୍ରାର ଶେଷ ଦିନ ଅର୍ଥାତ୍ ଜୁଲାଇ ୮ ତାରିଖ ସନ୍ଧ୍ୟାରେ ଦଧିବାବନଙ୍କ ରଥ ସୁନାରୀପଡ଼ାରୁ ମନ୍ଦିର ଅଭିମୁଖେ ବାହାରିଥିଲା। ରଥଟଣାରେ ସ୍ୱେଚ୍ଛାସେବୀଙ୍କ ସହ ଏନ୍‌ଏସି ଉପାଧ୍ୟକ୍ଷ ଶ୍ରୀ ଅଗ୍ରୱାଲ ମଧ୍ୟ ସାମିଲ ଥିଲେ। ରଥ ମନ୍ଦିର ସମ୍ମୁଖରେ ପହଞ୍ଚିବାର ଠିକ୍ ପୂର୍ବରୁ ଭିଡ଼ ଆଣାୟତ୍ତ ହୋଇପଡିବାରୁ ଉପାଧ୍ୟକ୍ଷ ଅଗ୍ରୱାଲ ହଠାତ୍ ରଥଚକ ସମ୍ମୁଖରେ ପଡ଼ିଯାଇଥିଲେ। ନିକଟରେ ଥିବା ତରଭା ଗଡଭିତର ନିବାସୀ ରାମ ନାଏକ ନିଜର ଜୀବନକୁ ବାଜି ଲଗାଇ ଶ୍ରୀ ଅଗ୍ରୱାଲଙ୍କ ସାର୍ଟ କଲର ଧରି ରଥ ଚକ ତଳୁ ଟାଣି ଆଣିଥିଲେ। ରଥଚକ ଗଗନଙ୍କ ଡାହାଣ ଗୋଡ଼ରେ ମାଡ଼ି ଯିବାରୁ ସେ ଗୁରୁତର ଆହତ ହୋଇଥିଲେ। ପରେ ଭୁବନେଶ୍ୱରର ଏକ ଘରୋଇ ଡାକ୍ତରଖାନାରେ ତାଙ୍କର ଗୋଡର ଅସ୍ତ୍ରୋପଚାର କରାଯାଇଥିଲା। ପିଏମ୍‌ଶ୍ରୀ ବାଳକ ହାଇସ୍କୁଲ ଖେଳ ପଡ଼ିଆରେ ଆୟୋଜିତ ୭୯ତମ ସ୍ୱାଧୀନତା ଦିବସ ପାଳନ ଅବସରରେ ଅଧ୍ୟକ୍ଷା ବନ୍ଦିତା ନାୟକ, ତହସିଲଦାର ଶ୍ୱେତାଲିନା ମାହାଣା, ବିଡିଓ ନିରଞ୍ଜନ ନାଏକ, ଆଇଆଇସି ଅନିତା କିଡୋ, ସମସ୍ତ ପାରିଷଦ ବର୍ଗ, ବିଭିନ୍ନ ବିଦ୍ୟାଳୟର ଛାତ୍ରଛାତ୍ରୀ ଓ ଜନସାଧାରଣଙ୍କ ଉପସ୍ଥିତିରେ ଶ୍ରୀ ନାଏକଙ୍କୁ ତାଙ୍କର ଏହି ସାହାସିକତା ପାଇଁ ସମ୍ବର୍ଦ୍ଧିତ କରାଯାଇଥିଲା। ଶ୍ରୀ ନାଏକଙ୍କୁ ରାଷ୍ଟ୍ରପତି ପୁରସ୍କାର ପ୍ରଦାନ କରାଯିବାକୁ ବୁଦ୍ଧିଜୀବୀ ମହଲରେ ମତପ୍ରକାଶ ପାଇଛି।



**ବାହୁଡାଯାତ୍ରାରେ ବଞ୍ଚାଇଥିଲେ ଉପାଧ୍ୟକ୍ଷଙ୍କ ଜୀବନ**

## ମଦବିକ୍ରି ବନ୍ଦ ଦାବିରେ ମହିଳା ଥାନାର ଦ୍ୱାରସ୍ଥ

ବୀରମହାରାଜପୁର,୧୯।୮ (ସମିସ): ସୁବର୍ଣ୍ଣପୁର ଜିଲ୍ଲା ବୀରମହାରାଜପୁର ବ୍ଲକ୍ ବରଝୁଲା ଗ୍ରାମରେ ମଦବିକ୍ରି ବନ୍ଦ କରିବା ଦାବିରେ ଶତାଧିକ ମହିଳା ବୀରମହାରାଜପୁର ଥାନାର ଦ୍ୱାରସ୍ଥ ହୋଇଛନ୍ତି। ପ୍ରାୟ ୫୦ରୁ ଉର୍ଦ୍ଧ୍ୱ ବିଭିନ୍ନ ସ୍ୱୟଂ ସହାୟକ ଗୋଷ୍ଠୀର ମହିଳାମାନେ ଏକତ୍ରିତ ହୋଇ ଗାଁ ଓ ଆଖ ପାଖ ଅଞ୍ଚଳରେ ଅବାଧ ଦେଶୀ ମହୁଲି ଓ ବିଦେଶୀ ମଦ ବିକ୍ରି ବିରୋଧରେ ବୀରମହାରାଜପୁର ଥାନା ଅଧିକାରୀଙ୍କୁ ଦାବିପତ୍ର ଦେଇଛନ୍ତି। ଅବାଧରେ ମଦ ବିକ୍ରି ହେଉଥିବାରୁ ଗ୍ରାମର ଅଳ୍ପ ବୟସର ଯୁବକମାନେ ମଦପିଇ ପଥଭ୍ରଷ୍ଟ ହେଉଛନ୍ତି। ଗ୍ରାମରେ ଚୋରି, ଡକାୟତି, ଘରୋଇ କଳହ, ଅପରାଧିକ କାର୍ଯ୍ୟକଳାପ ବୃଦ୍ଧି ପାଉଛି। ମଦ୍ୟପଙ୍କ ଦୌରାମ୍ୟ ବଢୁଥିବାରୁ ସ୍କୁଲ ଛାତ୍ରଛାତ୍ରୀ, ଯୁବତୀ, ବୃଦ୍ଧବୃଦ୍ଧା, ମହିଳାମାନେ ଘରୁ ବାହାରକୁ ବାହାରିବାକୁ ସୁରକ୍ଷିତ ମଣୁନାହାଁନ୍ତି। ଏଣୁ ଗ୍ରାମ ଓ ଏହାର ଆଖପାଖ ଅଞ୍ଚଳରେ ଦେଶୀ ମହୁଲି ଓ ବିଦେଶୀ ମଦ ବିକ୍ରି ସଂପୂର୍ଣ୍ଣ ବନ୍ଦ ପାଇଁ ଦୃଢ଼ ପଦକ୍ଷେପ ନେବାକୁ ଗ୍ରାମର ମହିଳାମାନେ ଦାବି କରିଛନ୍ତି।



## ସରପଞ୍ଚଙ୍କୁ ସମ୍ବର୍ଦ୍ଧନା

ଶଗଡା,୧୯।୮ ( ସମିସ ): ବୌଦ୍ଧ ଜିଲ୍ଲାସଦର ବ୍ଲକ୍ ଗୁହ୍ଲିଆ ପଞ୍ଚାୟତର ସରପଞ୍ଚ ଧବଳେଶ୍ୱର ସିଂ ଦିଲ୍ଲୀରେ ୭୯ ତମ ସାଧୀନତା ଦିବସରେ ନିମନ୍ତ୍ରିତ ଅତିଥି ଭାବରେ ଯୋଗଦେଇ ଫେରିବା ପରେ ଗୁହ୍ଲିଆ ହାଇସ୍କୁଲ୍‌ଠାରେ ତାଙ୍କୁ ବିଦ୍ୟାଳୟର ଶିକ୍ଷକ ଶିକ୍ଷୟତ୍ରୀ ଓ ଛାତ୍ରଛାତ୍ରୀମାନେ ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ଦେଇ ଶୁଭେଚ୍ଛା ଜଣାଇବା ସହ ସମ୍ବର୍ଦ୍ଧନା ପ୍ରଦାନ କରିଥିଲେ। ସେହିଭଳି ପଞ୍ଚାୟତ କାର୍ଯ୍ୟାଳୟଠାରେ ମଧ ଗ୍ରାମବାସୀମାନେ ଶୁଭେଚ୍ଛା ସହ ସମ୍ବର୍ଦ୍ଧନା ପ୍ରଦାନ କରିଥିଲେ। ମିଳିଥିବା ସୂଚନା ଅନୁଯାୟୀ, ଓଡ଼ିଶା ସରକାରଙ୍କ ଗ୍ରାମ୍ୟ ଉନ୍ନୟନ ଓ ପଞ୍ଚାୟତିରାଜ ତଥା ପାନୀୟ ଜଳ ବିଭାଗ ପକ୍ଷରୁ ବୌଦ୍ଧ ଜିଲ୍ଲା ପରିଷଦ ସିଡିଓଙ୍କୁ ହୋଇଥିବା ଚିଠି ପ୍ରକାରେ ସରପଞ୍ଚ ଶ୍ରୀ ସିଂ ୭୯ ତମ ସ୍ୱାଧୀନତା ଦିବସରେ ଦିଲ୍ଲୀ ଲାଲକିଲ୍ଲାଠାରେ ସ୍ୱତନ୍ତ୍ର ଅତିଥି ଭାବେ ଯୋଗ ଦେଇଥିଲେ। ବୌଦ୍ଧ ଜିଲ୍ଲାରୁ ଜଣେ ମାତ୍ର ସରପଞ୍ଚ ଅତିଥି ଭାବରେ ଉକ୍ତ ଜାତୀୟ ସମାରୋହରେ ଶ୍ରୀ ସିଂ ଯୋଗ ଦେଇଥିଲେ। ତେବେ ସେ ଗତକାଲି ଦିଲ୍ଲୀରୁ ଫେରିବା ପରେ ତାଙ୍କୁ ଗୁହ୍ଲିଆ ପଞ୍ଚାୟତର ବିଭିନ୍ନ ସ୍ଥାନରେ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଥିଲା।

**● କାଳ ହେଲା ମଧ୍ୟାହ୍ନ ଭୋଜନ ହେରଫେରର ପ୍ରତିବାଦ କରିବା**

## ଜଳନ୍ତା କାଠ ଫାଳିଆରେ ନୂଆ ପ୍ରଧାନ ଶିକ୍ଷକଙ୍କୁ ଆକ୍ରମଣ

ବେଲପଡ଼ା,୧୯।୮ (ସମିସ): ବଲାଙ୍ଗୀର ଜିଲ୍ଲା ବେଲପଡା ଥାନା ଅଞ୍ଚଳରେ ଏକ ଅଭାବନୀୟ ଘଟଣା ଦେଖିବାକୁ ମିଳୁଛି। ସ୍କୁଲ ପିଲାଙ୍କ ପାଇଁ ଦିଆଯାଉଥିବା ମଧ୍ୟାହ୍ନ ଭୋଜନରେ ହେରଫେର ଘଟଣାକୁ ପ୍ରତିବାଦ କରି ଦାୟିତ୍ୱରେ ଥିବା ପ୍ରଧାନ ଶିକ୍ଷକ ଲାହୁଲୁହାଣ ହୋଇଛନ୍ତି। ତାଙ୍କୁ ଜଣେ ବ୍ୟକ୍ତି ଜଳୁଥିବା କାଠ ଫାଳିଆରେ ଆକ୍ରମଣ କରିଥିବା ବେଲପଡ଼ା ଥାନରେ ଅଭିଯୋଗ ହୋଇଛି। ବେଲପଡ଼ା ଥାନା ସୁଲେକେଲା ଗାଁର ନୋଡାଲ ପ୍ରାଥମିକ ବିଦ୍ୟାଳୟରେ ଏମିତି ଘଟଣା ଦେଖିବାକୁ ମିଳିଛି। ଦୁର୍ନୀତି ବିରୋଧରେ ସ୍ୱର ଉତ୍ତୋଳନ କରି ଶିକ୍ଷକ ଜଣକ ଆହତ ହୋଇଛନ୍ତି। ଆହତ ଶିକ୍ଷକ ଜଣକ ହେଉଛନ୍ତି ରଥାଙ୍ଗ ପାଢ଼ୀ। ସେ ସୁଲେକେଲା ଗାଁର ନୋଡାଲ ପ୍ରାଥମିକ ବିଦ୍ୟାଳୟରେ ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ଅଛନ୍ତି।

ବିଦ୍ୟାଳୟର ଖାଦ୍ୟ ଯୋଗାଇବାକୁ ଗାଁର ମା ଚଞ୍ଚଳା ସ୍ୱୟଂ ସହାୟକ ଦଳକୁ ଦାୟିତ୍ୱ ଦିଆଯାଇଛି। ସେମାନେ ପନିପରିବା ଯୋଗାଇବାକୁ ଗାଁର ଉଗ୍ରସେନ ରଣାଙ୍କୁ ଠିକା ଦେଇଛନ୍ତି। ଉଗ୍ରସେନ ସବୁବେଳେ ସ୍କୁଲକୁ ପନିପରିବା ଯୋଗାଉଛନ୍ତି। ତେବେ ମଙ୍ଗଳବାର ନୂତନ ଭାବେ ଜଣେ ଶିକ୍ଷକ ପ୍ରଧାନ ଶିକ୍ଷକ ଦାୟିତ୍ୱ ନେବାପରେ ସବୁ ଘଟଣା ସାମ୍ନାକୁ ଆସିଛି। କେମିତି ସଲାସୁତରା ହୋଇ ଉଗ୍ରସେନ କମ୍ ପରିମାଣର ପନିପରିବା ଯୋଗାଇ ଟଙ୍କା ହଡପ କରୁଥିଲେ ତାହା ପଦାରେ ପଡ଼ିଛି। ପିଲାଙ୍କ ସଂଖ୍ୟା ଅନୁସାରେ ପନିପରିବା ଦେବାଲାଗି କହିବାରୁ ଏଥିରେ ରାଗିଯାଇ ଅଗ୍ରସେନ ରନ୍ଧାଘରୁ ଏକ ଜଳନ୍ତା କାଠ ଫାଳିଆ ଧରି ଶିକ୍ଷକଙ୍କ ମୁଣ୍ଡକୁ ଆକ୍ରମଣ କରିଥିଲେ। ଶିକ୍ଷକଙ୍କ ମୁଣ୍ଡ ଏବଂ ହାତରେ ଆଘାତ ଲାଗିଛି। ସ୍ଥାନୀୟ ଲୋକ ତାଙ୍କୁ ଉଦ୍ଧାର କରି ବେଲପଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଆଣି ଚିକିତ୍ସା ପରେ ବେଲପଡା ଥାନରେ ଲିଖିତ ଅଭିଯୋଗ କରିଛନ୍ତି।

## ଛତ୍ରଙ୍ଗ ନାରାୟଣ ଉଚ୍ଚ ବିଦ୍ୟାଳୟରେ ଶିକ୍ଷକ ନିଯୁକ୍ତି ଦାବି



ବୌଦ୍ଧ,୧୯।୮ (ସମିସ): ଛତ୍ରଙ୍ଗ ନାରାୟଣ ଉଚ୍ଚ ବିଦ୍ୟାଳୟରେ ବିଜ୍ଞାନ ଶିକ୍ଷକ ନିଯୁକ୍ତି ପାଇଁ ଅଞ୍ଚଳବାସୀ ଦାବି କରିଛନ୍ତି। ସମ୍ପ୍ରତି ରାଜ୍ୟ ଗଣଶିକ୍ଷା ବିଭାଗର ଚିଠି ନଂ -୨୧୧୪୩/ ତା-୦୧.୮.୨୦୨୫ ମୁତାବକ ରାଜ୍ୟରେ ଅନୁଦାନ ପ୍ରାପ୍ତ ବ୍ଲକ୍‌ଗ୍ରାଣ୍ଟ ବିଦ୍ୟାଳୟମାନଙ୍କରେ ଅତିଥି ଶିକ୍ଷକ ନିଯୁକ୍ତି ନିମନ୍ତେ ରାଜ୍ୟ ସରକାରଙ୍କ ପକ୍ଷରୁ ନିର୍ଦ୍ଦେଶନାମା ପ୍ରକାଶ ପାଇଛି। ଛତ୍ରଙ୍ଗ ନାରାୟଣ ଉଚ୍ଚ ବିଦ୍ୟାଳୟରେ ଅନ୍ୟୁନ ୧୫୦ରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀ ଅଧ୍ୟୟନ କରୁଥିବା ସତ୍ତ୍ୱେ ଏଠାରେ ଦୀର୍ଘ ୧୦ରୁ ୧୫ ଦିନ ହେବ ବିଜ୍ଞାନ ଶିକ୍ଷକ ପଦବୀ ଖାଲି ପଡ଼ିଛି। ଏ ସମ୍ପର୍କରେ ବିଦ୍ୟାଳୟ ପରିଚାଳନା କମିଟି ବାରମ୍ବାର ସରକାରଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ ମଧ କୌଣସି ସୁଫଳ ମିଳିପାରୁନାହିଁ। ତେଣୁ ରାଜ୍ୟ ସରକାରଙ୍କ ଦ୍ୱାରା ନିଯୁକ୍ତି ପାଇବାକୁ ଯାଉଥିବା ଅତିଥି ଶିକ୍ଷକମାନଙ୍କ ମଧ୍ୟରୁ ଜଣେ ବିଜ୍ଞାନ ଶିକ୍ଷକଙ୍କୁ ଏହି ବିଦ୍ୟାଳୟରେ ନିଯୁକ୍ତି ଦେବା ପାଇଁ ସ୍ଥାନୀୟ ଜନସାଧାରଣ, ଅବିଭାବକ, ବିଦ୍ୟାଳୟ ପରିଚାଳନା କମିଟି, ପୁରୁଣା ଛାତ୍ରସଂଗଠନ ଦାବି କରିବା ସହ ଜିଲ୍ଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି।

# ମେଗା ପ୍ରକଳ୍ପରୁ ଜମିକୁ ମିଳୁନି ପାଣି

ଶଗଡା,୧୯।୮ (ସମିସ)

**ଜିଲ୍ଲାପାଳଙ୍କୁ ଫେରାଦ ହେଲେ ଚାଷୀ**

ବୌଦ୍ଧ ଜିଲ୍ଲା କଣ୍ଟାମାଳ ବ୍ଲକ୍ ଗୁଡଭେଲିପଦର ଗ୍ରାମର ସମସ୍ତ ଚାଷୀ ପାର୍ବତୀଗିରି ମେଗା ଜଳସେଚନ ପ୍ରକଳ୍ପରୁ ପାଣି ପାଇବାରୁ ବଞ୍ଚିତ ହେଉଥିବା ନେଇ ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ କରିଛନ୍ତି। ସୂଚନାନୁଯାୟୀ, ଚାଷୀଙ୍କ ଜମିକୁ ପାଣି ଯୋଗାଇ ଦେବା ପାଇଁ ମନମୁଣ୍ଡା ପଞ୍ଚାୟତ ଅନ୍ତର୍ଗତ ଖଇରମାଲଠାରେ କୋଟି କୋଟି ଟଙ୍କା ବ୍ୟୟ ବରାଦରେ ପାର୍ବତୀଗିରି ମେଗା ଜଳସେଚନ ପ୍ରକଳ୍ପ ଆରମ୍ଭ କରାଯାଇଥିଲା। ହେଲେ ଉକ୍ତ ପ୍ରକଳ୍ପରୁ କିଛି ଗ୍ରାମର ଜମିକୁ ପାଣି ମିଳୁଥିବା ବେଳେ ଗୁଡଭେଲିପଦର, ଉଚ୍ଚବାହାଲି, ଡାଙ୍ଗମୁଣ୍ଡା, ଖଲିଆ ମୁଣ୍ଡା, ବିଛଣା ପାଟି ଆଦି ଗ୍ରାମର ଚାଷୀ ମେଗା ପ୍ରକଳ୍ପରୁ ବଞ୍ଚିତ ହେଉଥିବା ଅଭିଯୋଗ କରିଛନ୍ତି। ଏହି ମେଗା ପ୍ରକଳ୍ପ ତିନି ବର୍ଷ ହେବ କାର୍ଯ୍ୟକାରୀ ହୋଇଥିଲେ ମଧ ବର୍ତ୍ତମାନ ସୁଦ୍ଧା ଏହି ଗ୍ରାମର ଚାଷୀମାନେ ପାଣି ପାଇବାରୁ ବଞ୍ଚିତ ହେଉଛନ୍ତି। ଉକ୍ତ ପ୍ରକଳ୍ପରୁ ଜମିକୁ ପାଣି ଯୋଗାଇ ଦେବାକୁ ଅଭିଯୋଗ କରି ଆସୁଥିଲେ ସୁଦ୍ଧା କେହି କର୍ଣ୍ଣପାତ କରୁ ନ ଥିବା ଚାଷୀ ଅଭିଯୋଗ କରିଛନ୍ତି। ମେଗା ପ୍ରକଳ୍ପର କର୍ମଚାରୀଙ୍କୁ ଅଭିଯୋଗ କଲେ ଆମ ଦ୍ୱାରା କିଛି ହୋଇ ପାରିବ ନାହିଁ ବୋଲି କହି କଥାକୁ ଏଡାଇ ଦେଉଛନ୍ତି। ବର୍ତ୍ତମାନ ଆବଶ୍ୟକତା ଅନୁସାରେ ବର୍ଷା ହେଉ ନ ଥିବାରୁ ଜମିଗୁଡିକ ଫାଟି ଆଁ କଲାଣି। ଧାନ ଗଛ ସବୁ ମରିଗଲାଣି। ଚାଷୀ ପାଣିକୁ ଅନାଇ ବସିଥିବାବେଳେ ପ୍ରକଳ୍ପ ନିକଟରେ ଥାଇ ଚାଷୀ ମରୁଡିର ସମ୍ମୁଖୀନ ହେଉଥିବା ପରିତାପର ବିଷୟ ବୋଲି ଚାଷୀ ଅସନ୍ତୋଷ ପ୍ରକାଶ କରିଛନ୍ତି। ଏନେଇ ଚାଷୀ ମଙ୍ଗଳୁ ଦନ୍ତା, ଲୋକନାଥ ମହାଲିକ, ଚନ୍ଦ୍ରମଣି ମିଶ୍ର, ମୋହନ ପାତ୍ର, ନବୀନ ବାରିକ, ବିଶ୍ୱନାଥ ବାଘ, ବ୍ରଜ ପ୍ରଧାନ, ଗଣପତି ମଲ୍ଲିକ, ରାଇଧର ସାହୁ, ମାଗୁଣି ସାହୁ, ରଂଜିତ ମେହେର, ଆଦିତ୍ୟ ସାହୁ, ବାସୁଦେବ ମହାକୁଡ଼, ନବୀନ ମହଲା, ପ୍ରମୋଦ ମେହେର, ସୂର୍ଯ୍ୟ ରଣା, ହରେନ୍ଦ୍ର ନାଏକ, ଧ୍ରୁବ ମହାକୁଡ଼, ପ୍ରଦେଶୀ ଦ୍ୱାରି ପ୍ରମୁଖ କଣ୍ଟାମାଳଠାରେ ହୋଇଥିବା ଜନ ଶୁଣାଣି ଶିବିରରେ ଅଭିଯୋଗ କରିଛନ୍ତି। ଚାଷୀଙ୍କ ହିତକୁ ଦୃଷ୍ଟିରେ ରହି ଖୁବ୍‌ଶୀଘ୍ର ଏହାର ସମାଧାନ କରା ନ ହେଲେ ଚାଷୀମାନେ ଆନ୍ଦୋଳନ କରିବା ସହ ରାଜରାସ୍ତାକୁ ଓହ୍ଲାଇବେ ବୋଲି ଚେତାବନୀ ଦେଇଛନ୍ତି।

## ଜିଲ୍ଲାପାଳଙ୍କ କଲେଜ ଓ ଆଶ୍ରମ ବିଦ୍ୟାଳୟ ପରିଦର୍ଶନ



ଶଗଡା,୧୯।୮ (ସମିସ): ବୌଦ୍ଧ ଜିଲ୍ଲାପାଳ ବିଭୁତି ଭୁଷଣ ନାୟକ କଣ୍ଟାମାଳ ବ୍ଲକ୍‌ସଦର ପଞ୍ଚାୟତ କଲେଜ ପରିଦର୍ଶନ କରିଛନ୍ତି। କଲେଜରେ ପହଞ୍ଚି ଅଧ୍ୟାପକ ଅଧ୍ୟାପିକା ଓ ଛାତ୍ରଛାତ୍ରୀମାନଙ୍କ ସହ କଲେଜର ଅଭାବ ଅସୁବିଧା ସମ୍ପର୍କରେ ଆଲୋଚନା କରିଥିଲେ। ସେହିପରି ବରଗୋଛା ଆବାସିକ ବିଦ୍ୟାଳୟରେ ପହଞ୍ଚି ଭିତ୍ତିଭୂମି ଅନୁଧ୍ୟାନ କରିବା ସହ ସମସ୍ୟା ସମ୍ପର୍କରେ ଆଲୋଚନା କରିଥିଲେ। ବରଗୋଛା ନିକଟରେ ପାନୀୟ ଜଳ ଯୋଗାଣ ପାଇପ୍ ଫାଟି ଯାଇଥିବା ଯୋଗୁଁ ପାନୀୟ ଜଳ ଯୋଗାଣ ବନ୍ଦ ଥିବା ଗ୍ରାମବାସୀ ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ କରିଥିଲେ। ଜିଲ୍ଲାପାଳ ଗ୍ରାମ୍ୟ ପାନୀୟ ଜଳ ଯୋଗାଣ ଓ ପୂର୍ତ୍ତ ବିଭାଗ ଯନ୍ତ୍ରୀଙ୍କୁ ଡାକି ତୁରନ୍ତ ସମସ୍ୟାର ସମାଧାନ ପାଇଁ ନିର୍ଦ୍ଦେଶ ଦେଇଥିଲେ। ଜିଲ୍ଲାପାଳଙ୍କ ଗସ୍ତ ସମୟରେ ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ପ୍ରଭାସ ଚନ୍ଦ୍ର ଦଣ୍ଡସନା, ପୂର୍ତ୍ତ ବିଭାଗ ଅଧିକ୍ଷଣ ଯନ୍ତ୍ରୀ ସନ୍ଦୀପ ଚାଉଳସିଂ, ଜଳ ଓ ପରିମଳ ବିଭାଗ ନିର୍ବାହୀ ଯନ୍ତ୍ରୀ ପଲ୍ଲବୀ ସାମଲ, କଣ୍ଟାମାଳ ବିଡିଓ ସାମି ଜୟଶ୍ରୀ ରେଡି, ତହସିଲଦାର୍ ଶ୍ୱେତପଦ୍ମା ଜୋଶୀ, କଣ୍ଟାମାଳ ବ୍ଲକ୍ ଜଳ ଓ ପରିମଳ ବିଭାଗ ଯନ୍ତ୍ରୀ ଅଜିତ ସେଠୀଙ୍କ ସମେତ ଅନ୍ୟ ଅଧିକାରୀମାନେ ସାମିଲ ଥିଲେ।

**ମୁଦ୍ରା ବିନିମୟ ମୂଲ୍ୟ**



ମୁଦ୍ରା ବିନିମୟ ମୂଲ୍ୟ (ଟଙ୍କାରେ)
- ଡଲାର ୮୭.୫୦ ● ପାଉଣ୍ଡ ୧୧୭.୦୧
- ୟୁରୋ ୧୦୧.୩୫ ● ୟେନ୍ ୦.୫୮

**ସୁନା, ରୁପା ଦର (ଟଙ୍କାରେ)**




୧୦ ଗ୍ରାମ ପିଛା (୨୨ କ୍ୟାରେଟ୍)
- ସୁନା: ୯୨,୩୫୦ (ନୂଆଦିଲ୍ଲୀ)
- ରୁପା : ୧,୧୭,୧୦୦ (କେଜି)



**ଷ୍ଟକ୍ ମାର୍କେଟ୍**

ବଜାର କାରବାର (ପଏଣ୍ଟରେ)
- ସେନ୍ସେକ୍ସ ୮୧,୬୪୪.୦୦
- ନିଫ୍ଟି ୨୪,୯୮୦.୦୦



**ପେଟ୍ରୋଲ-ଡିଜେଲ୍**

ଲିଟର ପିଛା (ଟଙ୍କାରେ)
- ପେଟ୍ରୋଲ୍- ୧୦୧.୨୯ (ଭୁବନେଶ୍ୱର)
- ଡିଜେଲ୍ - ୯୨.୮୦



# ଭାରତୀୟ ଷ୍ଟେଟ୍ ବ୍ୟାଙ୍କ ଅଧିକାରୀ ସଂଘର ୪୭ତମ ପ୍ରତିଷ୍ଠା ଦିବସ



ଭୁବନେଶ୍ୱର, ୧୯।୮(ସମିସ): ଭାରତୀୟ ଷ୍ଟେଟ୍ ବ୍ୟାଙ୍କ ଅଧିକାରୀ ସଂଘ, ଭୁବନେଶ୍ୱର ମଣ୍ଡଳ ଏହାର ୪୭ତମ ପ୍ରତିଷ୍ଠା ଦିବସ ପାଳନ କରିଛି। ଭୁବନେଶ୍ୱର ସ୍ଥିତ ସ୍ଥାନୀୟ ପ୍ରଧାନ କାର୍ଯ୍ୟାଳୟଠାରେ ସଂଘର ସଂସ୍ଥାପକ ସଦସ୍ୟ ଏନ୍.ଏନ୍. ଦାସ୍ ଓ ପି.ଭି.ଏସ୍. ମୂର୍ତ୍ତିଙ୍କୁ ମାଲ୍ୟାର୍ପଣ କରିଏହି କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। ମହାପ୍ରବନ୍ଧକ କୌଶଳ କିଶୋର ସିଂ ଏସ୍‌ବିଆଇ ଅଧିକାରୀମାନଙ୍କର ସେବା-ସ୍ଥିତି, ଅଧିକାର, କର୍ତ୍ତବ୍ୟ ଓ ସୁବିଧାସମୂହ ସମ୍ପର୍କିତ ପୁସ୍ତକ ଉନ୍ମୋଚନ କରିଥିଲେ। ଏଥିରେ ଉପମହାପ୍ରବନ୍ଧକ ଓ ମଣ୍ଡଳ ବିକାଶ ଅଧିକାରୀଙ୍କ ସହିତ ଅନ୍ୟ ବରିଷ୍ଠ ଅଧିକାରୀ, କର୍ମଚାରୀ ସଂଘ ସାଧାରଣ ସଚିବ ଓ ଅଧ୍ୟକ୍ଷ ଆଦି ଉପସ୍ଥିତ ଥିଲେ। ଏହି ଅବସରରେ ସମାଜ ପ୍ରତି ସଂଘର ଦାୟିତ୍ୱବୋଧକୁ ପ୍ରକାଶ କରି, ଭୁବନେଶ୍ୱରର ୟୁନିଟ୍-୬ ର "ଆଶ୍ରୟ" ଡେଷ୍ଟିଚ୍ୟୁଟ୍‌ରେ ନିରାଶ୍ରୟଙ୍କ ପାଇଁ ଖାଦ୍ୟ ବଣ୍ଟନ କାର୍ଯ୍ୟକ୍ରମ ପରିଚାଳିତ ହେଲା ତଥା ସହରରେ ଯାତାୟାତ ଓ ଶୃଙ୍ଖଳା ବ୍ୟବସ୍ଥାରେ ନିଷ୍ଠା, ପରିଶ୍ରମ ଓ ଶୃଙ୍ଖଳାନୁଶାସନ ରକ୍ଷାରେ ସେବାଦାନ କରୁଥିବା ୪୧ ଜଣ ଟ୍ରାଫିକ୍ କର୍ମଚାରୀଙ୍କୁ ସମ୍ମାନିତ କରାଯାଇଥିଲା। ଓଡ଼ିଶାର ବିଭିନ୍ନ ଜୋନ ଯଥା ସମ୍ବଲପୁର, ବାଲେଶ୍ୱର, ବ୍ରହ୍ମପୁର ଓ ଭୁବନେଶ୍ୱର ଆଦି ଅଞ୍ଚଳରେ ମଧ ଅଧିକାରୀ ସଂଘର ପ୍ରତିଷ୍ଠା ଦିବସ ପାଳନ କରାଯାଇଥିଲା।

# ଟ୍ରମ୍ପ୍ ଶୁଳ୍କ ପ୍ରଭାବହୀନ; ୟୁକେ ବଜାର ଉପରେ ନାଲ୍‌କୋର ନଜର

ଭୁବନେଶ୍ୱର, ୧୯।୮(ସମିସ): ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍‌ଙ୍କ ଦ୍ୱାରା ଭାରତ ଉପରେ ଲାଗୁ କରାଯାଇଥିବା ଉଚ୍ଚ ଶୁଳ୍କର ପ୍ରଭାବ ନବରତ୍ନ ନ୍ୟାସନାଲ ଆଲୁମିନିୟମ କମ୍ପାନୀ ଲିମିଟେଡ୍ (ନାଲ୍‌କୋ)ର ବ୍ୟବସାୟ ଉପରେ ପଡୁନାହିଁ। ବର୍ତ୍ତମାନ କମ୍ପାନୀ ଆମେରିକା ବାହାରେ ଅନ୍ୟ ସ୍ଥାନରେ ବ୍ୟବସାୟ ସନ୍ଧାନରେ ରହିଛି। ସାମ୍ପ୍ରତିକ ସମୟରେ ନାଲ୍‌କୋ ୟୁକେ ସହ ବ୍ୟବସାୟ ଉପରେ ଗୁରୁତ୍ୱ ଦେଉଛି। କାରଣ

- **ଇଭି, ସୌର ପ୍ୟାନେଲ୍ କ୍ଷେତ୍ରରେ କମ୍ପାନୀ ପାଇଁ ବଡ଼ ସୁଯୋଗ**
- **ପଟାଙ୍ଗୀ ବକ୍ସାଇଟ୍ ଖଣି ୨୦୨୬ ଜୁନ୍ ସୁଦ୍ଧା ହେବ କାର୍ଯ୍ୟକ୍ଷମ**
- **୨୦୩୦ ସୁଦ୍ଧା ଶେଷ ହେବ ୩୪,୬୦୦ କୋଟିର ସମ୍ପ୍ରସାରଣ କାର୍ଯ୍ୟ**

ୟୁକେରେ ବୈଦ୍ୟୁତିକ ଯାନ(ଇଭି) ଏବଂ ସୌର ପ୍ୟାନେଲ୍ ଉତ୍ପାଦନ କ୍ଷେତ୍ରରେ ଏକ ସୁଦୃଢ଼ ବଜାର ରହିଛି। ଏହି ଦୁଇ




କ୍ଷେତ୍ରରେ ଆଲୁମିନିୟମ୍‌ର ଜୋରଦାର ଚାହିଦା ରହିଥିବା ଭୁବନେଶ୍ୱରଠାରେ ମିଡିଆ କନେକ୍ଟ ୨୦୨୫ରେ ଯୋଗଦେଇ ନାଲକୋ ଅଧ୍ୟକ୍ଷ-ତଥା-ପରିଚାଳନା ନିର୍ଦ୍ଦେଶକ(ସିଏମ୍‌ଡି) ବ୍ରିଜେନ୍ଦ୍ର ପ୍ରତାପ ସିଂହ ଏହା କହିଛନ୍ତି।

ନାଲ୍‌କୋ ଘରୋଇ ବଜାରରେସର୍ବାଧିକ ଆଲୁମିନା ଏବଂ ଆଲୁମିନିୟମ୍ ବିକ୍ରି କରି ନୂଆ ରେକର୍ଡ ସ୍ଥାପନ କରିଛି। କମ୍ପାନୀ କୋରାପୁଟ ସ୍ଥିତ ପଟାଙ୍ଗୀ ବକ୍ସାଇଟ୍ ଖଣିକୁ ୨୦୨୬ ଜୁନ୍ ସୁଦ୍ଧା ହେବ କାର୍ଯ୍ୟକ୍ଷମ କରିବାକୁ ଯୋଜନା ରଖିଛି। ଏଥିପାଇଁ ଜିଓ-ଟେଣ୍ଡରିଂ କାର୍ଯ୍ୟ ଚଳିତବର୍ଷ ସେପ୍ଟେମ୍ବର କିମ୍ବା ଅକ୍ଟୋବର ମାସ ସୁଦ୍ଧା ଶେଷ ହେବ। ଏହି ଖଣି ୬୯୭.୯୭୯ ହେକ୍ଟର ଜମିରେ ପରିବ୍ୟାପ୍ତ। ଏହାର ବାର୍ଷିକ ଉତ୍ପାଦନ କ୍ଷମତା ୩.୫ ନିୟୁତ ଟନ୍। ଏହି ଖଣିରେ କମ୍ପାନୀ ୧୯୬୧ କୋଟି ଟଙ୍କା ନିବେଶ କରିବ ବୋଲି ଶ୍ରୀ ସିଂହ କହିଛନ୍ତି। ସେହିପରି କମ୍ପାନୀ ଦାମନଯୋଡି ସ୍ଥିତ ଆଲୁମିନିୟମ୍ ବିଶୋଧନାଗାରର ୫ମ ସମ୍ପ୍ରସାରଣରେ ୫୬୦୦ କୋଟି ନିବେଶ କରିବ। ସେହିପରି ଅନୁଗୋଳ ପ୍ଲାଣ୍ଟର ଆଲୁମିନିୟମ୍ ସ୍ମେଲଟରରେ ୧୭ ହଜାର କୋଟି ଟଙ୍କା ଏବଂ କ୍ୟାପ୍ଟିଭ୍ ପାୱାର ପ୍ଲାଣ୍ଟ ନିର୍ମାଣରେ ନାଲ୍‌କୋ ୧୨,୦୦୦ କୋଟି ଟଙ୍କା ଖଟାଇବାକୁ ଯୋଜନା ରଖିଛି। ତେବେ ଏହି ସମ୍ପ୍ରସାରଣ ଯୋଜନା ନିମନ୍ତେ ସବିଶେଷ ପ୍ରକଳ୍ପ ରିପୋର୍ଟ (ଡିପିଆର୍) ଚଳିତ ଆର୍ଥିକବର୍ଷର ତୃତୀୟ ତ୍ରୈମାସିକ ସୁଦ୍ଧା ପ୍ରସ୍ତୁତ ହୋଇଯିବ। ପରେ ଏହାକୁ ଅନୁମୋଦନ ଲାଗି କମ୍ପାନୀର ନିର୍ଦ୍ଦେଶକ ମଣ୍ଡଳୀଙ୍କ ନିକଟକୁ ପଠାଯିବ ବୋଲି ସେ କହିଛନ୍ତି। ଏହାଛଡା ଚଳିତ ଆର୍ଥିକବର୍ଷର ପ୍ରଥମ ତ୍ରୈମାସିକରେ ନାଲ୍‌କୋର ନେଟ୍ ଲାଭ ରେ ୭୭% ବୃଦ୍ଧି ଘଟି ୧୦୬୪ କୋଟି ଟଙ୍କାରେ ପହଞ୍ଚିଛି। ସେହିପରି ପରିଚାଳନାଗତ ରାଜସ୍ୱ ୩୮୦୭ କୋଟି ଟଙ୍କା ହୋଇଛି।

ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ନାଲକୋର ନିର୍ଦ୍ଦେଶକ (ଉତ୍ପାଦନ) ପଙ୍କଜ କୁମାର ଶର୍ମା, ନିର୍ଦ୍ଦେଶକ (ପ୍ରକଳ୍ପ ଏବଂ ବୈଷୟିକ) ଜଗଦୀଶ ଆରୋରା, ନିର୍ଦ୍ଦେଶକ (ମାନବ ସମ୍ବଳ) ଡ. ତାପସ କୁମାର ପଟ୍ଟନାୟକ ଏବଂ ନିର୍ଦ୍ଦେଶକ (ଅର୍ଥ) ଅଭୟ କୁମାର ବେହୁରିଆ ମଧ ଉପସ୍ଥିତ ଥିଲେ। ପ୍ରାରମ୍ଭରେ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ (ମାନବ ସମ୍ବଳ) ଆଶୁତୋଷ ରଥ କମ୍ପାନୀର କାର୍ଯ୍ୟକଳାପ ସମ୍ବନ୍ଧରେ ସଂକ୍ଷିପ୍ତ ବିବରଣୀ ପ୍ରଦାନ କରିଥିଲେ।

# ଏକରୁ ଅଧିକ କ୍ରେଡିଟ୍ କାର୍ଡରେ ଖରାପ ହେବ କି ସିବିଲ୍ ସ୍କୋର!

ନୂଆଦିଲ୍ଲୀ, ୧୯।୮ (ଏଜେନ୍ସି): ଆଜିକାଲି, ଜଣେ ବ୍ୟକ୍ତି କ୍ରେଡିଟ୍ କାର୍ଡ ବ୍ୟବହାର କରିବା ଆରମ୍ଭ କରିବା ମାତ୍ରେ, ଅଳ୍ପ ସମୟ ମଧ୍ୟରେ ଅନ୍ୟ ବ୍ୟାଙ୍କଗୁଡ଼ିକ ମଧ୍ୟ ତାଙ୍କୁ କ୍ରେଡିଟ୍ କାର୍ଡ ଦେବା ପାଇଁ ଯୋଗାଯୋଗ କରିବା ଆରମ୍ଭ କରିଦେଉଛନ୍ତି। କିନ୍ତୁ ଏପରି ପରିସ୍ଥିତିରେ, ମନରେ ପ୍ରଶ୍ନ ଉଠେ ଯେ ଯେତେବେଳେ ଗୋଟିଏ କାର୍ଡ ଅଛି, ତେବେ ଜଣେ ଆଉ ଏକ କାର୍ଡ କାହିଁକି ନେବେ। ଏହାଛଡା ଦ୍ୱିତୀୟ କାର୍ଡ ନେବା ଠିକ୍ ହେବ କି ନାହିଁ? ଏହାର ଉତ୍ତର ପ୍ରାୟତଃ 'ନା' ହେବ। କିନ୍ତୁ କେତେକ ସମୟରେ ଗୋଟିଏରୁ ଅଧିକ କ୍ରେଡିଟ୍ କାର୍ଡ ରଖିବା ଲାଭଦାୟକ ହୋଇପାରେ। ତେବେ କେଉଁ ପରିସ୍ଥିତିରେ ଏକରୁ ଅଧିକ କ୍ରେଡିଟ୍ କାର୍ଡ ଲାଭ ଦେଇଥାଏ ଏବଂ କେଉଁ ପରିସ୍ଥିତିରେ ଏହାକୁ ଏଡାଇବା ଉଚିତ।

**ଏକ କ୍ରେଡିଟ୍ ଇତିହାସ ରଖିବା ପାଇଁ ଦ୍ୱିତୀୟ କାର୍ଡ ଉପଯୋଗୀ ହେବ**

ଯଦି ଆପଣ ସମ୍ପ୍ରତି ଏକ କ୍ରେଡିଟ୍ କାର୍ଡ ନେଇଛନ୍ତି ଏବଂ ଭବିଷ୍ୟତରେ ଆପଣ ଏକ କାର୍ ଋଣ, ଗୃହ ଋଣ କିମ୍ବା ବ୍ୟକ୍ତିଗତ ଋଣ ନେବାକୁ ଚାହୁଁଛନ୍ତି, ତେବେ ନିଜର ଏକ ଭଲ କ୍ରେଡିଟ୍ ଇତିହାସ ଗଠନ କରିବା ଗୁରୁତ୍ୱପୂର୍ଣ୍ଣ। ଯେତେବେଳେ ଆପଣ ସମୟସୀମା ମଧ୍ୟରେ ବିଲ୍ ପରିଶୋଧ କରୁଛନ୍ତି ଏବଂ କାର୍ଡକୁ ସଠିକ୍ ଭାବରେ ବ୍ୟବହାର କରନ୍ତି ସେତେବେଳେ କ୍ରେଡିଟ୍ ଇତିହାସ ଗଠନ ହୁଏ। ଏପରି ପରିସ୍ଥିତିରେ, ଗୋଟିଏରୁ ଅଧିକ କାର୍ଡ ରଖିବା ଆପଣଙ୍କୁ ଅଧିକ କାରବାର କରିବାର ସୁଯୋଗ ଦିଏ, ଯାହା ଆପଣଙ୍କ ସିବିଲ୍ ସ୍କୋରକୁ ଆହୁରି ମଜବୁତ କରିଥାଏ।

**କ୍ରେଡିଟ୍ ସୀମା ବୃଦ୍ଧି କରିବାକୁ ହେଲେ ୨ଟି କାର୍ଡ ଲାଭଦାୟକ**

ଧରିନିଅନ୍ତୁ ଆପଣଙ୍କର ଗୋଟିଏ କ୍ରେଡିଟ୍ କାର୍ଡ ଅଛି, ଯାହାର କ୍ରେଡିଟ୍ ସୀମା ୨ ଲକ୍ଷ ଟଙ୍କା। ଏବେ ଯଦି ଆପଣ ଅନ୍ୟ ଏକ କାର୍ଡ ନିଅନ୍ତି ଯାହାର ସୀମା ସମାନ, ତେବେ ଆପଣଙ୍କର ମୋଟ କ୍ରେଡିଟ୍ ସୀମା ୪ ଲକ୍ଷ ଟଙ୍କା ହେବ। ଏହା କେବଳ ଅଧିକ ଖର୍ଚ୍ଚ କରିବାର ସୁବିଧା ଦେଇ ନ ଥାଏ, ବରଂ ଏହା ଜରୁରୀକାଳୀନ ପରିସ୍ଥିତିରେ ଆପଣଙ୍କ ପାଇଁ ମଧ ବହୁତ ଉପଯୋଗୀ ହୋଇପାରେ।

**କ୍ରେଡିଟ୍ ସ୍କୋର ଉନ୍ନତ କରିବା ପାଇଁ ସିୟୁଆର୍ ନିୟନ୍ତ୍ରଣ କରନ୍ତୁ**

କ୍ରେଡିଟ୍ ସ୍କୋରର ଏକ ଗୁରୁତ୍ୱପୂର୍ଣ୍ଣ ଅଂଶ ହେଉଛି କ୍ରେଡିଟ୍ ବ୍ୟବହାର ଅନୁପାତ (ସିୟୁଆର୍)। ସରଳ ଭାଷାରେ, ସିୟୁଆର୍ କହିଥାଏ ଯେ ଆପଣ ଆପଣଙ୍କର ମୋଟ କ୍ରେଡିଟ୍ ସୀମାର କେତେ ବ୍ୟବହାର କରିଛନ୍ତି। ଉଦାହରଣ ସ୍ୱରୂପ, ଯଦି ଆପଣଙ୍କର ସୀମା ୨ ଲକ୍ଷ ଟଙ୍କା ଏବଂ ଆପଣ ୧.୬ ଲକ୍ଷ ଟଙ୍କା ଖର୍ଚ୍ଚ କରିଛନ୍ତି, ତେବେ ଆପଣଙ୍କର ସିୟୁଆର୍ ୮୦% ଯାହା ବହୁତ ଅଧିକ। ଏହା ୩୦%ରୁ କମ୍ ହେବା ଉଚିତ। ଏପରି ପରିସ୍ଥିତିରେ, ଯଦି ଆପଣଙ୍କର ଦ୍ୱିତୀୟ କାର୍ଡ ଥାଆନ୍ତା, ତେବେ ଆପଣ ଖର୍ଚ୍ଚକୁ ଦୁଇଟି ମଧ୍ୟରେ ବାଣ୍ଟି ପାରିଥାଆନ୍ତେ। ଏହା ଆପଣଙ୍କର ବ୍ୟବହାର ଅନୁପାତକୁ ହ୍ରାସ କରିଥାଆନ୍ତା ଏବଂ ଆପଣଙ୍କର କ୍ରେଡିଟ୍ ସ୍କୋରକୁ ଉନ୍ନତ କରିଥାଆନ୍ତା।

**ଦୁଇଟି କ୍ରେଡିଟ୍ କାର୍ଡ ରଖିବା ସମସ୍ତଙ୍କ ପାଇଁ ଠିକ୍ ନୁହେଁ?**

କିଛି ଲୋକଙ୍କ ପାଖରେ କ୍ରେଡିଟ୍ କାର୍ଡ ଅଛି କିନ୍ତୁ ସେଗୁଡ଼ିକୁ ବହୁତ କମ୍ ବ୍ୟବହାର କରନ୍ତି। ଯେପରିକି ଲୋକେ କ୍ରେଡିଟ୍ କାର୍ଡକୁ କେବଳ ହୋଟେଲ ବୁକିଂ ପାଇଁ କିମ୍ବା ଆବଶ୍ୟକ ସମୟରେ ବ୍ୟବହାର କରିଥାନ୍ତି। ଏପରି ଲୋକଙ୍କ ପାଇଁ, ଦ୍ୱିତୀୟ କାର୍ଡ ରଖିବା ମୁଣ୍ଡବିନ୍ଧାର କାରଣ ହୋଇପାରେ। କାରଣ ପ୍ରତ୍ୟେକ କାର୍ଡ ସହିତ ସମୟସୀମା ମଧ୍ୟରେ ବିଲ୍ ପୈଠ କରିବା ଏବଂ ଏହାର ଟ୍ରାକ୍ ରଖିବା ଆବଶ୍ୟକ। ଯଦି ଆପଣ ଆପଣଙ୍କର ବିଦ୍ୟମାନ କାର୍ଡକୁ ବୁଦ୍ଧିମାନ ଭାବରେ ବ୍ୟବହାର କରନ୍ତି ଏବଂ ଆପଣଙ୍କର ଖର୍ଚ୍ଚ ଏହାର ମୋଟ ସୀମାର ୩୦% ରୁ କମ୍ ହୁଏ, ତେବେ ଦ୍ୱିତୀୟ କାର୍ଡ ରଖିବା ଆପଣଙ୍କ ଉପରେ ଅନାବଶ୍ୟକ ବୋଝ ପକାଇବ। ଆପଣଙ୍କର କ୍ରେଡିଟ୍ ସ୍କୋରକୁ ଉନ୍ନତ କରିବା ପାଇଁ ଦ୍ୱିତୀୟ କାର୍ଡ ରଖିବାର କୌଣସି ଆବଶ୍ୟକତା ନାହିଁ।


**AFFIDAVIT**

I, Sahida Bano, W/o- Md Tisamuddin, At: Ward No 1, Dhubapada, Po/Ps- Kantabanji, Dist- Balangir, Pin-767039, Odisha. declare by this Affidavit no. 49333, Dated: 18.08.2025, that now onwards I shall be known as "SAHEDA BANO" for all future purposes

**LOST**

I, Ranjan Kumar Sahoo, aged 45 years, S/o Arttabandhu Sahoo, resident of Village/PO: Bidhanima, PS: Tigiria, Dist: Cuttack, Odisha do hereby declare that, my Original Sale Deed vide No: 10481200449, dated- 23/07/2012, Mouza- Bidhanima vide Khata No.97 have been lost in Nuapatna area on dated- 16/08/2025 in somewhere. If anyone finds it kindly contact to my number 9899263899 or above the address.

Ranjan Kumar Sahoo

**AFFIDAVIT**

I, Rabindra Kumar Kar, S/o- Satyananda Kar, resident of At-Bhanapur, Po- Tulasipur, Nimapara Dist- Puri, PIN-752113, Odisha declared by this affidavit No. 670, dtd-19/08/2025 that now onwards I shall be known as RABINDRA KAR for all future purposes.

**AFFIDAVIT**

I, Sushree Sangita Nayak, W/o- Shitikantha Nayak, resident of Sani Mandira Basti, Near Sani Mandira, Bhoi Nagar, Po- Utkal University, Bhubaneswar, Dist- Khurda, PIN-751004, Odisha declared by this affidavit No. 671, dtd- 19/08/2025 that now onwards I shall be known as SUSRI SANGITA NAYAK for all future purposes.

**AFFIDAVIT**

By virtue of an affidavit sworn before Executive Magistrate, Bhubaneswar vide Serial No. 50 dt. 19.08.2025 I, Subhashree Priydarshnee Sahoo resident of Pratima Nivas, Paltanpadia, Near Hengulai temple, P.S.Khordha, Dist.Khordha Odisha declare that I have changed my name from Subhashree Priydarshnee Sethi to Subhashree Priydarshnee Sahoo. Henceforth I shall be known as Subhashree Priydarshnee Sahoo for all purposes.

Subhashree Priydarshnee Sahoo

**AFFIDAVIT**

By virtue of an affidavit dated 13.08.2025, No. 2583 sworn before Executive Magistrate Khordha, I, ABHIRAM MOHAPATRA, S/o-Duryodhan Mohapatra, Resident At-Thakurpada, Po:- Pubusahi, Ps/ Dist- Khordha, Odisha-752055, declare that I have changed my name from RABINDRA MOHAPATRA to ABHIRAM MOHAPATRA. Henceforth, I shall be known as ABHIRAM MOHAPATRA for all purposes.

**କବଲା ହଜିଛି**

ମୁଁ ନୟନା ସାହୁ, ପିତା- ଧନେଶ୍ୱର ସାହୁ, ସା- ହରିଶରଣପୁର, ବଙ୍ଗେଟିସାହି, ୱାର୍ଡ ନମ୍ବର- ୧୦, ଜିଲ୍ଲା- କଟକ, ଆଠଗଡ଼ ଥାନାରେ ଲିଖିତ ଅଭିଯୋଗ କରି ଜଣାଉ ଅଛି ଯେ ମୋର କବଲା ନମ୍ବର ୧୮୭ ଓ ଘରବାରୀ ଖାତା ନମ୍ବର ୩୪୯/୬୯୫ ଗତ ତା. ୦୫/୦୮/୨୦୨୫ ରିଖରେ ଆଠଗଡ଼ ବସଷ୍ଟାଣ୍ଡରେ ହଜି ଯାଇଛି। ଏଣୁ କୌଣସି ସହୃଦୟ ବ୍ୟକ୍ତି ପାଇଥିଲେ ଆଠଗଡ଼ ଥାନା କିମ୍ୱା ପ୍ରଭାକର ପଟ୍ଟନାୟକ (ଆଇନଜିବୀ) ମୋ।- ୯୭୭୮୦୭୦୫୯୦, ୭୦୭୭୭୦୪୫୯୦ ରେ ଯୋଗାଯୋଗ କରିବାକୁ ଆନୁରୋଧ।

ନୟନା ସାହୁ

**AFFIDAVIT**

I, Dhananjaya Dash, aged about 37 years, S/o- Purna Chandra Dash, resident of At-Babalpur, Nandipur, Ps-Dasarathpur, Dist- Jajpur, Odisha, Pin-755006 declare by this affidavit No. 1674, dtd-19.08.2025, that now onwards I shall be known as DHANANJAY DASH for all future purposes.

**AFFIDAVIT**

I, Minati Mohanty, W/o-Late Baidhar Mohanty, resident of Village-Pubakhanda, PO/PS -Niali, Dist- Cuttack, PIN - 754004, Odisha, declare by this affidavit No-15, dated- 04.08.2025, that now onwards I shall be known as SOUDAMINI BEWA for all future purposes.

**AFFIDAVIT**

By virtue of an affidavit sworn before Notary Public, Jaleswar, No-1847, dated-18/08/2025. I, Ananta Kumar Pal, S/O- Madhusudan Pal, At:Kuanrpur, Po: Makidia, PS: Raibania, Dist: Balasore, Pin: 756033 declare that I have changed my name from Anant Kumar Pal to Ananta Kumar Pal . Henceforth , I shall be known as Ananta Kumar Pal for all Purposes.

Ananta Kumar Pal

**AFFIDAVIT**

By virtue of an affidavit sworn before Notary Public Titilagarh, dated 06.08.2025 I, Dulichand Jain, Adress At-Thikadar Para, Po/Ps-Titilagarh, Dist- Balangir, Odisha, Pin- 767033 declare that I have changed my son's name from Venkat Jain to Ved Jain. Henceforth, he shall be known as Ved Jain for all purposes.

Dulichand Jain

**AFFIDAVIT**

By virtue of an affidavit sworn before Notary Public, Bhubaneswar dated 18.08.2025 I Mami Barik resident at Plot No-1622/2309, Near Aerodrome area, Palaspalli. Ps- Airport, Bhubaneswar-751020, Dist-Khordha, declare that I have change my name from Mani Barik to Mami Barik. Henceforth I shall be known as MAMI BARIK for all purposes.

(Mami Barik)

**AFFIDAVIT**

I, Nita Nathsharma, W/o- Chandrasekhar Nathsharma, Resident of Duplex No. 57-A, Pristine Green, Pokhariput, Aerodrome Area, Bhubaneswar, Dist- Khurdha, Pin-751020, Odisha declare by this Affidavit No. 132, Dated 18.08.2025, that now onwards I shall be known as NITA PATEL for all future purposes.

**AFFIDAVIT**

I, Padmabati Mangaraj, W/o- Ajay Mangaraj, resident of Plot No -1162, Satya Vihar, Rasulgarh, PS - Mancheswar, Bhubaneswar, Dist - Khordha, Pin No - 751010, Odisha, declare by this affidavit No -107, dated- 22.07.2025, that now onwards I shall be known as PADMABATI BISWAL for all future purposes.

**AFFIDAVIT**

By virtue of an affidavit sworn before Notary Public Titilagarh, dated 19.08.2025 I, Tulia Jani, Adress At-Budhipadar, Po- Goimund Ps-Sindhekela, Dist- Balangir, Odisha, Pin- 767040 declare that I have changed my son's name from Tushal Jani to Tushar Jani. Henceforth, he shall be known as Tushar Jani for all purposes.

Tulia Jani

**AFFIDAVIT**

By virtue of an affidavit sworn before Notary Public, Bhubaneswar, 18.08.2025, I Runubala Mahapatra, W-o- Prashana Kumar Mahapatra resident at Thanapalli, Po- Mardabadi, Ps- Ranpur, Dist- Nayagarh, Odisha PIN-752066 , declare that my Son's name from Manoj Mahapatra to Manoranjan Mahapatra . Henceforth, He shall be known as MANORANJAN MAHAPATRA for all purposes.

(Runubala Mahapatra)

**IN THE HIGH COURT OF ORISSA : CUTTACK**
**(NOTICE UNDER ORDER 5, RULE 20 (1-A) OF THE CODE OF CIVIL PROCEDURE, 1908)**
**(SA NO. 395 of 2000)**

**Akupalli Uma Maheswar Rao .... Appellant**
**-Versus-**
**V. Rama Chandra Rao and others .... Respondents**

To
1. V. Jamuna, aged about 45 years, W/o. Late V. Shankara Narayan, resident of Karana Street, Jeypore, P.O./P.S.- Jeypore, Dist.- Koraput. (Respondent No. 6)
2. V. Atulya, aged about 22 years, D/o. Late V. Shankara Narayan, resident of Karana Street, Jeypore, P.O./P.S.- Jeypore, Dist.- Koraput. (Respondent No. 7)
3. V. Vansi, aged about 18 years, S/o. Late V. Shankara Narayan, resident of Karana Street, Jeypore, P.O./P.S.- Jeypore, Dist.- Koraput. (Respondent No. 8)
4. Vanimisetti Tirumala Swamy, aged about 40 years, S/o. Late Vanimisetti Subharao, resident of Karana Street, Jeypore, P.O./P.S.- Jeypore, Dist.- Koraput. (Respondent No.9)
5. Vanimisetti Subbaraya Venkata Prasad, aged about 34 years, S/o. V. Suryanarayan Murty, S.C.B. Medical College, Cuttack, Dist.- Cuttack. Respondent No. 10)

You the above named respondents take notice that the appellant has preferred S.A. 395/2000 against you challenging the judgement and Decree dated 28.08.2000 and 07.09.2000 respectively passed in T.A No. 23 of 1993 by the Addl. District Judge, Jeypore reversing the Judgment dated 30.10.1992 and 13.11.1992 passed by learned Civil Judge (Sr. Divn.), Jeypore in T.S. No. 98/1985.

Though notice was sent to you in the above given address, the same returned unserved. As the summons could not be served on you in ordinary way, you are hereby directed through this general publication to appear before this Court in person or through counsel on 2.9.25 to show cause as to why the relief sought for in the memorandum of appeal shall not be granted.

Take further notice that, in case of default the case will be heard and decided in your absence in accordance with law.

Given under my hand and seal of this Court on the 7th day of August, 2025.

By order of the Court

Sd/-
Registrar (Judicial)

**IN THE HIGH COURT OF ORISSA : CUTTACK**
**(NOTICE UNDER ORDER 5, RULE 20 (1-A) OF THE CODE OF CIVIL PROCEDURE, 1908)**
**(SA NO. 397 of 2000)**

**Akupalli Papamma .... Appellant**
**-Versus-**
**V. Rama Chandra Rao and others .... Respondents**

To
1. V. Jamuna, aged about 45 years, W/o. Late V. Shankara Narayan, resident of Karana Street, Jeypore, P.O./P.S.- Jeypore, Dist.- Koraput. (Respondent No. 6)
2. V. Atulya, aged about 22 years, D/o. Late V. Shankara Narayan, resident of Karana Street, Jeypore, P.O./P.S.- Jeypore, Dist.- Koraput. (Respondent No. 7)
3. V. Vansi, aged about 18 years, S/o. Late V. Shankara Narayan, resident of Karana Street, Jeypore, P.O./P.S.- Jeypore, Dist.- Koraput. (Respondent No. 8)
4. Vanimisetti Tirumala Swamy, aged about 40 years, S/o. Late Vanimisetti Subharao, resident of Karana Street, Jeypore, P.O./P.S.- Jeypore, Dist.- Koraput. (Respondent No.9)
5. Vanimisetti Subbaraya Venkata Prasad, aged about 34 years, S/o. V. Suryanarayan Murty, S.C.B. Medical College, Cuttack, Dist.- Cuttack. Respondent No. 10)

You the above named respondents take notice that the appellant has preferred S.A. 397/2000 against you challenging the judgement and Decree dated 28.08.2000 and 07.09.2000 respectively passed in T.A No. 25 of 1993 by the Addl. District Judge, Jeypore reversing the Judgment dated 30.10.1992 and 13.11.1992 passed by learned Civil Judge (Sr. Divn.), Jeypore in T.S. No. 96/1985.

Though notice was sent to you in the above given address, the same returned unserved. As the summons could not be served on you in ordinary way, you are, hereby directed through this general publication to appear before this Court in person or through counsel on 16.9.25 to show cause as to why the relief sought for in the memorandum of appeal shall not be granted.

Take further notice that, in case of default the case will be heard and decided in your absence in accordance with law.

Given under my hand and seal of this Court on the 13th day of August, 2025.

By order of the Court

Sd/-
Registrar (Judicial)

**DOCUMENT LOST**

Notice is hereby given to general Public that, I Sri Naba Kishore Swain, father of SRI SUBRAT KUMAR SWAIN has lost the original link RSD bearing no. 11141101303 dt.11/03/2011, in the name of Guni Khan and Mahimud Khan, bearing plot no. 1610/1912, Mouza- Palla, Tahsil- Khurda, Khata no.- 866/146, 07/08/2025 at around 12:00 PM at Cosmopolis Square while I was travelling from my residence at Rajiv Nagar by bike to Khurda and could not retrive them despite my best efforts. Therefore, if anyone has found the same, please contact Advocate Sri N.C. Pattnaik, Mob.- 985331118 of LICHFL at Chandrasekharpur within 15 days from the date of the publication failing which the document will lose its legal force, and any misuse of the document will be punishable under law.

A-517

**GOVERNMENT OF ODISHA**
DEPARTMENT OF WATER RESOURCES
OFFICE OF THE SUPERINTENDING ENGINEER
RENGALI LEFT BANK CANAL DIVISION, AT/P.O. Kamakhyanagar
Dist: Dhenkanal, Odisha, PIN-759018
☎:06769-270771 Email ID - eerlbcdivision@gmail.com

**e-PROCUREMENT NOTICE No. RLBCD-P1-03/2025-26**

| | | |
|---|---|---|
| 1 | Category of Work | "Civil Construction Works". |
| 2 | Total No. of Works | 01 (One) No. of work. |
| 3 | Estimated Cost | Rs. 38.78 Lakhs |
| 4 | Period of Completion | 60 Days |
| 5 | Class of Contractor | "C" & "B" or equivalent grade/class |
| 6 | Cost of Bid Document / Mode of Payment | Rs. 6,000/- (Non-Refundable) / Online through Electronic Payment Mode (Internet Banking/ NEFT/RTGS of Designated Banks and their Aggregator Banks). |
| 7 | EMD / Bid Security Amount / Mode of Payment | Rs. 38,780 /- Online through Electronic Payment Mode (Internet Banking/ NEFT/RTGS of Designated Banks and their Aggregator Banks) |
| 8 | Other details: | |
| | (i) Procurement Officer | Superintending Engineer, Rengali Left Bank Canal Division, Kamakhyanagar. |
| | (ii) Availability of Bid Documents for Online Bidding. | 21.08.2025 from 10.00 Hours to 30.08.2025 up to 17.00 Hours. |
| | (iii).Date, time & venue of Bid Opening (Online) | On Dt.01.09.2025 at 11.00 Hours in the O/o the Superintending Engineer, Rengali Left Bank Canal Division, Kamakhyanagar (through online). |
| | (iv) Date, time & venue of transparent lottery for finalization of bids, if required | On Dt.09.09.2025 at 11.00 Hours (Tentative Date) in the O/o the Superintending Engineer, Rengali Left Bank Canal Division, Kamakhyanagar. |

*Further details can be seen from the Government of Odisha website https://tendersodisha.gov.in

Superintending Engineer
R.L.B. Canal Division
Kamakhyanagar

OIPR-32298/11/0030/2526

CIME BHUBANESWAR

**COLLEGE OF IT & MANAGEMENT EDUCATION**
**(A Constituent College Biju Patnaik University of Technology, Rourkela)**
**Bhubaneswar**

KK-196

No 680 / 25 — Date 16.08.2025

**SPOT ADMISSION FOR MBA & MCA PROGRAMME : 2025-26**

**O-JEE, CAT, MAT, & XAT RANK HOLDERS ARE ELIGIBLE.**

For any query, please contact:

Mr Debidatta Acharya (MBA) 9937313519, Faculty
Mrs Bishnupriya Mallick (MCA) 7327094482, Faculty

Visit: www.cime.ac.in

PRINCIPAL

OIPR-14087/11/0011/2526

Student Handbook, Fee Structure. and required documents for admission.



## ଆଜିର ରାଶିଫଳ

**ମେଷ:** କର୍ମଚଞ୍ଚଳ ରହିବେ । ମନ ଖୁସି ରହିବ । ସ୍ୱାସ୍ଥ୍ୟ ସମସ୍ୟା ଦେଖା ଦେଇପାରେ । ପ୍ରେମିକ ପ୍ରେମିକାଙ୍କ ଲାଗି ଦିନଟି ଉତ୍ତମ । ବ୍ୟବସାୟରୁ ଲାଭ ମିଳିବ । ଛାତ୍ରଛାତ୍ରୀ ଖେଳକୁଦରେ ସମୟ ଅତିବାହିତ କରିବେ ।

**ବୃଷ:** କଳା, ମନୋରଞ୍ଜନ ପ୍ରତି ଆଗ୍ରହ ବଢ଼ିବ । ପରିବାର ସହ କୌଣସି ଦୂର ସ୍ଥାନକୁ ଯାତ୍ରା କରିବେ । ପ୍ରେମ ମାମଲାରେ କିଛି ନୂଆ ନିଷ୍ପତ୍ତି ନେବେ । ପ୍ରିୟଜନଙ୍କଠାରୁ ଉପହାର ପାଇବେ ।

**ମିଥୁନ:** ବ୍ୟବସାୟ ଓ ଧାର୍ମିକ କାର୍ଯ୍ୟ ପାଇଁ ଅନୁକୂଳ ସମୟ । ବ୍ୟାୟାମ, ଯୋଗ, ଉଚ୍ଚଶିକ୍ଷା, ଧ୍ୟାନ ଆଦି ପ୍ରତି ରୁଚି ବଢ଼ିବ । ଜମି ବିବାଦ ମାମଲା ସମାଧାନ ହେବ । ସାମାଜିକ କାର୍ଯ୍ୟରେ ସାମିଲ ହେବେ ।

**କର୍କଟ:** କାର୍ଯ୍ୟ ସ୍ଥିତିରେ ସୁଧାର ଆସିଲେ ମଧ୍ୟ ସ୍ୱାସ୍ଥ୍ୟ ଭଲ ରହିବ ନାହିଁ । ଦାମ୍ପତ୍ୟ ଜୀବନ ଚିନ୍ତାଜନକ ହେବ । କୌଣସି ସ୍ଥାନକୁ ବୁଲିବାକୁ ଯାଆନ୍ତୁ । ବ୍ୟବସାୟରେ ଉନ୍ନତି ପରିଲକ୍ଷିତ ହେବ ।

**ସିଂହ:** ଦାମ୍ପତ୍ୟ ଜୀବନ ସୁଖମୟ ହେବ । କିଛି କ୍ଷେତ୍ରରେ ଅସଫଳ ରହିବେ । କାଳୀ ମା'ଙ୍କ ପୂଜା କରନ୍ତୁ । ନୂଆ ଯୋଜନା ପାଇଁ ଉପଯୁକ୍ତ ସମୟ । ଯୋଗ, ଏକ୍ସରସାଇଜ୍ ପ୍ରତି ଆଗ୍ରହ ପ୍ରକାଶ କରିବେ ।

**କନ୍ୟା:** ସ୍ୱାସ୍ଥ୍ୟକୁ ନେଇ ଚିନ୍ତାରେ ରହିବେ । ବିରୋଧୀଙ୍କଠାରୁ ଦୂରେଇ ରହିବେ । ପ୍ରେମିକ ପ୍ରେମିକାଙ୍କ ମଧ୍ୟରେ ଥିବା ଭୁଲ ବୁଝାମଣା ଦୂର ହେବ । ଛାତ୍ରଛାତ୍ରୀ ପ୍ରବେଶିକା ପରୀକ୍ଷାରେ ସଫଳ ହେବେ ।

**ତୁଳା:** ବ୍ୟବସାୟରୁ ଲାଭ ମିଳିବ । ପରିବାର ସଦସ୍ୟଙ୍କ ସହ ମତାନ୍ତର ଦୂର ହେବ । ଚାକିରିରେ ପଦୋନ୍ନତି ସମ୍ଭାବନା ଅଛି । ସନ୍ତାନଙ୍କ ସହଯୋଗ ପ୍ରାପ୍ତ ହେବ । ଧାର୍ମିକ ଯାତ୍ରା କରିପାରନ୍ତି ।

**ବିଛା:** ପୈତୃକ ସମ୍ପତ୍ତିକୁ ନେଇ ବିବାଦ ଦେଖା ଦେବ । କୋର୍ଟକଚେରୀ ମାମଲା ବିଜୟ ଲାଭ କରିବେ । ପ୍ରତିଯୋଗୀ ପରୀକ୍ଷାରେ କୃତକାର୍ଯ୍ୟ ହେବେ । ସନ୍ତାନଙ୍କ ସ୍ୱାସ୍ଥ୍ୟରେ ଉନ୍ନତି ଆସିବ ।

**ଧନୁ:** ପିଲାଙ୍କ ଶିକ୍ଷା ଓ ସ୍ୱାସ୍ଥ୍ୟ ଉପରେ ଅଧିକ ଖର୍ଚ୍ଚ କରିବାକୁ ପଡ଼ିପାରେ । ଭଲ କାର୍ଯ୍ୟ ଯୋଗୁଁ ସମାଜରେ ପ୍ରତିଷ୍ଠା ବଢ଼ିବ । ମନୋରଞ୍ଜନ କାର୍ଯ୍ୟରେ ନିଜକୁ ସାମିଲ କରିବେ ।

**ମକର:** ଦିନଟିରେ କର୍ମଚଞ୍ଚଳ ରହିବେ । ଧନ ବୃଦ୍ଧି ସହ ଅର୍ଥ ସଞ୍ଚୟ କରିବେ । ବ୍ୟବହାରରେ ପରିବର୍ତ୍ତନ ଆଣିବାକୁ ଚେଷ୍ଟା କରିବେ । ଦାମ୍ପତ୍ୟ ଜୀବନ ହସଖୁସିରେ କଟିବ । ନିବେଶ ପାଇଁ ଅନୁକୂଳ ସମୟ ।

**କୁମ୍ଭ:** ବ୍ୟବସାୟକୁ ମଜଭୁତ କରିବା ପାଇଁ ଅଧିକ ପ୍ରୟାସ କରିବାକୁ ହେବ । ସ୍ୱାସ୍ଥ୍ୟ ଭଲ ରହିବ । ଛାତ୍ରଛାତ୍ର ଦିନଚର୍ଯ୍ୟାରେ ପରିବର୍ତ୍ତନ ଆଣିବେ । ଅଫିସ୍ କାମରେ ବିଦେଶ ଯାତ୍ରା ଯୋଗ ରହିବ ।

**ମୀନ:** କାର୍ଯ୍ୟ ଆରମ୍ଭ ପାଇଁ ଅନୁକୂଳ ସମୟ । ମାନସିକ ସ୍ୱାସ୍ଥ୍ୟରେ ସୁଧାର ଆସିବ । ପରୀକ୍ଷାର୍ଥୀ ପରୀକ୍ଷାରେ ଭଲ ପ୍ରଦର୍ଶନ କରିବେ । ଅଫିସ୍‌ରେ ନୂଆ କାମ ଆରମ୍ଭ କରିବେ । ବିବାହ ପ୍ରସ୍ତାବ ଆସିବ ।

## ଆଜିର ଇତିହାସ

- ୧୫୯୭- ପୂର୍ବ ଏସିଆରୁ ଡଚ୍ ଇଷ୍ଟ ଇଣ୍ଡିଆ କମ୍ପାନି ତା'ର ପ୍ରଥମ ଜାହାଜ ଫେରାଇ ନେଲା ।
- ୧୬୪୧- ଇଂଲଣ୍ଡ ଓ ସ୍କଟ୍‌ଲାଣ୍ଡ ମଧ୍ୟରେ ଶାନ୍ତି ବୁଝାମଣା ।
- ୧୯୨୧- କେରଳର ମାଲାବାରରେ ମୋପଲା ବିଦ୍ରୋହ ଆରମ୍ଭ ।
- ୧୯୭୯- ପ୍ରଧାନମନ୍ତ୍ରୀ ଚୌଧୁରୀ ଚରଣ ସିଂହ ତାଙ୍କ ପଦବୀରୁ ଇସ୍ତଫା ଦେଲେ ।
- ୨୦୧୧- ଐତିହାସିକ ରାମଶରଣ ଶର୍ମାଙ୍କ ବିୟୋଗ ।
- ୨୦୧୨- ଭେନେଜୁଏଲାର ରାଜଧାନୀ କାରାକସ୍‌ରେ ଦଙ୍ଗା ଯୋଗୁ ୨୦ ଜଣ ଲୋକଙ୍କ ପ୍ରାଣହାନି ।

# ସଦ୍‌ଭାବନା ଦିବସ



ପୂର୍ବତନ ପ୍ରଧାନମନ୍ତ୍ରୀ ସ୍ୱର୍ଗତ ରାଜୀବ ଗାନ୍ଧୀଙ୍କ ସ୍ମୃତିରେ ଦେଶରେ ଶାନ୍ତି, ଜାତୀୟ ସଂହତି ଓ ସାଂପ୍ରଦାୟିକ ସଦ୍‌ଭାବ ଅକ୍ଷୁଣ୍ଣ ରଖିବା ଉଦ୍ଦେଶ୍ୟରେ ପ୍ରତିବର୍ଷ ତାଙ୍କ ଜନ୍ମତିଥି ଅଗଷ୍ଟ ୨୦ ତାରିଖକୁ ସଦ୍‌ଭାବନା ଦିବସ ଭାବେ ପାଳନ କରାଯାଏ । ରାଜୀବଙ୍କ ଚିନ୍ତାଧାରା ଓ ଇଚ୍ଛାକୁ ସମ୍ମାନ ଜଣାଇ ତାଙ୍କ ଜନ୍ମ ଦିବସକୁ ୨୦୦୮ ମସିହାଠାରୁ ସଦ୍‌ଭାବନା ଦିବସ ଭାବେ ପାଳନ କରାଯିବା ଲାଗି ନିଷ୍ପତ୍ତି ନିଆଯାଇଥିଲା । ରାଜୀବ ଗାନ୍ଧୀ ୧୯୪୪ ମସିହା ଆଜିର ଦିନରେ ଜନ୍ମଗ୍ରହଣ କରିଥିଲେ । ରାଜନୀତିରେ ଯୋଗଦେବା ପୂର୍ବରୁ ରାଜୀବ ଜଣେ ପେସାଦାର ପାଇଲଟ୍ ଥିଲେ । ୧୯୮୪ ମସିହା ଅକ୍ଟୋବର ମାସରେ ଇନ୍ଦିରା ଗାନ୍ଧୀଙ୍କୁ ହତ୍ୟା କରାଯିବା ପରେ ସାରା ଦେଶରେ ଏକପ୍ରକାର ବିଷାଦର ଛାୟା ଖେଳିଯାଇଥିଲା । ଲୋକମାନେ ଏପରି ପରିସ୍ଥିତିରୁ ବାହାରିବା ପାଇଁ ଚେଷ୍ଟା କରୁଥିଲେ ଏବଂ ସେ ସମୟରେ ଲୋକସଭା ନିର୍ବାଚନର ଫଳାଫଳ କଂଗ୍ରେସ ପକ୍ଷରେ ଆସିଥିଲା । ଦେଶବାସୀ ରାଜୀବ ଗାନ୍ଧୀଙ୍କୁ ଇନ୍ଦିରା ଗାନ୍ଧୀଙ୍କ ଉତ୍ତରାଧିକାରୀ ତଥା ପ୍ରଧାନମନ୍ତ୍ରୀ ଭାବେ ବାଛିଥିଲେ । ୪୦ ବର୍ଷ ବୟସରେ ପ୍ରଧାନମନ୍ତ୍ରୀ ପଦ ସମ୍ଭାଳି ସେ ଦେଶର ସବୁଠାରୁ କମ୍ ବୟସ୍କ ପ୍ରଧାନମନ୍ତ୍ରୀ ପାଲଟିଥିଲେ । ରାଜୀବ ପ୍ରଧାନମନ୍ତ୍ରୀ ହେବା ପରେ ୫ ବର୍ଷରେ ଅନେକ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ହାତକୁ ନେଇଥିଲେ । ନିର୍ବାଚନରେ ମତଦାନ କରିବାର ବୟସ ସୀମାକୁ ୨୧ବର୍ଷରୁ ୧୮ ବର୍ଷକୁ କମାଇବା ହେଉ କି ପଞ୍ଚାୟତିରାଜ ମାଧ୍ୟମରେ ଶାସନର ବିକେନ୍ଦ୍ରୀକରଣ ଦ୍ୱାରା ଯୁବକ ଆଉ ମହିଳାମାନଙ୍କୁ ଶାସନକଳର ଅଭିନ୍ନ ଅଙ୍ଗ ଭାବେ ସ୍ଥାପିତ କରିବାର ସମସ୍ତ ଶ୍ରେୟ ରାଜୀବ ଗାନ୍ଧୀଙ୍କୁ ଯାଏ । ଦେଶର କମ୍ପ୍ୟୁଟରାଇଜେସନ୍ ଏବଂ ଟେଲିକମ୍ୟୁନିକେସନ୍ କ୍ରାନ୍ତିର ଶ୍ରେୟ ତାଙ୍କୁ ଯାଏ । ୧୯୮୪ ଅକ୍ଟୋବର ୩୧ରୁ ୧୯୮୯ ଡିସେମ୍ବର ୨ ପର୍ଯ୍ୟନ୍ତ ସେ ପ୍ରଧାନମନ୍ତ୍ରୀ ଭାବେ କାର୍ଯ୍ୟ କରିଥିଲେ । ୧୯୯୧ ମେ' ୨୧ରେ ତାମିଲନାଡୁର ଶ୍ରୀପେରୁମ୍ବୁଦୁରଠାରେ ନିର୍ବାଚନ ପ୍ରଚାର ସମୟରେ ଏଲ୍‌ଟିଟିଇର ଆତ୍ମଘାତୀ ବୋମା ବିସ୍ଫୋରଣରେ ତାଙ୍କର ପ୍ରାଣହାନି ଘଟିଥିଲା ।

# ବିଶ୍ୱ ମଶା ଦିବସ

ପ୍ରତିବର୍ଷ ଅଗଷ୍ଟ ୨୦ ତାରିଖକୁ ବିଶ୍ୱ ମଶା ଦିବସ ଭାବେ ପାଳନ କରାଯାଏ । ମଶା ଦ୍ୱାରା ହେଉଥିବା ରୋଗ ବିଷୟରେ ସଚେତନତା ସୃଷ୍ଟି କରିବା ପାଇଁ ମଶା ଦିବସ ପାଳନ କରାଯାଏ । ତେବେ ଏହି ଦିବସ ପାଳନ କରିବାର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ମଶା ଠାରୁ ଦୂରେଇ ରହିବା ଏବଂ ଏହାଦ୍ୱାରା ହେଉଥିବା ରୋଗ ବିଷୟରେ ଲୋକଙ୍କୁ ଅବଗତ କରିବା । ୧୮୯୭ ଅଗଷ୍ଟ ୨୦ରେ ସାର୍ ରୋନାଲ୍‌ଡ ରସ୍ ମାଇ ଏନୋଫିଲିସ୍ ମଶା କାମୁଡ଼ିଲେ ହିଁ ମ୍ୟାଲେରିଆ ରୋଗ ହୋଇଥାଏ ବୋଲି ଆବିଷ୍କାର କରିଥିଲେ । ଏହି ତଥ୍ୟ ଆବିଷ୍କାର ପାଇଁ ତାଙ୍କୁ ୧୯୦୨ ମସିହାରେ ସମ୍ମାନଜନକ ନୋବେଲ ପୁରସ୍କାର ମିଳିଥିଲା । ତାଙ୍କ ଅବଦାନକୁ ମନେ ପକାଇବା ପାଇଁ ବିଶ୍ୱ ମଶା ଦିବସ ପାଳନ କରାଯାଉଛି । ମଣିଷ ପାଇଁ ବିଶ୍ୱର ସବୁଠାରୁ ବିପଜ୍ଜନକ କୀଟ ହେଉଛି ମଶା । ସାରା ବିଶ୍ୱ ଏହାର ବାସସ୍ଥାନ । ମାଈ ମଶାଙ୍କ ମାଧ୍ୟମରେ ମାଲେରିଆ, ଚିକନଗୁନିଆ, ଡେଙ୍ଗୁ, ଜିକା ଭଳି ଏକାଧିକ ରୋଗ ବ୍ୟାପିଥାଏ । ଠିକ୍ ସମୟରେ ଚିକିତ୍ସା କରା ନ ଗଲେ ଏଥିଯୋଗୁଁ ମଣିଷଙ୍କ ପ୍ରାଣ ଯାଉଛି । ଘର ଆଖପାଖରେ ପାଣି ଜମି ରହିଲେ ମଶା ସଂଖ୍ୟା ବୃଦ୍ଧି ପାଏ । ମଶାଜନିତ ରୋଗରୁ ରକ୍ଷା ପାଇବା ପାଇଁ ଘର ଚାରିପଟକୁ ସଫାସୁତୁରା ରଖିବା ସହ ପାଣି ଜମା ହେବାକୁ ଦେବା ଉଚିତ୍ ନୁହେଁ । ସବୁଠୁ ବଡ଼ କଥା ହେଉଛି ରାତିରେ ଶୋଇବାବେଳେ ମଶାରି ଟାଣି ଶୋଇବା ଉଚିତ ।



# ଜାନୁୟାରୀ ୨୨ରେ 'ବର୍ଡର-୨'



ବଲିଉଡ୍ ଅଭିନେତା ସନ୍ନି ଦେଓଲଙ୍କ ଅଭିନୀତ 'ବର୍ଡର-୨'ର ଫାଷ୍ଟ ଲୁକ୍‌କୁ ସ୍ୱାଧୀନତା ଦିବସ ଅବସରରେ ଜାରି କରାଯାଇଛି । ଏହାସହ ଫିଲ୍ମର ରିଲିଜ୍ ଡେଟ୍ ମଧ୍ୟ ସାମ୍ନାକୁ ଆସିଛି । ସନ୍ନିଙ୍କ ଏହି ଫିଲ୍ମ ଜାନୁଆରୀ ୨୨, ୨୦୨୬ରେ ଆସିବ । ସନ୍ନି ସାମାଜିକ ଗଣମାଧ୍ୟମରେ ଏହାର ମୋସନ୍ ପୋଷ୍ଟର୍ ଜାରି କରି ଲେଖିଛନ୍ତି-'ହିନ୍ଦୁସ୍ତାନ ପାଇଁ ପୁଣି ଥରେ ଲଢ଼ିବୁ... ପୁଣି ଏକ ଯୁଦ୍ଧ ! 'ବର୍ଡର-୨' ୨୨ ଜାନୁଆରୀ, ୨୦୨୬ରେ ସିନେମା ହଲ୍‌କୁ ଆସିବ । 'ପୋଷ୍ଟର୍‌ରେ ସନ୍ନି ଶତ୍ରୁ ପକ୍ଷ ଉପରେ ଆକ୍ରମଣ ପାଇଁ ପ୍ରସ୍ତୁତ ଥିବା ଦେଖାଯାଇଛି । ଆଖିରେ କ୍ରୋଧ ସ୍ପଷ୍ଟ ବାରି ହୋଇ ପଡ଼ୁଛି । ସନ୍ନି ଏଥିରେ ସେନା ପୋଷାକରେ ନଜର ନଜର ଆସିଛନ୍ତି । ପୂର୍ବରୁ ଏହା ଆସନ୍ତା ବର୍ଷ ଜାନୁଆରୀ ୨୩ରେ ରିଲିଜ୍ ହେବ ବୋଲି କୁହାଯାଉଥିଲା । ଏବେ ପୋଷ୍ଟର୍‌ରୁ ନୂଆ ରିଲିଜ୍ ଦିନ ସାମ୍ନାକୁ ଆସିଛି । ଏହାର ନିର୍ଦ୍ଦେଶନା ଦାୟିତ୍ୱରେ ଅନୁରାଗ ସିଂହ ଅଛନ୍ତି । ଭୂଷଣ କୁମାର ଓ ଜେପି ଦତ୍ତା ଏହାର ପ୍ରଯୋଜନା ଦାୟିତ୍ୱରେ ଅଛନ୍ତି । ଏଥିରେ ସନ୍ନିଙ୍କ ବ୍ୟତୀତ ଦିଲଜିତ୍ ଦୋସାଞ୍ଜ, ବରୁଣ ଧୱନ୍, ଅହାନ୍ ସେଟ୍ଟୀ ଲିଡ୍ ରୋଲରେ ନଜର ଆସିବେ । ଏଠାରେ ପ୍ରକାଶ ଥାଉ କି, 'ବର୍ଡର-୨' ୧୯୯୭ରେ ଆସିଥିବା ଜେପି ଦତ୍ତାଙ୍କ ଫିଲ୍ମ 'ବର୍ଡର'ର ସିକ୍ୱେଲ ।

## ଆଜି ବାହୁଡ଼ିଥିଲେ

# କାଳଜୟୀ କଥାଶିଳ୍ପୀ ଗୋପୀନାଥ ମହାନ୍ତି



ଆଧୁନିକ ଓଡ଼ିଆ ସାହିତ୍ୟ ଜଗତର ଅନ୍ୟତମ ପ୍ରଭାବଶାଳୀ ଔପନ୍ୟାସିକ ଥିଲେ ଗୋପୀନାଥ ମହାନ୍ତି । ଜଣେ ଔପନ୍ୟାସିକ ଓ ଗାଳ୍ପିକ ସମେତ କବି, ଗବେଷକ, ଅନୁବାଦକ, ଭାଷାବିତ୍ ଓ ପ୍ରାବନ୍ଧିକ ଭାବରେ ସେ ସାହିତ୍ୟର ବିଭିନ୍ନ ବିଭାଗକୁ ପରିପୁଷ୍ଟ କରିଛନ୍ତି । ୧୯୧୪ ମସିହା ଅପ୍ରେଲ୍ ୨୦ ତାରିଖରେ କଟକ ଜିଲ୍ଲାର ମହାନଦୀ କୂଳର ଏକ ଛୋଟିଆ ଗ୍ରାମ ନାଗବାଲିରେ ଗୋପୀନାଥଙ୍କର ଜନ୍ମ ହୋଇଥିଲା । ବିଚକ୍ଷଣ ପ୍ରତିଭାସମ୍ପନ୍ନ ଗୋପୀନାଥଙ୍କର ପିଲାଦିନରୁ ସାହିତ୍ୟ ପ୍ରତି ରୁଚି ଥିଲା । ୧୯୩୬ରେ ପାଟନା ବିଶ୍ୱବିଦ୍ୟାଳୟରୁ ଇଂରାଜୀରେ ସ୍ନାତକୋତ୍ତର ଶେଷ କଲାପରେ ଗୋପୀନାଥ ଓଡ଼ିଶା ପ୍ରଶାସନିକ ସେବାରେ ଯୋଗ ଦେଇଥିଲେ । ୧୯୪୦ରେ ତାଙ୍କର ନିଯୁକ୍ତି ହୁଏ ଆଦିବାସୀ ଅଧ୍ୟୁଷିତ କୋରାପୁଟ ଜିଲ୍ଲାରେ । ସେଠାରେ ସେ କନ୍ଧ, କୁଇ, ସଉରା, ପରଜା ସମ୍ପ୍ରଦାୟର ଭାଷା ଓ ସଂସ୍କୃତି ସଂସ୍ପର୍ଶରେ ଆସନ୍ତି । ଆଦିବାସୀ ଜୀବନ ଆଧାରିତ 'ଦାଦିବୁଢ଼ା', 'ପରଜା', 'ଅମୃତର ସନ୍ତାନ' ଆଦି ଉପନ୍ୟାସ ରଚନା କରି ସେ କେବଳ ଯଶସ୍ୱୀ ହୋଇନାହାନ୍ତି; ଆଦିବାସୀ ଜୀବନ ଓ ସମାଜର ନିଛକ, ମାର୍ମିକ, ଦୁର୍ଲଭ ଚିତ୍ରକୁ ପାଠକଙ୍କ ସହ ପରିଚିତ କରାଇଛନ୍ତି । ତାଙ୍କ ଲେଖନୀରେ ସୃଷ୍ଟି ହୋଇଛି 'ହରିଜନ', 'ଦାନାପାଣି', 'ଲୟବିଲୟ', 'ମାଟିମଟାଳ' ଆଦି କାଳଜୟୀ ଉପନ୍ୟାସ । 'ଛାଇ ଆଲୁଅ', 'ଉଡ଼ନ୍ତା ଖଇ', 'ଶରଶଯ୍ୟା' ଆଦି ଗଳ୍ପ ସଂକଳନ, 'ଧୂଳିମାଟିର ସନ୍ଥ', 'ଉତ୍କଳମଣି' ଆଦି ଜୀବନୀ ଏବଂ 'ସ୍ରୋତସ୍ୱତୀ' ଆତ୍ମଜୀବନୀ ରଚନା କରି ସେ ସାହିତ୍ୟର ପ୍ରମୁଖ ବିଭାଗରେ ଛାଡ଼ିଯାଇଛନ୍ତି ବଳିଷ୍ଠ ସ୍ୱାକ୍ଷର । 'ଅମୃତର ସନ୍ତାନ' ଉପନ୍ୟାସ ପାଇଁ ସେ ସର୍ବପ୍ରଥମେ କେନ୍ଦ୍ର ସାହିତ୍ୟ ଏକାଡେମି ପୁରସ୍କାର ପାଇଥିଲେ । ପ୍ରଥମ ଓଡ଼ିଆ ଭାବେ 'ମାଟି ମଟାଳ' ପାଇଁ ୧୯୭୩ରେ ସେ ସମ୍ମାନଜନକ 'ଜ୍ଞାନପୀଠ ପୁରସ୍କାର'ର ଅଧିକାରୀ ହୋଇଥିଲେ । ସାହିତ୍ୟ କ୍ଷେତ୍ରକୁ ତାଙ୍କର ଅବଦାନ ପାଇଁ ୧୯୭୬ ମସିହାରେ ସମ୍ବଲପୁର ବିଶ୍ୱବିଦ୍ୟାଳୟରୁ ଡିଲିଟ୍ ଡିଗ୍ରୀ, ୧୯୭୯ ମସିହାରେ ୟୁ.ଜି.ସି. ଫେଲୋସିପ୍ ସହ ୧୯୮୧ ମସିହାରେ ଭାରତ ସରକାରଙ୍କ ପକ୍ଷରୁ ପଦ୍ମଭୂଷଣ ପ୍ରଦାନ କରାଯାଇଥିଲା । ୧୯୯୧ ମସିହା ଆଜିର ଦିନରେ ସେ ଇହଲୀଳା ସମ୍ବରଣ କରିଥିଲେ ।

# ସମ୍ଭାବନା



## ଯୁବପିଢ଼ିଙ୍କ ସହ ଆଲୋଚନା



**ବର୍ତ୍ତମାନ ଯୁବପିଢ଼ିଙ୍କ ସହ ଯୋଗାଯୋଗ ବା କଥାବାର୍ତ୍ତା କରିବା ସମସ୍ତଙ୍କ ପକ୍ଷେ ସହଜ ହୋଇ ନ ଥାଏ । ସେମାନଙ୍କ ସହ କଥା ହେବା ପାଇଁ ସେମାନେ କ'ଣ ଚାହୁଁଛନ୍ତି, ସେକଥା ଜାଣିବା ଜରୁରି ।**

ଯୁବପିଢ଼ିଙ୍କ ସହ ଆଲୋଚନା କରିବା ଲାଗି ସେମାନଙ୍କ ଶବ୍ଦ ଓ ଭାଷାକୁ ପ୍ରୟୋଗ କରନ୍ତୁ । ଏଇ ଯେମିତି 'କୁଲ୍', 'ଆମେଜିଂ', 'ଭାଇରାଲ' ଆଦି ଅନ୍ୟ ଶବ୍ଦ ବ୍ୟବହାର କରିପାରିବେ । ଏହାଦ୍ୱାରା ଅନ୍ୟମାନେ ସେମାନଙ୍କଠାରୁ ଅଲଗା ନୁହନ୍ତି ବୋଲି ସେମାନେ ଭାବନ୍ତି । ସେହିପରି ସେମାନଙ୍କୁ କେବଳ ଥିଓରି ଶିଖାନ୍ତୁ ନାହିଁ । କୌଣସି ସଫଳ ବ୍ୟକ୍ତିଙ୍କ କାହାଣୀ କୁହନ୍ତୁ । ବିଶେଷକରି ସଂଘର୍ଷ କରି ସଫଳତା ମିଳିଥିବା ବ୍ୟକ୍ତିବିଶେଷଙ୍କ ଉଦାହରଣ ଦିଅନ୍ତୁ । ସେହିପରି କଠିନ ପରିଶ୍ରମ ଓ ମନୋବଳ ଦ୍ୱାରା ସ୍ୱପ୍ନ ପୂରଣ ହୁଏ, ସେକଥା ବୁଝାନ୍ତୁ । ପ୍ରତ୍ୟେକ ବ୍ୟକ୍ତିଙ୍କ ପାଖରେ କିଛି ଖାସ୍ କଥା ଥିବା ମଧ୍ୟ ସେମାନଙ୍କୁ କହିପାରିବେ । କେବଳ ସେତିକି ନୁହେଁ, ଅସଫଳତା ତଥା ନିଜ ଭୁଲ୍‌ରୁ ଶିଖିବା ଲାଗି ପ୍ରେରିତ କରାନ୍ତୁ । କେବଳ ନିଜ କଥା ନ କହି, ସେମାନଙ୍କୁ କଥା କହିବାକୁ ସୁଯୋଗ ଦିଅନ୍ତୁ । ସେମାନଙ୍କ ସ୍ୱପ୍ନ ଓ ଦୁର୍ବଳତା ପଚାରି ବୁଝନ୍ତୁ । ଅନ୍ୟପଟେ ସେମାନଙ୍କୁ ଶୁଣିବା ଦ୍ୱାରା ସେମାନଙ୍କୁ ଲାଗିବ, ସେମାନଙ୍କ କଥା ଶୁଣିବା ଲାଗି କେହି ସେମାନଙ୍କ ପାଖରେ ଅଛନ୍ତି ।

## କେମିତି କହିବେନି ମିଛ

**କିଛି ଲୋକ ଏଭଳି ଅଛନ୍ତି, ଯେଉଁମାନଙ୍କ ଅଭ୍ୟାସ ପ୍ରତି କଥାରେ ଅନ୍ୟକୁ ମିଛ କହିବା । କାରଣ ଭୁଲ୍ କରି ସତ କହିଲେ ଦଣ୍ଡ ମିଳିବା ଭାବି ଅନେକ ମିଛ କହନ୍ତି । ତେବେ ଏହି ମିଛ କହିବା ଉତ୍ତମ ବ୍ୟକ୍ତିତ୍ୱର ସ୍ୱଭାବ ହୋଇ ନ ଥାଏ । ମିଛ କହିବା ଅଭ୍ୟାସରୁ କିଭଳି ନିଜକୁ ବାହାର କରିବେ, ସେ ସମ୍ପର୍କରେ ଜାଣିବା ।**

- ଛୋଟ ମୋଟ କଥାରେ ସତ କହିବାକୁ ଚେଷ୍ଟା କରନ୍ତୁ । ବାରମ୍ବାର ସତ କହିଲେ, ଏହା ଅଭ୍ୟାସରେ ପରିଣତ ହୋଇଯାଏ ଏବଂ ମିଛ କହିବାକୁ ପଡ଼େ ନାହିଁ ।
- କୌଣସି ଭୁଲ୍ କଲେ, ତାହାକୁ ସ୍ୱୀକାର କରନ୍ତୁ । ଭୁଲକୁ ସ୍ୱୀକାର କରିବା ଦ୍ୱାରା ଆଉ ମିଛ କହିବାକୁ ପଡ଼େ ନାହିଁ ।
- କିଛି କହିବା ପୂର୍ବରୁ ଚିନ୍ତା କରନ୍ତୁ । ଏହାଦ୍ୱାରା ଅନ୍ୟକୁ କଥା ଦେଇ ରଖି ନ ପାରିବା ଜାଣିପାରିବେ ।
- ମନରୁ ଦୃଢ଼ ନିଶ୍ଚୟ ହୁଅନ୍ତୁ, ସବୁବେଳେ ସଚ୍ଚୋଟ ରହିବା ଦ୍ୱାରା ମିଛ କହିବାକୁ ପଡ଼ି ନ ଥାଏ ।
- ଅନେକ ସମୟରେ ବହୁ ଲୋକ ଅସହଜ ଲାଗୁଥିବା ପ୍ରଶ୍ନର ଉତ୍ତରରେ ମିଛ କହିଥାନ୍ତି । ଯଦି କୌଣସି ବିଷୟରେ କିଛି କହିବାକୁ ଚାହୁଁ ନାହାନ୍ତି, ଏ ବିଷୟରେ ଆଲୋଚନା କରିବାକୁ ଚାହୁଁ ନ ଥିବା ସ୍ପଷ୍ଟ ଭାବେ କୁହନ୍ତୁ ।
- ଭାବବିହ୍ୱଳ ହୋଇ ବି ମଣିଷ ବେଳେ ବେଳେ ମିଛ କହେ । ତେଣୁ ନିଜ ଭାବନାକୁ ବୁଝିବାକୁ ଚେଷ୍ଟା କରନ୍ତୁ । ଏହା ଦ୍ୱାରା ମିଛ କହିବାକୁ ପଡ଼ିବ ନାହିଁ ।
- ମିଛ କହିବା ଅଭ୍ୟାସ ଛାଡ଼ି ହେବ ନାହିଁ ଭାବୁଥିଲେ, ନିଜ ଲୋକଙ୍କ ସହ ଏ ବିଷୟରେ ଆଲୋଚନା କରନ୍ତୁ । ଏହାଦ୍ୱାରା ସେମାନେ ଏହି ଅଭ୍ୟାସରୁ ବାହାରିବାରେ ସାହାଯ୍ୟ କରିବେ ।



## ଆକର୍ଷଣୀୟ କ୍ୟାରିୟର ବିକଳ୍ପ ଏଆଇ ଗବେଷକ

**ବର୍ତ୍ତମାନ ସମୟରେ ଏଆଇ ଗବେଷକ ହେଉଛି ଏକ ଆକର୍ଷଣୀୟ ଓ ସୁନ୍ଦର କ୍ୟାରିୟର ବିକଳ୍ପ । ସମ୍ପ୍ରତି ଏଆଇ ଗବେଷକଙ୍କୁ ବଡ଼ ବଡ଼ ଟେକ୍ କମ୍ପାନି ହଜାରେ କୋଟି ଟଙ୍କାରୁ ଅଧିକ ପ୍ୟାକେଜ୍ ଅଫର୍ କରୁଛନ୍ତି । ମେଟା ଏଆଇ ବିଶେଷଜ୍ଞଙ୍କୁ କୋଟିଏ ଟଙ୍କା ପ୍ୟାକେଜ୍ ପ୍ରଦାନ କରି ନିଜ ଟିମ୍‌ରେ ସାମିଲ କରୁଛି । ତେବେ ଏଆଇ ଗବେଷକ ଜଣେ କିଭଳି ହେବେ, ଜାଣିବା ସେ ସମ୍ପର୍କରେ ।**

ଏଆଇ ଗବେଷକ ହେବା ଲାଗି ଗଣିତ, କମ୍ପ୍ୟୁଟର ସାଇନ୍ସ, ଷ୍ଟାଟିଟିକ୍ସ ଏବଂ ଲଜିକ୍‌ରେ ଗଭୀର ଜ୍ଞାନ ରହିବା ଜରୁରି । ସେହିପରି ଅଧିକାଂଶ ଏଆଇ ଗବେଷକ ବି.ଟେକ୍/ବିଇ (କମ୍ପ୍ୟୁଟର ସାଇନ୍ସ) ବା ଗଣିତରେ ଗ୍ରାଜୁଏସନ ଡିଗ୍ରୀ କରିଥାନ୍ତି । ଏହାପରେ ସେମାନେ ଏମ୍.ଟେକ୍, ଏମ୍‌ଏସ୍ ବା ପିଏଚ୍‌ଡି କରିଥାନ୍ତି । ବିଶେଷକରି ମେସିନ୍ ଲର୍ଣ୍ଣିଂ, ଡିପ୍ ଲର୍ଣ୍ଣିଂ, ରୋବଟିକ୍ସ, ନ୍ୟୁରୋସାଇନ୍ସ କ୍ଷେତ୍ରରେ ସେମାନଙ୍କ ଭଲ ଜ୍ଞାନ ଥାଏ । ଏହି ଗବେଷକମାନେ ପ୍ରତିଷ୍ଠିତ ଏଆଇ କନଫରେନ୍ସରେ ନିଜ ପେପର୍ ପବ୍ଲିସ୍ କରିଥାନ୍ତି । ଏଆଇ ଗବେଷକ ଅନେକ ଥର ଗିଟ୍‌ହବ୍ ପ୍ଲାଟ୍‌ଫର୍ମରେ ଓପନ ସୋର୍ସ ଟୁଲ୍ ତିଆରି କରି ନିଜ ଦକ୍ଷତା ଦେଖାଇ ଥାନ୍ତି । ଗୁଗଲ୍ ଡିପ୍ ମାଇଣ୍ଡ, ଓପନ୍ ଏଆଇ, ମେଟା ଏଆଇ ଭଳି ସଂସ୍ଥାନରେ ଇଣ୍ଟର୍ଣ୍ଣସିପ୍ କରି ଅଭିଜ୍ଞତା ହାସଲ କରନ୍ତି । ଏହାପରେ ଉଚ୍ଚ ବେତନଯୁକ୍ତ ଦରମା ପାଇଁ ଆବେଦନ କରିଥାନ୍ତି । ଏହାବାଦ୍ କୃତ୍ରିମ ବୁଦ୍ଧିମତା ଉପରେ ସେମାନଙ୍କ ଭଲ ଦକ୍ଷତା ରହିଥାଏ । ଏ ଲାଗି ଭିନ୍ନ ଭିନ୍ନ ପ୍ରକାର କୋର୍ସ କରିଥାନ୍ତି ।

## ପରୀକ୍ଷାରେ ସଫଳତା ପାଇଁ ଏଥିରେ...

ଆଜିକାଲି ପ୍ରବେଶିକା ପରୀକ୍ଷା ଲାଗି ପିଲାମାନେ ଖୁବ୍ ପରିଶ୍ରମ କରୁଛନ୍ତି । କୋଚିଂ ନେବା ତଥା ପରୀକ୍ଷାରେ କଠିନ ପରିଶ୍ରମ କରିବା ସତ୍ତ୍ୱେ ମଧ୍ୟ କେତେକ ପରୀକ୍ଷାର୍ଥୀଙ୍କୁ ହତାଶ ହେବାକୁ ପଡ଼ିଥାଏ । ଏପରିକି ପରୀକ୍ଷାରେ ସେମାନଙ୍କୁ ଆଶାନୁରୂପ ଫଳ ମିଳି ନ ଥାଏ । ପ୍ରଶ୍ନ ଉଠୁଛି, ସବୁଠୁ ଭଲ କୋଚିଂ କ୍ଲାସ୍‌ରେ ପଢ଼ିବା ପରେ ମଧ୍ୟ ପିଲାଟିଏ ପରୀକ୍ଷାରେ କେଉଁ କାରଣ ପାଇଁ କୃତକାର୍ଯ୍ୟ ହୋଇପାରି ନ ଥାନ୍ତି, ସେ ସମ୍ପର୍କରେ ଜାଣିବା ଦରକାର ।



- ପ୍ରବେଶିକା ପରୀକ୍ଷା ଦେଉଥିଲେ ପରୀକ୍ଷାର୍ଥୀଙ୍କୁ ଏ କଥା ଜାଣିବା ଜରୁରି, ସେମାନେ ସୀମିତ ସମୟରେ କୌଣସି ପରୀକ୍ଷା ପାଇଁ ପ୍ରସ୍ତୁତି କରୁଛନ୍ତି ।
- କିଛି ପିଲା କୋଚିଂ କ୍ଲାସ୍ ସହିତ ସଫଳତା ପାଇଁ ଆବଶ୍ୟକ ପରିଶ୍ରମ, ଅନୁଶାସନ ଉପରେ ଦୃଷ୍ଟି ଦେଇ ନ ଥାନ୍ତି । ସେଥିପାଇଁ ପ୍ରଥମେ ନିଜର ମୂଲ୍ୟାଙ୍କନ କରିବା ଦରକାର ।
- ଧୀରେ ଧୀରେ ନିଜର ବିକାଶ ପାଇଁ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବା ଆବଶ୍ୟକ ।
- ନିୟମିତ କୋଚିଂ କ୍ଲାସ୍‌ରେ ସାମିଲ ନ ହେବା ମଧ୍ୟ ଅସଫଳତାର ଅନ୍ୟତମ କାରଣ ।
- ଅନେକ କୋଚିଂ ସେଣ୍ଟର ପିଲାଙ୍କର ଫଲୋଅପ୍ କରିଥାନ୍ତି । ଯାହାକୁ ପରୀକ୍ଷାର୍ଥୀ ଠିକ୍ ଭାବେ ଉପଯୋଗ କରି ନ ଥାନ୍ତି ।
- ସେଥିପାଇଁ ପିଲାଙ୍କୁ କୋଚିଂର ଫଲୋଅପ୍ ଉପରେ ଦୃଷ୍ଟି ଦେବା ଦରକାର ।

## ଏସିଆ କପ୍ ଭାରତୀୟ ଦଳରେ ସ୍ଥାନ ପାଇଲେନି ଜୟସ୍ୱାଲ, ଆୟର ଓ ସୁନ୍ଦର

# ବୁମ୍ରା ସାମିଲ୍, ଗିଲ୍ ଉପଅଧିନାୟକ

ମୁମ୍ବଇ,୧୯।୮ (ଏଜେନ୍ସି):

ସମସ୍ତ କଳ୍ପନା ଜଳ୍ପନାର ଅବସାନ ଘଟାଇ ଭାରତୀୟ ଚୟନ କମିଟି ଏସିଆ କପ୍ ଲାଗି ଘୋଷିତ ଦଳରେ ଟେଷ୍ଟ ଅଧିନାୟକ ଶୁବମନ ଗିଲ୍ ଓ ଫାଷ୍ଟ ବୋଲର ଯଶପ୍ରୀତ୍ ବୁମ୍ରାଙ୍କୁ ସାମିଲ କରାଯାଇଛି। ଇଂଲଣ୍ଡ ବିପକ୍ଷ ଟେଷ୍ଟ ସିରିଜ୍‌ରେ ସମସ୍ତଙ୍କ ଆଶାକୁ ଅତିକ୍ରମ କରି ସଫଳତା ପାଇଥିବା ଗିଲ୍‌ଙ୍କୁ କେବଳ ଦଳରେ ସାମିଲ କରାଯାଇନାହିଁ, ବରଂ ତାଙ୍କୁ ଅକ୍ଷର ପଟେଲଙ୍କ ସ୍ଥାନରେ ଦଳର ଉପଅଧିନାୟକ ମନୋନୀତ କରାଯାଇଛି। ସୂର୍ଯ୍ୟକୁମାର ଯାଦବଙ୍କ ନେତୃତ୍ୱରେ ଘୋଷିତ ୧୫ ଜଣିଆ ଦଳରେ ଅଭିଷେକ ଶର୍ମା ଓ ସଞ୍ଜୁ ସାମସନ ଦୁଇଜଣ ଓପନର ସାମିଲ ହୋଇଛନ୍ତି। ଗିଲ୍‌ଙ୍କୁ ଉପଅଧିନାୟକ ଘୋଷଣା କରାଯିବା ପରେ ସେ ଏବେ ଓପନିଂରୁ ଗୋଟିଏ ସ୍ଥାନରେ ଖେଳିବେ ବୋଲି ଆଶା କରାଯାଉଛି। ଇଂଲଣ୍ଡରେ ଗିଲ୍ ଯେପରି ଦଳର ନେତୃତ୍ୱ ନେବା ସହ ବ୍ୟାଟିଂ କଲେ ତାହା ଆମ ସମସ୍ତଙ୍କର ଆଶାକୁ ଅତିକ୍ରମ କରିଛି ବୋଲି ଚୟନ କମିଟି ଅଧ୍ୟକ୍ଷ ଅଜିତ ଅଗରକର କହିଛନ୍ତି।

କିନ୍ତୁ ଅନ୍ୟତମ ଓପନର ଯଶସ୍ୱୀ ଜୟସ୍ୱାଲ, ଆଇପିଏଲ୍‌ରେ ଶ୍ରେଷ୍ଠ ପ୍ରଦର୍ଶନ କରିଥିବା ଶ୍ରେୟସ ଆୟର ଓ ଇଂଲଣ୍ଡ ବିପକ୍ଷ ଟେଷ୍ଟ ସିରିଜ୍‌ରେ ଉତ୍ସାହଜନକ ପ୍ରଦର୍ଶନ କରିଥିବା ଫାଷ୍ଟ ବୋଲର ମହମ୍ମଦ୍ ସିରାଜଙ୍କୁ ଦଳରେ ସାମିଲ କରାଯାଇନାହିଁ। ବୋଲିଂ ଅପ୍ସନ ଲାଗି ଜୟସ୍ୱାଲଙ୍କ ସ୍ଥାନରେ ଅଭିଷେକ ସ୍ଥାନ ପାଇଛନ୍ତି। ଆୟରଙ୍କ ଲାଗି ବ୍ୟାଟିଂ ପୋଜିସନ ନାହିଁ ବୋଲି ଅଗରକର କହିଛନ୍ତି।


ଚୟନ କମିଟି ଅଧ୍ୟକ୍ଷ ଅଜିତ୍ ଅଗରକରଙ୍କ ସହ ଅଧିନାୟକ ସୂର୍ଯ୍ୟକୁମାର

ସିରାଜଙ୍କ ସମ୍ପର୍କରେ ଆଦୌ ଆଲୋଚନା ହୋଇ ନଥିଲାବେଳେ ସ୍ପିନ୍ ଅଲରାଉଣ୍ଡର ୱାଶିଂଟନ ସୁନ୍ଦରଙ୍କୁ ବାଦ୍ ଦିଆଯାଇଛି। ଏହା ଫଳରେ ଦଳରେ କେହି ଅଫ୍ ସ୍ପିନର ନ ଥିଲାବେଳେ ୩ଜଣ ବାମହାତୀ ସ୍ପିନର ସ୍ଥାନ ପାଇଛନ୍ତି। ଏସିଆ କପ୍ ଟି-୨୦ ଫର୍ମାଟରେ ଆୟୋଜିତ ହେଉଥିବାରୁ ଏହି ଫର୍ମାଟରେ ସଫଳତା ପାଇଥିବା ଅନ୍ୟ ଖେଳାଳିଙ୍କୁ ଗୁରୁତ୍ୱ ଦିଆଯାଇଛି। କିନ୍ତୁ ଆୟରଙ୍କ ପ୍ରତି ସେହି ନିୟମ ଲାଗୁ ହୋଇନାହିଁ।

ମିଡିଲ ଓ ଲୋୟର ଅର୍ଡରରେ ପୂର୍ବପରି ତିଳକ ବର୍ମା, ଅଧିନାୟକ ସୂର୍ଯ୍ୟକୁମାର, ହାର୍ଦ୍ଦିକ ପାଣ୍ଡ୍ୟା, ରିଙ୍କୁ ସିଂ ରହିଛନ୍ତି। ଅଭିଷେକଙ୍କ ସହ ଗିଲ୍‌ଙ୍କୁ ଇନିଂସ ଓପନ କରିବାକୁ ଟିମ୍ ମ୍ୟାନେଜମେଣ୍ଟ ନିଷ୍ପତ୍ତି ନେଲେ, ସାମସନଙ୍କ ପରିବର୍ତ୍ତେ ଜିତେଶ ଶର୍ମାଙ୍କୁ ୱିକେଟକିପିଂ ଦାୟିତ୍ୱ ମିଳିପାରେ। ହାର୍ଦ୍ଦିକଙ୍କ ସହ ଶିବମ ଦୁବେ ଓ ଅକ୍ଷର ପଟେଲ ୩ଜଣ ଅଲରାଉଣ୍ଡର ରହିଛନ୍ତି। ସ୍ପେଶାଲିଷ୍ଟ ଫାଷ୍ଟ ବୋଲର ଭାବେ ଅଭିଜ୍ଞ ଯଶପ୍ରୀତ୍ ବୁମ୍ରା, ଅର୍ଶଦୀପ ସିଂହ ଓ ହର୍ଷିତ ରାଣାଙ୍କୁ ସ୍ଥାନ ମିଳିଛି। ହର୍ଷିତ ମଧ୍ୟ ବ୍ୟାଟିଂ କରିବାର ଦକ୍ଷତା ରଖିଛନ୍ତି। ସ୍ପେଶାଲିଷ୍ଟ ସ୍ପିନର ଭାବେ ବରୁଣ ଚକ୍ରବର୍ତ୍ତୀ ଓ କୁଲଦୀପ ଯାଦବଙ୍କୁ ସ୍ଥାନ ମିଳିଛି।

ସେପ୍ଟେମ୍ବର ୯ରୁ ଆରମ୍ଭ ହେଉଥିବା ଏହି ଟୁର୍ଣ୍ଣାମେଣ୍ଟ ଲାଗି ୫ଜଣ ଖେଳାଳି ରିଜର୍ଭରେ ରଖାଯାଇଛି। ଯଦି ଦଳରେ କୌଣସି ଖେଳାଳି ବାଦ୍ ପଡନ୍ତି, ତେବେ ଏହି ୫ଜଣଙ୍କ ମଧ୍ୟରୁ ଜଣେ ତାଙ୍କ ସ୍ଥାନ ପୂରଣ କରିବେ। ସେମାନେ ହେଲେ ଯଶସ୍ୱୀ ଜୟସ୍ୱାଲ, ଧ୍ରୁବ ଜୁରେଲ, ରିୟାନ ପରାଗ, ପ୍ରସିଦ୍ଧ କ୍ରିଷ୍ଣା ଓ ୱାଶିଂଟନ ସୁନ୍ଦର। ଯଶସ୍ୱୀଙ୍କ ଲାଗି ଏହା ଦୁର୍ଭାଗ୍ୟଜନକ ବୋଲି କହିଛନ୍ତି ଚୟନ କମିଟି ଅଧ୍ୟକ୍ଷ ଅଗରକର। ଗତ ଦୁଇବର୍ଷରେ ଅଭିଷେକ ଯେପରି ଦେଶ ଲାଗି ପ୍ରଦର୍ଶନ କରିଛନ୍ତି ତାଙ୍କୁ ଟି-୨୦ ଦଳରୁ ବାଦ୍ ଦେବା କଷ୍ଟକର। ତାଙ୍କ ନିକଟରେ ମଧ୍ୟ ବୋଲିଂ ଅପ୍ସନ ରହିଛି। ଏପରି ସ୍ଥିତିରେ ଯଶସ୍ୱୀଙ୍କୁ ସୁଯୋଗ ପାଇବା ଲାଗି ଅପେକ୍ଷା କରିବାକୁ ହେବ। ସେହିପରି ଶ୍ରେୟସ ଆୟରଙ୍କ ସମ୍ପର୍କରେ ସେ କହନ୍ତି, କାହା ସ୍ଥାନରେ ତାଙ୍କୁ ନିଆଯିବ ବୋଲି ସେ ପ୍ରଶ୍ନ କରିଥିଲେ। ଉଭୟ ଖେଳାଳିଙ୍କ କୌଣସି ତ୍ରୁଟି ନାହିଁ କିମ୍ବା ଆମର ମଧ୍ୟ କିଛି ଦୋଷ ନାହିଁ। କେବଳ ସୁଯୋଗକୁ ଅପେକ୍ଷା କରିବାକୁ ପଡ଼ିବ ବୋଲି ଅଗରକର କହିଛନ୍ତି।

ଜାନୁଆରୀରେ ଇଂଲଣ୍ଡ ସହ ଘରୋଇ ମାଟିରେ ଦ୍ୱିପାକ୍ଷିକ ସିରିଜ୍ ଖେଳିବା ପରେ ଏହା ଭାରତ ଲାଗି ହେବ ପ୍ରଥମ ଟି-୨୦ ସିରିଜ୍। ସେପ୍ଟେମ୍ବର ୯ରୁ ୨୮ ତାରିଖଯାଏ ଏସିଆକପ୍ ଖେଳାଯିବ। ଏହି ଟୁର୍ଣ୍ଣାମେଣ୍ଟରେ ମୋଟ ୮ଟି ଦଳ ଅଂଶଗ୍ରହଣ କରୁଥିଲାବେଳେ ଏଗୁଡିକୁ ଦୁଇଟି ଗ୍ରୁପ୍‌ରେ ଭାଗ କରାଯାଇଛି। ଗ୍ରୁପ୍ ଏ-ରେ ପାକିସ୍ତାନ, ଓମାନ ଓ ୟୁଏଇର ସ୍ଥାନ ପାଇଛି ଭାରତ। ସେପ୍ଟେମ୍ବର ୧୦ରେ ୟୁଏଇର ଖେଳି ଭାରତ ତାହାର ଅଭିଯାନ ଆରମ୍ଭ କରିବ। ସେହିପରି ଦୁବାଇରେ ପାକିସ୍ତାନ ସହ ସେପ୍ଟେମ୍ବର ୧୪ରେ ଓ ଆବୁଧାବିରେ ଓମାନ ସହ ସେପ୍ଟେମ୍ବର ୧୯ରେ ଶେଷ ଲିଗ୍ ମ୍ୟାଚ୍ ଖେଳିବାର କାର୍ଯ୍ୟକ୍ରମ ରହିଛି।

### ଭାରତୀୟ ଦଳ

ସୂର୍ଯ୍ୟକୁମାର ଯାଦବ (ଅଧିନାୟକ), ଶୁବମନ ଗିଲ (ଉପଅଧିନାୟକ), ଅଭିଷେକ ଶର୍ମା, ସଞ୍ଜୁ ସାମସନ, ଜିତେଶ ଶର୍ମା (ଉଭୟ ୱିକେଟରକ୍ଷକ), ତିଳକ ବର୍ମା, ହାର୍ଦ୍ଦିକ ପାଣ୍ଡ୍ୟା, ଶିବମ ଦୁବେ, ରିଙ୍କୁ ସିଂ, ଅକ୍ଷର ପଟେଲ, କୁଲଦୀପ ଯାଦବ, ବରୁଣ ଚକ୍ରବର୍ତ୍ତୀ, ଯଶପ୍ରୀତ୍ ବୁମ୍ରା, ଅର୍ଶଦୀପ ସିଂହ, ହର୍ଷିତ ରାଣା।

**ରିଜର୍ଭ ଖେଳାଳି:** ଯଶସ୍ୱୀ ଜୟସ୍ୱାଲ, ପ୍ରସିଦ୍ଧ କ୍ରିଷ୍ଣା, ୱାଶିଂଟନ ସୁନ୍ଦର, ଧ୍ରୁବ ଜୁରେଲ, ରିୟାନ ପରାଗ।

### ଭାରତର ଖେଳସୂଚୀ

୧୦।୯ : ବନାମ ୟୁଏଇ, ଦୁବାଇ
୧୪।୯ : ବନାମ ପାକିସ୍ତାନ, ଦୁବାଇ
୧୯।୯ : ବନାମ ଓମାନ, ଆବୁଧାବି

## ମହିଳା ବିଶ୍ୱକପ୍ କ୍ରିକେଟ

# ରେଣୁକା, ପ୍ରତୀକା ସାମିଲ


ଚୟନ କମିଟିର ଅଧ୍ୟକ୍ଷା ନୀତୁ ଡେଭିଡ୍‌ଙ୍କ ସହ ଅଧିନାୟିକା ହରମନପ୍ରୀତ୍

ମୁମ୍ବଇ,୧୯।୮ (ଏଜେନ୍ସି): ଭାରତ ଓ ଶ୍ରୀଲଙ୍କାରେ ସେପ୍ଟେମ୍ବର ୩୦ରୁ ଖେଳାଯିବାକୁ ଥିବା ମହିଳା ଦିନିକିଆ ବିଶ୍ୱକପ୍ ଲାଗି ଜାତୀୟ ଚୟନ କମିଟି ଆଜି ଭାରତୀୟ ଦଳ ଘୋଷଣା କରିଛି। ହରମନପ୍ରୀତ କୌରଙ୍କୁ ଦଳର ଅଧିନାୟିକା ଓ ସ୍ମୃତି ମନ୍ଧାନାଙ୍କୁ ଦଳର ଉପଅଧିନାୟିକା ମନୋନୀତ କରାଯାଇଛି। ଘୋଷିତ ୧୫ ଜଣିଆ ଦଳରେ ପେସ୍ ବୋଲର ରେଣୁକା ଠାକୁର ଓ ଓପନିଂ ବ୍ୟାଟର ପ୍ରତୀକା ରାୱଲଙ୍କୁ ସ୍ଥାନ ମିଳିଛି। କିନ୍ତୁ ବିସ୍ଫୋରକ ଓପନର ଶେଫାଳି ବର୍ମାଙ୍କୁ ଏହି ଦଳରେ ସ୍ଥାନ ମିଳିନାହିଁ। ଗତ କିଛିଦିନ ହେଲା ଶେଫାଳି ଫର୍ମରେ ନାହାନ୍ତି। ଯାହା ଫଳରେ ତାଙ୍କୁ ଏହି ମେଗା ଇଭେଣ୍ଟ ଲାଗି ଦଳକୁ ବାଦ୍ ଦିଆଯାଇଛି। ହରମନପ୍ରୀତ କୌରଙ୍କ ନେତୃତ୍ୱରେ ଗଠିତ ଦଳରେ ସ୍ମୃତି ମନ୍ଧାନା, ପ୍ରତୀକା ରାୱଲ, ହର୍ଲିନ ଦେଓଲ, ଦୀପ୍ତି ଶର୍ମା, ଜେମିମା ରୋଡ୍ରିଗ୍ସେଜ୍, ରେଣୁକା ସିଂ ଠାକୁର, ଅରୁନ୍ଧତି ରେଡ୍ଡୀ, ୱିକେଟରକ୍ଷକ ରିଚା ଘୋଷ ଓ ୟସ୍ତିକା ଭାଟିଆ, କ୍ରାନ୍ତି ଗୌଡ, ଅମନଜୋତ କୌର, ରାଧା ଯାଦବ, ଶ୍ରୀ ଚରଣୀ ଓ ସ୍ନେହ ରାଣାଙ୍କୁ ସ୍ଥାନ ମିଳିଛି। ଏହା ବ୍ୟତୀତ ବିଶ୍ୱକପ୍ ପୂର୍ବରୁ ଅଷ୍ଟ୍ରେଲିଆ ସହ ଭାରତ ଏକ ୩ ମ୍ୟାଚ୍ ବିଶିଷ୍ଟ ଦିନିକିଆ ସିରିଜ୍ ଖେଳିବାର କାର୍ଯ୍ୟକ୍ରମ ରହିଛି। ଏହି ଦଳରେ କେବଳ ଜଣେ ଖେଳାଳି ବଦଳିଛନ୍ତି। ବିଶ୍ୱକପ୍ ଦଳରେ ସ୍ଥାନ ପାଇଥିବା ଅମନଜୋତ କୌରଙ୍କ ସ୍ଥାନରେ ସାୟାଲି ସାତଘରେଙ୍କୁ ଅଷ୍ଟ୍ରେଲିଆ ବିପକ୍ଷ ସିରିଜ୍ ଲାଗି ଦଳରେ ନିଆଯାଇଛି।

ଦିନିକିଆ ବିଶ୍ୱକପ୍‌ରେ ଭାରତ ଏଯାଏ ଟାଇଟଲ ଜିତିନାହିଁ। ଘରୋଇ ମାଟିରେ ଚତୁର୍ଥଥର ଖେଳିବାକୁ ଯାଉଥିବା ଭାରତ ଏଥର ପ୍ରଥମ ଟାଇଟଲ ଜିତିବାକୁ ଆଶା ରଖିଛି। ଭାରତ ୨୦୦୫ ଓ ୨୦୧୭ରେ ରନର୍ସ ଅପ୍ ହୋଇଥିଲା। ଏହା ପରେ ଆଉ ଭଲ ଖେଳିପାରି ନାହିଁ। ଏବେ ଦଳ ଇଂଲଣ୍ଡକୁ ହରାଇବା ପରେ ବିଶ୍ୱକପ୍ ଜିତିବା ଆଶା ବୃଦ୍ଧି ପାଇଛି।

### ଭାରତୀୟ ମହିଳା ଦଳ

ହରମନପ୍ରୀତ କୌର (ଅଧିନାୟିକା), ସ୍ମୃତି ମନ୍ଧାନା (ଉପଅଧିନାୟିକା), ପ୍ରତୀକା ରାୱଲ, ହର୍ଲିନ ଦେଓଲ, ଦୀପ୍ତି ଶର୍ମା, ଜେମିମା ରୋଡ୍ରିଗ୍ସେଜ୍, ରେଣୁକା ସିଂ ଠାକୁର, ଅରୁନ୍ଧତି ରେଡ୍ଡୀ, ୱିକେଟରକ୍ଷକ ରିଚା ଘୋଷ ଓ ୟସ୍ତିକା ଭାଟିଆ, କ୍ରାନ୍ତି ଗୌଡ, ଅମନଜୋତ କୌର, ରାଧା ଯାଦବ, ଶ୍ରୀ ଚରଣୀ ଓ ସ୍ନେହ ରାଣା।

**ଷ୍ଟାଣ୍ଡବାଇ ଖେଳାଳି:** ତେଜଲ ହସନବୀସ, ପ୍ରେମା ରାୱତ, ପ୍ରିୟା ମିଶ୍ର, ଉମା ଛେତ୍ରୀ, ମିନୁ ମାନି ଓ ସାୟାଲି ସାତଘରେ।

### ଭାରତର ବିଶ୍ୱକପ୍ ଖେଳସୂଚୀ

୩୦।୯- ବନାମ ଶ୍ରୀଲଙ୍କା, ୫।୧୦- ବନାମ ପାକିସ୍ତାନ, କଲମ୍ବୋ, ୯।୧୦- ବନାମ ଦକ୍ଷିଣ ଆଫ୍ରିକା, ଭାଇଜାଗ୍, ୧୨।୧୦- ବନାମ ଅଷ୍ଟ୍ରେଲିଆ, ଭାଇଜାଗ୍, ୧୯।୧୦- ବନାମ ଇଂଲଣ୍ଡ, ଇନ୍ଦୋର, ୨୩।୧୦- ବନାମ ନ୍ୟୁଜିଲାଣ୍ଡ, ଗୁଆହାଟୀ, ୨୬।୧୦- ବନାମ ବାଂଲାଦେଶ, ୨୯।୧୦- ପ୍ରଥମ ସେମିଫାଇନାଲ, ୩୦।୧୦- ଦ୍ୱିତୀୟ ସେମିଫାଇନାଲ, ୨।୧୧- ଫାଇନାଲ।

### ଅଷ୍ଟ୍ରେଲିଆ ବିପକ୍ଷ ସିରିଜ୍

୧୪।୯- ପ୍ରଥମ ଦିନିକିଆ, ନୂଆ ଚଣ୍ଡିଗଡ, ୧୭।୯- ଦ୍ୱିତୀୟ ଦିନିକିଆ, ନୂଆ ଚଣ୍ଡିଗଡ, ୨୦।୯- ତୃତୀୟ ଦିନିକିଆ, ନୂଆଦିଲ୍ଲୀ।

# ଅଶବୀର ସିଂହ ଇଂଲଣ୍ଡ ଫୁଟବଲ କ୍ଲବ୍‌ରେ ପ୍ରଥମ ଶିଖ୍ କୋଚ୍

ନୂଆଦିଲ୍ଲୀ,୧୯।୮ (ଏଜେନ୍ସି): ଅଶ୍ୱବୀର ସିଂହ ସୋହାଲ ଇଂଲଣ୍ଡ ଫୁଟବଲରେ ପ୍ରଥମ ଶିଖ କୋଚ୍ ହେବାର ସୌଭାଗ୍ୟ ଲାଭ କରିଛନ୍ତି। ଇଂଲଣ୍ଡର ୫ମ ଟାୟର ପେସାଦାର କ୍ଲବ୍ ମୋରେକାମ୍ବେର ହେଡ୍ କୋଚ୍ ଭାବେ ଆଜି ନିଯୁକ୍ତ ହୋଇଛନ୍ତି। ଏହା ସହ ୩୦ ବର୍ଷୀୟ



ଅଶବୀର ମଧ୍ୟ ଇଂଲଣ୍ଡର ପେସାଦାର ଫୁଟବଲ ଇତିହାସରେ ସର୍ବକନିଷ୍ଠ କୋଚ୍ ହେବାର ଗୌରବ ଅର୍ଜନ କରିଛନ୍ତି। ଜଣେ ଦୂରଦ୍ରଷ୍ଟା କୋଚ୍ ଭାବେ ତାଙ୍କର ସଫଳତାକୁ ସମସ୍ତେ ଜାଣିଛନ୍ତି। ଭବିଷ୍ୟତରେ ସେ ଖୁବ ଭଲ କରିବେ ବୋଲି କ୍ଲବ୍ ପକ୍ଷରୁ କୁହାଯାଇଛି। ଲିସେଷ୍ଟର ସିଟି ଏକାଡେମୀରେ ୧୦ବର୍ଷ କାମ କରିଥିବା ଅଶବୀର ୱିଗାନ ଆଥ୍‌ଲେଟିକ୍ ଟିମ୍‌ରେ କୋଲୋ ଟୋରେଙ୍କ ଟିମ୍‌ରେ କୋଚିଂ ଷ୍ଟାଫ୍ ଭାବେ ରହିଥିଲେ। ନିକଟରେ ମୋରେକାମ୍ବେର ମାଲିକାନା ପଞ୍ଜାବ ୱାରିୟର୍ସ କନସୋର୍ଟିୟମ ନିକଟରୁ ଗଲାପରେ କୋଚ୍ ପଦରୁ ଡେରିକ୍ ଆଡାମ୍ସ ଇସ୍ତଫା ଦେଇଥିଲେ। ଗତବର୍ଷ କ୍ଲବ୍ ପେମେଣ୍ଟ କରିପାରି ନ ଥିବାରୁ ସସ୍‌ପେଣ୍ଡ ହୋଇଥିଲା। ନ୍ୟାସନାଲ ଲିଗ୍‌ରେ ଗତବର୍ଷ ଗୋଟିଏ ହେଲେ ମ୍ୟାଚ୍ ଖେଳି ନ ଥିବା ମୋରୋକାମ୍ବେ ଟିମ୍ ଗଠନ କରିବାକୁ ଅଶବୀରଙ୍କ ଲାଗି କଷ୍ଟକର ହେବ। ସେ ୟୁଏଫା ପ୍ରୋ-ଲାଇସେନ୍ସ ହାସଲ କରିଛନ୍ତି।

## ■ ଦୃଷ୍ଟିହୀନ ମହିଳା ଟି-୨୦

# ପୂର୍ବାଞ୍ଚଳ ଦଳରେ ଓଡ଼ିଶାରୁ ୯



ଭୁବନେଶ୍ୱର,୧୯।୮ (ସମିସ): ବେଙ୍ଗାଲୁରୁରେ ମଙ୍ଗଳବାରଠାରୁ ଜୋନାଲ ମହିଳା ଟି-୨୦ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ଆରମ୍ଭ ହୋଇଛି। ଭାରତୀୟ ଦୃଷ୍ଟିହୀନ କ୍ରିକେଟ୍ ସଂଘ ଆନୁକୂଲ୍ୟରେ ଆୟୋଜିତ ଏହି ଟୁର୍ଣ୍ଣାମେଣ୍ଟରେ ୪ଟି ଜୋନ ଅଂଶଗ୍ରହଣ କରିଛନ୍ତି। ଏଥିରେ ଅଂଶଗ୍ରହଣ କରିଥିବା ୧୩ ଜଣିଆ ପୂର୍ବାଞ୍ଚଳ ଦଳରେ ଓଡ଼ିଶାର ୯ଜଣ ଖେଳାଳି ସ୍ଥାନ ପାଇଛନ୍ତି। ଓଡ଼ିଶାର ଫୁଲ ସୋରେନ ଅଧିନାୟିକା ରହିଥିବାବେଳେ ବାସନ୍ତୀ ହାଁସଦା, ଝିଲ୍ଲି ବରୁଆ, ପଦ୍ମିନୀ ଟୁଡ୍ଡୁ, ଯମୁନାରାଣୀ ଟୁଡ୍ଡୁ, ମାମିନା ନାୟକ, ରଚନା ଜେନା, ପାର୍ବତୀ ମାରାଣ୍ଡୀ (ୱିକେଟକିପର) ଓ ସୁକାନ୍ତୀ ଦଳପତି ଦଳରେ ରହିଛନ୍ତି। ଏହି ପ୍ରତିଯୋଗିତାରୁ ୪ଟି ଜୋନରୁ ୫୬ଜଣ ଖେଳାଳିଙ୍କୁ ଚୟନ କରାଯିବ। ଏହାପରେ ପ୍ରଶିକ୍ଷଣ ଶିବିରରୁ ଭାରତୀୟ ଦୃଷ୍ଟିହୀନ ଦଳ ଚୂଡ଼ାନ୍ତ ୧୭ ଜଣିଆ ଦଳ ମନୋନୀତ କରାଯିବ। ନଭେମ୍ବରରେ ନେପାଳରେ ହେବାକୁ ଥିବା ପ୍ରଥମ ମହିଳା ଦୃଷ୍ଟିହୀନ ବିଶ୍ୱକପ୍‌ରେ ଏହି ଦଳ ଅଂଶଗ୍ରହଣ କରିବ।

# ଦ.ଆଫ୍ରିକାକୁ ଜିତାଇଲେ ମହାରାଜ, ମାର୍କରମ

କେର୍ନ୍ସ, ୧୯।୮ (ଏଜେନ୍ସି): ଏଠାରେ ଅନୁଷ୍ଠିତ ପ୍ରଥମ ଏକଦିବସୀୟ ମ୍ୟାଚରେ ଦକ୍ଷିଣ ଆଫ୍ରିକା ୯୮ ରନର ବୃହତ୍ ବ୍ୟବଧାନରେ ଘରୋଇ ଅଷ୍ଟ୍ରେଲିଆକୁ ପରାସ୍ତ କରିଛି। ଟସ୍ ହାରି ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ଦକ୍ଷିଣ ଆଫ୍ରିକା ୫୦ ଓଭରରେ ୮ ୱିକେଟ୍ ହରାଇ ୨୯୬ ରନର ସମ୍ମାନଜନକ ସ୍କୋର କରିଥିଲା। ଓପନର୍ ଆଇଡେନ୍ ମାର୍କରମ ୮୧ ବଲରେ ସର୍ବାଧିକ ୮୨ ରନ କରିଥିଲେ। ସେହିଭଳି ଅଧିନାୟକ ତେମ୍ବା ବାଭୁମା ୬୫, ମାଥ୍ୟୁ ବ୍ରିଜକେ ୫୭ ରନର ଉପଯୋଗୀ ପାଳି ଖେଳିଥିଲେ। ଅଷ୍ଟ୍ରେଲିଆର ପାର୍ଟଟାଇମ ସ୍ପିନର ଟ୍ରାଭିସ ହେଡ୍‌ଙ୍କୁ ସର୍ବାଧିକ ୪ଟି ୱିକେଟ୍ ମିଳିଥିଲା। ଜବାବରେ ଓପନର୍ ତଥା ଅଧିନାୟକ ମିଚେଲ୍ ମାର୍ଶଙ୍କ ୮୮ ରନ ସତ୍ତ୍ୱେ ଅଷ୍ଟ୍ରେଲିଆ ୪୦.୫ ଓଭରରେ ୧୯୮ ରନ କରି ଅଲ୍‌ଆଉଟ୍ ହୋଇଯାଇଥିଲା। ତେବେ ମଧ୍ୟକ୍ରମରେ ମାର୍ନସ ଲାବୁଶେନ (୧), କାମେରନ ଗ୍ରୀନ (୩), ଜୋଶ ଇଂଲିଶ (୫), ଆଲେକ୍ସ କାରୀ (୦) ଓ ଆରୋନ ହାର୍ଡି (୪ ରନ)ଙ୍କୁ ଆଉଟ୍ କରି କେଶବ ମହାରାଜ ଅଷ୍ଟ୍ରେଲିଆର ମେରୁଦଣ୍ଡ ଭାଙ୍ଗି ଦେଇଥିଲେ। କ୍ୟାରିୟରର ଶ୍ରେଷ୍ଠ ବୋଲିଂ ଫିଗର ପାଇଥିବା କେଶବ ଶ୍ରେଷ୍ଠ ଖେଳାଳି ହୋଇଥିଲେ।

# କାନାମୋ ଗିରିଶୃଙ୍ଗରେ ଜାତୀୟ ପତାକା ଉଡ଼ାଇଲେ ଗଣେଶ, ପ୍ରଭାସିନୀ




ଭୁବନେଶ୍ୱର, ୧୯।୮ (ସମିସ): ଓଡ଼ିଶାର ଅଗ୍ରଣୀ ଦୁଃସାହସିକ ଅନୁଷ୍ଠାନ ଆଶା ଓ ଚଣ୍ଡିଗଡ଼ସ୍ଥିତ ଜାତୀୟ ଦୁଃସାହସିକ ଅନୁଷ୍ଠାନର ମିଳିତ ଆନୁକୂଲ୍ୟରେ ଏକ ପର୍ବତ ଆରୋହଣ ଅଭିଯାନ ଅନୁଷ୍ଠିତ ହୋଇଯାଇଛି। ହିମାଚଳ ପ୍ରଦେଶର କାନାମୋ ଗିରିଶୃଙ୍ଗକୁ ଆରୋହଣ ଲାଗି ଅଗଷ୍ଟ ୧୧ରୁ ଅଭିଯାନ ଆରମ୍ଭ ହୋଇଥିଲା। ପ୍ରତିକୂଳ ପାଗ ସତ୍ତ୍ୱେ ଅଗଷ୍ଟ ୧୭ରେ ୪ଜଣ ପର୍ବତାରୋହୀ ସଫଳତାର ସହ ଗିରିଶୃଙ୍ଗରେ ପହଞ୍ଚି ଜାତୀୟ ପତାକା ଉଡ଼ାଇଥିଲେ। ଚଳିତ ବର୍ଷ ସାରା ଦେଶ ୭୯ତମ ସ୍ୱାଧୀନତା ଦିବସ ପାଳନ କରିଥିବାରୁ ୭୯ ଫୁଟର ଏକ ଜାତୀୟ ପତାକା କାନାମୋ ଶିଖରରେ ଉଡ଼ିଥିଲା। ସଫଳତାର ସହ ଆରୋହଣ କରିଥିବା ୪ଜଣ ପର୍ବତାରୋହୀ ହେଲେ ଓଡ଼ିଶାର ଗଣେଶ ଚନ୍ଦ୍ର ଜେନା ଓ ପ୍ରଭାସିନୀ ବେହେରା, ହରିୟାଣାର ସୁମିତ କୁମାର ଏବଂ ହିମାଚଳ ପ୍ରଦେଶର ସନ୍ଦୀପ ଠାକୁର। ଗଣେଶ ବର୍ତ୍ତମାନ 'ଆଶା'ର ସମ୍ପାଦକ ରହିଛନ୍ତି। ଏହି ସଫଳତା ଲାଗି ଆଶା'ର ସଦସ୍ୟ ବିଜୟ କୁମାର ସାସମଲ, ଭାର୍ଗବ ବିହାରୀ, ଅଶୋକ ମହାନ୍ତି, ଅଜିତ ପାଢ଼ୀ, ହରେଶ ମିଶ୍ର, ଶକ୍ତିରଞ୍ଜନ ମହାନ୍ତି, ଶିବଶଙ୍କର ପଣ୍ଡା, ଚିନ୍ମୟ ମହାରଣା, ଦୀପକ କୁମାର ମହନ୍ତ, ବିକ୍ରମ କେଶରୀ ଦାସ, କ୍ରୀଡ଼ା ବିଭାଗର ଓଏସ୍‌ଡି ବିଜୟ କୁମାର ରାଉତ ପ୍ରମୁଖ ଅଭିନନ୍ଦନ ଜଣାଇଛନ୍ତି।

# ଜାତୀୟ କ୍ରୀଡ଼ା ବିଲ୍‌କୁ ରାଷ୍ଟ୍ରପତିଙ୍କ ମଞ୍ଜୁରୀ

ନୂଆଦିଲ୍ଲୀ, ୧୯।୮ (ଏଜେନ୍ସି): ସଂସଦରେ ପାରିତ କ୍ରୀଡ଼ା ପ୍ରଶାସନ ବିଲ୍‌କୁ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ମଞ୍ଜୁରୀ ଦେଇଛନ୍ତି। ଏନେଇ କେନ୍ଦ୍ର ସରକାର ମଙ୍ଗଳବାର ଗେଜେଟ ବିଜ୍ଞପ୍ତି ଜାରି କରିଛନ୍ତି। ଗତ ୧୧ ତାରିଖରେ ଏହି କ୍ରୀଡ଼ା ବିଲ୍ ଲୋକସଭାରେ ଏବଂ ଦିନ ପରେ ରାଜ୍ୟସଭାରେ ପାରିତ ହୋଇଥିଲା। ନୂତନ କ୍ରୀଡ଼ା ବିଲ୍ ଦେଶରେ ଥିବା ବିଭିନ୍ନ କ୍ରୀଡ଼ା ପ୍ରଶାସନକୁ ନିୟନ୍ତ୍ରଣ କରିବ। ଏହା ଅଧୀନରେ ଜାତୀୟ କ୍ରୀଡ଼ା ବୋର୍ଡ ଗଠନ କରାଯିବ। ଏହି ବୋର୍ଡ ବିସିସିଆଇ ସମେତ ସମସ୍ତ କ୍ରୀଡ଼ା ମହାସଂଘର କାର୍ଯ୍ୟର ତଦାରଖ କରିବ। ସେହିଭଳି ବିଭିନ୍ନ କ୍ରୀଡ଼ା ବିବାଦଗୁଡ଼ିକର ସମାଧାନ ଲାଗି ଏକ କ୍ରୀଡ଼ା ଟ୍ରିବ୍ୟୁନାଲ ଗଠନର ବ୍ୟବସ୍ଥା ନୂତନ ବିଲରେ ରହିଛି। ଏହାବାଦ ବିଭିନ୍ନ କ୍ରୀଡ଼ା ମହାସଂଘର ନିର୍ବାଚନକୁ ସୁପରିଚାଳନା ଲାଗି କ୍ରୀଡ଼ା ନିର୍ବାଚନ ପ୍ୟାନେଲ ମଧ୍ୟ ଗଠନ କରାଯିବ ବୋଲି ଜଣାପଡ଼ିଛି।

# ପଞ୍ଚାୟତସ୍ତରରେ ଭଲିବଲ୍ ଟୁର୍ଣ୍ଣାମେଣ୍ଟ କରିବ କେଭିଡିସି

କଟକ,୧୯।୮ (ସମିସ): କଳିଙ୍ଗ ଭଲିବଲ ବିକାଶ ପରିଷଦ(କେଭିଡିସି)ର ପ୍ରଥମ କାର୍ଯ୍ୟକାରିଣୀ ବୈଠକ ଏଠାରେ ଅନୁଷ୍ଠିତ ହୋଇଯାଇଛି। କେଭିଡିସି ସମ୍ପାଦକ ସଂଗ୍ରାମ ଓଝାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ବୈଠକରେ ରାଜ୍ୟରେ ଭଲିବଲ କ୍ରୀଡ଼ାର ସାମଗ୍ରିକ ବିକାଶ ଦିଗରେ ବିସ୍ତୃତ ଭାବେ ଆଲୋଚନା ହୋଇଥିଲା। ରାଜ୍ୟର ୩୧୪ଟି ବ୍ଲକରେ ଭଲିବଲ କ୍ରୀଡ଼ାର ବହୁଳ ପ୍ରଚାର, ପ୍ରସାର କରାଯିବ। ଏପରିକି ପ୍ରତ୍ୟେକ ପଞ୍ଚାୟତରେ ଭଲିବଲ ଟୁର୍ଣ୍ଣାମେଣ୍ଟ ଆୟୋଜନ କରାଯିବାକୁ ଯୋଜନା ରହିଛି। ପ୍ରତିଯୋଗିତା ଆୟୋଜନ ନିମନ୍ତେ ଆବଶ୍ୟକୀୟ କ୍ରୀଡ଼ା ଉପକରଣ କାଉନସିଲ ପକ୍ଷରୁ ଯୋଗାଇ ଦିଆଯିବ। ପଞ୍ଚାୟତସ୍ତରୀୟ ପ୍ରତିଯୋଗିତା ଶେଷ ପରେ ଶ୍ରେଷ୍ଠ ୮ଟି ଦଳକୁ ନେଇ ସୁପର ଲିଗ୍ ଆୟୋଜନ ହେବ। ତେବେ ପ୍ରତିଯୋଗିତା ଆୟୋଜନ ନିମନ୍ତେ ପଞ୍ଜିକରଣ ଶେଷ ଦିନ ଅଗଷ୍ଟ ୩୧ ତାରିଖ ଧାର୍ଯ୍ୟ ହୋଇଛି। ଦଳ ପଞ୍ଜିକରଣ ନିମନ୍ତେ ମୋବାଇଲ ନମ୍ବର ୯୧୧୪୬୮୪୪୯୮ ଏବଂ ୯୩୩୭୦୪୧୪୨୦ରେ ଯୋଗାଯୋଗ କରିବାକୁ ପରିଷଦ ପକ୍ଷରୁ ନିବେଦନ କରାଯାଇଛି। କାର୍ଯ୍ୟକାରିଣୀ ବୈଠକରେ ପରିଷଦର ନିର୍ଦ୍ଦେଶିକା ଦିୟା ମଜୁମଦାର, ନିର୍ଦ୍ଦେଶକ ସାହିଲ ଦ୍ୱିବେଦୀ, କାର୍ଯ୍ୟନିର୍ବାହୀ ସଦସ୍ୟ ଦିପ୍ତୀରଞ୍ଜନ ମହାନ୍ତି, କୁମାରଶ୍ରୀ ସାହୁ, କଟକ ଜିଲ୍ଲା ସଂଯୋଜକ ଅମର କୁମାର ଭଞ୍ଜ, ଢେଙ୍କାନାଳ ଜିଲ୍ଲା ସଂଯୋଜକ ରାକେଶ ପ୍ରଧାନ, ଜାତୀୟ ଭଲିବଲ ଖେଳାଳି ମହମ୍ମଦ ଓବେଦୁର ରେହମା, ଏଫଆଇଭିବି ପ୍ରଶିକ୍ଷକ ଆଶୁତୋଷ ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

## ବୁଚି ବାବୁ ଆମନ୍ତ୍ରଣୀୟ କ୍ରିକେଟ

# ସ୍ୱସ୍ତିକଙ୍କ ଶତକ ସତ୍ତ୍ୱେ ଓଡ଼ିଶା ଇନିଂସ୍ ପଛୁଆ

କଟକ,୧୯।୮ (ସମିସ):

ବେଙ୍ଗାଲୁରୁର ସିପିଟି ଟର୍ଫ ଗ୍ରାଉଣ୍ଡରେ ଖେଳାଯାଉଥିବା ବୁଚି ବାବୁ ଆମନ୍ତ୍ରଣୀୟ କ୍ରିକେଟ ଟୁର୍ଣ୍ଣାମେଣ୍ଟର ବରୋଦା ବିପକ୍ଷ ମ୍ୟାଚ୍‌ରେ ଓଡ଼ିଶା ପ୍ରଥମ ଇନିଂସ୍‌ରେ ପଛୁଆ ରହିଛି। ବରୋଦାର ପାଳି ୩୮୧/୬ ଜବାବରେ ଭ୍ରମଣକାରୀ ଓଡ଼ିଶା ସମସ୍ତ ୱିକେଟ ହରାଇ ୩୫୨ ରନ କରିଥିଲା। ଅଧିନାୟକ ସ୍ୱସ୍ତିକ ସାମଲ ୧୧୪ ରନର ଶତକୀୟ ପାଳି ଖେଳିଥିଲେ। ବୁଧବାର ହେଉଛି ମ୍ୟାଚ୍‌ର ଅନ୍ତିମ ଦିବସ। ଉଭୟ ଦଳ ଦ୍ୱିତୀୟ ପାଳିରେ ୪୫ ଓଭର ଲେଖାଏ ଖେଳିବେ। ପ୍ରଥମ ପାଳିରେ ୨୯ରନ ଆଗୁଆ ରହିଥିବା ବରୋଦାକୁ ଓଡ଼ିଶା ପରାସ୍ତ କରିବା ଲକ୍ଷ୍ୟରେ ରହିବ।



ଅଧିନାୟକ ସ୍ୱସ୍ତିକ ଏବଂ ଓମଟି ମୁଣ୍ଡେ ଓପନିଂ ଭାର ସମ୍ଭାଳିଥିଲେ। ମ୍ୟାଚ୍‌ର ୧୩ତମ ଓଭରରେ ଓଡ଼ିଶାକୁ ପ୍ରଥମ ଝଟକା ଲାଗିଥିଲା। ମାତ୍ର ୧୩ ରନରେ ମୁଣ୍ଡେ ପ୍ୟାଭିଲିୟନ ଫେରିଥିଲେ। ପରେ ସନ୍ଦୀପ ପଟ୍ଟନାୟକ ୧, ଶୁଭ୍ରାଂଶୁ ସେନାପତି ୩୩, ଆଶୀର୍ବାଦ ସ୍ୱାଇଁ ୧୯ ରନରେ ଆଉଟ ହୋଇଥିଲେ। ଗୋବିନ୍ଦ ପୋଦ୍ଦାର ଏବଂ ସ୍ୱସ୍ତିକଙ୍କ ମଧ୍ୟରେ ଦ୍ରୁତ ୪୯ ରନର ଭାଗୀଦାରି ସୃଷ୍ଟି ହୋଇଥିଲା। ତେବେ ୧୫୫ ବଲରୁ ୧୨ ଚୌକା ଏବଂ ୩ଟି ଛକା ସହାୟତାରେ ୧୧୪ ରନ କରି ସ୍ୱସ୍ତିକ ଆଉଟ ହୋଇଥିଲେ। ଦଳୀୟ ସ୍କୋର ୨୨୦ ରନରେ ଦଳ ୫ଟି ୱିକେଟ ହରାଇଥିବା ସତ୍ତ୍ୱେ ଗୋବିନ୍ଦ ଏବଂ ସମ୍ବିତ ବରାଳ ବଡସଟ୍ ଖେଳି ଓଡ଼ିଶା ଶିବିରକୁ ଚାପମୁକ୍ତ କରାଇଥିଲେ। ଗୋବିନ୍ଦ ୫୭ ବଲରୁ ୭୧ ରନ ଓ ସମ୍ବିତ ୫୯ ରନ କରିଥିଲେ। ସୁନୀଲ କୁମାର ରାଉଳ ୧୩, ବାଦଲ ବିଶ୍ୱାଳ ୧୨, ସୁମିତ ଶର୍ମା ୯ ରନରେ ଆଉଟ ହୋଇଥିଲେ। ବରୋଦା ପକ୍ଷରୁ ଡାହାଣହାତୀ ଅଫସ୍ପିନର ପ୍ରଦୀପ ଯାଦବ ସର୍ବାଧିକ ୫ଟି ୱିକେଟ ଦଖଲ କରିଥିଲେ।

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, DENGSARGI, BAREIPALI-768006, DIST: SAMBALPUR, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦ୍ର ଦାସ
EXECUTIVE EDITOR: SAMARENDU DAS